ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୧୬/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Tuesday, November 16/2021 | ★★

୧୭ଶ ଭାଗ ୩୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




KP GROUP Quality Since 1965
KAMLA PASAND
ସିଲ୍‌ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: YouTube

# ଧରିତ୍ରୀ
DHARITRI

ମଙ୍ଗଳବାର, ନଭେମ୍ବର ୧୬/୨୦୨୧ | Tuesday, November 16/2021 | ପୃଷ୍ଠା-୧




**ହାମିଲଟନ ଜିତିଲେ ବ୍ରାଜିଲିଆନ ଗ୍ରାଁ ପ୍ରି**

ମର୍ସିଡିଜ୍ ଡ୍ରାଇଭର ଲୁଇସ୍ ହାମିଲଟନ ବ୍ରାଜିଲିଆନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି।

୦୬

୦୫

**ପୃଥ୍ୱୀରାଜର ଟିଜର ରିଲିଜ**

ବଲିଉଡ ଖିଲାଡି ବୟ ଅକ୍ଷୟ କୁମାରଙ୍କ ପ୍ରତିକ୍ଷୀତ ମୁଭି 'ପୃଥ୍ୱୀରାଜ'ର ଟିଜର ରିଲିଜ ହୋଇଛି।





ସୋମବାର ସ୍କୁଲ ଖୋଲିବା ପରେ ଭୁବନେଶ୍ୱର ୟୁନିଟ୍-୯ ସରକାରୀ ବାଳିକା ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାଯାଉଛି।

# ଷଷ୍ଠ, ସପ୍ତମ ଶ୍ରେଣୀ ଖୋଲିଲା

ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)

କରୋନା କମୁଥିବାରୁ ରାଜ୍ୟ ସରକାର ଶ୍ରେଣୀଗୃହ ପାଠପଢ଼ାକୁ ଗୁରୁତ୍ୱ ଦେଇ ପର୍ଯ୍ୟାୟକ୍ରମେ ସ୍କୁଲ୍ ଖୋଲୁଛନ୍ତି। ସୋମବାରଠାରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ଖୋଲିଛି। ପିଲାମାନେ ନିଜ ଶ୍ରେଣୀଗୃହରେ ବସି ପାଠ ପଢ଼ିଛନ୍ତି। ଦୀର୍ଘ ଦେଢ଼ ବର୍ଷ ପରେ ଛାତ୍ରୀଛାତ୍ର ବିଦ୍ୟାଳୟ ମାଟି ମାଡ଼ିଥିବାରୁ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ପିଲାମାନେ ଅଭିଭାବକଙ୍କ ସହିତ ସ୍କୁଲ ଆସି ସମସ୍ତ ପ୍ରକାର ଗାଇଡ଼ଲାଇନ୍‌କୁ ପାଳନ କରିଥିଲେ। ସ୍କୁଲ ପ୍ରବେଶ ସମୟରେ ପିଲାଙ୍କୁ ସାନିଟାଇଜର ଦିଆଯିବା ସହିତ ସାମାଜିକ ଦୂରତା କିପରି ବଜାୟ ରଖିବେ ସେ ସମ୍ପର୍କରେ କୁହାଯାଇଥିଲା। ତେବେ କୋଭିଡ୍ କଟକଣାକୁ ମାନି ପୂର୍ବ ଗାଇଡ୍‌ଲାଇନ ଅନୁସାରେ ଶିକ୍ଷାଦାନ ଆରମ୍ଭ ହୋଇଛି। ସକାଳ ୯ଟା ୩୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସ୍କୁଲ୍ ଖୋଲାଯାଇ ୩ ଘଣ୍ଟା ପାଠପଢ଼ା ହୋଇଛି। ପୂର୍ବରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଚାଲିଥିବାବେଳେ ଏବେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଲାଗି ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ କ୍ଲାସ୍ ଜାରି ରହିବ। ସ୍କୁଲରେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଓ ହାତକୁ ସାନିଟାଇଜ୍ କରିବା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଯେଉଁ ସ୍ଥାନରେ କରୋନା ସଂକ୍ରମଣ ଅଧିକ ରହିଥିବ, ସେଠାରେ ବିଦ୍ୟାଳୟ ଖୋଲିବା ନିମନ୍ତେ ଚୂଡ଼ାନ୍ତ ନିଷ୍ପତ୍ତି ଜିଲାପାଳମାନେ ନେଇପାରିବେ ବୋଲି ନିର୍ଦ୍ଦେଶ ରହିଛି।

## ୨୨ରୁ ବେସ୍‌ଲାଇନ୍ ଆସେସ୍‌ମେଣ୍ଟ

ପ୍ରାୟ ୧୮ ମାସ ପରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାମାନେ ସୋମବାରଠାରୁ ସ୍କୁଲ ଯାଇଛନ୍ତି। ଦୀର୍ଘଦିନ ଅଫ୍‌ଲାଇନ୍ ପାଠପଢ଼ା ହୋଇ ନ ଥିବାରୁ ପିଲାଙ୍କ ଶିକ୍ଷା ଆହରଣ ପଦ୍ଧତି ଜାଣିବା ପାଇଁ ବେସ୍‌ଲାଇନ୍ ଆସେସ୍‌ମେଣ୍ଟ ହେବ। ଆସନ୍ତା ୨୨ ତାରିଖରେ ଓଡ଼ିଆ, ୨୩ରେ ଇଂଲିଶ ଓ ୨୪ରେ ଗଣିତ ପରୀକ୍ଷା ହେବ। ଏ ନେଇ ସୋମବାର ଶିକ୍ଷକ ଶିକ୍ଷା ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ଏହି ପରୀକ୍ଷା ପାଇଁ ଶିକ୍ଷକ ଶିକ୍ଷା ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶାଳୟ ପ୍ରଶ୍ନପତ୍ର ପ୍ରସ୍ତୁତ କରିବ। ସମସ୍ତ ପ୍ରଶ୍ନପତ୍ରର ସଫ୍ଟ କପି ସ୍କୁଲଗୁଡ଼ିକୁ ପଠାଯିବ।

## ଆରମ୍ଭ ହେଲା ପିଜି ପ୍ରଥମ ବର୍ଷ ପାଠପଢ଼ା

ସେହିପରି ସୋମବାରଠାରୁ ପିଜି ପ୍ରଥମବର୍ଷ ପାଠପଢ଼ା ମଧ୍ୟ ଆରମ୍ଭ ହୋଇଛି। ପୂର୍ବରୁ ୟୁଜିର ଦ୍ୱିତୀୟ ଓ ତୃତୀୟ ବର୍ଷ ପାଠପଢ଼ା ଚାଲିଥିଲା। ୟୁଜି ପ୍ରଥମ ବର୍ଷ ପାଠପଢ଼ା ନଭେମ୍ବର ୧ରୁ ଆରମ୍ଭ ହୋଇଥିବାବେଳେ ପିଜି ଦ୍ୱିତୀୟ ବର୍ଷ ପାଠପଢ଼ା ମଧ୍ୟ ପୂର୍ବରୁ ଆରମ୍ଭ ହୋଇସାରିଛି। ସରକାରଙ୍କ ସମସ୍ତ ଗାଇଡ୍‌ଲାଇନ ଓ କରୋନା ନିୟମାବଳୀ ଆଧାରରେ ପାଠପଢ଼ା ହେଉଛି।

# ପାଣି ଚୋରି ରୋକିବ ସେନ୍‌ସର

*ଶିଳ୍ପ କାରଖାନାଗୁଡ଼ିକ ମନଇଚ୍ଛା ନଦୀ ଏବଂ ଭୂତଳ ଜଳ ବ୍ୟବହାର କରୁଥିଲେ ମଧ୍ୟ ତଦନୁଯାୟୀ ଜଳକର ଦେଉନାହାନ୍ତି। ଫ୍ଲୋ ମିଟର ଟ୍ୟାମ୍ପରିଂ କରି ଜଳକର ଫାଙ୍କୁଛନ୍ତି। ଏଭଳି ପାଣି ଚୋରି ରୋକିବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ସେନ୍‌ସର ଫ୍ଲୋ ମିଟର ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି।*



ଯାଜପୁର ଅଫିସ, ୧୫।୧୧

ଜଳ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ସହର, ଶିଳ୍ପ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଆଇନ ଅନୁଯାୟୀ ଜଳଯୋଗାଣ କରାଯାଉଛି। ୱାଟର ଆଲୋକେଶନ କମିଟି(ଡବ୍ଲ୍ୟୁଏସି)ର ମଞ୍ଜୁରୀକ୍ରମେ ୩୧।୩।୨୦୨୦ ସୁଦ୍ଧା ୧୦୮ ସହରାଞ୍ଚଳ ଏବଂ ୨୧୭ ଶିଳ୍ପାନୁଷ୍ଠାନକୁ ନଦୀ, ନାଳ ଓ ଭୂତଳ ଜଳ ବଣ୍ଟନ ହେଉଛି। ସେଥିମଧ୍ୟରୁ କେବଳ ୬୦ ଟି ଶିଳ୍ପାନୁଷ୍ଠାନ ଭୂତଳ ଜଳ ବ୍ୟବହାର କରୁଛନ୍ତି। ତେବେ କେଉଁ ଅନୁଷ୍ଠାନ କେତେ ଜଳ ଉତ୍ତୋଳନ କରୁଛି ତା'ର ହିସାବ ରଖିବାକୁ ଜଳ ମାପକ ଯନ୍ତ୍ର(ଫ୍ଲୋ ମିଟର) ବ୍ୟବହାର କରାଯାଉଛି। ଏହି ଯନ୍ତ୍ରର ମିଟର ଅନୁଯାୟୀ ସରକାର ଜଳକର ଆଦାୟ କରି ଆସୁଛନ୍ତି। ତେବେ ଏହି ପ୍ରକ୍ରିୟାରେ ଅଧିକାଂଶ ଶିଳ୍ପାନୁଷ୍ଠାନ ଟାମ୍ପରିଂ କରି ଜଳକର ଫାଙ୍କୁ ଥିବା ଅଭିଯୋଗ ହୋଇଆସୁଛି। ତେଣୁ ରାଜ୍ୟ ସରକାର ଏଣିକି ଶିଳ୍ପାନୁଷ୍ଠାନଗୁଡ଼ିକରେ ସେନ୍‌ସର ବେସ୍‌ଡ ଫ୍ଲୋ ମିଟର ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଯନ୍ତ୍ରରେ ସମ୍ପୃକ୍ତ ଶିଳ୍ପାନୁଷ୍ଠାନ କେତେ ଜଳ ଉତ୍ତୋଳନ କରୁଛି ତାହାର ହିସାବ ଇନ୍‌ଟେକ୍ ପଏଣ୍ଟ ନିକଟରେ ଥିବା ମେଶିନରେ ମଧ୍ୟ ସୂଚନା ଦେବ। ତେଣୁ ଟାମ୍ପରିଂ କରି ଆଉ କୌଣସି ଶିଳ୍ପାନୁଷ୍ଠାନ ପାଣି ଚୋରି କରିବପାରିବ ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ବିଶ୍ୱାସ ରହିଛି।

ଜଳ ସମ୍ପଦ ବିଭାଗର ରିପୋର୍ଟ ଅନୁସାରେ ହୀରାକୁଦ ଡ୍ୟାମ୍‌ରୁ ଓଡ଼ିଶା ଇଣ୍ଟିଗ୍ରେଟେଡ ପାୱାର ପ୍ରକଳ୍ପ ଦୈନିକ ସର୍ବାଧିକ ୧୪୦ କ୍ୟୁସେକ ପାଣି ବ୍ୟବହାର କରୁଛି। ଏହାପରେ ମହାନଦୀରୁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଦୈନିକ ୧୧୭.୭୧ କ୍ୟୁସେକ ପାଣି ନେଉଥିବାବେଳେ ମହାନଦୀ ବ୍ୟାରେଜରୁ ପାରାଦୀପ ଆଇଓସିଏଲ ୩୮.୭୫ କ୍ୟୁସେକ, ହୀରାକୁଦ ଡ୍ୟାମ୍‌ରୁ ଆଇଟିପିସି ୫୨.୯୮ କ୍ୟୁସେକ, ଏନଟିପିସି ଦର୍ଲିପାଲି ୫୫ କ୍ୟୁସେକ, ସେସା ଷ୍ଟେରଲାଇଟ୍ ଲିଃ ୭୨ କ୍ୟୁସେକ, ବେଦାନ୍ତ ଆଲୁମିନା ଲିଃ ୪୦.୯ କ୍ୟୁସେକ, ସାମଲ ବ୍ୟାରେଜରୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ୬୬.୧୬ କ୍ୟୁସେକ, ବ୍ରାହ୍ମଣୀ ନଦୀରୁ ଓଡ଼ିଶା ଥର୍ମାଲ ପାୱାର ୮୦ କ୍ୟୁସେକ, ତାଳଚେରର ଏନ୍‌ଟିପିସି ୫୫.୪୯ କ୍ୟୁସେକ, ରୁଙ୍ଗଟା ମାଇନ୍ସ ୨୮.୯୪ କ୍ୟୁସେକ, ଖରସ୍ରୋତା ନଦୀରୁ କଳିଙ୍ଗନଗର ଟାଟା ଷ୍ଟିଲ ଲିଃ. ୭୪.୩୨ କ୍ୟୁସେକ ପାଣି ଉତ୍ତୋଳନ କରୁଛନ୍ତି। ସେହିପରି ଓଏମ୍‌ସିର ସୁକୁରୁଙ୍ଗି କ୍ରୋମାଇଟ ମାଇନ୍ସ ଓ ସାଉଥ୍ କାଳିଆପାଣି କ୍ରୋମାଇଟ ମାଇନ୍ସ, ସାନ୍ଥକା ଫୁଡ୍‌ସ ପ୍ରା.ଲିଃ., ରୁଙ୍ଗଟା ମାଇନ୍ସ, ରାମ୍‌କୋ ସିମେଣ୍ଟ, ଦୈତାରୀ ଓଏମ୍‌ସି, କାଳିଆପାଣି କ୍ରୋମାଇଟ ମାଇନ୍ସ, ବାଲେଶ୍ୱର ଆଲୋଏଜ, ଫେକର ଚାର୍ଜକ୍ରୋମ ପ୍ଲାଣ୍ଟ ପ୍ରମୁଖ ଖଣି ଓ ଶିଳ୍ପାନୁଷ୍ଠାନ ଭୂତଳଜଳ ବ୍ୟବହାର କରୁଛନ୍ତି। ତେବେ ଉପଯୁକ୍ତ ଭାବେ ହିସାବ ରହୁ ନ ଥିବାରୁ ମନଇଚ୍ଛା ଭୂତଳ ବ୍ୟବହାର କରାଯାଉଛି। ଏହାଦ୍ୱାରା ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ଓଡ଼ିଶା ଷ୍ଟେଟ୍ ଲେଭଲ କମିଟି(ଏସ୍‌ଏଲ୍‌ସି) ଫର ଆସେସ୍‌ମେଣ୍ଟ ଅଫ ଗ୍ରାଉଣ୍ଡ ୱାଟର ରିସୋର୍ସ(ଜିଡବ୍ଲ୍ୟୁଆର୍‌ଏ)-୨୦୨୦ ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ ବାଲେଶ୍ୱର ଜିଲାର ବାଳିଆପାଳ, କେନ୍ଦ୍ରାପଡ଼ା ଜିଲାର ଗରଦପୁର, ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ଓ ବୋଲଗଡ଼, ଯାଜପୁର ଜିଲାର କୋରେଇ ଏବଂ ନୂଆପଡ଼ା ଜିଲାର ନୂଆପଡ଼ା ବ୍ଲକ ସେମି କ୍ରିଟିକାଲ ସ୍ଥିତିରେ ରହିଛି। ଅନ୍ୟପକ୍ଷେ ଅନେକ ଶିଳ୍ପାନୁଷ୍ଠାନ ପାଣି ନେଇ ଉପଯୁକ୍ତ ଭାବେ ଜଳକର ଦାଖଲ କରୁ ନ ଥିବା ନେଇ ବିଭିନ୍ନ ସମୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ତାଗିଦ କରାଯାଉଛି। ଏହାପରେ କୋର୍ଟ କଚେରୀର ଦ୍ୱାରସ୍ଥ ହୋଇ ଜଳକର ମଧ୍ୟ ଛାଡ଼ ହେଉଥିବା ନଜିର ରହିଛି। ଅତି ନିମ୍ନମାନର ଫ୍ଲୋ ମିଟର ଜରିଆରେ ପାଣି ଯୋଗାଇ ଦିଆଯାଉଥିବାରୁ ବାସ୍ତବରେ କେତେ ପରିମାଣର ପାଣି ଯାଉଛି ତାହା ମଧ୍ୟ ଆକଳନ କରିବା ସମ୍ଭବ ହୋଇପାରୁନାହିଁ। ଏଭଳି ଭାବରେ ଭୂତଳ ଓ ନଦୀଜଳକୁ ଖଣି ଓ ଶିଳ୍ପାନୁଷ୍ଠାନ ଲୁଟ କରି ଆସୁଥିଲେ ହେଁ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିପାରିନାହାନ୍ତି। ଚୁକ୍ତିଠାରୁ ଢେର ଅଧିକ ୫,୮୭,୧୭୮.୨ କ୍ୟୁବିକ ମିଟର ଜଳ ବ୍ରାହ୍ମଣୀରୁ ଉତ୍ତୋଳନ ହୋଇଥିବା ଜଳସେଚନ ବିଭାଗ ପକ୍ଷରୁ ଗତ ଜୁନରେ ଦର୍ଶାଯାଇଥିଲା। ନିର୍ଦ୍ଧାରିତ ଜଳକର ଅନୁସାରେ କ୍ୟୁବିକ ମିଟର ପିଛା ୬.୭୫ ଟଙ୍କା ଅନୁଯାୟୀ ୩୯,୬୩,୪୫୩ ଟଙ୍କା ହେଉଥିଲା। ପୂର୍ବ ବଳକାକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଏକ୍ସଟେନ୍‌ଶନ: ଦେଶ ଅନାଇଛି**

**ଆଜିର ମନ୍ତବ୍ୟ**

"କଙ୍ଗନା ରାଣାୱତଙ୍କ 'ସ୍ୱାଧୀନତା ଭିକ' ମନ୍ତବ୍ୟର କୌଣସି ଗୁରୁତ୍ୱ ନାହିଁ। ଏହା କେବଳ ପ୍ରଚାର ସର୍ବସ୍ୱ ଏବଂ ଥଟ୍ଟା ପରିହାସ ଯୋଗ୍ୟ। ଏଭଳି ଲୋକଙ୍କ କଥାକୁ ମୁଁ ଧ୍ୟାନ ଦିଏ ନାହିଁ।

– ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ

**ନକଲି ଔଷଧ କାରବାର ମାମଲା: ଶୁଣାଣି ଉପରେ ହାଇକୋର୍ଟଙ୍କ ରହିତାଦେଶ**

**ହୀରାକୁଦ ବିସ୍ଥାପିତଙ୍କୁ ମିଳିବ ଘରଡିହ**

ପୃଷ୍ଠା-୩

# ନିର୍ବାଚନ ଖର୍ଚ୍ଚ ସୀମା ବଢ଼ିଲା

**ତ୍ରିସ୍ତରୀୟ ପଞ୍ଚାୟତ ଭୋଟ**

- ଜିଲା ପରିଷଦ ସଭ୍ୟ ୫ ଲକ୍ଷ ଟଙ୍କା ଯାଏ ଖର୍ଚ୍ଚ କରିପାରିବେ
- ସମିତି ସଭ୍ୟ ୨ଲକ୍ଷ, ସରପଞ୍ଚ ୨ଲକ୍ଷ
- ସକାଳ ୭ରୁ ମଧ୍ୟାହ୍ନ ୧ ଯାଏ ଭୋଟ୍

ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)

୨୦୨୨ରେ ହେବାକୁ ଯାଉଛି ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ। ରାଜ୍ୟ ନିର୍ବାଚନ କମିଶନ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ସଭ୍ୟ ଏବଂ ସରପଞ୍ଚଙ୍କର ନିର୍ବାଚନୀ ଖର୍ଚ୍ଚ ବୃଦ୍ଧି କରିଛନ୍ତି। ଜିଲାପରିଷଦ ସଭ୍ୟଙ୍କର ସର୍ବାଧିକ ନିର୍ବାଚନୀ ଖର୍ଚ୍ଚ ୫ ଲକ୍ଷ ଟଙ୍କା ଧାର୍ଯ୍ୟ କରିଥିବାବେଳେ ପଞ୍ଚାୟତ ସମିତି ସଭ୍ୟଙ୍କର ୨ ଲକ୍ଷ ଏବଂ ସରପଞ୍ଚଙ୍କ ସର୍ବାଧିକ ନିର୍ବାଚନ ଖର୍ଚ୍ଚ ୨ ଲକ୍ଷ ଟଙ୍କା କରାଯାଇଛି। ସେହିପରି ମତଦାନ ସମୟ ସୀମା ୧ ଘଣ୍ଟା ବୃଦ୍ଧି କରଯାଇଛି। ଫଳରେ ସକାଳ ୭ଟାରୁ ମଧ୍ୟାହ୍ନ ୧ଟା ଯାଏ ମତଦାନ ଅନୁଷ୍ଠିତ ହେବ। ଏ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।

କମିଶନ ପ୍ରାର୍ଥୀମାନଙ୍କ ପାଇଁ ଗାଡ଼ି ବ୍ୟବହାର ସୀମା ମଧ୍ୟ ନିର୍ଦ୍ଧାରଣ କରିଛନ୍ତି। ଜିଲାପରିଷଦ ସଦସ୍ୟ ୫ଟି ଜିପ୍ ବା କାର୍ ଓ ୧୦ଟି ମୋଟର ସାଇକେଲ, ପଞ୍ଚାୟତ ସମିତି ସଦସ୍ୟ ୨ଟି ଜିପ୍ ବା କାର୍ ଓ ୫ଟି ମୋଟର ସାଇକେଲ ଏବଂ ସରପଞ୍ଚ ୨ଟି ଜିପ୍ ବା କାର ଏବଂ ୫ଟି ମୋଟର ସାଇକେଲ ନିର୍ବାଚନ ପ୍ରଚାର ବେଳେ ବ୍ୟବହାର କରି ପାରିବେ। ଗାଡ଼ି ଓ ମୋଟର ସାଇକେଲ ଧାର୍ଯ୍ୟ ସୀମା ମଧ୍ୟରେ ଅଟୋ ରିକ୍ସା ମଧ୍ୟ ବ୍ୟବହାର କରାଯାଇପାରିବ। ମୋଟର ଯାନ ବ୍ୟବହାର ଦିନଠାରୁ ଜିଲା ପରିଷଦ ପ୍ରାର୍ଥୀ ଯାନର ପ୍ରକାର, ତାହାର ପଞ୍ଜୀକରଣ ନମ୍ବର, ଗାଡ଼ି ମାଲିକଙ୍କ ନାମ ଉପଜିଲାପାଳଙ୍କୁ ଜଣାଇବେ। ସେହିପରି ପଞ୍ଚାୟତ ସମିତି ଓ ସରପଞ୍ଚ ପ୍ରାର୍ଥୀ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କୁ ଲିଖିତ ଭାବେ ଜଣାଇବେ। ଏହି ତଥ୍ୟର ୩ଟି ନକଲ ଦାଖଲ କରାଯିବ। ତଥ୍ୟର ଗୋଟିଏ ନକଲ ଉପଜିଲାପାଳ/ବିଡିଓ, ନିକଟସ୍ଥ ମୋଟର ଯାନ କର୍ତ୍ତୃପକ୍ଷଙ୍କୁ ଦେବେ ଓ ଅନ୍ୟଟି ନିଜ ପାଖରେ ରଖିବେ। ତୃତୀୟ ନକଲଟିରେ ଉପଜିଲାପାଳ/ବିଡିଓ କିମ୍ବା ତାଙ୍କ କ୍ଷମତାସମ୍ପନ୍ନ ଅଧିକାରୀ ☞ପୃଷ୍ଠା-୨

ପ୍ରଦୂଷଣ କମାଇବା ପାଇଁ ଦିଲ୍ଲୀରେ ହେବ ଲକ୍‌ଡାଉନ।







## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଆୟାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଣକୁ ଜଣେ**
**ମାଇପ ଶୋଇଲା ଅଳିଆ ବଣେ।**

ଘରେ ସ୍ୱାମୀ ସ୍ତ୍ରୀ ବୋଲି ଦି' ଜଣ। ଆଉ କେହି ନାହାନ୍ତି। କିନ୍ତୁ ଦୁହିଁଙ୍କ ଭିତରେ ମନୋମାଳିନ୍ୟ, ଆଦୌ ପଡୁନି। ଅଶାନ୍ତ ଘର ପରିବେଶ। ଫଳସ୍ୱରୂପ ସ୍ତ୍ରୀ ବିଚାରୀ ହୀନିମାନୀ ହୋଇ ଚଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜହ୍ନି ଫୁଲ ଫୁଟିଲା**
**ଗେହ୍ଲେଇ ନାନୀ ଗାଧୋଇ ଯାଇ**
**ବାପ ଘରେ ଉଠିଲା।**

ବିବାହ ହୋଇସାରିଥିଲେ ମଧ୍ୟ କେତେକ ଝିଅ ସେମାନଙ୍କ ବାପଘର ପ୍ରତି ଥିବା ସ୍ନେହ ମମତା ତଥା ଭଲପାଇବାକୁ ଭୁଲି ପାରି ନ ଥାନ୍ତି। ବାହା ହୋଇ ସାରିବା ପରେ ବୋହୂ ହିସାବରେ ଶାଶୁ ଘର ପ୍ରତି କିଛି ଦାୟିତ୍ୱ, ତ୍ୟାଗ ଓ ବଳିଦାନ ରହିବା ଶୋଭନୀୟ ହୋଇଥିବାବେଳେ ବାପଘର ପ୍ରତି ଦୁର୍ବଳତା କାରଣରୁ ବୁଲି ଆସିବା ବାହାନା କରି ସେଠାକୁ ଧାଉଁଥିବା ଝିଅ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଠଗଡ଼ ବନାଞ୍ଚଳ ଅଧିକାରୀ ନିଲମ୍ବିତ

## ସୁବାସୀ ସଂରକ୍ଷିତ ଜଙ୍ଗଲ ହାତୀ ମୃତ୍ୟୁ ଘଟଣା

- କାର୍ଯ୍ୟାନୁଷ୍ଠାନକୁ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ନାପସନ୍ଦ
- ପୁଣି ଉଠାଇଲେ ତତ୍କାଳୀନ ଡିଏଫ୍ଓଙ୍କ ସମ୍ପୃକ୍ତି

ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)/ଆଠଗଡ଼(ସ୍ୱ.ପ୍ର)

ଆଠଗଡ଼ ବନଖଣ୍ଡ ଅଧୀନ ସୁବାସୀ ସଂରକ୍ଷିତ ଜଙ୍ଗଲରେ ଶିକାରୀ ଗୁଳିରେ ମୃତ ଦନ୍ତା ହାତୀକୁ ତରବରିଆ ଭାବେ ପୋତିଦିଆଯିବା ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଛି। ଆଠଗଡ଼ ବନାଞ୍ଚଳ ଅଧିକାରୀ (ରେଞ୍ଜର) ଆୟେଶା ଅକ୍ତରୀ ନିଶାଙ୍କୁ ସୋମବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହେବା ପରେ ଆଠଗଡ଼ ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ଏହି ପଦକ୍ଷେପ ନେଇଛନ୍ତି। ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ଅକ୍ଷୟ ପଟ୍ଟନାୟକଙ୍କ ତଦନ୍ତ ରିପୋର୍ଟକୁ ଆଧାରକରି ବିଭାଗ ଆୟେଶାଙ୍କୁ ନିଲମ୍ବିତ କରିଛି। ନିଲମ୍ବନ ସମୟରେ ସେ କର୍ତ୍ତୃପକ୍ଷଙ୍କ ବିନାନୁମତିରେ ମୁଖ୍ୟ ସଦର ମହକୁମା ଛାଡ଼ିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି।

୨୦୨୦ ଅଗଷ୍ଟରେ ସୁବାସୀ ସଂରକ୍ଷିତ ଜଙ୍ଗଲରେ ଶିକାରୀମାନେ ଏକ ଦନ୍ତାହାତୀକୁ ଗୁଳି କରିଥିଲେ। ଏହି ଘଟଣାକୁ ଚପାଇଦେବାକୁ ଉଦ୍ୟମ ହୋଇଥିଲା। ମୃତ ହାତୀକୁ ଏକ ଗାତରେ ପୋତି ଦିଆଯାଇଥିଲା ଏବଂ ଦୁଇଟି ଦାନ୍ତକୁ କଢ଼ାଯାଇ ବନାଞ୍ଚଳ କାର୍ଯ୍ୟାଳୟରେ ସିଲ୍ କରି ଲକର ଭିତରେ ରଖାଯାଇଥିଲା। ବର୍ଷେ ପରେ ଅର୍ଥାତ୍ ଗତ କିଛିଦିନ ତଳେ ଗାତରେ ପୋତାଯିବାର ଏକ ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଏହାର ତଦନ୍ତ ପାଇଁ ଅକ୍ଷୟ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତଦନ୍ତ ଅଧିକାରୀ ପଟ୍ଟନାୟକ ବନାଞ୍ଚଳ ଅଧିକାରୀ ଆୟେଶାଙ୍କୁ ପଚରାଉଚରା କରିବା ସହିତ ତଦନ୍ତ ରିପୋର୍ଟ ପିସିସିଏଫ୍(ବନ୍ୟପ୍ରାଣୀ)ଙ୍କୁ ଦେଇଥିଲେ। ଉକ୍ତ ରିପୋର୍ଟ ଆଧାରରେ ଆୟେଶାଙ୍କୁ ନିଲମ୍ବିତ କରାଯାଇଛି। ତେବେ ଏହି କାର୍ଯ୍ୟାନୁଷ୍ଠାନକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ନାପସନ୍ଦ କରିଛନ୍ତି। ସେମାନଙ୍କ କହିବାନୁସାରେ, ରେଞ୍ଜର ଯଦିଓ ଭୁଲ୍ କରିଥିଲେ, କିନ୍ତୁ ଏଥିରେ ଉଚ୍ଚ ପଦସ୍ଥ ଅଧିକାରୀ ମଧ୍ୟ ନିଶ୍ଚୟ ସାମିଲ ଥିବେ। ଜଣେ ରେଞ୍ଜର ଉଚ୍ଚ ଅଧିକାରୀଙ୍କ ବିନାନୁମତିରେ ଏଭଳି କରି ନ ଥିବେ। ସେପଟେ ତଦନ୍ତବେଳେ ମଧ୍ୟ ରେଞ୍ଜର ଆୟେଶା ତତ୍କାଳୀନ ଆଠଗଡ଼ ଡିଏଫ୍ଓଙ୍କ ନାଁ କହିଥିଲେ। ତତ୍କାଳୀନ ଡିଏଫ୍ଓଙ୍କୁ ବ୍ୟବଚ୍ଛେଦ ରିପୋର୍ଟ ଓ ଅନ୍ୟସବୁ ନଥିପତ୍ର ହାତେ ହାତେ ଦେଇଥିଲେ ଏବଂ ଡିଏଫ୍ଓଙ୍କ ନିର୍ଦ୍ଦେଶରେ ହିଁ ଏହା କରିଥିଲେ ବୋଲି ସେ ତଦନ୍ତକାରୀ ଅଧିକାରୀଙ୍କୁ କହିଥିଲେ। କିନ୍ତୁ ଡିଏଫ୍ଓ ଏହାକୁ ଏଡାଇଯାଇଥିଲେ। ତେଣୁ ରେଞ୍ଜର ଏହି ଘଟଣାରେ ଫସିଯାଇଥିଲେ। କୌଣସି ତଥ୍ୟ ଭିତ୍ତିକ ପ୍ରମାଣ ନ ଥିବା ଯୋଗୁ ଓ ରାଜ୍ୟ ସରକାରଙ୍କ ଉଚ୍ଚ ପଦରେ ରହିଥିବା ତତ୍କାଳୀନ ଡିଏଫ୍ଓଙ୍କର ବନ ବିଭାଗରେ ପ୍ରଭାବ ରହିଥିବାରୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରିଲା ନାହିଁ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି।

# ଡିଏସ୍ଏମ୍ ପାଇଁ ନିବେଶ ହେବ ୪୪୧ କୋଟି

ଭୁବନେଶ୍ୱର, ୧୫।୧୧

ଏନର୍ଜି ଏଫିସିଏନ୍ସି ସର୍ଭିସେସ୍ ଲିମିଟେଡ୍ (ଇଇଏସ୍ଏଲ୍) ପକ୍ଷରୁ ଓଡ଼ିଶାର ଶକ୍ତି ବିତରଣ କମ୍ପାନୀଗୁଡ଼ିକ ଲାଗି ୟୁଟିଲିଟି ଭିତ୍ତିକ ଡିମାଣ୍ଡ ସାଇଡ ମ୍ୟାନେଜମେଣ୍ଟ(ଡିଏସ୍ଏମ୍) ଆରମ୍ଭ କରାଯାଇଛି। ପର୍ଯ୍ୟାୟ ଭିତ୍ତିରେ ଏହି ଯୋଜନା ଲାଗି ରାଜ୍ୟରେ ୪୪୧ କୋଟି ଟଙ୍କା ନିବେଶ ଯୋଜନା ରଖାଯାଇଛି। ଆଗାମୀ ୩ରୁ ବର୍ଷ ଲାଗି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଲାଗି ଇଇଏସ୍ଏଲ୍ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ। ଆଗାମୀ ଦିନରେ ଗ୍ରାହକଙ୍କଠାରୁ ଏହି ଅର୍ଥ ରାଶି ସେବା ଯୋଗାଣ ମାଧ୍ୟମରେ ସଂଗ୍ରହ କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ୍) ଏବଂ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିଏନ୍ଓଡିଏଲ୍) ଏହି ପାଇଲଟ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଇବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଡିଏସ୍ଏମ୍ କାର୍ଯ୍ୟକ୍ରମରେ ଶକ୍ତି ସଞ୍ଚୟ କରୁଥିବା ଟେକ୍ନୋଲୋଜିଗୁଡ଼ିକର ଗ୍ରହଣୀୟତା ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଗ୍ରୀନ୍ ହାଉସ ଗ୍ୟାସ୍ ନିର୍ଗମନକୁ କମାଇବା ଏବଂ ଶକ୍ତି ସଞ୍ଚୟକୁ ବଢ଼ାଇବା ଦିଗରେ ଫୋକସ ରଖାଯାଇଛି। ଉଭୟ ଝାଡ଼ଖଣ୍ଡ ଏବଂ ତେଲଙ୍ଗାନାରେ ଏହି କାର୍ଯ୍ୟକ୍ରମ ପାଇଁ ମଧ୍ୟ ଯୋଜନା ରଖାଯାଇଛି। ଏଭଳି ପଦକ୍ଷେପ ଦ୍ୱାରା ଶକ୍ତି ବିତରଣ କମ୍ପାନୀଗୁଡିକ ଆର୍ଥିକ ସମସ୍ୟାକୁ ଦୂରୀକରଣ କରାଯିବା ସହ ଖାଉଟି ଲାଭବାନ୍ ହୋଇପାରିବେ ବୋଲି ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କହିଛନ୍ତି। ଶକ୍ତି ନିରାପତ୍ତା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମଗୁଡିକ ବିଶେଷ ସହାୟକ ହେବ ବୋଲି ଓଇଆର୍‌ସି ଅଧ୍ୟକ୍ଷ ୟୁ.ଏନ୍. ବେହେରା କହିଛନ୍ତି। କାର୍ଯ୍ୟକ୍ରମରେ ଗ୍ରୀଡ୍କୋ ଏମ୍‌ଡି ତ୍ରିଲୋଚନ ଜେନା, ପିଜି ଡାଇରେକ୍ଟର ଇନ୍‌ଭେଷ୍ଟମେଣ୍ଟ ସରବିନ୍ଦର ସିଂ, ଇଇଏସ୍ଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସି.ପି.ଗଡ଼ନାୟକ, କ୍ଲଷ୍ଟର ମୁଖ୍ୟ ଅଭିଷେକ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

**ଦିଲ୍ଲୀରେ ବାୟୁ ପ୍ରଦୂଷଣ**

# ୪ ରାଜ୍ୟ ମଧ୍ୟରେ ଆଜି ବୈଠକ

## ସମ୍ପୂର୍ଣ୍ଣ ଲକ୍‌ଡାଉନ ପାଇଁ ପ୍ରସ୍ତୁତ: ଦିଲ୍ଲୀ ସରକାର

ନୂଆଦିଲ୍ଲୀ, ୧୫।୧୧(ପି.ଟି.)

ଦିଲ୍ଲୀର ଉତ୍କଟ ବାୟୁ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ସୋମବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରଦୂଷଣ ରୋକିବା ଲାଗି କ'ଣ ପଦକ୍ଷେପ ନିଆଯାଇପାରିବ ତାହା ଉପରେ ଆଲୋଚନା କରିବା ନିମନ୍ତେ ମଙ୍ଗଳବାର ୪ ରାଜ୍ୟର ଜରୁରୀ ବୈଠକ ଡାକିବାକୁ କେନ୍ଦ୍ର ସରକାରଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟାବଶ୍ୟକ ନ ଥିବା ନିର୍ମାଣ ସାମଗ୍ରୀ ପରିବହନ ବନ୍ଦ କରିବା ଏବଂ ଲୋକମାନଙ୍କୁ ଘରେ ରହି ଅଫିସ କାର୍ଯ୍ୟ କରିବା ଆଦି ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉତ୍ତରପ୍ରଦେଶ, ହରିୟାଣା, ପଞ୍ଜାବ ଓ ଦିଲ୍ଲୀର ସଚିବମାନଙ୍କୁ ଉକ୍ତ ବୈଠକରେ ଯୋଗଦେବା ପାଇଁ କହିବା ସହ ଏହା ଦ୍ୱାରା ଗଠିତ ହେବାକୁ ଥିବା କମିଟି ନିକଟରେ ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବାୟୁପ୍ରଦୂଷଣ ରୋକିବା ଲାଗି ଯଦି ସମଗ୍ର ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ସମ୍ପୂର୍ଣ୍ଣ ଲକ୍‌ଡାଉନ ଭଳି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଏ, ତେବେ ଏଥିପାଇଁ ଦିଲ୍ଲୀ ସରକାର ପ୍ରସ୍ତୁତ ଥିବା ସୋମବାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଏନ୍‌ସିଆର୍ ଅଞ୍ଚଳ ଏବଂ ପଡୋଶୀ ରାଜ୍ୟଗୁଡ଼ିକରେ ଏଭଳି ବ୍ୟବସ୍ଥା ଲାଗୁ ହେଲେ ସଫଳତା ମିଳିପାରିବ। ଭାରତ ସରକାର କିମ୍ବା ଜାତୀୟ ରାଜଧାନୀ ଅଞ୍ଚଳ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବାୟୁମାନ ପରିଚାଳନା ଆୟୋଗ କଟକଣା ଲଗାଇବା ଆବଶ୍ୟକ ବୋଲି ଦିଲ୍ଲୀ ସରକାରଙ୍କ ପକ୍ଷରୁ ସତ୍ୟପାଠରେ କୁହାଯାଇଛି।

ଅନ୍ୟ ପକ୍ଷରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଲକ୍‌ଡାଉନ ଅତ୍ୟନ୍ତ କଠୋର ପଦକ୍ଷେପ ବୋଲି କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ। ଏହା ବଦଳରେ କାର ଚଳାଚଳରେ ଯୁଗ୍ମ-ଅଯୁଗ୍ମ ନୀତି କାର୍ଯ୍ୟକାରୀ କରିବା ଓ ସହର ମଧ୍ୟରେ ଟ୍ରକ୍ ପ୍ରବେଶ ନିଷେଧ କରିବା ପାଇଁ କେନ୍ଦ୍ର ପ୍ରସ୍ତାବ ଦେଇଥିଲା। ଦିଲ୍ଲୀ ବାୟୁ ପ୍ରଦୂଷଣର ୧୦ ପ୍ରତିଶତ ନଡ଼ାପୋଡ଼ି ଯୋଗୁ ହେଉଛି। ମୁଖ୍ୟତଃ କଳକାରଖାନାରୁ ବାହାରୁଥିବା ଧୂଳି ଧୂଆଁ ଏବଂ ଗାଡ଼ିମୋଟର ଯୋଗୁ ପ୍ରଦୂଷଣ ବଢୁଛି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିବାରୁ ନଡ଼ା ପୋଡ଼ି ପ୍ରଦୂଷଣର ମୁଖ୍ୟ କାରଣ ନୁହେଁ, ଏହାର କୌଣସି ବିଜ୍ଞାନସମ୍ମତ ଓ ଆଇନଗତ ଆଧାର ଅଛି କି ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପ୍ରଶ୍ନ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ପାଣି ଚୋରି...

ମିଶାଇ ଇଡ୍‌କୋ ପାଖରେ ସମୁଦାୟ ୩୨ କୋଟି ୬୨ ଲକ୍ଷ ୭୧୭ ଟଙ୍କା ଜଳକର ବାକି ରହିଥିବା ଜଣାପଡ଼ିଥିଲା। ଏଭଳି ଅନେକ ଦୃଷ୍ଟାନ୍ତ ରହିଥିଲେ ହେଁ ଜଳକର ଆଦାୟ ଉପରେ ସରକାର ସେତେଟା ଗୁରୁତ୍ୱ ଦେଉ ନ ଥିବା ମନେ ହେଉଛି। ତେବେ ବିଳମ୍ବରେ ହେଲେ ମଧ୍ୟ ପାଣି ଚୋରି ରୋକିବାକୁ ଡିଜିଟାଲ ସେନ୍‌ସର ଫ୍ଲୋ ମିଟର ଲଗାଇବାକୁ ବିଭାଗୀୟ ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ପଟ୍ଟନାୟକ ନିର୍ଦ୍ଦେଶ ଜାରି କରିଛନ୍ତି। ଯଥାଶୀଘ୍ର ଇନ୍‌ଟେକ୍ ପଏଣ୍ଟ ନିକଟରେ ସେନ୍‌ସର ଫ୍ଲୋ ମିଟର ନ ଲଗାଇଲେ ଆବଶ୍ୟକ ଜରିମାନା ଆଦାୟ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଏ ସଂକ୍ରାନ୍ତରେ ଜାରକା ଜଳ ସମ୍ପଦ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଡିଜିଟାଲ ଫ୍ଲୋ ମିଟର ଲାଗିଛି। ତେବେ ସେନ୍‌ସର ଫ୍ଲୋ ମିଟର ଲାଗିଲେ ପାଣି ଟାମ୍ପରିଂ ନିୟନ୍ତ୍ରଣ ହୋଇପାରିବ। ତଦାରଖ ହେଉଥିବା ସେଣ୍ଟରରେ ଲାଗିଥିବା ଅନ୍ୟ ଏକ ମେଶିନରେ ପାଣି ଉତ୍ତୋଳନ ପରିମାଣ ମଧ୍ୟ ଜଣାପଡ଼ିବ। ଏହି ମେସିନ ଜିପିଏସ୍(ଗ୍ଲୋବାଲ ପୋଜିସନିଂ ସିଷ୍ଟମ) ଭଳି କାମରେ ଆସିବ ବୋଲି ପଟ୍ଟନାୟକ କହିଛନ୍ତି।

## ନିର୍ବାଚନ ଖର୍ଚ୍ଚ...

ସ୍ୱାକ୍ଷର ଓ ଅଫିସ ମୋହର ଲଗାଇ ପ୍ରାର୍ଥୀଙ୍କୁ ଫେରାଇ ଦେବେ। ମୋଟର ଯାନ ଅଧିକାରୀ ଗୋଟିଏ ରେଜିଷ୍ଟରରେ ସମସ୍ତ ତଥ୍ୟ ଲିପିବଦ୍ଧ କରିବେ। କୌଣସି ସମୟରେ ନିର୍ବାଚନ ଅଧିକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ସମ୍ପନ୍ନ ଅଧିକାରୀ ଏହି ତଥ୍ୟ ଆବଶ୍ୟକ କଲେ ପ୍ରାର୍ଥୀ ତଦାରଖ ନିମନ୍ତେ ତାହା ଉପସ୍ଥାପନ କରିବେ। ମୋଟର ଯାନ ବାବଦ ସମସ୍ତ ଖର୍ଚ୍ଚ ନିର୍ବାଚନ ଖର୍ଚ୍ଚ ସୀମା ମଧ୍ୟରେ ସୀମିତ ରହିବ। ପ୍ରଚାର କାର୍ଯ୍ୟରେ ବ୍ୟବହୃତ ମୋଟର ଯାନ ମତଦାନ ଆରମ୍ଭ ହେବାର ୩୬ ଘଣ୍ଟା ପୂର୍ବରୁ ବନ୍ଦ କରାଯାଇ ନିର୍ବାଚନ ଅଧିକାରୀଙ୍କୁ ଜଣାଇ ଦିଆଯିବ। ଆଦେଶକୁ ଅବମାନନା କଲେ ନିର୍ବାଚନ ଆଚରଣ ବିଧିର ଅବମାନନା ବୋଲି ଧରାଯିବ।

ଗତ ୬ ତାରିଖରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ରାଶିକୁ ବଢ଼ାଇବା ସହ ଭୋଟଦାନ ଅବଧି ଆଉ ୨ ଘଣ୍ଟା ବୃଦ୍ଧି କରିବାକୁ ରାଜନୈତିକ ଦଳଗୁଡିକ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏଥିସହିତ ସରପଞ୍ଚ ଓ ସମିତି ସଭ୍ୟଙ୍କ ନିର୍ବାଚନୀ ଖର୍ଚ୍ଚ ୮୦ ହଜାର ଟଙ୍କାରୁ ବଢାଇ ୨ ଲକ୍ଷ ଏବଂ ଜିଲା ପରିଷଦ ସଭ୍ୟଙ୍କ ପାଇଁ ଖର୍ଚ୍ଚ ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନ ନିର୍ବାଚନ ଖର୍ଚ୍ଚ ଓ ଗାଡି ସଂଖ୍ୟା ଧାର୍ଯ୍ୟ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବା ଶୁଣିବାକୁ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ପାଇବେ।

**ବୃଷ**: ପଡ଼ୋଶୀ ସହଯୋଗର ହାତ ବଢ଼ାଇବା କାରଣରୁ ଆପଣଙ୍କର କୌଣସି କାମ ଅଟକିବ ନାହିଁ। କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରି ପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ**: ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ କଟୁସତ୍ୟ କହିବାରୁ ତିକ୍ତତା ସୃଷ୍ଟି ହୋଇପାରେ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କଳା, ସାହିତ୍ୟ, ରାଜନୀତି, ସଂଗଠନ,ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ**: ଭାଇ, ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ। ନିଜର ପ୍ରିୟବନ୍ଧୁଙ୍କ ସ୍ୱାସ୍ଥ୍ୟହାନି ହେତୁ ଦୁଃଖ ପ୍ରକାଶ କରିବେ।

**ସିଂହ**: ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇ ପାରିବେ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବାରେ ସମର୍ଥ ହେବେ। ଅଫିସିଆଲି କାମ ପାଇଁ ଚିନ୍ତା କରନ୍ତୁ ନାହିଁ, ମଧ୍ୟାହ୍ନରେ ଟେନ୍‌ଶନ ଦୂର ହେବ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା**: ଆଜି କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରିବା ଭଲ ହେବ। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରନ୍ତି। ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। ସଭାସମିତିରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା**: ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରି ପାରିବେନି। ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ। ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବାରୁ ବ୍ୟସ୍ତତା ବଢ଼ିଯାଇପାରେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ।

**ବିଛା**: ଅର୍ଥସମ୍ପର୍କ ଓ ସନ୍ତାନହେତୁକ ଦ୍ୱନ୍ଦ୍ୱ ଏବଂ ସମସ୍ୟା ମଧ୍ୟରେ ଅଶାନ୍ତି ଅନୁଭବ କରିବେ। ଦୀର୍ଘଦିନ ଅଟକି ରହିଥିବା କାମ ଆଜି ଆକସ୍ମିକ ହୋଇଯିବ। ଦୋକାନ, ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। ନିଜ ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ**: ଆଜି କୌଣସି ପରିଚିତଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଅଫିସରେ ସହକର୍ମୀଙ୍କ ସହ ମିଷ୍ଟାଳାପରେ ମାତିରହିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାର୍ଯ୍ୟ ସାଧନ କରିବେ।

**ମକର**: ଅଫିସ୍‌ରେ ହଠାତ୍ କୌଣସି ଖବର ପାଇ ବିଚଳିତ ହେବେ। ଉପରିସ୍ଥ ଅଧିକାରୀମାନେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ପୂର୍ବରାଗ ଶୁଝାଇବାକୁ ଯାଇ ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ**: ଆଜି ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ**: କର୍ମ କ୍ଷେତ୍ରରେ ଉଚ୍ଚ ଅଫିସରଙ୍କ ସହ ସମ୍ପର୍କ ହାନି ଚିନ୍ତାର କାରଣ ହେବ। ପରିବାରରେ ପିଲାମାନଙ୍କ ସମସ୍ୟା ନେଇ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଯିବା ଆସିବା ସମୟରେ ଅନ୍ୟମନସ୍କ ହେତୁ କୌଣସି ଭୁଲ୍ କାମ କରିବେ।


# classifieds Everyday
0674-2580101, 2549302





**SALE**

Verna-2017, SwiftDezire-2017, Automatic, Mahindra Bolero-2017, Corolla Breeza-2017. 7381091234, 9861194627. D-71736





**SALE**

Private plot for sale, Khandagiri & Patrapada. Price 999/- Sqft. 9437335686, 7008487006. D-22215

ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8908122121. D-71729

Full furnished complete 3/2BHK flat available near Amber Showroom Patrapada, Bhubaneswar. 9861037729, 9040337729. D-71441

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar (NH-16) ସମ୍ମୁଖରୁ ଅଳ୍ପଦୂରରେ SC/General plot ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8847825690. D-71735

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call-9827119799. D-71199

Furnished, Non-Furnished office space available centrally located Unit-9. 7789837712, 9861256148. D22224

Barunei Overbridge ପାଖରେ stithiban plot electricity, boundary wall, Blacktop road ସହିତ ଘରପାଇଁ ସୁବିଧାରେ ମିଳୁଅଛି। 7735888421, 9348161384. D-22244





300-900sqft commercial space for office Rent, Dolamundai-Badambadi Road, Cuttack-8917690567. D-22209

House at Nayapalli near DAV/ Stewart School for Family. 9438490107. D-71821

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Tolet 30,000 sqft. Warehouse/ Godown/ Office on Highway between Cuttack and Bhubaneswar. Contact- 7008175963, 9776050040.** D-22211





Ashirvaad Saloon and SPA get good massage for your health tha best therapy. 7077181074. D-71817

Refreshments rejuvenation body massage therapy with experience therapists, Bhubaneswar. 9668374480. D-71200

Refreshing your mind and body with the best therapy. 7873794731. D-71902

Newly Open Saikrupa Panchakarma Spa positively health benefits with Expert. 8984068077. D-22247

Refreshing your mind, your body with tha best therapy at Lotus SPA. 8018891951. D-71820

Newly open therapy/ SPA center (Expert therapist) positively health benefits. 8249051570. D-71439

Newly opened Sandhya SPA and massage centre Bhubaneswar join lady therapist. 7978441326. D-22274

## AFFIDAVIT

"By virtue of an affidavit before Notary Public, Bhubaneswar, I, Sandhyarani Sahoo, aged about 60 years, W/o- Dusmanta Sahoo of Plot no.-94, Bapuji Nagar, PS.- Capital, Bhubaneswar, Dist- Khurda do hereby state that, in some documents my name has been mentioned as Alka Jena. Hence Sandhyarani Sahoo and Alka Jena is same and one person for all purpose." D-22272

By virtue of an affidavit sworn before Executive Magistrate, Jajpur road 11.11.2021, I have changed my name Subhakankhi to Subhakankshi in my son's Birth Certificate. This statement is true and correct. Sd.- Subhakankshi Pati. D-22273

**୬ଷ୍ଠ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ଆୟାନ ପ୍ରଧାନ**
ମାତା: ଅର୍ଚ୍ଚିତା ପ୍ରଧାନ
ପିତା: ସୁଶୀଳ ପ୍ରଧାନ
ଗ୍ରାମ: ଲୁଡୁରପଙ୍କ, ଜି- ସୁବର୍ଣ୍ଣପୁର
ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ।
ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୁଭେଚ୍ଛା ସହ:** ବଡ଼ବାପା, ବଡ଼ମାଆ, ଅଜା, ଆଈ, ମାମୁ, ମାଈଁ, ରାଖି, ବନ୍ଧନ, ସୋନାଲି, ଶକ୍ତି।
ଧ-୨୨୨୭୯

## LEGAL NOTICE

**IN THE COURT OF SENIOR CIVIL JUDGE, SUNDARGARH**
**MAT Case No.37 of 2018**

Samprita Joshi ...Petitioner
Vs.
Tanmaya Kumar Bisi...Respondent
Petition under Order 5 Rule 20 C.P.C.

To
Tanmaya Kumar Bisi, S/O: Pitambar Bisi, Resident of 1/4, Sinduri Apartment, Amarkunj Housing Complex, 51, Sarat Bose Road, PO: Kodalia, PS: Sonapur, Kolkata-700146

Whereas the above named petitioner has filed a case against you under Section 13(a) of Hindu Marriage Act. In-spite of repeated summons through Regd. P.O. with A.D. as well through Nizarat you failed to appear before the Hon'ble Court.

You are hereby directed to appear before the Hon'ble Court on or before on the 18th day of December 2021 at 10.30 a.m. and take notice that in default of your appearance on the day before mentioned the suit will be heard and determined in your absence.

Senior Civil Judge,
Sundargarh
11.11.2021
D-22283

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୪୨,୮୮,୬୧୦ | ୫୧,୧୮,୭୫୫ | ୨୨,୯୯,୦୯,୯୬୬ |
| ଭାରତ | ୩,୪୪,୪୭,୫୩୬ | ୪,୬୩,୬୫୫ | ୩,୩୮,୪୯,୭୮୫ |
| ଓଡ଼ିଶା | ୧୦,୪୫,୬୫୬ | ୮୩୭୯(+୫୩) | ୧୦,୩୪,୭୫୯ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ନେପାଳରେ ୫୦ ହଜାର ଘର ପୁନଃ ନିର୍ମାଣ କରିଛି ଭାରତ

**କାଠମାଣ୍ଡୁ, ୧୫।୧୧:** ନେପାଳରେ ୨୦୧୫ରେ ଭୂକମ୍ପ ଯୋଗୁ ୨ଟି ଜିଲାରେ ଭାଙ୍ଗିଥିବା ୫୦ ହଜାର ଘର ପୁନଃନିର୍ମାଣ ଭାରତ ଶେଷ କରିଛି। ଏ ନେଇ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଜାତୀୟ ପୁନଃନିର୍ମାଣ କର୍ତ୍ତୃପକ୍ଷ(ଏନ୍ଆର୍ଏ), ଜାତିସଂଘ ବିକାଶ ପ୍ରୋଗ୍ରାମ (ୟୁଏନ୍‌ଡିପି) ଏବଂ ପରିଯୋଜନା ସେବା ପାଇଁ ଜାତିସଂଘ କାର୍ଯ୍ୟାଳୟ (ୟୁଏନ୍‌ଓପିଏସ୍) ସମେତ ଭାରତୀୟ ଦୂତାବାସ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଗୋରଖା ଏବଂ ନୁଓ୍ୱାକୋଟ ଜିଲାରେ ଏହି ମିଶନ ସଫଳ ହୋଇଥିବା କୁହାଯାଇଛି। ନେପାଳ ସରକାରଙ୍କ ଦ୍ୱାରା ଗୃହ ପୁନଃନିର୍ମାଣ ପ୍ରକ୍ରିୟା ଅନୁଯାୟୀ ଭାରତ ସରକାରଙ୍କ ପକ୍ଷରୁ ଉକ୍ତ ଘରଗୁଡ଼ିକର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଭାରତୀୟ ଦୂତାବାସ ଡେପୁଟି ଚିଫ୍ ନାମ୍‌ଗ୍ୟା ସି ଖମ୍ପା କହିଛନ୍ତି। ଭୂମିକମ୍ପ କ୍ଷତିଗ୍ରସ୍ତଙ୍କୁ ସାମାଜିକ-ବୈଷୟିକ ସୁବିଧା ଏବଂ ପରାମର୍ଶ ଦେବା ନିମନ୍ତେ ୨୦୧୮ ମାର୍ଚ୍ଚରେ ୟୁଏନ୍‌ଡିପି ଏବଂ ୟୁଏନ୍‌ଓପିଏସ୍ ଭାରତ ସରକାରଙ୍କୁ ସହଯୋଗ କରିଥିଲେ। ଭାରତ ସରକାରଙ୍କ ପକ୍ଷରୁ ୧୫୦ ମିଲିୟନ ଡଲାର ଘୋଷଣା କରାଯାଇଥିଲା। ୨୦୧୫ ଏପ୍ରିଲରେ ହୋଇଥିବା ଭୂମିକମ୍ପରେ ୯ ହଜାରରୁ ଊର୍ଦ୍ଧ୍ୱ ଜୀବନ ଯାଇଥିବାବେଳେ ୫ ଲକ୍ଷରୁ ଅଧିକ ଘର ନଷ୍ଟ ହୋଇଥିଲା।

### ଆମେରିକାରେ ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ

**ନୂଆଦିଲ୍ଲୀ, ୧୫।୧୧:** ଆମେରିକାରେ ଅଧ୍ୟୟନ କରୁଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୦୨୦-୨୧ରେ ପୂର୍ବ ଶିକ୍ଷାବର୍ଷ ତୁଳନାରେ ପ୍ରାୟ ୧୩ ପ୍ରତିଶତ ହ୍ରାସ ପାଇଛି। କରୋନା ମହାମାରୀ କାରଣରୁ ଏପରି ହୋଇଥିବା ସୋମବାର ଅନ୍ତର୍ଜାତୀୟ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଏକ ରିପୋର୍ଟ

**୨୦୨୦-୨୧ ଶିକ୍ଷାବର୍ଷରେ ୧୩% କମିଛି**

ପ୍ରକାଶ ପାଇଛି। ତେବେ ଆମେରିକା ଏବେ ବି ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ପାଇଁ 'ଟପ୍ ଡେଷ୍ଟିନେଶନ୍' ବା ପ୍ରମୁଖ ଶିକ୍ଷାହାସଲ ସ୍ଥଳ ପାଲଟିଥିବା ୨୦୨୧ ଓପନ୍ ଡୋର୍ସ ରିପୋର୍ଟରେ କୁହାଯାଇଛି। ଅନ୍ତଃରାଷ୍ଟ୍ରୀୟ ବିଦ୍ୟାର୍ଥୀଙ୍କ ମଧ୍ୟରେ ଚାଇନା ପରେ ଭାରତ ଦ୍ୱିତୀୟରେ ରହିଛି। ଛାତ୍ରୀଛାତ୍ରଙ୍କ ନିମନ୍ତେ ଥିବା ଭିଜା ସଂଖ୍ୟାରୁ ଆମେରିକାରେ ଭାରତୀୟ ପିଲାଙ୍କ ସଂଖ୍ୟା କମିଥିବା ଜଣାପଡ଼ିଛି। ମୋଟାମୋଟି ଭାବେ ଆମେରିକାରେ ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୫% ହ୍ରାସ ପାଇଛି। ୨୦୦ରୁ ଅଧିକ ସ୍ଥାନରୁ ୯ ଲକ୍ଷ ୧୪ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଇଁ ଆମେରିକା ଟପ୍‌ରେ ରହିଛି। ୨୦୨୦-୨୧ ବର୍ଷରେ ଅଧ୍ୟୟନ କରୁଥିବା ଭାରତୀୟଙ୍କ ସଂଖ୍ୟା ୧ ଲକ୍ଷ ୬୭ ହଜାର ୫୮୨ (ପ୍ରାୟ ୨୦%) ରହିଛି।

### 'ତୁମେ ବଞ୍ଚିଛ ବୋଲି ଭୁଲିଯାଇଛି'
#### ସିନେଟରଙ୍କୁ ମସ୍କଙ୍କ କଟାକ୍ଷ



**ୱାଶିଂଟନ୍, ୧୫।୧୧:** ନିଜର ମନ୍ତବ୍ୟକୁ ନେଇ ଚର୍ଚ୍ଚାରେ ରହୁଥିବା ଆମେରିକୀୟ ଅରବପତି ତଥା ଟେସ୍‌ଲା ମାଲିକ ଏଲନ୍ ମସ୍କ ପୁଣି ଏକ ଟୁଇଟ୍‌କୁ ନେଇ ବିବାଦକୁ ଆସିଛନ୍ତି। ଧନୀ ଲୋକମାନେ ସେମାନଙ୍କ ଭାଗର ଟିକସ ସମ୍ପୂର୍ଣ୍ଣ ପଇଠ କରନ୍ତୁ ବୋଲି ୮୦ ବର୍ଷୀୟ ଆମେରିକା ସିନେଟର ବର୍ନି ସାଣ୍ଡର୍ସ ଏକ ଟୁଇଟ କରିବା ପରେ ମସ୍କ ତାଙ୍କୁ କମେଣ୍ଟ କରିଛନ୍ତି। ଟୁଇଟରେ ମସ୍କ ଲେଖିଛନ୍ତି, 'ମୁଁ ଭୁଲି ଯାଉଛି ଯେ ତୁମେ ବଞ୍ଚିଛ। ତୁମେ କ'ଣ ଚାହୁଁଛ ମୁଁ ଆଉ ଅଧିକ ଶେୟାର ବିକ୍ରି କରିଦିଏ'। ସୂଚନାଯୋଗ୍ୟ ମସ୍କ କିଛି ଦିନ ତଳେ ପ୍ରାୟ ୭ ବିଲିୟନ ଡଲାର ମୂଲ୍ୟର ଟେସ୍‌ଲା ଶେୟାର ବିକ୍ରି କରିଦେଇଥିଲେ।

# ହୀରାକୁଦ ବିସ୍ଥାପିତଙ୍କୁ ମିଳିବ ଘରଡିହ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)/ ଝାରସୁଗୁଡ଼ା (ଅଫିସ)




ଝାରସୁଗୁଡ଼ାରେ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଉଛି।

**ବିଏସ୍‌କେୱାଇରେ ଝାରସୁଗୁଡ଼ା ସାମିଲ**
- ଉପକୃତ ହେବେ ୧.୧୫ଲକ୍ଷ ଲୋକ
- ୨୦୨୨ ଜୁନ୍ ସୁଦ୍ଧା ଜିଲାର ୧.୨୨ ଲକ୍ଷ ପରିବାରକୁ ପିଇବା ପାଣି
- ଝାରସୁଗୁଡ଼ାର ୩୦୦ କୋଟି ଟଙ୍କା ପ୍ରକଳ୍ପ ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ସୋମବାର ଝାରସୁଗୁଡ଼ା ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଜିଲାର ପ୍ରାୟ ୧.୧୫ ଲକ୍ଷ ଲୋକ ଏହି ସୁବିଧା ପାଇବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୀରାକୁଦ ନଦୀବନ୍ଧ ପ୍ରକଳ୍ପ ଦ୍ୱାରା ଝାରସୁଗୁଡ଼ାର ବିସ୍ଥାପିତ ହୋଇଥିବା ୨୦୦୦ ପରିବାରକୁ ଘରଡିହ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି।

ଏଥିସହିତ ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ାର ୨୯୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୧୪୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବାବେଳେ ୧୫୩ କୋଟି ଟଙ୍କାର କାମ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିଲା। ଝାରସୁଗୁଡ଼ା ଓ ବ୍ରଜରାଜନଗର ପାଇଁ ଦୁଇଟି ଜଳ ବିଶୋଧନ ପ୍ଲାଣ୍ଟର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଏହାଦ୍ୱାରା ଏହି ୨ ସହରର ଲୋକମାନେ ବିଶୁଦ୍ଧ ପିଇବା ପାଣି ପାଇ ପାରିବେ। ଝାରସୁଗୁଡ଼ା ଜିଲାର ସବୁ ଗାଁ ଓ ସବୁ ସହରକୁ ପିଇବା ପାଣି ଯୋଗାଇ ଦେବା ପାଇଁ ୬୧୮ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ୨୦୨୨ ଜୁନ୍ ସୁଦ୍ଧା ଜିଲାର ୧ ଲକ୍ଷ ୨୨ ହଜାର ପରିବାରକୁ ପାଇପ ପାଣି ଯୋଗାଇ ଦିଆଯିବ। ଜିଲାର ଜଳସେଚନ ପ୍ରକଳ୍ପ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପରେ ୧ ହଜାର ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ଦିଆଯାଇଛି। ଏଥିସହିତ ଜିଲାରେ ସବୁ ଅଞ୍ଚଳକୁ ଜଳସେଚନର ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ଖୁବ୍ ଶୀଘ୍ର ପୂରଣ ହେବ। ସେହିପରି ଝାରସୁଗୁଡ଼ାରେ ୧୦୦ ଶଯ୍ୟା ବିଶିଷ୍ଟ ହୃଦ୍‌ରୋଗ ଚିକିତ୍ସାଳୟର ନିର୍ମାଣ ଖୁବ୍ ଶୀଘ୍ର ଶେଷ ହେବାକୁ ଯାଉଛି। ଏଥିପାଇଁ ୧୦୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହାଦ୍ୱାରା ଲୋକମାନଙ୍କୁ ଉନ୍ନତମାନର ଚିକିତ୍ସା ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଜିଲାର ୧ ଲକ୍ଷ ୧୫ ହଜାର ଲୋକ ସ୍ମାର୍ଟ ହେଲ୍‌ଥ୍ କାର୍ଡ ପାଇବେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ସ୍ମାର୍ଟ ହେଲ୍‌ଥ କାର୍ଡ ଦ୍ୱାରା ରାଜ୍ୟର ୯୬ ଲକ୍ଷ ପରିବାରର ସାଢେ ୩ କୋଟି ଲୋକ ଉପକୃତ ହେବେ। ଏହାଦ୍ୱାରା ଆମର ଗରିବ ଲୋକମାନେ ସ୍ୱାସ୍ଥ୍ୟସେବା ପାଇଁ ଅନେକ ସମସ୍ୟାରୁ, ବିଶେଷକରି ଆର୍ଥିକ ସମସ୍ୟାରୁ ମୁକ୍ତ ହୋଇପାରିବେ। ବର୍ତ୍ତମାନ ଲୋକମାନେ ବିନା କୌଣସି ଅସୁବିଧାରେ କାର୍ଡ ଖଣ୍ଡିଏ ଧରି ଦେଶର ୨୦୦ ବଡ଼ ବଡ଼ ହସ୍ପିଟାଲରେ ଭଲ ଚିକିତ୍ସା ପାଇପାରିବେ। ଏଥିପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ମହାନ୍ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ, ତାଙ୍କର ଆଦର୍ଶ, ସଂଗ୍ରାମ ଓ ଦେଶପ୍ରେମ ଯୁଗ ଯୁଗ ଧରି ଆମକୁ ପ୍ରେରଣା ଦେଉଥିବ। ସ୍ୱାଧୀନତା ସଂଗ୍ରାମୀ ବିହାରୀ ରାମ ତନ୍ତୀ, ଲକ୍ଷ୍ମୀ ନାରାୟଣ ମିଶ୍ର ଓ ଚିନ୍ତାମଣି ପୂଜାରୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଓ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଝାରସୁଗୁଡ଼ା ଜିଲାର ବିକାଶ ଉପରେ ଆଲୋକପାତ କରିଥିଲେ। ମନ୍ତ୍ରୀ ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ କ୍ଷେତ୍ରରେ ରାଜ୍ୟର ବିକାଶକୁ ଏକ ନୂଆସ୍ତରକୁ ଆଣିବା ସହିତ ଗରିବ ଲୋକଙ୍କ ସୁରକ୍ଷା ପାଇଁ ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି, ତାହା ସମଗ୍ର ଦେଶରେ ବିରଳ।

# ଶୁଣାଣି ଉପରେ ହାଇକୋର୍ଟଙ୍କ ରହିତାଦେଶ

## ନକଲି ଔଷଧ କାରବାର ମାମଲା

କଟକ ଅଫିସ,୧୫।୧୧



କଟକ ସ୍ୱତନ୍ତ୍ର ବିଚାରପତିଙ୍କ ଅଦାଲତରେ ଚାଲିଥିବା ନକଲି ଔଷଧ କାରବାର ମାମଲାର ଶୁଣାଣି ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ହାଇକୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ରହିତାଦେଶ ବଳବତ୍ତର ରହିବ। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଥିବାବେଳେ ଆଇନଜୀବୀ ସତ୍ୟରଞ୍ଜନ ମୂଳିଆ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ଡିସେମ୍ବର ୧୩ରେ ପରବର୍ତ୍ତୀ ଶୁଣାଣି ହେବ।

ଆବେଦନକାରୀ ଶିବପ୍ରସନ୍ନ ଜେନା ତାଙ୍କ ପିଟିଶନରେ ଦର୍ଶାଇଥିଲେ, ତାଙ୍କ ନାମରେ ନକଲି ଔଷଧ କାରବାର ଅଭିଯୋଗରେ ଡ୍ରଗ୍ସ ଇନ୍‌ସପେକ୍ଟରଙ୍କ ପକ୍ଷରୁ କଟକ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଏକ ମାମଲା ରୁଜୁ ହୋଇଛି। ସେହିପରି ସମାନ ଅଭିଯୋଗରେ କ୍ରାଇମବ୍ରାଞ୍ଚ ପକ୍ଷରୁ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। ସମ୍ପ୍ରତି କଟକ ସ୍ୱତନ୍ତ୍ର ବିଚାରପତିଙ୍କ ନିକଟରେ ଏହି ମାମଲାର ଶୁଣାଣି ଚାଲିଛି। ଗୋଟିଏ ଅଭିଯୋଗ ଆଧାରରେ ୨ଟି ମାମଲା କରାଯାଇପାରିବ ନାହିଁ। ତେଣୁ କ୍ରାଇମବ୍ରାଞ୍ଚ ପକ୍ଷରୁ ହୋଇଥିବା ମାମଲା ରଦ୍ଦ କରାଯିବାକୁ ସେ ଗତ ଅଗଷ୍ଟ ୫ରେ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ।

ସୂଚନାଯୋଗ୍ୟ, ଗତ ଜୁନ ୧୧ରେ କଟକ କନିକା ଛକ ନିକଟ ଶିବପ୍ରସନ୍ନଙ୍କ ଔଷଧ କମ୍ପାନୀ ମେଡିଲଏଡ ମେଡିକାମେଣ୍ଟ ପ୍ରାଇଭେଟ ଲିମିଟେଡରେ ଡ୍ରଗ୍ସ କଣ୍ଟ୍ରୋଲର ଚଢ଼ାଉ କରି ୬୯ ଲକ୍ଷ ଟଙ୍କାର ନକଲି କରୋନା ଔଷଧ ଫାଭିପିରାଭିର ଏବଂ ଅନ୍ୟ କିଛି ଔଷଧ ଜବତ କରିଥିଲେ। ଏହି କମ୍ପାନୀ ମୁମ୍ବାଇର ମାକ୍ସ ରିଲିଫ ହେଲ୍‌ଥ କେୟାର କମ୍ପାନୀରୁ କମ୍ ଦାମରେ ଔଷଧ ଆମଦାନୀ କରୁଥିଲା। ଏପରି କି ଷ୍ଟ୍ରିପ ପିଛା ୬୫ ଟଙ୍କାରେ କିଣି ୧୨୯୦ ଟଙ୍କା ଲେଖାଏ ବିକ୍ରି କରିବାକୁ ଯୋଜନା କରୁଥିବା ତଦନ୍ତ ବେଳେ ଜଣାପଡିଥିଲା। ପରେ ନକଲି ଔଷଧ କାରବାର ଘଟଣାରେ ଜୁନ ୨୩ରେ ଉକ୍ତ କମ୍ପାନୀର ନିର୍ଦ୍ଦେଶିକା ଶୁଭଲକ୍ଷ୍ମୀ ଜେନାଙ୍କ ସମେତ ୨ କର୍ମଚାରୀ ଏବଂ ୨୪ରେ ଶିବପ୍ରସନ୍ନଙ୍କୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଗିରଫ କରିଥିଲା।

# ଅଜଣା ଲିଙ୍କ୍ କ୍ଲିକ୍ କରନାହିଁ, ଓଟିପି ଦିଅନାହିଁ

## ହ୍ୱାଟ୍‌ସ ଆପ୍ ଠକେଇ ନେଇ କ୍ରାଇମବ୍ରାଞ୍ଚ ଆଡଭାଇଜରି

କଟକ ଅଫିସ,୧୫।୧୧

ଦିନକୁ ଦିନ ସାଇବର ଠକେଇ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ହ୍ୱାଟ୍‌ସ ଆପ୍ ଠକେଇରୁ ବର୍ତ୍ତିବା ପାଇଁ ସୋମବାର କ୍ରାଇମବ୍ରାଞ୍ଚ ସାଇବର ସେଲ୍ ପକ୍ଷରୁ ଆଡଭାଇଜରି ଜାରି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ନିଜ ମୋବାଇଲ ଫୋନରେ ରହିଥିବା ହ୍ୱାଟ୍‌ସ ଆପ୍ ଆକାଉଣ୍ଟର ଟୁ ଷ୍ଟେପ ଭେରିଫିକେଶନକୁ କାର୍ଯ୍ୟକ୍ଷମ କରାନ୍ତୁ। ହ୍ୱାଟ୍‌ସଆପ୍ ଆକାଉଣ୍ଟ, ସେଟିଂ, ଆକାଉଣ୍ଟ, ଟୁ ଷ୍ଟେପ ଭେରିଫିକେଶନ, ଇନେବଲ, ସିକ୍ସ ଡିଜିଟ ପିନ୍, କନଫର୍ମ ସେମ ପିନ ଏଗେନ ଏହି କ୍ରମରେ ଟାଇପ୍ କରନ୍ତୁ। ପରେ ନିଜର ଇ-ମେଲ୍ ଆଇଡି, କନଫର୍ମ ଇମେଲ୍ ଆଇଡି, ସେଭ୍, ଡନ ଓ କ୍ଲିକ୍ କରନ୍ତୁ। ସେହିପରି ଅଜଣା ଲିଙ୍କ ଉପରେ କ୍ଲିକ କରନ୍ତୁ ନାହିଁ ବା ଓଟିପି ଦିଅନ୍ତୁ ନାହିଁ। ଅନ୍‌ଲାଇନ ଟଙ୍କା ପଠାଇବା ପୂର୍ବରୁ ମାଗୁଥିବା ବ୍ୟକ୍ତିଙ୍କ ସହ କଥା ହୋଇ ଯାଞ୍ଚ କରିବାକୁ କ୍ରାଇମବ୍ରାଞ୍ଚ ସାଇବର ସେଲ୍ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ



## ଦର୍ଶନରୁ ବଞ୍ଚିତ ହେଲେ ଭକ୍ତ

ପୁରୀ ଅଫିସ, ୧୫।୧୧

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସୋମବାରଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଞ୍ଚକ ନୀତି ଆରମ୍ଭ ହୋଇଛି। ଏକାଦଶୀରେ ତିଥିରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୋଇଛି। ତେବେ ଚଳିତବର୍ଷ ପ୍ରଶାସନର କଟକଣା ଯୋଗୁ ଏହି ଅନନ୍ୟ ବେଶ ଦର୍ଶନରୁ ଭକ୍ତ ବଞ୍ଚିତ ହୋଇଛନ୍ତି। ଅବକାଶ ନୀତି ପରେ ଲକ୍ଷ୍ମୀନାରାୟଣ ବେଶ (ଠିଆକିଆ ବେଶ) ହୋଇଥିଲା। ବେଶ ସମୟରେ ଗୋପାଳବଲ୍ଲଭ, ସକାଳଧୂପ, ବାଳଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ହୋଇଥିଲା। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟ ବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ସଜ୍ଜିତ କରିଥିଲେ। ଏହି ବେଶରେ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ, ମୂଷଳ, ଆଡ଼କାନି, ଶ୍ରୀପୟର, ସୂର୍ଯ୍ୟଚନ୍ଦ୍ର, ଚନ୍ଦ୍ରିକା, ତଡ଼କୀ ଏବଂ ଓଡ଼ିଆଣୀ ସମେତ ୩୦ରୁ ଊର୍ଦ୍ଧ୍ୱ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଉଥିଲା। ମଙ୍ଗଳବାର ମହାପ୍ରଭୁଙ୍କର ବାଙ୍କଚୂଡା ବେଶ ହେବ।

# ପ୍ରତିରକ୍ଷା, ସ୍ୱରାଷ୍ଟ୍ର ସଚିବଙ୍କ କାର୍ଯ୍ୟକାଳ ବଢ଼ିଲା

ନୂଆଦିଲ୍ଲୀ, ୧୫।୧୧

ପ୍ରତିରକ୍ଷା ସଚିବ, ସ୍ୱରାଷ୍ଟ୍ର ସଚିବ, ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ଏବଂ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ସଚିବଙ୍କ କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି କରାଯାଇଛି। ଏଥିପାଇଁ ସୋମବାର କେନ୍ଦ୍ର ସରକାର ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି। କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜନସ୍ୱାର୍ଥ ପାଇଁ ଯଦି ଆବଶ୍ୟକ ଅନୁଭବ କରାଯାଏ, ତେବେ କେନ୍ଦ୍ର ସରକାର ଉପରୋକ୍ତ ଅଧିକାରୀମାନଙ୍କ କାର୍ଯ୍ୟକାଳ ୫ ବର୍ଷ ପର୍ଯ୍ୟନ୍ତ ବଢ଼ାଇପାରିବେ। ୨୦୦୫ରେ କେନ୍ଦ୍ର କ୍ୟାବିନେଟ ପ୍ରତିରକ୍ଷା ସଚିବ, ସ୍ୱରାଷ୍ଟ୍ର ସଚିବ, ଇଣ୍ଟେଲିଜେନ୍ସ ବ୍ୟୁରୋ ଏବଂ ର ମୁଖ୍ୟଙ୍କ କାର୍ଯ୍ୟକାଳ ୨ ବର୍ଷ ଧାର୍ଯ୍ୟ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ସିବିଆଇ ଏବଂ ଇଡି ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ୨ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ଲାଗି ରବିବାର କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଥିଲେ।

ସୂଚନାଯୋଗ୍ୟ, ଗତ ମେ' ୨୭ରେ କେନ୍ଦ୍ର ସରକାର ଆଇବି ମୁଖ୍ୟ ଅରବିନ୍ଦ କୁମାର, ର' ସଚିବ ସୁମନ୍ତ କୁମାର ଗୋଏଲଙ୍କ କାର୍ଯ୍ୟକାଳ ଗୋଟିଏ ବର୍ଷ ବୃଦ୍ଧି କରିଥିଲେ। ସେହିପରି ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲ୍ଲାଙ୍କ କାର୍ଯ୍ୟକାଳ ଗତ ଅଗଷ୍ଟ ୧୨ରେ ବର୍ଷେ ବୃଦ୍ଧି କରାଯାଇଥିଲା।

# ଆୟୁର୍ବେଦ ମହାବିଦ୍ୟାଳୟରେ ଶିକ୍ଷକ ଶିକ୍ଷଣ କାର୍ଯ୍ୟକ୍ରମ



ସର୍ବଭାରତୀୟ ଆୟୁର୍ବେଦ ସଂହିତା ବିଷୟ ଅନ୍ତର୍ଗତ ଛଅ ଦିନିଆ ଶିକ୍ଷକ ଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଅଫିସ, ୧୫।୧୧

ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ସର୍ବଭାରତୀୟ ଆୟୁର୍ବେଦ ସଂହିତା ବିଷୟ ଅନ୍ତର୍ଗତ ଛଅଦିନିଆ ଶିକ୍ଷକ ଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ଏଥିରେ ଛତିଶଗଡ଼, ମହାରାଷ୍ଟ୍ର, ପଞ୍ଜାବ, ହରିଆଣା, ମଧ୍ୟପ୍ରଦେଶ ଓ ବିଭିନ୍ନ ରାଜ୍ୟ ଆୟୁର୍ବେଦ ମହାବିଦ୍ୟାଳୟରୁ ୨୬ଜଣ ଶିକ୍ଷକ ଯୋଗଦେଇଛନ୍ତି । ଭାରତର ବିଭିନ୍ନ ସରକାରୀ ମହାବିଦ୍ୟାଳୟର ୧୨ଜଣ ପ୍ରଫେସର ସେମାନଙ୍କୁ ଆୟୁର୍ବେଦଶାସ୍ତ୍ର ଓ ଚିକିତ୍ସା ପଦ୍ଧତି ବିଷୟରେ ଶିକ୍ଷାଦାନ କରିବେ । ଏହି କାର୍ଯ୍ୟକ୍ରମର ଉନ୍ମୋଚନ ଉତ୍ସବରେ କଲିକତା ଆୟୁର୍ବେଦ ମହାବିଦ୍ୟାଳୟର ପ୍ରଫେସର ଡା. ଅବିଚଳ ଚଟ୍ଟୋପାଧ୍ୟାୟ, ପ୍ରଫେସର ଡା. ରାଜୀବ ଲୋଚନ ଦାସ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡା. ଅରୁଣ କୁମାର ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ସଂହିତା ବିଭାଗର ମୁଖ୍ୟ ପ୍ରଫେସର ଡା. ମନୋଜ କୁମାର ସାହୁ ପରିଚାଳନା କରିଥିଲେ। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ତଥା ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ନୂଆଦିଲ୍ଲୀର ଅନୁଦାନରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

# ଇଡି, ସିବିଆଇ ମୁଖ୍ୟଙ୍କ କାର୍ଯ୍ୟକାଳ ବୃଦ୍ଧି ଅଧ୍ୟାଦେଶକୁ ବିରୋଧ

## ରାଜ୍ୟ ସଭାରେ ପ୍ରସ୍ତାବ ଆଣିଲା ଟିଏମ୍‌ସି

ନୂଆଦିଲ୍ଲୀ, ୧୫।୧୧(ପି.ଟି.)

ସିବିଆଇ ଏବଂ ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ବୃଦ୍ଧି ଲାଗି କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶକୁ ବିରୋଧ କରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୋମବାର ରାଜ୍ୟ ସଭାରେ ଏକ ବୈଧାନିକ ପ୍ରସ୍ତାବ ଆଣିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର ଦୁଇଟି ଅଧ୍ୟାଦେଶକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଅଧ୍ୟାଦେଶ ବଳରେ ଦିଲ୍ଲୀ ପୋଲିସ ସ୍ପେଶାଲ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟରେ ସଂଶୋଧନ କରାଯାଇଛି। ପାର୍ଲାମେଣ୍ଟର ଶୀତ ଅଧିବେଶନ ଆଉ ୨ ସପ୍ତାହ ବାକି ଥିବାବେଳେ କେନ୍ଦ୍ର ସରକାର ସିବିଆଇ ଏବଂ ଇଡି ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବଢ଼ାଇବା ପାଇଁ ତରବରିଆ ଭାବେ ଅଧ୍ୟାଦେଶ ମାଧ୍ୟମରେ ଆଇନରେ ସଂଶୋଧନ ଆଣିଥିବାରୁ ଟିଏମ୍‌ସି ଏହାର ସମାଲୋଚନା କରିଛି। ଏଥିପାଇଁ ଦଳ ପକ୍ଷରୁ ଦୁଇଟି ବୈଧାନିକ ପ୍ରସ୍ତାବ ରାଜ୍ୟ ସଭାରେ ଅଣାଯାଇଛି।

# ୨୪ରେ ପରିକ୍ରମା ପ୍ରକଳ୍ପ ଭୂମିପୂଜନ

ପୁରୀ ଅଫିସ,୧୫।୧୧

ଆସନ୍ତା ୨୪ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ଯୋଜନା ଅଧୀନ ପ୍ରକଳ୍ପର ଭୂମିପୂଜନ ସହ ଯଜ୍ଞ ଓ ପୂଜାର୍ଚ୍ଚନା ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଭୂମିପୂଜନ କରିବେ। ସୋମବାର ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ, ନୀତି ପ୍ରଶାସକ, ସୁରକ୍ଷା ପ୍ରଶାସକ ଏବଂ ଓବିସିସି ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପରେ ପ୍ରଶାସନିକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଈଶାନ୍ୟ କୋଣରେ ଯଜ୍ଞବେଦି ନିର୍ମାଣ ଚାଲିଥିବାବେଳେ କାର୍ଯ୍ୟର ସମୀକ୍ଷା କରାଯାଇଛି। ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇ କହିଛନ୍ତି, ପରିକ୍ରମା ପ୍ରକଳ୍ପ ପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। କ୍ୟାବିନେଟ୍‌ରେ ବଜେଟ୍ ଅନୁମୋଦନ ମଧ୍ୟ ହୋଇସାରିଛି। ଏଣୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରକଳ୍ପର ଶୁଭାରମ୍ଭ କରାଯିବ। ଶାସ୍ତ୍ରୀୟ ବିଧି ମୁତାବକ ପୂଜାର୍ଚ୍ଚନା ଓ ଯଜ୍ଞ ହେବ। ବୈଠକରେ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା ହୋଇଛି। ୨୪ ତାରିଖରେ ଯଜ୍ଞ ଓ ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେବେ ଆଗାମୀ ସମୟରେ ଏ ନେଇ ସବିଶେଷ ସୂଚନା ଦିଆଯିବ। ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୨ତାରିଖରେ ଅଙ୍କୁରାରୋପଣ ଏବଂ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଯଜ୍ଞ ହେବ। ୨୪ତାରିଖରେ ପୂର୍ଣ୍ଣାହୁତି ଦିଆଯିବ। ଏଥିସହ ଏହିଦିନ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇ ଭୂମିପୂଜନ କରିବେ।

# ପୁରୀ ସମୁଦ୍ରରେ ମାଛ ମଡ଼କ

## ବେଳାଭୂମିରେ ମରିପଡ଼ିଛନ୍ତି ଶହ ଶହ ମାଛ

ପୁରୀ ଅଫିସ,୧୫।୧୧



ପୁରୀ ବେଳାଭୂମିରେ ଶହ ଶହ ମାଛ ମରି ପଡ଼ିଥିବା ସୋମବାର ଦେଖିବାକୁ ମିଳିଛି। ସ୍ୱର୍ଗଦ୍ୱାରଠାରୁ କ୍ୟାମେଲିଆ ପର୍ଯ୍ୟନ୍ତ ବେଳାଭୂମିରେ ମାଛ ମରିପଡ଼ିଛନ୍ତି। ମାଛଗୁଡ଼ିକ ଡିସ୍କୋ କୋକଲି ପ୍ରଜାତିର ବୋଲି କୁହାଯାଉଛି। ତେବେ ଏହି ମାଛ ମଡ଼କର ପ୍ରକୃତ କାରଣ ଜଣାପଡ଼ିନାହିଁ। ପ୍ରଦୂଷଣଜନିତ କିମ୍ବା ଲଘୁଚାପ ପ୍ରଭାବ ଏହାର କାରଣ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ଗତ ମେ ମାସରେ ଚକ୍ରତୀର୍ଥ ରୋଡ୍ ସଂଶ୍ଳିଷ୍ଟ ବେଳାଭୂମିରେ ମାଛ ମଡ଼କ ଦେଖିବାକୁ ମିଳିଥିଲା। ନଭେମ୍ବର ୧ ତାରିଖରୁ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ପୁରୀ ସମୁଦ୍ରରେ ମାଛଧରାକୁ ବନ୍ଦ ରଖାଯାଇଛି। ତେବେ ମାଛ ମଡ଼କ ସମ୍ପର୍କରେ ମତ୍ସ୍ୟଜୀବୀ ରାଜୀବ ରେଡ୍ଡୀ କହିଛନ୍ତି, ସମୁଦ୍ରରେ ଶହ ଶହ ଟ୍ରଲର ଚଳାଚଳ କରିଥାଏ। ଏହି ସମୟରେ କେତେକ ଟ୍ରଲରରୁ ଡିଜେଲ୍ ଲିକ୍ ହୋଇ ସମୁଦ୍ର ପାଣିରେ ମିଶିଥାଏ। ଏହା ସଂସ୍ପର୍ଶରେ ଆସୁଥିବା ମାଛଗୁଡ଼ିକଙ୍କର ମୃତ୍ୟୁ ହୋଇଥାଏ। ସେହିପରି ପରିବେଶବିତ୍ ଚିନ୍ମୟ ଦାଶ କହିଛନ୍ତି, ସଂପୃକ୍ତ ମଲାମାଛଗୁଡ଼ିକୁ ନିଆଯାଇ ଲାବୋରୋଟରିରେ ପରୀକ୍ଷଣ କରାଯିବା ଆବଶ୍ୟକ। ଠିକ ପରୀକ୍ଷଣ ମାଧ୍ୟମରେ ମାଛ ମଡ଼କର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିବ। ଫଳରେ ପ୍ରଶାସନ ପକ୍ଷରୁ ଏନେଇ ଉପଯୁକ୍ତ ପଦକ୍ଷେପ ନିଆଯାପାରିବ।

# ଫୁଟ୍‌ବଲ୍: ଚିର୍ଲା ବିଜୟୀ

କର୍ଲାମୁଣ୍ଡା,୧୫।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଫୁଟିଗାସ୍ଥିତ ଚିନାବାଡ଼ି ପଡିଆଠାରେ ଚାଲିଥିବା କର୍ଲାମୁଣ୍ଡା ଫୁଟ୍‌ବଲ ଟିମ ପକ୍ଷରୁ କର୍ଲାମୁଣ୍ଡା କପ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଚିର୍ଲା ଓ ବଗାଡ଼ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଚିର୍ଲା ଦଳ ବଗାଡ଼ ଦଳକୁ ୨ ଗୋଲ ଦେଇ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଭାଜପା ନେତା ସରୋଜ ସେଠ, ସଞ୍ଜୟ ଜୈନ, ଗଣେଶ କୁମାର ଓ ରାଜପୁର ସରପଞ୍ଚ ମହେନ୍ଦ୍ର ରଣା ତଥା ଆୟୋଜନ କମିଟି ସଭାପତି ନନ୍ଦିକିଶୋର ଭୋଇ, ସମ୍ପାଦକ ଡୋଳାମଣି ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ଲଳିତ ସାହୁ, ଲଳିତ ଗଉଡ଼, ବିନୋଦ ହେର୍ନା ରହିଥିବା ବେଳେ ଲୋକେଶ ଗହୀର ଧାରାବିବରଣୀ ପ୍ରଦାନ କରିଥିଲେ।

ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା। ବିସ୍ତୃତ ବିଶ୍ୱବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚତର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। -ଶ୍ରୀଅରବିନ୍ଦ



# ଏକ୍ସଟେନ୍‌ଶନ: ଦେଶ ଅନାଇଛି

କେନ୍ଦ୍ର ସରକାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟଙ୍କ କାର୍ଯ୍ୟକାଳ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବା ଉଦ୍ଦେଶ୍ୟ ରଖି ୧୪ ନଭେମ୍ବରରେ ଅଧ୍ୟାଦେଶ ଆଣିଛନ୍ତି। ଏହା ପରେ ଅଧ୍ୟାଦେଶକୁ ସ୍ୱୀକୃତି ଦେବା ସକାଶେ ପାର୍ଲାମେଣ୍ଟରେ ଗୃହୀତ କରାଇ ନେବେ। ସରକାର ୧୫ ନଭେମ୍ବରରେ ସ୍ୱରାଷ୍ଟ୍ର ଓ ପ୍ରତିରକ୍ଷା ସଚିବ, ଗୋଇନ୍ଦା ବ୍ୟୁରୋ (ଆଇବି) ନିର୍ଦ୍ଦେଶକ, ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ୍ (ର') ସଚିବଙ୍କ କାର୍ଯ୍ୟକାଳ ଦୁଇବର୍ଷ ବୃଦ୍ଧି କରିଛନ୍ତି। ଆବଶ୍ୟକ ସ୍ଥଳେ ଏହା ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ ବୋଲି କାର୍ମିକ (ପର୍ସୋନେଲ) ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ଆଗାମୀ ୨୯ ତାରିଖରେ ବସିବାର ଅଛି। ତରତର ହୋଇ ଏଭଳି ଅଧ୍ୟାଦେଶ ଆଣିବା ପଛରେ ସରକାରଙ୍କ ଅଭିସନ୍ଧି ରହିଛି ବୋଲି ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି। କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ ସୁର୍ଜେୱାଲା ମଧ୍ୟ ନରେନ୍ଦ୍ର ମୋଦି ସରକାରଙ୍କୁ ଏହି ଅଧ୍ୟାଦେଶ ଲାଗି ସମାଲୋଚନା କରିଛନ୍ତି। ସିବିଆଇ ଓ ଇଡିକୁ କେନ୍ଦ୍ର ସରକାର ବ୍ୟବହାର କରି ରାଜନୈତିକ ଫାଇଦା ଉଠାଉଛନ୍ତି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଲୋକ ସଭାର ମିଆଦ ୫ ବର୍ଷ। ୧୭ ଲୋକ ସଭାର ଜୀବନକାଳ ୨୦୨୪ ମେ'ରେ ସରିବ। ଏବେ ୫ ବର୍ଷର ଏକ୍ସଟେନ୍‌ଶନ ପାଉଥିବା ଅଫିସର ଆସନ୍ତା ସରକାର ସମୟରେ ମଧ୍ୟ ରହିବେ। ଏଥିରୁ ବୁଝିବାକୁ ହେବ ଯେ, ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ତୃତୀୟ ପ୍ରଧାନମନ୍ତ୍ରିତ୍ୱ ପାଇଁ ପାଗ ଭିଡ଼ିଲେଣି।

ଅଧ୍ୟାଦେଶ ମାଧ୍ୟମରେ ସିବିଆଇ ଓ ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ବୃଦ୍ଧି ସଂକ୍ରାନ୍ତରେ ଉଭୟ ନେତା ଯେଉଁ ମତ ରଖିଛନ୍ତି ତାହାକୁ ଖଣ୍ଡି ହେବ ନାହିଁ। ୨୦୧୪ରେ ମୋଦି ସରକାର କ୍ଷମତାସୀନ ହେବା ପରଠାରୁ ବହୁ ଆଇନରେ ପରିବର୍ତ୍ତନ ଆଣିବାକୁ ଯାଇ ଅଧ୍ୟାଦେଶ ଲାଗୁ କରିଛନ୍ତି। ସମ୍ବିଧାନର ନିୟମ ଅନୁଯାୟୀ କୌଣସି ଜରୁରୀ ଘଟଣା ବା ସମସ୍ୟାର ଆଶୁ ସମାଧାନ ଅଣାଯିବା ସକାଶେ ଆଇନ ଆଣିବାକୁ ବା ଆଇନରେ ପରିବର୍ତ୍ତନ ଲାଗି ଯଦି ପାର୍ଲାମେଣ୍ଟ କିମ୍ବା ବିଧାନସଭାର ଅଧିବେଶନ ନ ଥାଏ, ସେତେବେଳେ ସରକାର ଅଧ୍ୟାଦେଶ ଆଣିଥାଆନ୍ତି। ପରବର୍ତ୍ତୀ ସମୟରେ ଏହି ଅଧ୍ୟାଦେଶକୁ ବିଧାନପାଳିକା ମାଧ୍ୟମରେ ଗୃହୀତ କରାଯାଇଥାଏ। କୌତୂହଳର ବିଷୟ ପାର୍ଲାମେଣ୍ଟର ଶୀତ ଅଧିବେଶନକୁ ୧୫ ଦିନରୁ କମ୍ ସମୟ ଥିବା ବେଳେ ଏଭଳି ଅଧ୍ୟାଦେଶ କାହା ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ଅଣାଯାଉଛି ତାହା ସମ୍ପୂର୍ଣ୍ଣ ଦିଶିଯାଉଛି। ବିଗତ କିଛି ବର୍ଷର କେନ୍ଦ୍ର ସରକାରଙ୍କ କାର୍ଯ୍ୟକଳାପକୁ ଦେଖିଲେ ଦେଶର ପ୍ରମୁଖ ଜାତୀୟ ସଂସ୍ଥାଗୁଡ଼ିକରେ ସରକାରୀ ହସ୍ତକ୍ଷେପ ଏଗୁଡ଼ିକର ସ୍ୱାଧୀନତାକୁ ସଙ୍କୁଚିତ କରିଦେଇଥିବା ବେଳେ ସେଗୁଡ଼ିକୁ ଦୁର୍ବଳ କରି ପକାଇଛି। ସ୍ୱାଧୀନତା ପରେ ଯୋଜନା କମିଶନ ଗଢ଼ାଯାଇ ତା'ର କାର୍ଯ୍ୟ ପରିସରକୁ ବୃଦ୍ଧି କରାଯାଇଥିଲା। ମୋଦି ସରକାର ତା' ବଦଳରେ ଆଣିଲେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନିତି) ଆୟୋଗ। ଏଥିରେ ବିଚାରବିମର୍ଶ ଅଧିକ ହେଉଥିବା ବେଳେ ବାସ୍ତବ ଯୋଜନାର ଘୋର ଅଭାବ ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କାର୍ଯ୍ୟରେ ସରକାର ସିଧାସଳଖ ହସ୍ତକ୍ଷେପ କରୁଛନ୍ତି। ସିବିଆଇ, ଇଡି ଓ ଆୟକର (ଆଇଟି) ବିଭାଗକୁ ବ୍ୟବହାର କରାଯାଇ ରାଜନୈତିକ ପ୍ରତିଶୋଧ ନିଆଯାଉଛି।

ଏବର କେନ୍ଦ୍ର ସରକାର ଶାସନଠାରୁ ଆରମ୍ଭ କରି ଅମଲାତାନ୍ତ୍ରିକ ବ୍ୟବସ୍ଥା କ୍ଷେତ୍ରରେ ଦୀର୍ଘଶାସନ ଜାରି ରଖିବାକୁ କାର୍ଯ୍ୟ କରୁଥିବା ଭଳି ମନେହେଉଛି। ଯେଉଁ ସ୍ତରର ଅଫିସରମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଉଛି, ସେଥିରୁ ବୁଝାଯାଉଛି ସେମାନଙ୍କୁ ଅସ୍ତ୍ର କରାଯାଇ ରାଜନୈତିକ ଲକ୍ଷ୍ୟ ପୂରଣର ଆଶା ରଖାଯାଇଛି। କିନ୍ତୁ ସେମାନଙ୍କ ଆନୁଗତ୍ୟ କେତେ ଯାଏ ରହିବ ଦେଶବାସୀ ଅନିଶା କରିଛନ୍ତି। ଏଠାରେ ଆମେରିକା ଉଦାହରଣ ନିଆଯାଇପାରେ। ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି ଥିବା ବେଳେ ଭାବିନେଇଥିଲେ ଯେ, ସେ ପୁଣି କ୍ଷମତାସୀନ ହେବେ। ସେଥିପାଇଁ ଅମଲାତନ୍ତ୍ରୀ ଓ ନ୍ୟାୟପାଳିକାର ଅଫିସରଙ୍କ ଉପରେ ଭରସା କରିଥିଲେ। କିନ୍ତୁ ୬ ଜାନୁୟାରୀ ୨୦୨୧ରେ କ୍ୟାପିଟୋଲ ହିଲ୍ ଉପରେ ଯେଭଳି ଭାବେ ଟ୍ରମ୍ପ୍ ସମର୍ଥକମାନେ ଆକ୍ରମଣ କଲେ, ତାହା ତାଙ୍କ ସବୁ ସମୀକରଣକୁ ବଦଳାଇ ଦେଲା। ଏପରି କି ଟ୍ରମ୍ପ୍‌ଙ୍କ ଦ୍ୱାରା ନିଯୁକ୍ତ ବିଚାରପତି ନିର୍ବାଚନ ସଂକ୍ରାନ୍ତ ବିଚାରରୁ ଓହରି ଯାଇଥିବା ଦେଖିବାକୁ ମିଳିଥିଲା। ସେଠାରେ ଅଫିସରମାନେ ଦେଶର ଆଇନ ଦ୍ୱାରା ପରିଚାଳିତ ହୋଇଥାଆନ୍ତି। ହେଲେ ଭାରତରେ ଅତ୍ୟନ୍ତ ସୁବିଧା ସୁଯୋଗ ପାଉଥିବା ଅଫିସର ନିଜ କର୍ତ୍ତବ୍ୟକୁ ସୁଚାରୁରୂପେ ପାଳନ କଲେ ଦେଶର ବାସ୍ତବ ଉନ୍ନତି ସମ୍ଭବ ହୋଇପାରନ୍ତା। କିନ୍ତୁ ଅତୀତକୁ ଦେଖିଲେ ଜଣାପଡ଼େ ଯେ ଭାରତୀୟ ଅଫିସରମାନେ ସୁବିଧା ସୁଯୋଗ ହାତଉଥିଲେ ମଧ୍ୟ ଦେଶର ସ୍ୱାର୍ଥକୁ କଦାପି ଅଗ୍ରପ୍ରାଧାନ୍ୟ ଦେଇ ନ ଥାଆନ୍ତି। ତେଣୁ ଏକ୍ସଟେନ୍‌ଶନ ପାଉଥିବା ଅଫିସରଙ୍କ ଆଗାମୀ କାର୍ଯ୍ୟ କିଭଳି ରହିବ ତାହାକୁ ଦେଖିବାର ଅଛି।

# ସମୟ ନେଇ ମଣିଷ



ଡ. ସୁବାସ ଚନ୍ଦ୍ର ପାତ୍ର

ସମୟକୁ ନେଇ ମଣିଷର ଚାଲିଚଳଣ, ଗତିବିଧି, ପୋଷାକ ପରିଚ୍ଛଦ, ଖାଦ୍ୟପାନୀୟ, ଅଭାବ ଅସୁବିଧା, ଦୁଃଖସୁଖ ପରିଚାଳିତ ତଥା ନିୟନ୍ତ୍ରିତ ହୁଏ। ବ୍ୟକ୍ତିଗତ ତଥା ସାମାଜିକ ଜୀବନରେ ସମୟ ହିଁ ବଳବାନ ରୂପରେ ପ୍ରତୀୟମାନ ହେଉଥିଲା ବେଳେ ଏକ ସମୟରେ ମଣିଷ ନିଜ ଭଙ୍ଗୀରେ ସମୟସୃଷ୍ଟ ଅଭାବ ଅସୁବିଧା, ଦୁଃଖସୁଖକୁ ପ୍ରତିହତ କରିବା କ୍ରମରେ ସମୟକୁ ବେଶି ଭାରି ହେବାକୁ ଦେଉ ନ ଥିଲା। ବ୍ୟକ୍ତିଗତ ଭାବରେ ତ ସେ ଯାହା କିଛି କରୁଥିଲା କିନ୍ତୁ ତା'ର ସାମାଜିକ ସଂପ୍ରସାରଣ ମାଧ୍ୟମରେ ସେ ଏହି ସୂକ୍ଷ୍ମ ଲଢ଼େଇ ଓ ସୂକ୍ଷ୍ମ ବିଷୟର କିଞ୍ଚିତ ସୂଚନା ମଧ୍ୟ ପ୍ରଦାନ କରୁଥିଲା। ତେବେ ସାମାଜିକ ସଂପ୍ରସାରଣ ପାଇଁ ଦରକାର ଏକ ଆସର। ତାହା ହୋଇପାରେ ଗାଁ ହାଟ ଓ ଗାଁ ମୁଣ୍ଡର ଗୋଟିଏ ଚାହା, ପାନ ଦୋକାନ ବା ଏକ ଯୌଥ ପରିବାରର ସଞ୍ଜଘେରା ବାରଣ୍ଡା। ଏହି ଶେଷ ଆସରଟି ଉପରେ ଆଖି ବୁଲେଇ ଦେବା।

ଏହି ଆସରଟି ମିଶ୍ର ବାତାବରଣରେ ଗଢ଼ା। ବାରଣ୍ଡାରେ ପଡ଼ିଥାଏ ସପ ବା ହେଁସଟିଏ। ମଝିରେ ଥାଏ ଗୋଟିଏ ଡିବିରି ବା ଲଣ୍ଠନ। ସେହି ଲଣ୍ଠନକୁ ଘେରି ପାଠ ପଢୁଥାନ୍ତି ବିଭିନ୍ନ ଶ୍ରେଣୀର ପୁଅପିଲା। ଦ୍ୱିତୀୟ ବୃତ୍ତ ବା ତା'ର ସ୍ପର୍ଶକକୁ ଲାଗି ଏକ କୃଷିଜୀବୀ ପରିବାରର ସଦସ୍ୟମାନେ ଲାଗିଥାନ୍ତି ବିଭିନ୍ନ କାମରେ। ଅର୍ଥାଭାବ। ତେଣୁ ଗୋଟିଏ ଆଲୋକଉତ୍ସରେ କାମ ତୁଲାଇବାକୁ ପଡ଼ିବ। କିଏ ଖୋଟତନ୍ତୁରୁ ସୁତୁଲି ବାହାର କରିବାରେ ବ୍ୟସ୍ତ ତ କିଏ ସୁତୁଲିରୁ ଦଉଡ଼ି, ଆଉ କିଏ ଦଉଡ଼ିରୁ ପଘା ବୋଳିବାରେ ତ, କିଏ ପୁଣି ଜାଲ ବୁଣିବାରେ ନିୟୋଜିତ। ପିଲାମାନଙ୍କର ପାଠପଢ଼ା ଚାଲୁଥାଏ, ବୟସ୍କମାନଙ୍କର କଥାକୁହା ବି। ଆସରଟା ଜମି ଉଠେ ଯେତେବେଳେ ଜଣେ ପୋଖତ ଆସରିଆ ପହଞ୍ଚିଯାନ୍ତି ଏବଂ ତାଙ୍କ ଆଗମନ ସହିତ ଖୋଲିଯାଏ କିଛି ସ୍ମରଣୀୟ ଗ୍ରାମ୍ୟ ଚରିତ୍ରମାନଙ୍କ ଜୀବନକାହାଣୀ। ପିଲାମାନେ ଏହି ପେଡ଼ି ଉନ୍ମୋଚନକୁଅପେକ୍ଷା କରିଥାନ୍ତି। କାନ ଥାଏ କାହାଣୀ ପାଖରେ, ଆଖିଥାଏ ବହିରେ। ବେଳେବେଳେ ଧରାପଡ଼ି ପାହାରେ ଖାଇଲେ ବି ପାଠପଢ଼ାର ଛଳନା ଜାରି ରହେ। ଧରା ତ ଏମିତି ପଡ଼ନ୍ତି। 'ବୈ, ପାଠ ପଢୁଛୁ ନା କଥା ଶୁଣୁଛୁ?' 'ପଢୁଛି।' 'କ'ଣ ପଢୁଥିଲୁ କହିଲୁ।' 'ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା।' 'କହିଲୁ ବାବରଙ୍କ ପୁଅ ନାମ କ'ଣ?' 'ଆକବର'। ପିଠିରେ ଧୂମକିନା ପଡ଼ିଲା ପାଠ। 'ସ୍ୱର ପଡ଼ିଲା ଭଳି କହିଲୁ ବାବରଙ୍କ ପୁଅ ନାମ ଆକବର। ବହି ଦେଖିଲୁ?' 'ନା, ନା' ହୁମାୟୁନ।' 'ବଦମାସ୍।' ଏ ବି ଏକ ପ୍ରକାର ପାଠପଢ଼ା! ପାଖରେ ଯାବତୀୟ କାମ ଚାଲିବ, ଗପସପ ଚାଲିବ। ପିଲାଏ ତା'ରି ଭିତରେ ପଢ଼ିଚାଲିବେ। ଏ ବ୍ୟବସ୍ଥା ବୋଧହୁଏ ବିଦ୍ୟାର୍ଥୀଙ୍କ ମନୋନିବେଶ ଶକ୍ତିର ପରୀକ୍ଷା!

ଆସରର ପ୍ରଥମ ଉପସ୍ଥାପିତ ଚରିତ୍ର ରୂପେ ଉଭା ହେଲେ ଭଗବାନ ମହାପାତ୍ର। ବହୁ ପୁରୁଣା ଲୋକ। ଉପସ୍ଥାପନ ବେଳକୁ ସେ ପୃଥିବୀ ଛାଡ଼ିଲେଣି। ଉପସ୍ଥାପକ କହୁଛି– ସେ ଭଗବାନ ଭାଇ ଲୋକଟା କ'ଣ? ସେ ସର୍ଜରିଟାକୁ ପେନ୍‌ସିଲ ଚାଞ୍ଛିବା କାମ ଭାବିଲା କି? ସ୍ତ୍ରୀକୁ କହିଲା ସିନ୍ଦୁକରୁ ଛୁରିଟା ଆଣ। କାରଣ ପଚାରନ୍ତେ କହିଲା, 'ତୋର କିଛି ବୁଝିବାର ନାହିଁ।' ଟିକିଏ ଦୂରରେ ପଡ଼ିଥିବା ପଥରରେ ଛୁରିକୁ ବେଶ୍ ଶାଣ କଲା। ତା'ପରେ ଡାକ ପକେଇ କହିଲା ଚୂନ ଟିକେ ଆଣିଲୁ। ଘରଣୀ ପହଞ୍ଚି ଦେଖନ୍ତି କି ପାପୁଲିର ଉପରେ ବଢ଼ିଥିବା ଆବୁଟି ମହାଭାରତ ଯୁଦ୍ଧର କାହାରି କଟାମୁଣ୍ଡ ପରି ଟିକେ ଦୂରରେ ପଡ଼ି ଛଟପଟ ହେଉଛି। ବୁଢ଼ା କଟାଦାଗଟାକୁ ଆଙ୍ଗୁଠିରେ ଚାପି ଧରିଛି। ଏବେ ପୁଣି ଚୂନ ପ୍ରୟୋଗ! କାନେଇ ଥିବା ପିଲାଟି ଭାବୁଚି 'କଟା ଘା'ରେ ଚୂନ? ଏ କେମିତିକା କଥା?' ନିଜ ଶରୀର ପ୍ରତି ଏହିପରି ବ୍ୟବହାର କରୁଥିବା ମହାପାତ୍ରେ ଏହିପରି ଭାବରେ ଥିଲେ ଜଣେ ଡାକ୍ତର, ଜଣେ ସର୍ଜନ, ଜଣେ କବିରାଜ ମଧ୍ୟ! ଅଭାବଜନିତ କାରଣରୁ ଘରେ ପାନ, ଗୁଆ ନ ଥିଲେ ତାଙ୍କର ବାହାରେ କବିରାଜି। କିଛି କଅଁଳ ଆମ୍ବପତ୍ର, ଆଉ କିଛି କଅଁଳ ଦୂବଘାସ ସଂଗ୍ରହ କରି ଧୋଇ ଧାଇ, ଆମ୍ବପତ୍ରକୁ ପାନ ଆକାରରେ ମୋଡ଼ି ତା' ଭିତରେ ଏହି କଅଁଳ ଦୂବଘାସ ଆଉ କିଛି ଜୁଆଣି ବା ଧଣିଆ ଭର୍ତ୍ତି କରି ଚୋବାଇ ଦେଇ କହିଥାନ୍ତି, 'ଆମ୍ବପତ୍ର ଓ ଦୂବଘାସରେ ଥିବା ଔଷଧୀୟ ଗୁଣ ଏ ପାନ, ଗୁଆ ମସଲାରେ କ'ଣ ଅଛି?' ଦାରିଦ୍ର୍ୟ ମୋଚନର ଇଏ ବି ଏକ କାରସାଦି! ଅବଶ୍ୟ ଏହା ଭିତରେ ଭଗବାନ ମହାପାତ୍ରଙ୍କ ଜାଗା ଗୁଣଧର ସାହୁ ମାଡି ବସିଲେଣି। ପଢୁଥିବା ପିଲାମାନଙ୍କ କାନ ଠିଆ। ଏ ଭଦ୍ରବ୍ୟକ୍ତି ଜଣକ ଯେତିକି ସାହସୀ, ସେତିକି କୁଶଳୀ। ବିପଦ, ବେଳେବେଳେ ନିଶ୍ଚିତ ମୃତ୍ୟୁ ସହିତ ଖେଳି ସେ ଚହଳ ପକାନ୍ତି, ଯାହା ଏ ପ୍ରକାର ଆସରକୁ ଚଳଚଞ୍ଚଳ କରେ ଏବଂ ସାମାଜିକ ଅଭାବ, ଅସୁବିଧା, ପାରିବାରିକ ଦୁଃଖକଷ୍ଟକୁ ସାମୟିକ ଭାବେ ଟାଳିବାରେ ସାହାଯ୍ୟ କରେ। ଶୀତ ସକାଳ। ଧାନ ଅମଳର ସମୟ। କ୍ଷେତରେ ଧାନବିଡ଼ା ଗୋଟି ଗୋଟି ବନ୍ଧା ଚାଲିଛି। ବିଡ଼ା ମୁଣ୍ଡ ବନ୍ଧା ହୋଇ ଓଲଟି ଦେଲା ବେଳକୁ କୁଣ୍ଡଳୀ କରି ଶୋଇଥିବା ନାଗସାପଟି ଦୌଡ଼ି ପଳାଇଲା। ଆଉ ଗୁଣଧରକୁ ରୋକେ କିଏ? ଦୌଡ଼ିଲା ନାଗ ପଛରେ। ଯେ ଯେତିକି ଡାକିଲେ ବି ଫେରି ଚାହିଁଲା ନାହିଁ। ସାପଟି ଗୋଟିଏ ଗାତରେ ଅଧା ପଶିଯାଉଥିବାବେଳେ ସେ ତା'ର ଲାଙ୍ଗୁଡ଼ ଧରି ପକାଇଲା। ସେ ଜାଣେ ସାପ ଗାତରେ ପଶି ସାରିଲା ପରେ ଦେହ ବୁଲେଇ ଗାତ ମୁହଁ ପାଖକୁ ତା' ଫଣା ନେଇଆସିବ। ଅଧା ପଶିଥିବା ଅବସ୍ଥାରେ ସେ କାମ ସମ୍ଭବ ନୁହେଁ। ବସିପଡ଼ିଲା ତଳେ ଗୁଣଧର। ଗାତ ମୁହଁ ପାଖାପାଖି ଦୁଇ ପାଦରଖି ନିଜର ସମସ୍ତ ଶକ୍ତି ଖଟେଇ ଟାଣିଲା ସାପକୁ। ସାପ ସେତେବେଳେ ତା'ର କାତିକୁ ଠିଆ କରି ମାଟିରେ କଣ୍ଟା ଭଳିଆ ପୋତି ଦେଇଥାଏ। ସାପକୁ ଘୋଷାରି ବାହାର କରିବା କଷ୍ଟ। ଯୁବକ ଗୁଣଧର ନ ଛୋଡ଼ବନ୍ଦା। ଟିକିଏ ଟିକିଏ କରି ସାପକୁ ଓଟାରି ଆଣୁଥାଏ ସେ ଏବଂ ବହିଷ୍କୃତ ଅଂଶକୁ ନିଜ ହାତରେ ଗୋଡ଼ାଇ ଦେଉଥାଏ। ଶେଷରେ ଗୋଟିଏ ବିଶାଳ ଝଟକାରେ ସାପକୁ ବାହାର କରି ଆଣି ମୁଣ୍ଡ ଉପରେ ଚକ୍ରାକାରରେ ବୁଲାଇ ଦୂରକୁ ଫିଙ୍ଗିଦେଲା। ସାପ ନିସ୍ତେଜ। ଘଟଣାଟି ଅନ୍ୟ ପ୍ରକାର ବି ଘଟି ପାରିଥାନ୍ତା, କିନ୍ତୁ ଗୁଣଧର ସେ କଥା ଭାବିନାହାନ୍ତି। ଯେତେ ସାମୟିକ ହେଲେ ବି ଏ ଦୁଃସାହସିକ କାର୍ଯ୍ୟ ହିଁ ଗୁଣଧରମାନଙ୍କୁ ଅନ୍ୟାନ୍ୟ ଦୁଃଖକଷ୍ଟ ସହିବାକୁ ସାହସ ଯୋଗାଉଥିଲା। ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କ୍ରମରେ, ଗୋପନରେ ସେମାନେ ବେଶ୍ ଆହ୍ଲାଦିତ ହେଉଥିଲେ।

ଏବେ କିନ୍ତୁ ଭିନ୍ନ ଚରିତ୍ରର ଆଗମନ। ନୁରୁଦ୍ଦିନ। କିଶୋରଟିଏ। ତା'ର କପାଳ ହିଁ ତା'ର ପରିଚୟ, ତାହା ହିଁ କଥା କହେ। ନଡ଼ିଆ ଫଟେଇବା ପାଇଁ କଟୁରି ଦରକାର ନାହିଁ, ତା' କପାଳ ହିଁ ଯଥେଷ୍ଟ। ଏହି ଦୃଶ୍ୟ ଦେଖିବା ପାଇଁ ଢେର ଲୋକ ତା'ଘରେ ନଡ଼ିଆ ନେଇ ପହଞ୍ଚନ୍ତି, ତା'ର କପାଳର ଦୃଢ଼ତା ପରୀକ୍ଷା କରିବାକୁ। ରୂଢ଼ି ପ୍ରୟୋଗରେ କପାଳ ଫାଟିବା କଥା ସିନା କୁହାଯାଇଛି, ହେଲେ ତା' କପାଳ ଫାଟେ ନାହିଁ। ଅନ୍ୟ କାହାର ଫାଟିପାରେ! ଘରକୁ କେହି ଆଗନ୍ତୁକ ଆସିଲେ ସେ ତା' ଶୈଳୀରେ ଅଭିବାଦନ ଜଣାଏ। ଅତି ଜରୁରୀ କାମ ନ ଥିଲେ ବା ପରିବାରର ଅତି ଘନିଷ୍ଠ ହୋଇ ନ ଥିଲେ ନୁରୁଦ୍ଦିନର କପାଳର ସ୍ୱାଦ ଚାଖିଲାପରେ ଆଗନ୍ତୁକଟି ନିଜ ଘରମୁହାଁ ହୁଏ। ପରିବାର ଲୋକ ଏ ବାବଦରେ ତାକୁ ବେଶି କିଛି ତାଗିଦ କରନ୍ତି ନାହିଁ। କାରଣ ସେ ତା' କାମକରି ଘରକୁ କିଛି ସେବା ଯୋଗାଉଛି ତ!

ଏକ ପ୍ରତିକୂଳ ସମୟ ସହ ଯୁଝୁଥିଲେ ଏହି ଚରିତ୍ର ବା ସେମାନଙ୍କର ପ୍ରତିନିଧି ଅବା ମନୋଭାବମାନ। ଅଭାବ ହିଁ ଅଭାବ। ରାସ୍ତାଘାଟ, ପାନୀୟଜଳ, ବିଜୁଳି, ସ୍ୱାବଲମ୍ବୀ ହେବା ପାଇଁ ରାହା–କିଛି ବି ନାହିଁ। ମାସକୁ ଶହେ ଟଙ୍କା ରୋଜଗାର କରିବା କାଠିକର ପାଠ। ଖାଲି ଦୁଃଖ ଓ ଅସହାୟତା। ଏହି ପ୍ରକାର ଏକ ଦୁଃସମୟରେ ମଣିଷ ନିଜ ଆଖପାଖରେ ବଞ୍ଚିଥିବା କିଛି ଲୋକଙ୍କ କଥା ମିଛସତ ସହ ପରିବେଷଣ କରି ନିଜେ ଆମୋଦିତ ହେବା ସହ ସାମାଜିକ ଆମୋଦ ପ୍ରଦାନ କରୁଥିଲା। ଖାଲି ମାନବିକ ଚରିତ୍ର ନୁହେଁ, ଭୂତ, ପ୍ରେତ, ଡାହାଣୀ ତଥା ଗଛ, ଲତା, ପକ୍ଷୀ, ନଦୀ, ସମୁଦ୍ର ଭିତରେ ସେ କାହାଣୀ ପୂରେଇ ସାଧାରଣକୁ ଅସାଧାରଣ କରି ତୋଳୁଥିଲା। ଏ ଥିଲା ଜୀବନ ଜିଇବାର ଏକ ଫର୍ମୁଲା। ଆଜି ସ୍ଥିତି ବଦଳି ଯାଇଛି। ସେ ଅଭାବ ନାହିଁ, କି ଅସୁବିଧା ନାହିଁ, କି ସେ ଦିନର ସେ ଦୁଃଖକଷ୍ଟ ନାହିଁ। ମଣିଷ ଆଜି ସ୍ୱଚ୍ଛଳ ହୋଇ ବି ଦୁର୍ବଳ। ନାହିଁ ସେ ଶାରୀରିକ ସବଳତା, ନାହିଁ ସେ ଦୁର୍ଦ୍ଧର୍ଷଭାବ, ନାହିଁ ସେ ଦୁଃସାହସିକତା, ନାହିଁ ପ୍ରତିକୂଳତା ବା ଛାଇ ମୃତ୍ୟୁ ସହ ଲଢ଼ିବାର ପ୍ରବଣତା। ଆଧୁନିକ ଜୀବନରେ ସମୃଦ୍ଧି ଅଛି, ରଙ୍ଗ ଅଛି କିନ୍ତୁ ନାହିଁ ବୈଚିତ୍ର୍ୟ, ନାହିଁ ପ୍ରାଣପ୍ରାଚୁର୍ଯ୍ୟ। ଡାକ୍ତରୀ ଅର୍ଥରେ ହେଉ ଅବା ଅନ୍ୟ ଅର୍ଥରେ, ଅଧିକାଂଶ ଆଧୁନିକ ମଣିଷ ଜଣେ ଜଣେ ରୋଗୀ। ଆମ ପୂର୍ବପୁରୁଷମାନେ ବାହ୍ୟଜୀବନର ଦୁଃଖକଷ୍ଟକୁ ସହିବା ଅବା ତାକୁ ଅବାନ୍ତର କରିବାର କଳା ଶିଖିଲା ପରି ଆମ ମନଜଗତରେ ଭିଡ଼ ଜମାଇଥିବା ଯାବତୀୟ ଅଶାନ୍ତିକୁ ପ୍ରଶମିତ କରିବା ପାଇଁ ନିଜ ମାର୍ଗ ନିଜକୁ ଉନ୍ମୋଚନ କରିବାକୁ ପଡ଼ିବ। ଅବଶ୍ୟ ଆମ ପୂର୍ବପିଢ଼ିର ମଣିଷମାନଙ୍କ କଥା ନିରୋଳାରେ ବସି ଭାବିଲେ, ବିଶେଷତଃ ସେମାନଙ୍କ ଦୁର୍ଦ୍ଧର୍ଷତା, ଦୁଃସାହସିକତା, ପ୍ରାଣପାଚୁର୍ଯ୍ୟ କଥା ମନେପଡ଼ିଲେ ନିଜକୁ ଜଣେ ନାବାଳକ ଭଳି ମନେହୁଏ।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର**
**ମୋ.:୯୪୩୭୩୭୬୨୧୯**

# ଶେଷ ସର୍ବୋତ୍ତମ ଆଶା



ଇଂ. ମାୟାଧର ସ୍ୱାଇଁ

ବର୍ତ୍ତମାନ ପୃଥିବୀର ପରିବେଶଗତ ବଡ଼ ସମସ୍ୟା ହେଉଛି ଜଳବାୟୁ ପରିବର୍ତ୍ତନ। ଏଥିପାଇଁ ମନୁଷ୍ୟ ହିଁ ଦାୟୀ, ଏଥିରେ କୌଣସି ସନ୍ଦେହ ନାହିଁ। ଜଳବାୟୁ ସଂକ୍ରାନ୍ତୀୟ ଆନ୍ତଃ ସରକାରୀ ପରିଷଦ (ଆଇପିସିସି) ଏହାର ସଦ୍ୟତମ ରିପୋର୍ଟରେ ଏହାକୁ ସ୍ପଷ୍ଟ ରୂପେ ଉଲ୍ଲେଖ କରିଛି। ବିଶ୍ୱ ତାପନ ବୃଦ୍ଧି ପାଇଁ ଦାୟୀ ସବୁଜଗୃହ ଗ୍ୟାସ୍‌ଗୁଡ଼ିକ ମଧ୍ୟରେ ଅଙ୍ଗାରକାମ୍ଳ ହେଉଛି ମୁଖ୍ୟ। ଏହା ମୁଖ୍ୟତଃ ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ଅନ୍ୟ କଳକାରଖାନାରେ କୋଇଲା ଦହନ ଯୋଗୁ ବାୟୁମଣ୍ଡଳକୁ ନିର୍ଗତ ହେଉଛି। ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବାକୁ ହେଲେ ବାୟୁମଣ୍ଡଳକୁ ଶୂନ-କାର୍ବନ୍ ଉତ୍ସର୍ଜନ ଆବଶ୍ୟକ। ଅର୍ଥାତ୍ ଆମେ ଯେତିକି ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଉତ୍ସର୍ଜନ କରିବା, ତାହା ଉଦ୍ଭିଦ ଜଗତ ଓ ଜଳରାଶି ଦ୍ୱାରା ଅବଶୋଷିତ ହୋଇଯାଉଥିବ। ଏଠାରେ କୋଇଲାକୁ ନେଇ ସମସ୍ୟା ହେଉଛି। ଅନେକ ଦେଶରେ ଏହା ହେଉଛି ମୁଖ୍ୟ ଶକ୍ତି ଉତ୍ସ। ଉଦାହରଣ ସ୍ୱରୂପ, ଆମ ଦେଶରେ ଉତ୍ପାଦିତ ମୋଟ ବିଦ୍ୟୁତ୍‌ର ପ୍ରାୟ ୫୮ ପ୍ରତିଶତ କୋଇଲାରୁ ଆସୁଛି। କୋଇଲା ଅଧିକାଂଶ ଦେଶରେ ପ୍ରଚୁର ପରିମାଣରେ ଓ ସୁଲଭ ମୂଲ୍ୟରେ ଉପଲବ୍ଧ। ଏଣୁ ଏହା ଉପରେ ଅଙ୍କୁଶ ଲଗାଇଲେ ଏହା ଦେଶର ଜିଡିପି ଓ ଅର୍ଥନୀତିକୁ ପ୍ରଭାବିତ କରିବ। ଏଥିପାଇଁ କେତେକ ଦେଶ କୋଇଲାକୁ ଛାଡ଼ିବା ପାଇଁ ପ୍ରସ୍ତୁତ ନୁହନ୍ତି। ବିଶେଷକରି ଅଧିକ କାର୍ବନ୍ ଉତ୍ସର୍ଜନକାରୀ ଦୁଇ ଦେଶ ଭାରତ ଓ ଚାଇନା ପାଇଁ ଏହା ହେଉଛି ଚିନ୍ତାଜନକ।

୨୦୧୫ ମସିହାରେ ପ୍ୟାରିସ୍ ରାଜିନାମାରେ ବିଶ୍ୱ ତାପମାନ ବୃଦ୍ଧିକୁ ଏହି ଶତାବ୍ଦୀ ଶେଷ ସୁଦ୍ଧା ଦୁଇ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବା ପାଇଁ ଏବଂ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରଖିବା ପାଇଁ ଚେଷ୍ଟା କରିବାକୁ ସମସ୍ତ ଦେଶ ରାଜି ହୋଇଥିଲେ। ଏଥିପାଇଁ ପ୍ରତ୍ୟେକ ଦେଶ ସ୍ୱେଚ୍ଛାରେ କାର୍ବନ ଉତ୍ସର୍ଜନ ହ୍ରାସ କରିବା ପାଇଁ ଘୋଷଣା କରିଥିଲେ। ଏହି ରାଜିନାମାକୁ ଦକ୍ଷ ଭାବେ କାର୍ଯ୍ୟକାରୀ କରିବାପାଇଁ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋଠାରେ ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ତାପନ ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବା ପାଇଁ ୨୦୫୦ ମସିହା ସୁଦ୍ଧା ଶୂନ-କାର୍ବନ ଉତ୍ସର୍ଜନ ନିହାତି ଦରକାର ବୋଲି ପାଣିପାଗ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହାକୁ ଗ୍ଲାସ୍‌ଗୋ ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଛି। ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପୀୟ ସଂଘ ୨୦୫୦ ମସିହା ସୁଦ୍ଧା ଏହା ହାସଲ କରିବା ପାଇଁ ଘୋଷଣା କରିଥିବାବେଳେ ଚାଇନା, ରୁଷିଆ ଓ ସଉଦି ଆରବ ୨୦୬୦ ସୁଦ୍ଧା ଏହାକୁ ହାସଲ କରିବା ପାଇଁ ଘୋଷଣା କରିଛନ୍ତି। ଗ୍ଲାସ୍‌ଗୋ ସମ୍ମିଳନୀରେ ଯୋଗଦେଇ ଭାରତର ପ୍ରଧାନମନ୍ତ୍ରୀ ୨୦୭୦ ମସିହା ସୁଦ୍ଧା ଭାରତ ଶୂନ୍-କାର୍ବନ୍ ଉତ୍ସର୍ଜନ ହାସଲ କରିବ ବୋଲି କହିଛନ୍ତି।

ଅଙ୍ଗାରକାମ୍ଳ ବ୍ୟତୀତ ଜଳବାୟୁ ପରିବର୍ତ୍ତନର ଅନ୍ୟ ଦୁଇ ପ୍ରମୁଖ କାରଣ ହେଉଛି ଜଙ୍ଗଲ କ୍ଷୟ ଓ ମିଥେନ୍ ଗ୍ୟାସ୍ ଉତ୍ସର୍ଜନ। ୨୦୩୦ ସୁଦ୍ଧା ଜଙ୍ଗଲ କ୍ଷୟ ବନ୍ଦ କରିବା ପାଇଁ ଗ୍ଲାସ୍‌ଗୋ ସମ୍ମିଳନୀରେ ଯୋଗ ଦେଇଥିବା ଶହେଟି ଦେଶର ନେତା ପ୍ରତିଶ୍ରୁତି ଦେଇଛନ୍ତି। ପୃଥିବୀରେ ୮୫ ପ୍ରତିଶତ ଜଙ୍ଗଲ ଥିବା ବ୍ରାଜିଲ, ଇଣ୍ଡୋନେସିଆ ଓ କଙ୍ଗୋ ଆଦି ଦେଶ ଏହାକୁ ସମର୍ଥନ କରିଛନ୍ତି। ସେହିପରି ୨୦୩୦ ସୁଦ୍ଧା ମିଥେନ୍ ଗ୍ୟାସ୍ ଉତ୍ସ ଦିନକୁ ଦିନ ୨୦୨୦ ମସିହା ତୁଳନାରେ ୩୦ ପ୍ରତିଶତ ହ୍ରାସ କରିବା ପାଇଁ ସ୍ଥିର କରାଯାଇଛି। ସୂଚନାଯୋଗ୍ୟ, ଅଧିକାଂଶ ମିଥେନ୍ ଧାନକ୍ଷେତ ଓ ଗୋରୁମାନଙ୍କ ଠାରୁ ନିର୍ଗତ ହୋଇଥାଏ। ଏଣୁ ଏହାର ନିୟନ୍ତ୍ରଣ ପାଇଁ କୌଣସି ଦେଶ ଗୁରୁତ୍ୱ ଦେଇ ନ ଥାଆନ୍ତି।

ଭାରତ ହେଉଛି ବିଶ୍ୱର ଷଷ୍ଠ ଅର୍ଥନୀତି ସମୃଦ୍ଧ ଓ ଚତୁର୍ଥ ଶ୍ରେଷ୍ଠ କାର୍ବନ ଉତ୍ସର୍ଜନକାରୀ ଦେଶ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଭାରତରେ ଅନୁଭୂତ ହେଲାଣି। ଭାରତ ଆରମ୍ଭରୁ ପ୍ୟାରିସ୍ ରାଜିନାମାକୁ ସମର୍ଥନ କରିଆସିଛି। କିନ୍ତୁ ଆମର ମୁଖ୍ୟ ଶକ୍ତି ଉତ୍ସ ହେଉଛି କୋଇଲା। ଏହାର ନିୟନ୍ତ୍ରଣ ଭାରତର ଅର୍ଥନୀତି ଉପରେ ପଡ଼ିବ। ତଥାପି ୨୦୭୦ ମସିହା ସୁଦ୍ଧା ଶୂନ୍ କାର୍ବନ ଉତ୍ସର୍ଜନ ପାଇଁ ଭାରତ ପ୍ରତିଶ୍ରୁତି ଦେଇଛି। ଏହା ସହିତ ଭାରତ ଅନ୍ୟ କେତୋଟି ଉଲ୍ଲେଖନୀୟ ଘୋଷଣା କରିଛି। ଭାରତ ୨୦୩୦ ସୁଦ୍ଧା ଅଣ-ଜୀବାଶ୍ମ ଇନ୍ଧନରୁ ପାଞ୍ଚଶହ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଛି ଏବଂ ଏହା ମୋଟ ବିଦ୍ୟୁତ୍ ଉତ୍ପାଦନର ଅଧା ହେବ। ପ୍ରଧାନମନ୍ତ୍ରୀ ପୁନଶ୍ଚ ଘୋଷଣା କରିଛନ୍ତି ଯେ ଭାରତ ବର୍ତ୍ତମାନ ଓ ୨୦୩୦ ମସିହା ମଧ୍ୟରେ ୧ ବିଲିୟନ୍ ଟନ୍ କାର୍ବନ ଉତ୍ସର୍ଜନ ହ୍ରାସ କରିବ ଏବଂ ସେହି ବର୍ଷ ସୁଦ୍ଧା ଏହା ଅର୍ଥନୀତିରେ ୪୫ ପ୍ରତିଶତ କାର୍ବନ ଇଣ୍ଟେନ୍‌ସିଟି ହ୍ରାସ କରିବ। ଏହା ସହିତ ଯେଉଁ ବିକଶିତ ଦେଶଗୁଡ଼ିକ ଯୋଗୁ ଆଜିର ଏହି ସମସ୍ୟା ଉପୁଜିଛି, ସେମାନେ ବିକାଶଶୀଳ ଦେଶଗୁଡ଼ିକୁ ଜଳବାୟୁ ସଂକ୍ରାନ୍ତୀୟ ପଦକ୍ଷେପ ନେବା ପାଇଁ ଆର୍ଥିକ ସାହାଯ୍ୟ ଦେବା ନିମନ୍ତେ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ବିକଶିତ ଦେଶଗୁଡ଼ିକ ସେମାନଙ୍କ 'ଜିଡିପି'ର ଅତି କମ୍‌ରେ ଏକ ପ୍ରତିଶତ ଅର୍ଥ ବିକାଶଶୀଳ ଦେଶଗୁଡ଼ିକର ସବୁଜ ପ୍ରକଳ୍ପଗୁଡ଼ିକୁ ଅନୁଦାନ ଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଗ୍ଲାସ୍‌ଗୋ ସମ୍ମିଳନୀରେ ଅନେକ ରାଷ୍ଟ୍ରମୁଖ୍ୟ ଗମ୍ଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ ଏହାକୁ ମନୁଷ୍ୟ ସମାଜ ଦେହରେ ବନ୍ଧା ଯାଇଥିବା 'ପ୍ରଳୟ ଉପକରଣ' କହିଛନ୍ତି। ମିଳିତ ଜାତିସଂଘର ସେକ୍ରେଟାରି ଜେନେରାଲ ଆଣ୍ଟୋନିଓ ଗୁଟେରସ୍ ପ୍ରକାଶ କରିଛନ୍ତି ଯେ ଲୋକମାନେ ନିଜ ସମାଧି ଖୋଳୁଛନ୍ତି। ବାର୍ବାଡୋସ୍‌ର ପ୍ରଧାନମନ୍ତ୍ରୀ ପୃଥିବୀର ନେତାମାନଙ୍କୁ କହିଛନ୍ତି, କାର୍ବନ ଉତ୍ସର୍ଜନକୁ ଜରୁରିକାଳୀନଭିତ୍ତିରେ ନିୟନ୍ତ୍ରଣ ନ କଲେ ତାଙ୍କ ଭଳି ଦ୍ୱୀପ ଦେଶଗୁଡ଼ିକର ଲୋକମାନଙ୍କ ପାଇଁ ଏହା 'ମୃତ୍ୟୁଦଣ୍ଡ' ସଦୃଶ ହେବ।

ଜଳବାୟୁ ପରିବର୍ତ୍ତନର ସମ୍ଭାବ୍ୟ ବିପଦରୁ ପୃଥିବୀକୁ ରକ୍ଷା କରିବା ପାଇଁ ଗ୍ଲାସ୍‌ଗୋ ସମ୍ମିଳନୀକୁ 'ଶେଷ ସର୍ବୋତ୍ତମ ଆଶା' କୁହାଯାଇଛି। ଏହି ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତିକୁ ଯଦି ଦୃଢ଼ ଭାବେ ପାଳନ କରା ନ ଯାଏ, ତା'ହେଲେ ଜଳବାୟୁ ପରିବର୍ତ୍ତନର ବିପଦରୁ ପୃଥିବୀକୁ ରକ୍ଷା କରିବା ଅସମ୍ଭବ ହୋଇପଡ଼ିବ ଏବଂ ଆମର ପରପିଢ଼ି ଏଥିପାଇଁ ଆମମାନଙ୍କୁ କଦାପି କ୍ଷମା କରିବେ ନାହିଁ।

**୭୦, ଲକ୍ଷ୍ମୀବିହାର ଫେଜ୍-୧,**
**ଭୁବନେଶ୍ୱର**
**ମୋ-୯୪୩୮୬୯୩୭୨୪**

## ଏଇ ଭାରତରେ

ଜଣେ ମହିଳାଙ୍କ ବର୍ଜ୍ୟମୁକ୍ତ ଅଭିଯାନରେ ଗୋଟିଏ ସହରର ୪୦ ପ୍ରତିଶତ ଲୋକ ସାମିଲ ହେବା କିଛି କମ୍ କଥା ନୁହେଁ। ମହାରାଷ୍ଟ୍ରର ମହାଡ଼ ସହରରେ ମମତା ମେହେଟାଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। ମମତା ୧୯୯୫ରେ କୋଙ୍କଣ ଏଜୁକେଶନ ସୋସାଇଟିରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ୨୦୦୮ରେ ଚାକିରି ଛାଡ଼ି ସହରକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରିବା ପାଇଁ ଅଭିଯାନ ଆରମ୍ଭକରି ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ ଆରମ୍ଭ କରିଥିଲେ। ଧୀରେ ଧୀରେ ଲୋକମାନେ ତାଙ୍କ ସହ ଯୋଡ଼ିହେଲେ। ବର୍ତ୍ତମାନ ୧ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ମାହାଡ଼ ସହରର ପ୍ରାୟ ୪୦ ହଜାର ଲୋକ ଏହି ଅଭିଯାନକୁ ଆଗକୁ ବଢ଼ାଉଛନ୍ତି। ମାସକୁ ପାଖାପାଖି ୧ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରାଯାଉଛି। ମମତାଙ୍କ ସ୍ୱାମୀ ଓ ଝିଅ ପେସାରେ ଆଇନଜୀବୀ ଏବଂ ସେମାନେ ଏହି କାର୍ଯ୍ୟରେ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ସ୍ୱତନ୍ତ୍ର ଗାଡ଼ିରେ ବର୍ଜ୍ୟ ସଂଗ୍ରହ କରାଯାଇ ଠୁଳ କରାଯିବା ପରେ ପୁନେସ୍ଥିତ ଏକ ରିସାଇକ୍ଲିଂ କେନ୍ଦ୍ରକୁ ପଠାଯାଉଛି। ୨୦୧୪ରେ ଦେଶରେ ସ୍ୱଚ୍ଛତା ଅଭିଯାନ ପୂର୍ବରୁ ମମତା ଏହା ଆରମ୍ଭ କରିଥିଲେ। କେବଳ ଏତିକି ନୁହେଁ ପ୍ଲାଷ୍ଟିକ୍ ବର୍ଜ୍ୟକୁ ଛାଡ଼ିଦେଲେ ସଂଗୃହୀତ ଅନ୍ୟ ବର୍ଜ୍ୟରେ ଖତ ତିଆରି କରାଯାଉଛି। ମମତା ଖତ ପ୍ରସ୍ତୁତି ସମ୍ପର୍କରେ ଲୋକମାନଙ୍କୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ମଧ୍ୟ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ନଭେମ୍ବର ୧୯୯୬

୧ ଚେକୋସ୍ଲୋଭାକିଆ ପର୍ଯ୍ୟଟକମାନଙ୍କୁ ନେଇ ଯାଉଥିବା ଏକ ଛୋଟ ନୌକା ଦକ୍ଷିଣ ଇଜିପ୍ଟର ନୀଳନଦରେ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯିବା ଫଳରେ ୨୦ ଜଣଙ୍କ ପ୍ରାଣହାନି।

୨ ଜନଯୁଦ୍ଧ ଗୋଷ୍ଠୀ ପିପୁଲ୍ସ ୱାର୍ ଗ୍ରୁପର ନକ୍ସଲପନ୍ଥୀମାନେ ଆନ୍ଧ୍ରପ୍ରଦେଶର ଆଦିଲାବାଦ ଜିଲାର ଏକ ଥାନାରେ ବିସ୍ଫୋରଣ ଘଟାଇ ଉକ୍ତ ଥାନାର ସମସ୍ତ ୧୨ ଜଣ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିଛନ୍ତି।

୩ ମଧ୍ୟପ୍ରଦେଶର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ କୁଞ୍ଜବିହାରୀଲାଲଙ୍କ ୯୪ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସେହି ମନେ ପ୍ରକମ୍ପିତ ସ୍ପନ୍ଦନବିହୀନ କେତେ ଛାତି
ଚମକିବ ଅନ୍ଧକାର ଘୋଟି ଉଠି ଜାଗି! ଜାଗି! ଜାଗି!
ମୂକ ମାନବର ମୁଖେ ମୁଖରିତ ହେଉ ପୁଣି ଭାଷା
ଦଳିତର ପତିତର ଚେତି ଉଠୁ ଜ୍ୱଳନ୍ତ ପିପାସା।
-(ଜାଗ ଜାଗ ଗାନ୍ଧି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 5 | | 8 | | | | 4 | |
| | | | | | 5 | | | 9 |
| | | 3 | | | | | | 2 |
| 9 | | | | | | | | 7 |
| 7 | | | | 9 | | 2 | | |
| | 4 | | 2 | | 8 | 1 | | |
| | | | | | | | 6 | |
| | 1 | | 4 | | | | | 3 |
| | | 4 | | | 9 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 1 | 5 | 8 | 7 | 2 | 9 | 3 |
| 2 | 7 | 5 | 3 | 6 | 9 | 8 | 4 | 1 |
| 9 | 3 | 8 | 4 | 2 | 1 | 5 | 6 | 7 |
| 4 | 1 | 2 | 8 | 7 | 6 | 3 | 5 | 9 |
| 3 | 8 | 9 | 1 | 5 | 4 | 6 | 7 | 2 |
| 7 | 5 | 6 | 9 | 3 | 2 | 4 | 1 | 8 |
| 5 | 2 | 4 | 7 | 9 | 8 | 1 | 3 | 6 |
| 8 | 9 | 3 | 6 | 1 | 5 | 7 | 2 | 4 |
| 1 | 6 | 7 | 2 | 4 | 3 | 9 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତଳ ଭଣ୍ଡାର ଓ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ହେଉ

ମହାଶୟ,

ବର୍ତ୍ତମାନ ସମୟରେ ଚାଷୀମାନେ ବିହନ, ସାର, କୀଟନାଶକ ପ୍ରୟୋଗ କରି ବିଭିନ୍ନ ଶୀତକାଳୀନ ପନିପରିବା ଯଥା- ଆଳୁ, ବିଲାତି ବାଇଗଣ, କୋବି, ବାଇଗଣ, ଭେଣ୍ଡି ପ୍ରଭୃତି ଚାଷ କରନ୍ତି। ନିକଟତମ ହାଟ ବଜାରରେ ଉତ୍ପାଦିତ ପନିପରିବା ବିକ୍ରି ହୋଇ ନ ପାରିବା ଯୋଗୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଥାନ୍ତି। ପନିପରିବା ପରବର୍ତ୍ତୀ କେତେ ମାସ ରଖିବା ପାଇଁ ଶୀତଳଭଣ୍ଡାର ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ। ପୂର୍ବରୁ ଚାଲୁଥିବା ଅନେକ ସମବାୟ ଶୀତଳ ଭଣ୍ଡାର ଅଚଳ ଅବସ୍ଥାରେ ରହିଛି। ଦ୍ୱିତୀୟତଃ ପ୍ରକ୍ରିୟାକରଣ କେନ୍ଦ୍ରମାନ ଜିଲା ସଦର ମହକୁମାରେ ଥିଲେ ଏଠାରେ ବିଲାତି ବାଇଗଣ, ମୂଳା, ଆମ୍ବ, ତେନ୍ତୁଳି ଆଦି ଆଚାର ଅବା ବଜାରୀ ଖାଦ୍ୟ ଉତ୍ପାଦ ମିଳିପାରନ୍ତା। ଚାଷୀଙ୍କ ନିମନ୍ତେ ଶୀତଳଭଣ୍ଡାର ଓ ପ୍ରକ୍ରିୟାକରଣ କେନ୍ଦ୍ର ସହାୟକ ନିଶ୍ଚୟ।

**- ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳି ଗୋରଡ଼ା, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ବିଦେଶୀ ବିମାନଯାତ୍ରୀଙ୍କୁ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୫।୧୧:** ୯୯ ଦେଶର ଯାତ୍ରୀଙ୍କୁ ଭାରତ ପ୍ରବେଶ କ୍ଷେତ୍ରରେ ଆଶ୍ୱସ୍ତି। ଏହି ଯାତ୍ରୀମାନେ ଭାରତ ଆସୁଥିଲେ ଏଣିକି କ୍ୟାରାଣ୍ଟାଇନରେ ରହିବାକୁ ପଡ଼ିବନାହିଁ। କେନ୍ଦ୍ର ସରକାର ସୋମବାର ଆମେରିକା, ବ୍ରିଟେନ, ୟୁନାଇଟେଡ୍ ଆରବ ଏମିରେଟ୍ସ, କାତାର ଫ୍ରାନ୍ସ, ଜର୍ମାନି ସମେତ ୯୯ ଦେଶର ବିମାନଯାତ୍ରୀଙ୍କ ଲାଗି ପ୍ରବେଶ କ୍ଷେତ୍ରରେ ରହିଥିବା କଟକଣାକୁ କୋହଳ କରିଛନ୍ତି। ତେବେ ଯାତ୍ରୀମାନେ କରୋନା ଟିକାର ଉଭୟ ଡୋଜ୍ ନେଇଥିବା ଆବଶ୍ୟକ। ଉଲ୍ଲେଖଯୋଗ୍ୟ, ଭାରତ ଗତବର୍ଷ ମାର୍ଚ୍ଚରେ ଟୁରିଷ୍ଟ ଭିଜାକୁ ବାତିଲ କରିଦେଇଥିଲା। ଏହା ପରେ ଅକ୍ଟୋବର ୧୫ରେ ଚାର୍ଟାର୍ଡ ପ୍ଲେନ୍‌କୁ ଅନୁମତି ଦେବା ସହିତ ଏହାକୁ ପୁଣି ଥରେ ଆରମ୍ଭ କରାଯାଇଥିଲା। ନୂଆ ନିୟମ ମୁତାବକ, ୯୯ ଦେଶର ଯାତ୍ରୀଙ୍କୁ ଭାରତକୁ ଯାତ୍ରା ଲାଗି ବିମାନଯାତ୍ରା କରିବାର ୭୨ଘଣ୍ଟା ପୂର୍ବରୁ କରୋନା ନେଗେଟିଭ ଥିବା ରିପୋର୍ଟ ଏୟାର ସୁବିଧା ପୋର୍ଟାଲରେ ଅପ୍‌ଲୋଡ୍ କରିବାକୁ ହେବ।

## ୫ ମାସର ରେକର୍ଡ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୫।୧୧:** ଅକ୍ଟୋବର ମାସରେ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୫ ମାସର ସର୍ବୋଚ୍ଚ ସ୍ତର ୧୨.୪୫% ଛୁଇଁଛି। ତୈଳ ଏବଂ ମାନୁଫାକଚରିଂ ମୂଲ୍ୟ ବଢ଼ିବା ଯୋଗୁ ଏହା ସାମଗ୍ରୀ ଦରଦାମ ବୃଦ୍ଧି ଉପରେ ପଡ଼ିଛି। ଗତ କିଛି ମାସରେ ପାଇକାରୀ ଏବଂ ଖୁଚୁରା ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ବଢ଼ିଛି। ଇନ୍‌ପୁଟ ଖର୍ଚ୍ଚ ବଢ଼ିବା ଯୋଗୁ ଏହା କମ୍ପାନୀ ଏବଂ ରିଟେଲରଙ୍କ ଲାଗି ସମସ୍ୟା ଆଣିଛି। ଫଳରେ ଏହାର ପ୍ରଭାବ ଦରଦାମ ଉପରେ ପଡୁଛି। ସେପ୍ଟେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୧୦.୬୬% ସ୍ତରରେ ରହିଥିଲା। ଗତ ୭ ମାସ ହେବ ଏହି ବର୍ଗର ମୁଦ୍ରାସ୍ଫୀତି ୨ ଅଙ୍କ ବିଶିଷ୍ଟ ରହିଛି। ସରକାର ସୋମବାର ଜାରି କରିଥିବା ଡାଟାରୁ ଏହା ସାମ୍ନାକୁ ଆସିଛି। ଗତ ବର୍ଷ ଅକ୍ଟୋବରରେ ଏହା ୪.୪୮% ସ୍ତରରେ ଥିଲା। ତେଲ ଏବଂ ଶକ୍ତି କ୍ଷେତ୍ରରେ ପାଇକାରୀ ମୁଦ୍ରାସ୍ଫୀତି ଚଳିତ ବର୍ଷ ଅକ୍ଟୋବରରେ ୩୭.୧୮% ରହିଛି। ଗତ ବର୍ଷ ଅକ୍ଟୋବରରେ ଏହା ୨୪.୮୧% ସ୍ତରରେ ରହିଥିଲା। ସେହିଭଳି ମାନୁଫାକଚରିଂ ପ୍ରଡକ୍ଟ କ୍ଷେତ୍ରରେ ଏହା ୧୨.୦୪% ଥିବା ବେଳେ ଗତ ବର୍ଷ ସମାନ ଅବଧିରେ ୧୧.୪୧% ସ୍ତରରେ ଥିଲା। ଖାଦ୍ୟ ବର୍ଗରେ ୩.୦୬% ଥିବା ବେଳେ ଗତ ବର୍ଷ ଅକ୍ଟୋବରରେ ଏହା ୧.୧୪% ସ୍ତର ଥିଲା।

# ନିୟନ୍ତ୍ରିତ ହେବ କ୍ରିପ୍ଟୋକରେନ୍ସି କାରବାର

**ନୂଆଦିଲ୍ଲୀ,୧୫।୧୧**

ଭାରତରେ କ୍ରିପ୍ଟୋକରେନ୍ସି ବା ଭର୍ଚୁଆଲ କରେନ୍ସି କାରବାରକୁ ଏବେ ସୁଦ୍ଧା ବୈଧ ଘୋଷଣା କରାଯାଇନାହିଁ। ତେବେ ଏଭଳି କାରବାରକୁ ସରକାର ଆଗାମୀ ଦିନରେ ଅନୁମତି ଦେଇପାରନ୍ତି। ଭାରତରେ କ୍ରିପ୍ଟୋକରେନ୍ସି କାରବାରକୁ ସର୍ତ୍ତମୂଳକ ଭାବେ ମଞ୍ଜୁରୀ ମିଳିପାରେ। ରିଜର୍ଭ ବ୍ୟାଙ୍କ ନିକଟରେ କ୍ରିପ୍ଟୋକାରବାର କ୍ଷେତ୍ରରେ ରହିଥିବା ପ୍ରମୁଖ ବ୍ୟବସାୟୀ ଏବଂ ଅଂଶୀଦାରଙ୍କ ସହ ଏକ ବୈଠକ କରିଥିଲା। ସେହିଭଳି କେନ୍ଦ୍ରୀୟ ବ୍ୟାଙ୍କ ଶନିବାର ଅନ୍ୟ ଅଂଶୀଦାରଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି।

ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି, ବହୁତ ସର୍ଟ ନୋଟିସରେ କେନ୍ଦ୍ରୀୟ ବ୍ୟାଙ୍କ ଏହି ବୈଠକ ଡାକିଛି। ଏଥିରେ ଆର୍‌ବିଆଇର ବରିଷ୍ଠ ଅଧିକାରୀ, କ୍ରିପ୍ଟୋ କାରବାର ସହ ଜଡ଼ିତ ୩ ଏକ୍ସଚେଞ୍ଜର ଅଧିକାରୀ, କ୍ରିପ୍ଟୋ ବ୍ରୋକର ଏବଂ ଇଣ୍ଡିଆ ଟେକ୍ ନାମକ ସଂସ୍ଥାର ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ଅଂଶୀଦାରମାନେ କ୍ରିପ୍ଟୋକୁ ନେଇ ଏକ ଶ୍ୱେତପତ୍ର ଜାରି କରିଥିଲେ। ଚାଇନା ବର୍ତ୍ତମାନ କ୍ରିପ୍ଟୋ କରେନ୍ସି ଉପରେ ପ୍ରତିବନ୍ଧକ ଲଗାଇଛି। ମାତ୍ର ଭାରତରେ ଡିଜିଟାଲ କରେନ୍ସିକୁ କିଛି ନିୟନ୍ତ୍ରିତ ଢଙ୍ଗ ଏବଂ ସର୍ତ୍ତମୂଳକ ଭାବେ ଏହାକୁ ଅନୁମତି ମିଳିପାରେ ବୋଲି ଅନୁମାନ କରାଯାଉଛି।



■ପ୍ରକ୍ରିୟା ଆରମ୍ଭ କଲା ଆର୍‌ବିଆଇ
■ମିଳିପାରେ ସର୍ତ୍ତମୂଳକ ମଞ୍ଜୁରୀ

ବୈଠକରେ କେୱାଇସି ନିୟମ ଏବଂ ବେଆଇନ ନେଣଦେଣ ସମ୍ଭାବନା ଉପରେ ମଧ୍ୟ ଆଲୋଚନା କରାଯାଇଛି। ଆଗାମୀ ଦିନରେ କ୍ରିପ୍ଟୋ କାରବାରର ଭଲ୍ୟୁମ ଯଦି ବଢ଼େ ଏ ନେଇ ଉପୁଜିବାକୁ ଥିବା ଆର୍ଥିକ ଅସ୍ଥିରତାକୁ ନେଇ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ଚିନ୍ତିତ ରହିଛି। ଭାରତରେ ପ୍ରାୟ ୨ କୋଟି କ୍ରିପ୍ଟୋ ନିବେଶକ ରହିଛନ୍ତି। ଏମାନଙ୍କ ନିକଟରେ ପ୍ରାୟ ୪ରୁ ୫ ବିଲିୟନ ଡଲାରର କ୍ରିପ୍ଟୋକରେନ୍ସି ରହିଥିବା ଅନୁମାନ କରାଯାଉଛି। ବଜାରରେ ବିଟ୍ କଏନ ସହ ଅନ୍ୟ ଭର୍ଚୁଆଲ କରେନ୍ସି ମଧ୍ୟ ରହିଛି।

କ୍ରିପ୍ଟୋ କାରବାର ବଢ଼ିଲେ କିଛି କ୍ଷେତ୍ରରେ ମୁଦ୍ରାନୀତି ପଲିସି ଲାଗି ଏହା ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ଶିଳ୍ପର କେତେଜଣ ଅଧିକାରୀ କହିଛନ୍ତି, କ୍ରିପ୍ଟୋ କରେନ୍ସିର ଭାରତରେ ରହିଥିବା ଏକ୍ସଚେଞ୍ଜଗୁଡ଼ିକରୁ କ୍ରୟ କରିବା ଲାଗି ମତ ଦେଇଥିଲେ। ବ୍ୟାଙ୍କ ଭଳି ଏଭଳି ଏକ୍ସଚେଞ୍ଜଗୁଡ଼ିକୁ ୭୪% ଯାଏ ଏଫ୍‌ଡିଆଇ ଅନୁମତି ଦେବାକୁ କୁହାଯାଇଛି। କ୍ରିପ୍ଟୋ ଆଦାନ ପ୍ରଦାନକୁ ବିଶ୍ୱର ବିଭିନ୍ନ ପ୍ରାନ୍ତର କେନ୍ଦ୍ରୀୟ ବ୍ୟାଙ୍କ ଏବଂ ନିୟାମକ ସଂସ୍ଥାଗୁଡ଼ିକ ଏବେ ଯାଏ ସ୍ୱୀକୃତି ଦେଇନାହାନ୍ତି। କ୍ରିପ୍ଟୋକୁ ମୁଦ୍ରା ନୁହେଁ ବରଂ କରେଣ୍ଟ ଆସେଟ ବର୍ଗରେ ରଖିବାକୁ ଶିଳ୍ପ ପକ୍ଷରୁ ଦାବି ହେଉଛି। ଫଳରେ ଏହାକୁ ଦ୍ୱରିତ ଭିତ୍ତିରେ ବଦଳା ଯାଇପାରିବ। ଏ କ୍ଷେତ୍ରରେ ବିଭିନ୍ନ ପ୍ରସଙ୍ଗରେ ରହିଥିବା ସଂଶୟ ଦୂର କରିବା ଦିଗରେ ଉଭୟ ସରକାର ଏବଂ କେନ୍ଦ୍ରୀୟ ବ୍ୟାଙ୍କ କାମ କରନ୍ତୁ ବୋଲି ଶିଳ୍ପ ପକ୍ଷରୁ କୁହାଯାଇଛି।

### ଲାଗୁ କରିବା ଏତେଟା ସହଜ ନୁହେଁ

ଏହାକୁ ଲାଗୁ କରାଇବା ଏତେଟା ସହଜ ନୁହେଁ ବୋଲି ଜଣେ ବ୍ୟାଙ୍କର କହିଛନ୍ତି। ଏଥିଲାଗି ବିଭିନ୍ନ ଦିଗ ଉପରେ ଫୋକସ କରିବାକୁ ହେବ। କ୍ରିପ୍ଟୋ ଉପରୁ ହେଉଥିବା ଲାଭକୁ କ୍ୟାପିଟାଲ ଗେନ୍ସ ବା ବାଣିଜ୍ୟିକ ଆୟ ବିଚାରକରି ଏହା ଉପରେ ଟିକସ ଲାଗୁ କରିବା ମଧ୍ୟ ପ୍ରମୁଖ ପ୍ରସଙ୍ଗ ମଧ୍ୟରେ ରହିଛି। କ୍ରିପ୍ଟୋକୁ କିଏ ନିୟନ୍ତ୍ରଣ କରିବ, ବିଦେଶୀ ଏକ୍ସଚେଞ୍ଜରୁ ଏହାର ନେଣଦେଣରେ ବିଦେଶୀ ବିନିମୟ ନିୟମ ଉଲ୍ଲଂଘନ ହେବ କି ନାହିଁ ଭଳି ଦିଗ ମଧ୍ୟ ରହିଛି। କ୍ରିପ୍ଟୋ ମୂଲ୍ୟରେ ଦ୍ୱରିତ ହ୍ରାସ ଏବଂ ବୃଦ୍ଧି ଦେଖାଯାଉଛି। ଏଭଳି ହେଲେ ନିବେଶଙ୍କ ଅର୍ଥ ବୁଡିବାର ବେଶି ଭୟ ରହିଛି।

### ପ୍ରଧାନମନ୍ତ୍ରୀ ମୋଦିଙ୍କ ବୈଠକରେ ଆଲୋଚନା

ଦେଶ ମଧ୍ୟରେ ଅବୈଧ ଭାବେ ପରିଚାଳିତ ହେଉଥିବା ବିଭିନ୍ନ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ଉପରେ କଟକଣା ଲଗାଇବାକୁ ୨ ଦିନ ପୂର୍ବରୁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଭଳି ଏକ୍ସଚେଞ୍ଜ ଜରିଆରେ ବେଆଇନ ଅର୍ଥ କାରବାର ଦ୍ୱାରା ଆତଙ୍କବାଦୀ ଏବଂ କଳାଟଙ୍କାର ପ୍ରୋତ୍ସାହନ ଦିଆଯାଉଥିବା ଅଭିଯୋଗ ମଧ୍ୟ ଆସିଛି। ଉକ୍ତ ଏକ୍ସଚେଞ୍ଜଗୁଡ଼ିକ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗରେ ଅର୍ଥ ମନ୍ତ୍ରଣାଳୟ, ଆର୍‌ବିଆଇ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ଆଲୋଚନା କରିଛନ୍ତି। କ୍ରିପ୍ଟୋ କାରବାରକୁ ନିୟନ୍ତ୍ରଣ କରିବା ଲାଗି କିଭଳି ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ କ'ଣ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି ବୋଲି ମୋଦି ପଚାରି ବୁଝିଥିଲେ। ବିଶ୍ୱର ବିଭିନ୍ନ ସ୍ଥାନର କ୍ରିପ୍ଟୋ ବିଶେଷଜ୍ଞଙ୍କ ସହ ବିଚାରବିମର୍ଶକୁ ନେଇ ସାମ୍ନାକୁ ଆସିଥିବା ଦିଗଗୁଡ଼ିକ ଉପରେ ଅର୍ଥ ମନ୍ତ୍ରଣାଳୟ ଆଲୋଚନା କରିଛି।

### ସତର୍କ କରାଇଥିଲେ ଶକ୍ତିକାନ୍ତ

ନିକଟରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଡିଜିଟାଲ କରେନ୍ସିକୁ ନେଇ ସତର୍କ କରାଇଥିଲେ। ଏହି ପ୍ରସଙ୍ଗକୁ ନେଇ ଅତ୍ୟନ୍ତ ଗମ୍ଭୀର ବୋଲି କହିଥିଲେ। ଏ ନେଇ ଶୀଘ୍ର ଏକ ବଡ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଏହା ଇସାରା କରୁଥିଲା।

## ବ୍ୟାନ୍ ନୁହେଁ, ନିୟନ୍ତ୍ରଣ କର

କ୍ରିପ୍ଟୋକରେନ୍ସିକୁ ବ୍ୟାନ୍ ନୁହେଁ ବରଂ ନିୟନ୍ତ୍ରଣ କରାଯାଉ ବୋଲି ସଂସଦୀୟ କମିଟି ସୋମବାର କହିଛି। ଭାଜପା ନେତା ଜୟନ୍ତ ସିହ୍ନାଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଛି। କମିଟି ବିଭିନ୍ନ ଅଂଶୀଦାରଙ୍କ ସହ ଭର୍ଚୁଆଲ କରେନ୍ସିର ଲାଭ ଏବଂ କ୍ଷତି ସମ୍ପର୍କରେ ବିଚାରବିମର୍ଶ କରିଛି। ବିଭିନ୍ନ ସଦସ୍ୟ କ୍ରିପ୍ଟୋ କରେନ୍ସିକୁ ନିୟନ୍ତ୍ରିତ କରିବା ସପକ୍ଷରେ ନିଜର ମତ ରଖିଛନ୍ତି ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି। ବର୍ତ୍ତମାନ ବିଶ୍ୱସ୍ତରରେ ଏହି କରେନ୍ସିରେ ନିବେଶ ନେଇ ଲୋକଙ୍କ ବିଶେଷ ଆଗ୍ରହ ବଢ଼ିଛି। ଭାରତରେ ଏହାକୁ ନିୟନ୍ତ୍ରିତ କରିବା ଲାଗି କୌଣସି ବ୍ୟବସ୍ଥା ନାହିଁ। କ୍ରିପ୍ଟୋ ଏକ୍ସଚେଞ୍ଜ, ବ୍ଲକ ଚେନ୍ ଏବଂ କ୍ରିପ୍ଟୋ ଆସେଟ କାଉନସିଲର ଅଂଶୀଦାରମାନେ ପାର୍ଲାମେଣ୍ଟ କମିଟିକୁ ସେମାନଙ୍କ ମତାମତ ସମ୍ପର୍କିତ ରିପୋର୍ଟ ପ୍ରଦାନ କରିଛନ୍ତି। କ୍ରିପ୍ଟୋ କରେନ୍ସିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରିଷ୍ଠ ଅଧିକାରୀଙ୍କ ପରେ ବୈଠକ କରିବା ପରେ ସଂସଦୀୟ କମିଟିରେ ଏଭଳି ବୈଠକ ହୋଇଥିବା ଜଣାପଡ଼ିଛି।

# କଟକରେ ଇଭିର ନୂଆ ଶୋ'ରୁମ୍

**କଟକ,୧୫।୧୧**

ରାଜ୍ୟରେ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଓମ୍‌ଜୟ ଇଭି ଇଣ୍ଡିଆ ପକ୍ଷରୁ ଶୋ'ରୁମ ନେଟ୍‌ୱାର୍କ ସମ୍ପ୍ରସାରଣ କରାଯାଇଛି। ସୋମବାର ସ୍ଥାନୀୟ ମହତାବ ରୋଡ୍‌ରେ 'ଏମ୍/ଏସ୍ ଧ୍ୱନୀ ଇଭି' ସହଯୋଗିତାରେ କମ୍ପାନୀର ନୂତନ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓମ୍‌ଜୟ ଇଭ ଲିମିଟେଡ୍‌ର ସେଲ୍‌ସ ଆଣ୍ଡ ମାର୍କେଟିଂ ମୁଖ୍ୟ ଅଭାଇ ଶ୍ରୀବାସ୍ତବ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଭିର ଜିଏମ୍ (ସେଲ୍‌ସ) ସଞ୍ଜିତ ମହାପାତ୍ର, ଧ୍ୱନୀ ଇଭିର ମୁଖ୍ୟ ରାହୁଲ ଖେମ୍‌କା ଏବଂ ରାଜକୁମାର ଖେମ୍‌କା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ କମ୍ପାନୀର ଏହା ହେଉଛି ୨୧ତମ ଡିଲର ପଏଣ୍ଟ (ଶୋ'ରୁମ୍), ଏହି ଶୋ'ରୁମ୍ ବିଶେଷକରି କଟକ ସହରବାସୀଙ୍କ ଆବଶ୍ୟକତା ପୂରଣ ସାଙ୍ଗକୁ ଇଭି ଯାନର ସମସ୍ତ ସୁବିଧା ଓ ସେବା ଯୋଗାଇଦେବ ବୋଲି ଶ୍ରୀବାସ୍ତବ କହିଛନ୍ତି। ସେହିଭଳି ପ୍ରଦୂଷଣମୁକ୍ତ ସମାଜ ଗଠନ ସାଙ୍ଗକୁ ଭାଲ୍ୟୁ ଫର୍ ମନି ଓ ଇକୋ ଫ୍ରେଣ୍ଡଲି ପାଇଁ କମ୍ପାନୀ ମଧ୍ୟ ବିଭିନ୍ନ ଜ୍ଞାନକୌଶଳ ଆପଣାଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ସହରବାସୀଙ୍କ ସମେତ ସାରା ରାଜ୍ୟର ଗ୍ରାହକଙ୍କୁ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ଇଭିର ସମସ୍ତ ମଡେଲ ଯୋଗାଇବା ସହିତ ଶୋ'ରୁମ୍‌ରେ ମଧ୍ୟ ଉପଲବ୍ଧ ରହିବ। ଗାଡ଼ିଗୁଡ଼ିକର ବିକ୍ରି ପରବର୍ତ୍ତୀ ସେବା ଓ ଗ୍ରାହକଙ୍କ ମତାମତକୁ ଗ୍ରହଣକରି ଆଗକୁ ବଢ଼ିବା ପାଇଁ ଆମେ ଶତଚେଷ୍ଟା କରିବୁ ବୋଲି ରାହୁଲ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟ ସଂସ୍ଥାର ବହୁ କର୍ମଚାରୀ ଓ ଉଦ୍‌ଘାଟନୀ ଅବସରରେ ବୁକିଂ କରିଥିବା ଗ୍ରାହକମାନେ ଉପସ୍ଥିତ ଥିଲେ।



## ନାଲ୍‌କୋକୁ ଆଇଆଇଏମ୍ ନନ୍ ଫେରସ୍ ସମ୍ମାନ

**ଭୁବନେଶ୍ୱର,୧୫।୧୧**

ରାଷ୍ଟ୍ରାୟତ୍ତ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)କୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସ (ଆଇଆଇଏମ୍) ପକ୍ଷରୁ ନନ୍-ଫେରସ୍ ଶ୍ରେଷ୍ଠ ପ୍ରଦର୍ଶନ ପୁରସ୍କାର ୨୦୨୦-୨୧ ମିଳିଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଆଇଆଇଏମ୍‌ର ୭୫ତମ ବାର୍ଷିକ ବୈଷୟିକ ବୈଠକରେ ଏହି ପୁରସ୍କାର ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସର ନନ୍-ଫେରସ୍ ଡିଭିଜନ୍ ନନ୍-ଫେରସ୍ ସେକ୍ଟରରେ ଗୁଣବତ୍ତା ନିୟନ୍ତ୍ରଣ ଦିଗକୁ ଉତ୍ସାହିତ ତଥା ସ୍ୱୀକୃତି ପ୍ରଦାନ କରିବା ପାଇଁ ୨୦୦୨ଠାରୁ ଏହି ଜାତୀୟ ଗୁଣବତ୍ତା ପ୍ରତିଯୋଗିତା ଆୟୋଜନ କରିଆସୁଛି ବୋଲି ସୂଚନା ମିଳିଛି।



## ଟାଇମ୍ସ ସ୍କୋୟାରରେ ପ୍ରେମିକାଙ୍କ ଫଟୋ ଲଗାଇଲେ

ପ୍ରେମିକା ତଥା ଆମେରିକାର ମଡେଲ ମୋରିୟା ମିଲ୍ସଙ୍କୁ ଖୁସି କରିବା ପାଇଁ ତାଙ୍କ ପ୍ରେମିକ ନ୍ୟୁୟର୍କ ଟାଇମ୍ସ ସ୍କୋୟାରରେ ୧୦୦x୮୦ ଫୁଟ ବିଲବୋର୍ଡ କିଣିଥିଲେ ସେଥିରେ ଫଟୋ ଲଗାଇଛନ୍ତି। ମିଲ୍ସ ଏହା ଦେଖି ପରେ ଖୁସିରେ ଝୁମି ଉଠିଥିଲେ। ସେ କହିଛନ୍ତି, ତାଙ୍କ ୨୮ ତମ ଜନ୍ମଦିନରେ ପ୍ରେମିକ ଦେଇଥିବା ଏହି ଉପହାରକୁ ସେ ଜୀବନସାରା ମନେ ରଖିବେ।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 8x4 | 12x4 | 8x4 | 12x4 | 8x4 | 12x4 | 8x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

କେମିତି ମଦ ଛାଡିବେ

ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ୍, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।

ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଫୁର୍‌ସତ୍**

## ପୃଥ୍ୱୀରାଜର ଟିଜର ରିଲିଜ




**ମୁମ୍ବାଇ:** ବଲିଉଡ ନାୟକ ଅକ୍ଷୟ କୁମାରଙ୍କ ପ୍ରତିକ୍ଷୀତ ମୁଭି 'ପୃଥ୍ୱୀରାଜ'ର ଟିଜର ରିଲିଜ ହୋଇଛି । ଏହି ମୁଭିକୁ ନେଇ ବହୁ ଦିନ ହେବ ଚର୍ଚ୍ଚା ଲାଗି ରହିଥିବା ବେଳେ ଅକ୍ଷୟ କୁମାରଙ୍କ ଏହି ଫିଲ୍ମର ପ୍ରଥମ ଝଲକକୁ ଦର୍ଶକେ ଅପେକ୍ଷା କରି ରହିଥିଲେ। ୧ ମିନିଟ ୨୨ ସେକେଣ୍ଡର ଏହି ଟିଜର ଦର୍ଶକଙ୍କ ମନକୁ ପାଇଛି । ଏଥିରେ ଅକ୍ଷୟ କୁମାର ପୃଥ୍ୱୀରାଜ ଭୂମିକାରେ ଥିବା ବେଳେ ତାଙ୍କ ଲୁକ୍ସ ସମସ୍ତଙ୍କୁ ସରପ୍ରାଇଜ ଦେବ ବୋଲି କୁହାଯାଉଛି । ଏହି ଟିଜରକୁ ୟଶରାଜ ଫିଲ୍ମସର ୟୁଟ୍ୟୁବ ଚ୍ୟାନେଲରେ ରିଲିଜ କରାଯାଇଛି । ଏହାର ଆରମ୍ଭ ପୃଥ୍ୱୀରାଜଙ୍କ ଚରିତ୍ର ଓ ମହାନତାକୁ ଦର୍ଶାଉଥିବା ଭଏସଓଭରରୁ ଆରମ୍ଭ କରାଯାଇଛି । ଏହାପରେ ଏକ ୱାର ସିନ ନଜର ଆସୁଛି। ଏଥିରେ ସଞ୍ଜୟ ଦତ୍ତ ମଧ୍ୟ ଆକ୍ସନ କରୁଥିବା ନଜର ଆସିଛି । ସୋନୁ ସୁଦ ଏଥିରେ ସମ୍ପୂର୍ଣ୍ଣ ଭିନ୍ନ ଅନ୍ଦାଜରେ ନଜର ଆସିଛନ୍ତି । ମାନୁସି ଚିଲ୍ଲରଙ୍କ ଏହା ଡେବ୍ୟୁ ମୁଭି। ୨୦୨୨ ଜାନୁୟାରୀରେ ପରଦାକୁ ଆସିବ ।

## ଶାନ୍ତି ପାଇଁ ସହନଶୀଳତା ଅପରିହାର୍ଯ୍ୟ

ପୃଥିବୀର ବିଭିନ୍ନ ରାଷ୍ଟ୍ର ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହନଶୀଳତା ଅପରିହାର୍ଯ୍ୟ। ସହନଶୀଳତା ଦ୍ୱାରା ଦୁଇପକ୍ଷ ଅବା ଭିନ୍ନ ଭିନ୍ନ ଗୋଷ୍ଠୀ ମଧ୍ୟରେ ସମନ୍ୱୟ ସୃଷ୍ଟି ହୁଏ। ଅପରପକ୍ଷରେ ଅସହିଷ୍ଣୁତା ବିପଦକୁ ଟାଣି ଆଣେ। ତେଣୁ ପୃଥିବୀରେ ଶାନ୍ତିର ମାର୍ଗକୁ ପ୍ରଶସ୍ତ କରିବା ଲାଗି ସହନଶୀଳତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ନଭେମ୍ବର ୧୬ରେ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ କରାଯାଉଛି।

ଅସହିଷ୍ଣୁତାର ବିପଦ ବିଷୟରେ ସଚେତନତା ସୃଷ୍ଟି ଲାଗି ୟୁନେସ୍କୋ ପକ୍ଷରୁ ୧୯୯୫ରେ ପଦକ୍ଷେପ ନିଆଯାଇଥିଲା।



**ଅନ୍ତର୍ଜାତୀୟ ସହନଶୀଳତା ଦିବସ**

ଏଥି ସହିତ ନଭେମ୍ବର ୧୬ରେ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ ଲାଗି ନିଷ୍ପତ୍ତି ହୋଇଥିଲା। ତେବେ ପ୍ରତିବର୍ଷ ଏହି ଦିବସ ଅବସରରେ ସମ୍ମିଳନୀ ଏବଂ ଉତ୍ସବର ଆୟୋଜନ କରାଯାଏ। ଶାନ୍ତି, ସହନଶୀଳତା, ମିଥ୍ୟା ଖବର, ଅନଲାଇନ ସୁରକ୍ଷା ଏବଂ ଘୃଣା ଭଳି ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇ ଏହାର ନିରାକରଣ କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ସହନଶୀଳତାକୁ ଏକ ଉତ୍ତମ ଗୁଣ ଭାବେ ବିବେଚନା କରାଯାଏ। କାରଣ ଏହା ଭଲ ଜିନିଷଗୁଡ଼ିକୁ ଗ୍ରହଣ କରିବା ବିଷୟରେ ଚିନ୍ତା କରେ।

ସହନଶୀଳତା ଦ୍ୱାରା ବିବାଦୀୟ ପ୍ରସଙ୍ଗର ସହଜ ସମାଧାନ ପଥ ସୃଷ୍ଟି ହୋଇଥାଏ। ତେଣୁ ଏହି ଦିବସରେ ସଭିଏ ସଚେତନ ହେଲେ ମନରୁ ଅସହିଷ୍ଣୁତା ଦୂର ହୋଇ ସହନଶୀଳ ମନୋଭାବର ପରିପ୍ରକାଶ ସହଜ ହୁଏ ବୋଲି ୟୁନେସ୍କୋ ପକ୍ଷରୁ ସୂଚିତ କରାଯାଇଥାଏ।

## ଆଳୁ ହୋଟେଲ



**ନୂଆଦିଲ୍ଲୀ:** ଏମିତି ଏକ ଆଳୁ ଅଛି ଯାହାର ଓଜନ ୬୦୦ କିଲୋଗ୍ରାମରୁ ଅଧିକ ! ଏକଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ କି ? ହେଲେ ଏମିତି ଏକ ଆଳୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ପ୍ରକୃତ କଥା ଆମେରିକାରେ ଥିବା ଏକ ହୋଟେଲଟି ବାହାରୁ ଦେଖିବାକୁ ଏକ ବିରାଟ ଆଳୁ ଭଳି। କିନ୍ତୁ ଏହା ଭିତରକୁ ଥରେ ଗଲେ ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ। ହୋଟେଲ ଭିତରେ ଫାଇଭ ଷ୍ଟାର ହୋଟେଲ ଭଳି ସମସ୍ତ ପ୍ରକାରର ଆଧୁନିକ ସୁବିଧା ସୁଯୋଗର ବ୍ୟବସ୍ଥା ରହିଛି। ହୋଟେଲରେ ରହିବା ପାଇଁ ହେଲେ ଆପଣଙ୍କୁ ଦିନକୁ ୧୮ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଆଉ ଥରକେ କେବଳ ଦୁଇଜଣଙ୍କୁ ହିଁ ଏଠାରେ ରାତ୍ରିଯାପନର ଅନୁମତି ରହିଛି। ଏହା ବ୍ୟତୀତ ଲୋକଙ୍କ ସୁବିଧା ନିମନ୍ତେ ପ୍ରତି ରୁମରେ ଲୋକଙ୍କ ପାଇଁ ଏକ ଛୋଟ ରୋଷେଇ ଘର ମଧ୍ୟ ରଖାଯାଇଛି।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୁରୁ ଚରଣ ସାହୁ
ହଳଦିଆ, ତିରଣ, ବୋଧେଇ, ଜଗତ୍‌ସିଂହପୁର
ଆବିର୍ଭାବ: ୧୭।୧୨।୧୯୪୨
ତିରୋଧାନ: ୦୫।୧୧।୨୦୨୧
ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ
ଧ-୨୨୨୮୦

ତୁମ ସ୍ମୃତିରେ



✓ ନିରଞ୍ଜନ ମିଶ୍ର
ଆବିର୍ଭାବ- ୨୭.୦୮.୧୯୩୩
ତିରୋଧାନ- ୧୦.୧୧.୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ଧର୍ମପତ୍ନୀ (ସୁରମା) ଓ ଆତ୍ମୀୟସ୍ୱଜନ
ଧ-୭୧୯୦୩

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ଆଶା ପଟ୍ଟନାୟକ
ଦାଣ୍ଡିମାଳ ସାହି, ବଡ଼ଦାଣ୍ଡ, ପୁରୀ
ତିରୋଧାନ: କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ
ଚାହୁଁ ଚାହୁଁ ଆଠବର୍ଷ ବିତିଗଲା। ତୁମର ଅନାବିଳ ନିଷ୍କପଟ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଆମର ପାଥେୟ ହୋଇ ରହିଛି। ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୭୮୮୮

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ତିଲୋତ୍ତମା ପ୍ରଧାନ
ସ୍ଥାନ: ଲୁଣିସରା, ନୟାଗଡ଼
ଆବିର୍ଭାବ: ୦୧।୦୧।୫୮
ତିରୋଧାନ: ୦୫।୧୧।୨୦୨୧
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୨୨୨୭୮

ସପ୍ତମ ଶ୍ରାଦ୍ଧବାର୍ଷିକୀ



୰ପ୍ରସନ୍ନ ଚନ୍ଦ୍ର ଚମ୍ପତି
(ଏନ୍-୫/୪୩୦, ଆଇ.ଆର୍.ସି. ଭିଲେଜ୍, ଭୁବନେଶ୍ୱର)
ଆବିର୍ଭାବ: ୦୨।୦୮।୧୯୫୭
ତିରୋଧାନ: ୦୪।୧୧।୨୦୧୪
(କାର୍ତ୍ତିକ ମାସ, ଶୁକ୍ଳପକ୍ଷ, ତ୍ରୟୋଦଶୀ)
ଆପଣଙ୍କ ଆଦର୍ଶ ଜୀବନ, କର୍ତ୍ତବ୍ୟ ପରାୟଣତା, ସ୍ନେହ, ଶ୍ରଦ୍ଧା ଆମର ଚିରସ୍ମରଣୀୟ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଏବଂ ଆତ୍ମୀୟସ୍ୱଜନ ।
ଧ-୬୫୯୩୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୧୬/୨୦୨୧ Sambalpur, Tuesday, November 16/ 2021

# ରୁଷିଆ ବିପକ୍ଷରୁ ଭାରତର ଅଭିଯାନ

**ଜୁନିୟର ମହିଳା ହକି ବିଶ୍ୱକପ**

- ଅଲିମ୍ପିଆନ ଲାଲରେମସିଆମି ଦଳର ନେତୃତ୍ୱ ନେବେ
- ଇଶିକା ଉପ-ଅଧିନାୟିକା


ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ମନୋନୀତ ଭାରତୀୟ ଦଳ।

**ନୂଆଦିଲ୍ଲୀ, ୧୫।୧୧**

ଦକ୍ଷିଣ ଆଫ୍ରିକାରେ ହେବାକୁଥିବା ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ଭାରତ ଗ୍ରୁପ୍‌'ସି'ରେ ସ୍ଥାନ ପାଇଛି। ରାଉଣ୍ଡ ରବିନ ଲିଗ୍‌ରେ ଭାରତ ଡିସେମ୍ବର ୬ରେ ରୁଷିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ଗତଥରର ଚାମ୍ପିୟନ ଆର୍ଜେଣ୍ଟିନାକୁ ୭ରେ ଏବଂ ଜାପାନକୁ ୯ ତାରିଖରେ ଭେଟିବ। ନକ୍‌ଆଉଟ ମ୍ୟାଚଗୁଡ଼ିକ ଡିସେମ୍ବର ୧୦ରୁ ୧୬ ମଧ୍ୟରେ ଅନୁଷ୍ଠିତ ହେବ। ପୁଲ୍‌ 'ଏ'ରେ ନେଦରଲାଣ୍ଡ୍ସ, କୋରିଆ, ଆୟର୍ଲାଣ୍ଡ ଓ ଜିମ୍ବାୱେ ରହିଥିବାବେଳେ ପୁଲ୍‌ 'ବି'ରେ ଇଂଲଣ୍ଡ, ବେଲଜିୟମ, କାନାଡ଼ା, ଉରୁଗୁଏ ଏବଂ ପୁଲ୍‌ 'ଡି'ରେ ଜର୍ମାନୀ, ସ୍ପେନ ଆମେରିକା ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି। ସୋମବାର ଘୋଷିତ ୧୮ ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ ଅଲିମ୍ପିଆନ ଲାଲରେମସିଆମି ଏବଂ ତାଙ୍କ ଡେପୁଟି ଦାୟିତ୍ୱ ତୁଲାଇବେ ଇଶିକା ଚୌଧାରୀ।

ଦଳ ଚୟନ ସମ୍ପର୍କରେ ମତ ଦେବାକୁ ଯାଇ ମହିଳା ଦଳର ମୁଖ୍ୟ କୋଚ୍‌ ଜାନେକ ସ୍କୋପମ୍ୟାନ କହିଛନ୍ତି, ''ସମ୍ଭାବ୍ୟ କୋର୍‌ ଦଳରେ ସ୍ଥାନ ପାଇଥିବା ୨୮ ଜଣ ଯାକ ଖେଳାଳି ଗତ କିଛିମାସ ଧରି କଠିନ ପରିଶ୍ରମ କରି ଆସିଥିଲେ। ତେଣୁ ସେଥିରୁ ୧୮ ଜଣିଆ ଦଳ ଚୟନ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା। ଆମେ ଏକ ଶକ୍ତିଶାଳୀ ଦଳ ଚୟନ କରିଛୁ, ଯେଉଁମାନେକି ଆଗାମୀ ଜୁନିୟର ବିଶ୍ୱକପରେ କଡ଼ା ଚ୍ୟାଲେଞ୍ଜ ଦେଇପାରିବେ''। ସିନିୟର ଦଳରେ ଖେଳିଥିବାରୁ କେତେଜଣ ଖେଳାଳି ଅଭିଜ୍ଞତା ଆହରଣ କରିଛନ୍ତି। ଦଳରେ କେତେକ ଅତ୍ୟନ୍ତ ପ୍ରତିଭା ସମ୍ପନ୍ନ ଖେଳାଳି ମଧ୍ୟ ରହିଛନ୍ତି। ବିଶ୍ୱସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାପାଇଁ ସେମାନେ ଦୀର୍ଘଦିନଧରି ଅପେକ୍ଷା କରିଛନ୍ତି। ଏବେ କେବଳ ସମୟ ଏବଂ ସୁଯୋଗକୁ ଅପେକ୍ଷା ବୋଲି ସ୍କୋପମ୍ୟାନ କହିଛନ୍ତି।

**ଲିଗ୍‌ ପର୍ଯ୍ୟାୟ କାର୍ଯ୍ୟସୂଚୀ**

ଡିସେମ୍ବର ୬: ଭାରତ ବନାମ ରୁଷିଆ
ଡିସେମ୍ବର ୭: ଭାରତ ବନାମ ଆର୍ଜେଣ୍ଟିନା
ଡିସେମ୍ବର ୯: ଭାରତ ବନାମ ଜାପାନ

ଭାରତୀୟ ଦଳ: ବିଚୁ ଦେବୀ ଖାରିବାମ୍‌ (ଗୋଲକିପର), ଖୁସ୍‌ବୁ (ଗୋଲକିପର), ଅକ୍ଷତ ଆବାସୋ ଧେକାଲେ, ଇଶିକା ଚୌଧାରୀ (ଉପ-ଅଧିନାୟିକା), ପ୍ରିୟଙ୍କା, ମାରିନା ଲାଲରାମଘାକି, ଆଜମିନା କୁଜୁର, ବଲଜିତ କୌର, ରୀତ୍‌, ବୈଷ୍ଣବୀ ଭିଥାଲ ଫାଲ୍‌କେ, ସାଲିମା ଟେଟେ, ଶର୍ମିଳା ଦେବୀ, ଲାଲରେମସିଆମି (ଅଧିନାୟିକା), ବିୟୁଟି ଡୁଙ୍ଗଡୁଙ୍ଗ, ଦୀପିକା, ମୁମତାଜ ଖାଁ, ସଙ୍ଗିତା କୁମାରୀ, ଜୀବନ କିଶୋରୀ ଟପ୍ପୋ।

## ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ ସିନ୍ଧୁ

**ବାଲି, ୧୫।୧୧ (ପି.ଟି.):** ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଇଣ୍ଡୋନେସିଆ ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ। କିନ୍ତୁ ଆଘାତପ୍ରାପ୍ତ ଯୋଗୁ ସାଇନା ନେହ୍ୱାଲ ଓ ସମୀର ବର୍ମା ଓହରିଯାଇଛନ୍ତି। ଟୁର୍ନାମେଣ୍ଟ ବେଳେ ସିନ୍ଧୁଙ୍କ ବ୍ୟତୀତ କିଡାମ୍ବି ଶ୍ରୀକାନ୍ତ ଏବଂ ଲକ୍ଷ୍ୟ ସେନ୍‌ଙ୍କ ଉପରେ ମଧ୍ୟ ରହିବ। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ଏବଂ ରିଓ'ରେ ରୌପ୍ୟ ପଦକ ଜିତିଥିବା ସିନ୍ଧୁ ଜର୍ମାନୀରେ ହାଇଲୋ ଓପନରୁ ଓହରିଯିବା ପୂର୍ବରୁ ଡେନମାର୍କ ଓ ଫ୍ରାନ୍ସରେ ଯଥାକ୍ରମେ କ୍ୱାର୍ଟରଫାଇନାଲ ଓ ସେମିଫାଇନାଲରେ ପ୍ରବେଶ କରିଥିଲେ। ୨୦୧୯ରେ ସୁଇଜରଲାଣ୍ଡରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଶେଷ ଥର ପାଇଁ ଟାଇଟଲ ଜିତିଥିଲେ। ଚଳିତବର୍ଷ ପ୍ରାରମ୍ଭରେ ସେ ସୁଇସ୍‌ ଓପନ୍‌ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ହାରିଯାଇଥିଲେ। ଭାରତର ଏହି ତୃତୀୟ ସିଡ୍‌ ଖେଳାଳିଙ୍କର ଇଣ୍ଡୋନେସିଆରେ ଭଲ ଅନୁଭୂତି ରହିଛି। ଦୁଇ ବର୍ଷ ପୂର୍ବେ ସେ ଜାକର୍ତ୍ତାରେ ଫାଇନାଲରେ ପ୍ରବେଶ କରିଥିଲେ।

# ହାମିଲଟନ୍‌ ଜିତିଲେ ବ୍ରାଜିଲିଆନ ଗ୍ରାଁ ପ୍ରି



ଟ୍ରଫି ସହ ଲୁଇସ ହାମିଲଟନ।

**ସାଓପାଓଲୋ, ୧୫।୧୧ (ଏ.ପି.)**

ମର୍ସିଡିଜ୍‌ ଡ୍ରାଇଭର ଲୁଇସ୍‌ ହାମିଲଟନ ବ୍ରାଜିଲିଆନ ଫର୍ମୁଲା ୱାନ୍‌ ଗ୍ରାଁ ପ୍ରି ମୋଟର ରେସ୍‌ ଜିତିଛନ୍ତି। ପେନାଲ୍ଟି ଯୋଗୁ ୭ ଥର ବିଶ୍ୱ ଚାମ୍ପିୟନ ୧୦ମ ସ୍ଥାନରୁ ରେସ୍‌ ଆରମ୍ଭ କରିଥିଲେ। ଏହାସତ୍ତ୍ୱେ ସେ ଚଳିତ ସିଜନର ତାଙ୍କ ଫର୍ମୁଲା ୱାନ୍‌ ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ୨୦୧୯ରେ ରେସ୍‌ର ଗତ ସଂସ୍କରଣ ବିଜେତା ଭର୍ଷ୍ଟାପେନ୍‌ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଫଳରେ ଡ୍ରାଇଭର୍ସ ଚାମ୍ପିୟନଶିପ୍‌ ଟେବୁଲରେ ପ୍ରଥମ ସ୍ଥାନରେ ରହିଥିବା ଭର୍ଷ୍ଟାପେନ ଓ ହାମିଲଟନ୍‌ଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୧୪କୁ ହ୍ରାସ ପାଇଛି। ଚଳିତ ସିଜନର ଆଉ ୩ଟି ରେସ୍‌ ବାକି ରହିଛି। ଏକ ରେସ୍‌ ବିଜେତାକୁ ୨୫ ପଏଣ୍ଟ ମିଳିଥାଏ। ଚଳିତ ସିଜନରେ ହାମିଲଟନଙ୍କର ରବିବାର ଥିଲା ୬ଷ୍ଠ ବିଜୟ। ହାମିଲଟନଙ୍କ ଟିମ୍‌ମେଟ ଭାଲଟେରି ବୋଟାସ ରେସ୍‌ରେ ତୃତୀୟ ହୋଇଥିବା ବେଳେ ରେଡ୍‌ବୁଲର ସର୍ଗିଓ ପେରେଜ ୪ର୍ଥ ହୋଇଥିଲେ। ଫେରାରି ଚାର୍ଲ୍ସ ଲେକରେକ୍‌ ଓ କାର୍ଲୋସ ସେଞ୍ଜ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ଟର୍ନ ପରେ ଭର୍ଷ୍ଟାପେନ୍‌ ରେସ୍‌ର ଅଧିକାଂଶ ସମୟ ଆଗରେ ରହିଥିଲେ। ପୋଲ୍‌ ପୋଜିଶନ ହାସଲ କରିଥିବା ଭାଲଟେରି ବୋଟାସଙ୍କୁ ମଧ୍ୟ ସେ ଅତିକ୍ରମ କରିଯାଇଥିଲେ। କିନ୍ତୁ ୧୦ମ ସ୍ଥାନରୁ ରେସ୍‌ ଆରମ୍ଭ କରିଥିବା ହାମିଲଟନ ମାତ୍ର ୬ଟି ଲାପ୍‌ରେ ତୃତୀୟ ସ୍ଥାନକୁ ପଳାଇ ଆସିଥିଲେ। ୫୯ତମ ଲାପ୍‌ ବେଳକୁ ସେ ଭର୍ଷ୍ଟାପେନ୍‌ଙ୍କୁ ଅତିକ୍ରମ କରିଯାଇଥିଲେ। ଇଣ୍ଟରଲାଗୋସଠାରେ ଦେଖଣାହାରୀଙ୍କଠାରୁ ଉତ୍ସାହ ପାଇ ସେ ଶେଷରେ ପ୍ରଥମ ସ୍ଥାନ ଅଧିକାର କରିନେଇଥିଲେ। ତାଙ୍କ କ୍ୟାରିୟରର ଏହାଥିଲା ୧୦୧ତମ ବିଜୟ। ବ୍ରାଜିଲିଆନ ଗ୍ରାଁ ପ୍ରି ପରେ କନଷ୍ଟ୍ରକ୍ଟର ଷ୍ଟାଣ୍ଡିଂରେ ରେଡ୍‌ବୁଲ୍‌ଠାରୁ ମର୍ସିଡିଜ ବର୍ତ୍ତମାନ ୧୧ ପଏଣ୍ଟ ଆଗୁଆ ରହିଛି। ଶୁକ୍ରବାର ହାମିଲଟନଙ୍କ ମର୍ସିଡିଜ୍‌ର ରିଅର ୱିଙ୍ଗ୍‌କୁ ସ୍ପର୍ଶ କରିଥିବାରୁ ଭର୍ଷ୍ଟାପେନ୍‌ଙ୍କୁ ୫୦,୦୦୦ ୟୁରୋ( ୫୭,୦୦୦ ଡଲାର) ଜରିମାନା ଦେବାକୁ ହୋଇଛି।

## ଲିଜେଣ୍ଡ୍ସ ଲିଗ୍‌ର କମିଶନର ହେଲେ ଶାସ୍ତ୍ରୀ

**ନୂଆଦିଲ୍ଲୀ, ୧୫।୧୧ (ପି.ଟି.):** ଭାରତୀୟ କ୍ରିକେଟ ଦଳର ପୂର୍ବତନ ମୁଖ୍ୟ କୋଚ୍‌ ରବି ଶାସ୍ତ୍ରୀ ଆସନ୍ତା ଲିଜେଣ୍ଡ୍ସ ଲିଗ୍‌ କ୍ରିକେଟ (ଏଲ୍‌ଏଲ୍‌ସି)ର କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ଅବସରପ୍ରାପ୍ତ ଖେଳାଳିଙ୍କୁ ନେଇ ଏଲଏଲସିର ପ୍ରଥମ ସଂସ୍କରଣ ଆସନ୍ତାବର୍ଷ ଜାନୁୟାରୀରେ ଗଲ୍ଫ ଦେଶରେ ଖେଳାଯିବ। ଲିଗ୍‌ର କମିଶନର ଭାବେ ଶାସ୍ତ୍ରୀଙ୍କ ଭୂମିକା କ'ଣ ରହିବ ତାହା ସ୍ପଷ୍ଟ କରାଯାଇ ନାହିଁ। ଟୁର୍ନାମେଣ୍ଟରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ଇଂଲଣ୍ଡ ସମେତ ଅନ୍ୟ କେତୋଟି କ୍ରିକେଟ ଦେଶର ଖେଳାଳିମାନେ ଅଂଶଗ୍ରହଣ କରିବେ। ଖେଳାଳିମାନେ ତିନୋଟି ଦଳ ଯଥା ଭାରତ, ଏସିଆ ଓ ଅବଶିଷ୍ଟ ବିଶ୍ୱଦଳରେ ବିଭକ୍ତ ହୋଇ ଖେଳିବେ।

# ଜୟପୁରରେ ପହଞ୍ଚିଲା ନ୍ୟୁଜିଲାଣ୍ଡ କ୍ରିକେଟ ଦଳ

**ଜୟପୁର, ୧୫।୧୧ (ପି.ଟି.):** ରବିବାର ଦୁବାଇରେ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ବିଶ୍ୱକପ୍‌ ଫାଇନାଲରେ ପରାସ୍ତ ହୋଇଥିବା ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଏକ ଚାର୍ଟର ବିମାନ ଯୋଗେ ଆସି ସୋମବାର ସନ୍ଧ୍ୟାରେ ଏଠାରେ ପହଞ୍ଚିଛି। ଗୋଟିଏ ବବଲରୁ ଅନ୍ୟ ଗୋଟିଏ ବବଲକୁ ବଦଳି ଯୋଗୁ ବୁଧବାର ଆୟୋଜକ ଭାରତ ବିପକ୍ଷ ହେବାକୁଥିବାପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ପୂର୍ବରୁ ଦଳକୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ ନାହିଁ। ପ୍ରୋଟୋକଲ ଅନୁସାରେ ମଙ୍ଗଳବାର ସେମାନଙ୍କ ଅଭ୍ୟାସ ସେସନ ପୂର୍ବରୁ ଖେଳାଳିମାନଙ୍କର କୋଭିଡ୍‌ ଟେଷ୍ଟ କରାଯାଇଥିବା ରାଜସ୍ଥାନ କ୍ରିକେଟ ଆସୋସିଏଶନ (ଆର୍‌ସିଏ)ର ଜଣେ ଅଫିସିଆଲ ସ୍ପଷ୍ଟ କରିଛନ୍ତି। ରସ୍‌ ଟେଲର ଓ ଟମ୍‌ ଲଥାମଙ୍କ ସମେତ ନ୍ୟୁଜିଲାଣ୍ଡ ଟେଷ୍ଟ ଦଳର ୯ଜଣ ସଦସ୍ୟ ଗତ ସପ୍ତାହରେ ଭାରତ ଆସିଛନ୍ତି। ଏହି ଖେଳାଳିମାନେ ଟି୨୦ ଦଳର ସଦସ୍ୟ ନୁହଁନ୍ତି। ବିଶ୍ୱକପ୍‌ ସେମିଫାଇନାଲ ପାଇଁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିବା ଭାରତୀୟ ଦଳ ସୋମବାର ଏହାର ନୂଆ ମୁଖ୍ୟ କୋଚ୍‌ ରାହୁଲ ଦ୍ରାବିଡଙ୍କ ଅଧୀନରେ ପ୍ରଥମ ଟ୍ରେନିଂ ସେସନ କରିଛି। ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୩ ଅନ୍ତର୍ଜାତୀୟ ଟି୨୦ ଖେଳିବ। ସେଗୁଡ଼ିକ ଯଥାକ୍ରମେ ବୁଧବାର, ଶୁକ୍ରବାର ଓ ରବିବାର ଖେଳାଯିବ। ଏହାପରେ ଦୁଇ ଦଳ ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଅନୁଷ୍ଠିତ ହେବ।

## ଉଗାଣ୍ଡା ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାରୁ ୩ ଭାଗନେବେ

**ଭୁବନେଶ୍ୱର, ୧୫।୧୧(କ୍ରୀଡ଼ା ପ୍ରତିନିଧି)**

ଉଗାଣ୍ଡାର କାପାଲାସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ ମଙ୍ଗଳବାରଠାରୁ ଆରମ୍ଭ ହେବ। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୩ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସେମାନେ ହେଲେ ପ୍ରମୋଦ ଭଗତ, ଦୀପ୍‌ ରଞ୍ଜନ ବିଷୋୟୀ ଓ ଜି. ଦିଲେଶ୍ୱର ରାଓ। ପ୍ରତିଯୋଗିତାରେ ଭାଗ ନେବାପାଇଁ ଓଡ଼ିଶାର ଏହି ୩ ପ୍ରତିଯୋଗୀ ଉଗାଣ୍ଡା ଯାତ୍ରା କରିଛନ୍ତି। ଟୁର୍ନାମେଣ୍ଟରେ ବିଭିନ୍ନ ଦେଶରୁ ମୋଟ ୧୮୭ ଖେଳାଳି ଭାଗ ନେବାର କାର୍ଯ୍ୟକ୍ରମ ରହିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୧୬/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Tuesday, November 16/2021 | ପୃଷ୍ଠା-୧

# ଭାରତୀୟ ଦଳରେ ୨ ଓଡ଼ିଆ


ଜୀବନ କିଶୋରୀ ଟପ୍ପୋ


ଆଜମିନା କୁଜୁର

## ଜୁନିୟର ମହିଳା ହକି ବିଶ୍ୱକପ

**ନୂଆଦିଲ୍ଲୀ, ୧୫।୧୧**

ଦକ୍ଷିଣ ଆଫ୍ରିକାରେ ହେବାକୁଥିବା ଜୁନିୟର ମହିଳା ହକି ବିଶ୍ୱକପ (୨୧ ବର୍ଷରୁ କମ୍) ପାଇଁ ସୋମବାର ୧୮ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏଥିରେ ୨ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଜୀବନ କିଶୋରୀ ଟପ୍ପୋ ଓ ଆଜମିନା କୁଜୁର। ଗତ ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନ ହାସଲ କରିଥିବା ଭାରତୀୟ ସିନିୟର ଦଳର ସଦସ୍ୟ ଥିବା ଲାଲରେମସିଆମି ଆଗାମୀ ଟୁର୍ନାମେଣ୍ଟରେ ଜୁନିୟର ଦଳର ନେତୃତ୍ୱ ନେବେ। ଇଶିକା ଚୌଧାରୀଙ୍କୁ ଦଳର ଉପ-ଅଧିନାୟିକା ନିଯୁକ୍ତ କରାଯାଇଛି। ଦକ୍ଷିଣ ଆଫ୍ରିକାରେ ପ୍ରତିଯୋଗିତା ଡିସେମ୍ବର ୫ରୁ ଆରମ୍ଭ ହେବ। ଭାରତ ଡିସେମ୍ବର ୬ରେ ରୁଷିଆ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଆଗାମୀ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ପୂର୍ବ ସଂସ୍କରଣ ୨୦୧୬ରେ ଆର୍ଜେଣ୍ଟିନା ଚାମ୍ପିୟନ ହୋଇଥିଲା। ୨୦୧୩ରେ ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଥିଲା। ପ୍ଲେ-ଅଫ୍‌ରେ ଇଂଲଣ୍ଡକୁ ହରାଇ ଭାରତ ଏହି ସଫଳତା ପାଇଥିଲା। ପ୍ରୀତି ଓ ପ୍ରଭଲିନ କୌରଙ୍କୁ ଅଲ୍‌ଟରନେଟ ପ୍ଲେୟର୍ସ (ଏପି) ଚୟନ କରାଯାଇଛି। ୧୮ ଜଣିଆ ଦଳରେ ଯଦି କୌଣସି ଖେଳାଳି ଆହତ ହୁଅନ୍ତି କିମ୍ବା କୋଭିଡ୍-୧୯ ପାଇଁ ଯଦି କେହି ଓହରିଯାଆନ୍ତି ତେବେ ଏମାନଙ୍କୁ ସୁଯୋଗ ମିଳିବ। ଜିବନ କିଶୋରୀ ସୁନ୍ଦରଗଡ଼ ଜିଲା ରାଇରଙ୍ଗପୁରର କୁକୁଡ଼ା ଗ୍ରାମରେ ଜନ୍ମିତ। ଫରୱାର୍ଡ ସ୍ଥାନରେ ଖେଳୁଥିବା ଏହି ହକି ପ୍ରତିଭା ନିଜ ପ୍ରଦର୍ଶନ ଦ୍ୱାରା ଚୟନ କର୍ତ୍ତାଙ୍କ ମନ ଜିଣିଛନ୍ତି। ତାଙ୍କ ମା'ଙ୍କ ନାମ ଅନିତା ଟପ୍ପୋ ଓ ବାପା ରାଜେନ୍ଦ୍ର ଟପ୍ପୋ। ଫ୍ଲୋରେନ୍ସିଆ ଏକ୍କା, ଅମୂଲ୍ୟାନନ୍ଦ ବିହାରୀ ଏବଂ ଲୁସେଲା ଏକ୍କାଙ୍କଠାରୁ କୋଚିଂ ନେଇ ସେ ଆଗକୁ ବଢ଼ିଛନ୍ତି। ସେ ଭାରତ-ଏ ଏବଂ ଭାରତୀୟ ଜୁନିୟର ଦଳ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ଖେଳିବାର ଅଭିଜ୍ଞତା ରଖିଛନ୍ତି। ୨୦୦୧ ଡିସେମ୍ବର ୯ରେ ସୁନ୍ଦରଗଡ଼ରେ ଜନ୍ମିତ ଆଜମିନା ମଧ୍ୟ ଭାରତ-ଏ ଏବଂ ଭାରତୀୟ ଜୁନିୟର ଦଳ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ଖେଳି ସାରିଛନ୍ତି। କ୍ୟାରିୟର ପ୍ରାରମ୍ଭରେ ସେ ଅମୂଲ୍ୟାନନ୍ଦ ବିହାରୀଙ୍କଠାରୁ କୋଚିଂ ନେଇଥିଲେ।

# ୧୭ରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)**

ଆସନ୍ତା ୧୭ ତାରିଖରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଅବପାତରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଲଘୁଚାପ ଘନୀଭୂତ ହୋଇ ଆସନ୍ତା ୧୮ ତାରିଖରେ ଏହା ଆନ୍ଧ୍ର ଉପକୂଳରେ ପହଞ୍ଚିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୭ ଓ ୧୮ ତାରିଖରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ୧୭ରୁ ୧୯ ତାରିଖ ମଧ୍ୟରେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଛି। ଲଘୁଚାପ ପ୍ରଭାବରେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ରବିବାର ଦକ୍ଷିଣ ଆଣ୍ଡାମାନ ସଂଲଗ୍ନ ଥାଇଲାଣ୍ଡ ଉପକୂଳରେ ସକ୍ରିୟ ଥିବା ଲଘୁଚାପ ସୋମବାର ସାମାନ୍ୟ ପଶ୍ଚିମ-ଉତ୍ତର ଓ ପଶ୍ଚିମ ଦିଗରେ ଗତି କରି କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସକ୍ରିୟ ରହିଛି। ଏଥିସହିତ ଓଡ଼ିଶା ଉପକୂଳରେ ୫.୮ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଆଗାମୀ ୨୪ ଘଣ୍ଟାରେ ଏହା ପଶ୍ଚିମ-ଉତ୍ତର ଓ ପଶ୍ଚିମ ଦିଗରେ ଗତି କରିବ ଏବଂ ଉତ୍ତର ଆଣ୍ଡାମାନ ସାଗର ଏବଂ ଦକ୍ଷିଣ-ପୂର୍ବ ଆଣ୍ଡାମାନ ସାଗରରେ ପହଞ୍ଚିଲା ବେଳକୁ ଆଉ ଏକ ଲଘୁଚାପ ☞ପୃଷ୍ଠା-୬

# ସୂର୍ଯ୍ୟାସ୍ତ ପରେ ହୋଇପାରିବ ବ୍ୟବଚ୍ଛେଦ

## ବଦଳିଲା ବ୍ରିଟିଶ ସମୟର ପୋଷ୍ଟମର୍ଟମ ବ୍ୟବସ୍ଥା

**ନୂଆଦିଲ୍ଲୀ, ୧୫।୧୧ (ପି.ଟି.)**

ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବା ହସ୍ପିଟାଲଗୁଡ଼ିକରେ ସୂର୍ଯ୍ୟାସ୍ତ ପରେ ଶବ ବ୍ୟବଚ୍ଛେଦ ହୋଇପାରିବ। ସୋମବାର କେନ୍ଦ୍ର ସରକାର ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। ତେବେ ହତ୍ୟା, ଆତ୍ମହତ୍ୟା, ବଳାତ୍କାର, ଗଳିତ ମୃତଦେହ ଏବଂ ସନ୍ଦେହଜନକ ମୃତ୍ୟୁ ମାମଲାରେ ରାତିରେ ପୋଷ୍ଟମର୍ଟମ୍ ହେବ ନାହିଁ। ବ୍ରିଟିଶ ଶାସନ ସମୟରୁ କେବଳ ଦିନ ସମୟରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ଚଳିଆସୁଥିଲା। ଏବେ ତାହାର ଅନ୍ତ ଘଟିଛି। ଏଣିକି ୨୪ ଘଣ୍ଟା ପୋଷ୍ଟମର୍ଟମ ହୋଇପାରିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ




ଟୁଇଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉତ୍ତମ ଶାସନ ଚିନ୍ତାଧାରାକୁ ଆଗେଇ ନେବା ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାତିରେ ପୋଷ୍ଟମର୍ଟମ ପ୍ରକ୍ରିୟା ଚଳାଇବା ପାଇଁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଏହା



ଦ୍ୱାରା ମୃତକଙ୍କ ସମ୍ପର୍କୀୟମାନଙ୍କୁ ଅଯଥା ହଇରାଣ ହେବାକୁ ପଡ଼ିବ ନାହିଁ। ଏଥିସହିତ ଦ୍ୱିରିତ୍ ପ୍ରତିରୋପଣ ପାଇଁ ଅଙ୍ଗ ସଂଗ୍ରହ କରିବାରେ ଏହା ସହାୟକ ହୋଇପାରିବ। ଦିଲ୍ଲୀ ଏମ୍ସ ଏବଂ ଅଳ୍ପ କେତେକ ହସ୍ପିଟାଲରେ କିଛିବର୍ଷ ହେଲା ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବାବେଳେ ଏବେ ଉତ୍ତମ ଭିତ୍ତିଭୂମି ଥିବା ଦେଶର ସମସ୍ତ ହସ୍ପିଟାଲରେ ଏହା ହୋଇପାରିବ।

ସୂର୍ଯ୍ୟାସ୍ତ ପରେ ଶବ ବ୍ୟବଚ୍ଛେଦକୁ ଅନୁମତି ଦେବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଏକାଧିକ ଅନୁରୋଧ କରାଯାଇଥିଲା। ସେଗୁଡ଼ିକୁ ମନ୍ତ୍ରଣାଳୟର ଟେକ୍‌ନିକାଲ କମିଟି ଅନୁଧ୍ୟାନ କରିଥିଲେ। ଏଥିସହିତ ସରକାର ବ୍ୟବସ୍ଥାରେ ରହିଥିବା ଜଟିଳତା ଜନିତ ବୋଝ ଲାଘବ କରି ଜୀବନ ଧାରଣକୁ ସହଜ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତା ସ୍ୱରୂପ ☞ପୃଷ୍ଠା-୬

# କୋର୍ଟକୁ ମାନିଲେ ୟୁପି ସରକାର

## ଲଖିମପୁର ଖେରି ହିଂସା

### ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍ଆଇଟି କରିବ ତଦନ୍ତ

**ନୂଆଦିଲ୍ଲୀ, ୧୫।୧୧ (ପି.ଟି.)**

ଉତ୍ତରପ୍ରଦେଶ ଲଖିମପୁର ଖେରି ହିଂସା ଘଟଣାର ତଦନ୍ତରେ ସ୍ୱଚ୍ଛତା ଓ ନୀରପେକ୍ଷତା ବଜାୟ ରଖିବାଲାଗି ଅନ୍ୟ ରାଜ୍ୟ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍ଆଇଟି ତଦନ୍ତ କରିବାକୁ ସୁପ୍ରିମକୋର୍ଟ ଗତ ୮ ତାରିଖରେ ଦେଇଥିବା ପ୍ରସ୍ତାବରେ ଉତ୍ତରପ୍ରଦେଶ ସରକାର ସୋମବାର ଶେଷରେ ରାଜି ହୋଇଛନ୍ତି। ବୁଧବାର ପରବର୍ତ୍ତୀ ଶୁଣାଣି ବେଳେ ଅବସରପ୍ରାପ୍ତ ବିଚାରପତିଙ୍କ ନାମ ଘୋଷଣା କରାଯିବ ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ସେହିପରି ଉତ୍ତରପ୍ରଦେଶରେ ଘର ହୋଇ ନ ଥିବା ୟୁପି କ୍ୟାଡର ଆଇପିଏସ୍ ଅଫିସରଙ୍କୁ ଏସ୍ଆଇଟିରେ ନିଯୁକ୍ତି ଦେବା ସହ ମଙ୍ଗଳବାର ସେମାନଙ୍କ ନାମ ଜଣାଇବାକୁ ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଲଖିମପୁର ଘଟଣାରେ



ତଦନ୍ତର ଅଗ୍ରଗତିକୁ ନେଇ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରକାଶଯେ, ଗତମାସ ୩ ତାରିଖରେ ଲଖିମପୁର ଖେରିରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ମାଡ଼ିଯାଇ ୪ ଜଣଙ୍କ ମୃତ୍ୟୁ ହେବା ସହ ହିଂସାକାଣ୍ଡରେ ଅନ୍ୟ ୪ ଜଣଙ୍କ ଜୀବନ ଯାଇଥିଲା।

# ପ୍ରତିକୂଳ ପାଗ ପାଇଁ ଶିମିଳିପାଳ ବନ୍ଦ

**ବାରିପଦା ଅଫିସ, ୧୫।୧୧**

ଲଘୁଚାପଜନିତ ବର୍ଷା ଓ କୁହୁଡ଼ି ସାଙ୍ଗକୁ କୋହଲା ପାଗ ପାଇଁ ଶିମିଳିପାଳ ଅଭୟାରଣ୍ୟ ବନ୍ଦ ରହିଛି। ଫଳରେ ଜିଲା ତଥା ପଡ଼ୋଶୀ ରାଜ୍ୟରୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଛି। ଶନିବାରଠାରୁ ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳରେ ଝିପିଝିପି ବର୍ଷା ହେଉଥିବାରୁ ମାଟି ରାସ୍ତାରେ ଯାନବାହନ ଚଳପ୍ରଚଳ ବିପଦପୂର୍ଣ୍ଣ ଥିବାରୁ କର୍ତ୍ତୃପକ୍ଷ ଏପରି ନିଷ୍ପତ୍ତି ନେଇଛନ୍ତି। ରବିବାର ଛୁଟି ଦିନ ଥିବାରୁ ପିଠାପଟା ରେଞ୍ଜର ଲୁଲୁଙ୍ଗ ଓ ଯଶୀପୁର ରେଞ୍ଜର ☞ପୃଷ୍ଠା-୬




# ବିଜେଡିରେ ମିଶିଲେ କଂଗ୍ରେସ ନେତା ପ୍ରଦୀପ ସାହୁ

ଖୋର୍ଦ୍ଧା ଅଫିସ,୧୫।୧୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଖୋର୍ଦ୍ଧା ଜିଲା କଂଗ୍ରେସ ଉପସଭାପତି ତଥା ଟାଙ୍ଗିଆ ନେତା ପ୍ରଦୀପ ସାହୁ ସୋମବାର ବିଜୁ ଜନତା ଦଳ (ବିଜେଡି)ରେ ଯୋଗ ଦେଇଛନ୍ତି। ଭୁବନେଶ୍ୱର ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ପ୍ରଦୀପ ଶତାଧିକ ସମର୍ଥକଙ୍କ ସହ ବିଜେଡି ସାଂଗଠନିକ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ, ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଓ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ପ୍ରକାଶ ଯେ, ରବିବାର ପ୍ରଦୀପ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ଦୀର୍ଘଦିନ ଧରି ସେ କଂଗ୍ରେସ ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ। ତେବେ ଦଳୀୟ ସାଂଗଠନିକ କ୍ଷେତ୍ରରେ ତାଙ୍କୁ କ୍ରମାଗତ ଭାବେ ଅଣଦେଖା କରାଯାଉଛି। ତେଣୁ ସେ ଦଳରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏହି କାରଣରୁ ସେ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି ବୋଲି ଇସ୍ତଫା ପତ୍ରରେ ଉଲ୍ଲେଖ କରିଥିଲେ। ଅନ୍ୟପକ୍ଷରେ ଏନେଇ ପିସିସି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ପରିଡ଼ା କହିଛନ୍ତି, ରାଜନୀତିରେ ଦଳ ଅଦଳବଦଳ ନୂଆ କଥା ନୁହଁ। ଜିଲାରେ ଏକାଧିକ ଉପସଭାପତି ରହିଥିଲେ। ଜଣେ ପଳାଇଲେ, ଦଳ ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ।


ବିଜେଡି କାର୍ଯ୍ୟାଳୟରେ ପ୍ରଦୀପ ସାହୁଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଅନ୍ୟ ନେତୃବୃନ୍ଦ।

# ଗୋଆରେ ୨୮% ବିଧାୟକଙ୍କ ବିରୋଧରେ ରହିଛି ଆପରାଧିକ ମାମଲା

ନୂଆଦିଲ୍ଲୀ,୧୫।୧୧(ପି.ଟି.)

ଗୋଆର ମୋଟ ୪୦ ବିଧାୟକଙ୍କ ମଧ୍ୟରୁ ୨୮%ଙ୍କ ବିରୋଧରେ ରହିଛି ଆପରାଧିକ ମାମଲା। ଏପରି କି ୨୩% ଜନପ୍ରତିନିଧିଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ରହିଥିବା ସମ୍ପର୍କରେ ସେମାନେ ନିଜର ନିର୍ବାଚନୀ ସତ୍ୟପାଠରେ ଉଲ୍ଲେଖ କରିଥିବା ଆସୋସିଏଶନ ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର)ରେ ପ୍ରକାଶ ପାଇଛି।

ଏଡିଆର୍ ଏବଂ ଗୋଆ ନିର୍ବାଚନ ୱାଚ

## ତାଲିକାରେ ଭାଜପାର ସର୍ବାଧିକ

ସମସ୍ତ ୪୦ ବିଧାନସଭା ଜନପ୍ରତିନିଧିଙ୍କ ଆପରାଧିକ, ଆର୍ଥିକ ଏବଂ ଅନ୍ୟାନ୍ୟ ପୃଷ୍ଠଭୂମି ବିବରଣୀ ସମ୍ପର୍କରେ ବିଶ୍ଲେଷଣ କରିଛନ୍ତି। ଏହା ୨୦୧୭ ବିଧାନସଭା ନିର୍ବାଚନ ପୂର୍ବରୁ ଏବଂ ପରେ କରାଯାଇଥିବା ଉପନିର୍ବାଚନ ପୂର୍ବରୁ ସେମାନଙ୍କ ଦ୍ୱାରା ଦାଖଲ ହୋଇଥିବା ସତ୍ୟପାଠ ଉପରେ ଆଧାରିତ। ବିଶ୍ଲେଷଣ କରାଯାଇଥିବା ୪୦ ବିଧାୟକଙ୍କ ମଧ୍ୟରୁ ୧୧ଜଣ (୨୮%) ନିଜ ବିରୋଧରେ ଆପରାଧିକ ମାମଲା ଘୋଷଣା କରିଛନ୍ତି ଏବଂ ୯ଜଣ (୨୩%) ବିଧାୟକ ସେମାନଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ଥିବା ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରେ ଭାଜପାର ୨୭ ବିଧାୟକଙ୍କ ମଧ୍ୟରୁ ୭(୨୬%), କଂଗ୍ରେସର ୫ ବିଧାୟକଙ୍କ ମଧ୍ୟରୁ ଜଣେ (୨୦%), ଗୋଆ ଫରୱାର୍ଡ ପାର୍ଟିର ୩ ବିଧାୟକଙ୍କ ମଧ୍ୟରୁ ଜଣେ (୩୩%), ଏନ୍‌ସିପିର ଥିବା ଜଣେ ବିଧାୟକ(୧୦୦%) ଏବଂ ୩ ସ୍ୱାଧୀନ ବିଧାୟକଙ୍କ ମଧ୍ୟରୁ ଜଣେ(୩୩%) ନିଜ ସତ୍ୟପାଠରେ ଆପରାଧିକ ମାମଲା ରହିଥିବା ଘୋଷଣା କରିଛନ୍ତି। ଏପରି କି ଭାଜପାର ୨୭ ବିଧାୟକଙ୍କ ମଧ୍ୟରୁ ୫, କଂଗ୍ରେସର ୫ ବିଧାୟକଙ୍କ ମଧ୍ୟରୁ ଜଣେ, ଗୋଆ ଫରୱାର୍ଡ ପାର୍ଟିର ୩ ବିଧାୟକଙ୍କ ମଧ୍ୟରୁ ଜଣେ, ଏନ୍‌ସିପିର ଜଣେ ବିଧାୟକ ଏବଂ ଜଣେ ସ୍ୱାଧୀନ ବିଧାୟକଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ରହିଥିବା ମଧ୍ୟ ଜଣାପଡ଼ିଛି। ଏପରି କି ସମସ୍ତ ୪୦ ବିଧାୟକ ହେଉଛନ୍ତି କୋଟିପତି ବୋଲି ଏଡିଆର୍ ରିପୋର୍ଟରେ ଦର୍ଶାଯାଇଛି। ଆସନ୍ତା ବର୍ଷ ଗୋଆରେ ବିଧାନସଭା ନିର୍ବାଚନ ହେବାର ଅଛି।

# ପ୍ରଧାନମନ୍ତ୍ରୀଙ୍କ ଶିଳାନ୍ୟାସ ଫଳକକୁ ଭାଙ୍ଗିଦେଲେ

କେନ୍ଦୁଝର,୧୫।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକର ଏରେଣ୍ଡେଇ ଓ ତେଲକୋଇ ବ୍ଲକ ଜଗମୋହନପୁରରେ ସୋମବାର ଦୁଇଟି ଏକଲବ୍ୟ ବିଦ୍ୟାଳୟର ଶିଳାନ୍ୟାସ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସ ଜରିଆରେ ଏହାର ଶିଳାନ୍ୟାସ କରିଥିଲେ। ତେବେ ଜଗମୋହନପୁର ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ ତଥା ବିଜେଡିର ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ ଯୋଗ ଦେଇଥିବା ବେଳେ ଭାଜପାର ସଦର ବିଧାୟକ ମୋହନ ମାଝି ପହଞ୍ଚିବା ପୂର୍ବରୁ ଶିଳାନ୍ୟାସ କରାଯିବା ଓ ଫଳକରେ ତାଙ୍କ ନାମ ନ ଥିବାରୁ ବିବାଦ ଦେଖାଦେଇଥିଲା। ସନ୍ଧ୍ୟାରେ ଭାଜପା ସମର୍ଥକ କୁହାଯାଉଥିବା କେତେଜଣ ଉକ୍ତ ଶିଳାନ୍ୟାସ ଫଳକକୁ ଭାଙ୍ଗି ଦେଇଥିବା ଚର୍ଚ୍ଚାର ବିଷୟ ହୋଇଛି।

ଉକ୍ତ ଫଳକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା, ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ତେଲକୋଇ ବିଧାୟକ ତଥା ମନ୍ତ୍ରୀ ନାୟକଙ୍କ ନାମ ରହିଥିଲେ ହେଁ ବିଧାୟକ ମାଝିଙ୍କ ନାମ ଉଲ୍ଲେଖ ନ ଥିଲା। ଏ ସଂକ୍ରାନ୍ତରେ ବିଧାୟକ ମାଝିଙ୍କୁ ପଚାରିବାରୁ ଜିଲାପାଳଙ୍କଠାରୁ ଚିଠି ପାଇ ସେ କେନ୍ଦ୍ର ମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। କିନ୍ତୁ ସେ ପହଞ୍ଚିଲା ବେଳକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଶିଳାନ୍ୟାସ ସରି ଯାଇଥିଲା। ଜାଣି ଶୁଣି ତାଙ୍କ ନାମ ଫଳକରେ ଲେଖାଗଲା ନାହିଁ ଯାହାକି ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ସେ ପ୍ରକାଶ କରିଛନ୍ତି। ଏନେଇ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି, ସଦର ବିଧାୟକ ମାଝି ସଭାରେ ଯୋଗଦେବା ନେଇ କୌଣସି ସୂଚନା ଦେଇ ନ ଥିଲେ କିମ୍ବା ଆସି ନ ଥିଲେ। ଏଣୁ ତାଙ୍କ ନାମ ଫଳକରେ ସ୍ଥାନ ପାଇନାହିଁ। ଅନ୍ୟମାନଙ୍କ ନାମ ଉଲ୍ଲେଖ ରହିଛି। ତେବେ ଉକ୍ତ ଫଳକ ଭାଙ୍ଗି ଦିଆଯାଇଥିବା ସେ ଖବର ପାଇଛନ୍ତି ବୋଲି କହିଛନ୍ତି।

# ଭାଜପା କର୍ମୀଙ୍କୁ ମାଡ଼ ଅଭିଯୋଗ

ଝାରସୁଗୁଡ଼ା ଅଫିସ,୧୫।୧୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଝାରସୁଗୁଡ଼ା ଜିଲାରେ ଭର୍ଚୁଆଲରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ଏଥିପାଇଁ ଝାରସୁଗୁଡ଼ା ଇଞ୍ଜିନିୟରି ସ୍କୁଲ ଅଡିଟୋରିୟମରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଓ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷ ହେବା ପରେ ଉଭୟ ମନ୍ତ୍ରୀ ଝାରସୁଗୁଡ଼ା ସର୍କିଟ ହାଉସକୁ ମଧ୍ୟାହ୍ନଭୋଜନ ପାଇଁ ଯାଉଥିଲେ। ତେବେ ରାସ୍ତାରେ ଭାଜପା କର୍ମୀ ସେମାନଙ୍କୁ କଳାପତାକା ଦେଖାଇବା ସହିତ ବିଜେଡି ବିରୋଧୀ ନାରାବାଜି କରିଥିଲେ। ହେଲେ ସେଠାରେ ବିଜେଡି କର୍ମୀ ସେମାନଙ୍କୁ ନିସ୍ଠୁର ମାଡ଼ ମାରିଥିବା ନେଇ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ବିଶ୍ୱଜିତ ଷଡ଼ଙ୍ଗୀ ଥାନାରେ ଏତଲା ଦେଇଛନ୍ତି।

# ମନ୍ତ୍ରୀଙ୍କୁ ଗୃହକୁ ପୂରାଇ ଦେବୁନି: କଂଗ୍ରେସ

## ଦୋଷ ପ୍ରମାଣ କର: ବିଜେଡି

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ବିଧାନସଭାର ଶୀତ ଅଧିବେଶନ ଡିସେମ୍ବର ପହିଲାରୁ ଆରମ୍ଭ ହେବ। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏଥିରେ ମୋଟ ୨୬ କାର୍ଯ୍ୟଦିବସ ରହିଛି। ତେବେ ଏହି ଅଧିବେଶନରେ ମୁଖ୍ୟତଃ ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ଗୃହ ଭିତରେ ଏବଂ ବାହାରେ ବିରୋଧୀଙ୍କ ପକ୍ଷରୁ ଶାଣିତ ଆକ୍ରମଣ କରାଯିବ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇସାରିଲାଣି। ଅନ୍ୟପକ୍ଷରେ ଗୃହ ଭିତରକୁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ପୂରାଇ ଦେବେ ନାହିଁ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଅନ୍ୟପଟେ ବିଜେଡି କିନ୍ତୁ ପ୍ରଥମେ ଦୋଷ ପ୍ରମାଣ କର ତା'ପରେ ଅଭିଯୋଗ କରିବ ବୋଲି ଯୁକ୍ତି ବାଢ଼ିଛି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ମମିତାଙ୍କୁ ହାଣି ଖଣ୍ଡ ଖଣ୍ଡ କରି ଅତି ନୃଶଂସଭାବେ ହତ୍ୟା କରାଗଲା। ହେଲେ ତାଙ୍କୁ ହତ୍ୟା କରିବାର କାରଣ କ'ଣ ସେନେଇ ଏପର୍ଯ୍ୟନ୍ତ ପୋଲିସ ସ୍ପଷ୍ଟ କରିନାହିଁ। ମହାଲିଙ୍ଗ କଲେଜକୁ ବଡ଼ ବଡ଼ ଲୋକ, ମନ୍ତ୍ରୀ ଏବଂ ନେତା ଆସୁଥିଲେ। ସେଠାରେ ମନ୍ତ୍ରୀ ଏବଂ ନେତା ରାତ୍ରିଯାପନ କରିବା ସହ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟରେ ସମ୍ପୃକ୍ତ ରହୁଥିଲେ। ଏହାକୁ ଲୁଚାଇବା ଲାଗି ମମିତାଙ୍କୁ ହତ୍ୟା କରାଯାଇଛି, ଯାହା ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିନାହିଁ। କେବଳ ଗୋବିନ୍ଦ ସାହୁଙ୍କୁ ପୋଲିସ ଗିରଫକରି ଚୁପ୍ ବସିଛି। ଏହି ପ୍ରସଙ୍ଗକୁ କଂଗ୍ରେସ ବ୍ୟାପକ କରିବ। ଏହି ଘଟଣାରେ ଦିବ୍ୟଶଙ୍କର ମିଶ୍ର ସମ୍ପୃକ୍ତ ଥିବା ପୀଡ଼ିତାଙ୍କ ପରିବାର ଲୋକ କରିଛନ୍ତି। ତେଣୁ ତାଙ୍କୁ ତୁରନ୍ତ ବରଖାସ୍ତ କରିବାକୁ ବିଧାନସଭାରେ ଉଠାଇବୁ। ଦଳ ମମିତା ହତ୍ୟା ମାମଲାରେ କିଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିବ ସେନେଇ ବିଧାୟକ ଦଳ ବୈଠକରେ ସ୍ଥିର କରିବୁ। ତେଣୁ ଏହି ଘଟଣାରେ ଦିବ୍ୟଶଙ୍କର ନିର୍ଦ୍ଦୋଷ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ତାଙ୍କୁ ଗୃହରେ ପୂରାଇ ନ ଦେବାକୁ ବାଚସ୍ପତି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବୁ। ସେ ବିଧାନସଭା ଗୃହକୁ ଆସିଲେ ତାହା ଅପବିତ୍ର ହେବ। ମୁଖ୍ୟମନ୍ତ୍ରୀ ଯେହେତୁ ଗୃହରେ ରହୁନାହାନ୍ତି ସେଥିଲାଗି ଏହି ପ୍ରସଙ୍ଗରେ ଦିବ୍ୟଶଙ୍କର ଉତ୍ତର ରଖିବେ। ଏହା ମଧ୍ୟ ବିଧାନସଭାର ମର୍ଯ୍ୟାଦା କ୍ଷୁଣ୍ଣ କରିବ ବୋଲି ସେ କହିଛନ୍ତି। ଅନ୍ୟପଟେ ସାଲୁଜା ଉଠାଇଥିବା କଥାକୁ ବିଧାୟକ ସୁରେଶ କୁମାର ରାଉତରାୟ ସମର୍ଥନ କରିଛନ୍ତି।

ସାଲୁଜାଙ୍କ ପ୍ରତିକ୍ରିୟା ଉପରେ ମତ ରଖି ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି, ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ଗୃହରେ ପୂରାଇ ନ ଦେବାର ଅଧିକାର କାହାର ନାହିଁ। ଏହି ବ୍ୟବସ୍ଥାକୁ ଯେଉଁମାନେ ଉଲ୍ଲଂଘନ କରିବେ ସେହି ଅନୁସାରେ ସେମାନେ ଆଇନକୁ ସମ୍ମୁଖୀନ କରିବେ। ସେମାନଙ୍କ ନିକଟରେ ଯଦି ପ୍ରମାଣ ଅଛି କୋର୍ଟ ଅଫ୍ ଲ'ରେ ଦିଅନ୍ତୁ। ସେମାନେ ଆଣୁଥିବା ଅଭିଯୋଗକୁ ପ୍ରମାଣ କରନ୍ତୁ। ଏଭଳି ଅଭିଯୋଗ ଆଣିଦେଲେ କିଛି ସତ ହୋଇଯିବ ନାହିଁ। ପ୍ରକୃତରେ ମନ୍ତ୍ରୀଙ୍କ ଯଦି ସମ୍ପୃକ୍ତି ଥିବ ତେବେ ମୁଖ୍ୟମନ୍ତ୍ରୀ ତଦନ୍ତ ହେବା ପରେ ରିପୋର୍ଟ ଅନୁଯାୟୀ ନିଷ୍ପତ୍ତି ଯାହା ନେବା କଥା ନେବେ। ବିରୋଧୀ ଗୃହରେ ଯେଉଁସବୁ ପ୍ରସଙ୍ଗ ଉଠାଇବେ ତା'ର ଜବାବ ଦେବାକୁ ଆମେ ପ୍ରସ୍ତୁତ। ସାଲୁଜା ଯାହା କହିବେ ତାହା ବେଦର ଗାର ନୁହେଁ ବୋଲି ଅଶ୍ୱିନୀ କହିଛନ୍ତି।



### ମମିତା ହତ୍ୟା ପ୍ରସଙ୍ଗ









# ସଂକ୍ଷେପରେ

## ୧୯ରୁ ଡିଜିପି ସମ୍ମିଳନୀ

**ଲକ୍ଷ୍ନୌ, ୧୫।୧୧(ଆଇଏଏନ୍ଏସ୍):** ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏବଂ ମହାନିରୀକ୍ଷକ (ଆଇଜି)ମାନଙ୍କର ପ୍ରଥମ ସର୍ବଭାରତୀୟ ସମ୍ମିଳନୀ ନଭେମ୍ବର ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଲକ୍ଷ୍ନୌସ୍ଥିତ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାବ୍ୟତୀତ ୩ ଦିନିଆ ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପ୍ରମୁଖ ଯୋଗଦେବେ। ଇଣ୍ଟେଲିଜେନ୍ସ ବ୍ୟୁରୋ ଦ୍ୱାରା ଆୟୋଜିତ ସମ୍ମିଳନୀର ପ୍ରଥମ ଦିନରେ ଶାହା ଯୋଗଦେବାକୁ ଥିବାବେଳେ ୨୦ ଓ ୨୧ରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବେ। ବିଭିନ୍ନ ରାଜ୍ୟରୁ ପୋଲିସ ଡିଜି, ଆଇଜି ଏବଂ ଅନ୍ୟାନ୍ୟ ବାହିନୀର ଅଧିକାରୀଙ୍କ ସମେ ପ୍ରାୟ ୮୦ ଅଫିସର ଯୋଗଦେବେ। ମାଓବାଦୀ କାର୍ଯ୍ୟ, ଆତଙ୍କବାଦ, ସାଇବର ଅପରାଧ, ମହିଳାମାନଙ୍କ ବିରୋଧରେ ଅପରାଧ, କୋଭିଡ୍-୧୯ ମହାମାରୀ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ସମ୍ମିଳନୀରେ ଆଲୋଚନା କରାଯିବ।

## ତ୍ରିପୁରା ହିଂସା: ଗିରଫ ଦୁଇ ଖବରଦାତାଙ୍କୁ ଜାମିନ

**ଅଗରତାଲା, ୧୫।୧୧:** ତ୍ରିପୁରା ସାମ୍ପ୍ରଦାୟିକ ହିଂସା ସମ୍ପର୍କିତ ଉତ୍ତେଜନା ସୃଷ୍ଟିକାରୀ ଖବର ସୋସିଆଲ ମିଡିଆରେ ଛାଡ଼ିବା ଅଭିଯୋଗରେ ଗିରଫ ୨ ମହିଳା ଖବରଦାତାଙ୍କୁ ସୋମବାର ତ୍ରିପୁରାର ଏକ ଅଦାଲତ ଜାମିନ ପ୍ରଦାନ କରିଛନ୍ତି। ଏଚ୍.ଡବ୍ଲ୍ୟୁ ନ୍ୟୁଜ୍ ନେଟୱର୍କ ପାଇଁ କାର୍ଯ୍ୟ କରୁଥିବା ଖବରଦାତା ସମୃଦ୍ଧି କେ. ସକୁନିଆ ଏବଂ ସ୍ୱର୍ଣ୍ଣ ଝା ତ୍ରିପୁରା ହିଂସା ଖବର ସଂଗ୍ରହ ପାଇଁ ଆସିଥିଲେ। ରବିବାର ସେମାନଙ୍କୁ ଆସାମର କରିମଗଞ୍ଜ ଅନ୍ତର୍ଗତ ନିଲମ ବଜାରରୁ ପୋଲିସ ଗିରଫ କରିଥିଲା। ସେମାନେ ଧର୍ମ ଆଧାରରେ ଉତ୍ତେଜନା ସୃଷ୍ଟିକାରୀ ବାର୍ତ୍ତା ପୋଷ୍ଟ କରିଥିବା ଅଭିଯୋଗରେ ବିଶ୍ୱ ହିନ୍ଦୁ ପରିଷଦ ସମର୍ଥକ ତାଙ୍କ ବିରୋଧରେ ଏତଲା ଦାଏର କରିଥିଲେ।

## ଇସ୍ରୋ ଗୁପ୍ତଚରଗିରି ମାମଲା
## ନମ୍ବି ନାରାୟଣଙ୍କ ବିରୋଧରେ ଆବେଦନ ଖାରଜ

**କୋଚି, ୧୫।୧୧:** ଇସ୍ରୋ ଗୁପ୍ତଚର ମାମଲାରେ ପୂର୍ବତନ ବୈଜ୍ଞାନିକ ନମ୍ବି ନାରାୟଣଙ୍କ ବିରୋଧରେ ହୋଇଥିବା ଏକ ଆବେଦନକୁ କେରଳ ହାଇକୋର୍ଟ ଖାରଜ କରିଦେଇଛନ୍ତି। ୧୯୯୪ର ଏହି ସ୍ପାଏ କେସ୍‌ର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଯାଞ୍ଚକୁ ପ୍ରଭାବିତ କରିବାକୁ ନମ୍ବି ନାରାୟଣ ତତ୍କାଳୀନ ତଦନ୍ତକାରୀ ଅଧିକାରୀଙ୍କ ସହ ବହୁ କୋଟି ଟଙ୍କାର ଜମି କାରବାର କରିଥିଲେ ବୋଲି କେରଳର ପୂର୍ବତନ ପୋଲିସ ଅଧିକାରୀ ଏସ୍. ବିଜୟନ ଅଭିଯୋଗ କରିଥିଲେ। ଜଷ୍ଟିସ ଆର୍. ନାରାୟଣ ପିଶାରଦି ବିଜୟନଙ୍କ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ଇସ୍ରୋ ସ୍ପାଏ ମାମଲାରେ ନମ୍ବି ନାରାୟଣଙ୍କୁ ଫସାଇବା ଅଭିଯୋଗରେ କେରଳର ପ୍ରାୟ ୧୭ ପୂର୍ବତନ ପୋଲିସ ଏବଂ ଆଇବି ଅଧିକାରୀଙ୍କ ବିରୋଧରେ ସିବିଆଇ ତଦନ୍ତ ଚାଲିଛି।

# ଚାଇନା ଚିନ୍ତା ବଢ଼ାଇଛି ଡେଲ୍ଟା



- ୧୩୦୮ ନୂଆ ସଂକ୍ରମିତ ଚିହ୍ନଟ
- ୨୧ ପ୍ରଦେଶରେ ବଢ଼ୁଛି ସଂକ୍ରମଣ
- ବିଭିନ୍ନ ଅଞ୍ଚଳରେ କଟକଣା ଜାରି

**ବେଜିଂ, ୧୫।୧୧**

କରୋନାର ସବୁଠୁ ମାରାତ୍ମକ ଡେଲ୍ଟା ଭାରିଆଣ୍ଟ ଚାଇନାର ଚିନ୍ତା ବଢ଼ାଇଛି। ଅକ୍ଟୋବର ୧୭ରୁ ନଭେମ୍ବର ୧୪ ମଧ୍ୟରେ ୧୩୦୮ ମାମଲା ଚିହ୍ନଟ କରାଯାଇଛି। ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଉତ୍ତରପୂର୍ବର କେତେକ ସହରରେ ଲକ୍‌ଡାଉନ ଭଳି କଟକଣା ଲଗାଯାଇଛି। ଗତ ସପ୍ତାହଠାରୁ ସଂକ୍ରମଣ ସାରା ଦେଶରେ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ମୋଟ ୧,୨୮୦ ମାମଲା ସାମ୍ନାକୁ ଆସିଥିବାବେଳେ ଏବେ କମ୍ ସମୟ ମଧ୍ୟରେ ସଂକ୍ରମଣ ଏହି ସଂଖ୍ୟାକୁ ଅତିକ୍ରମ କରିଛି। ଏ ପର୍ଯ୍ୟନ୍ତ ଚାଇନାରେ ୯୮,୩୧୫ ମାମଲା ଚିହ୍ନଟ ହୋଇଛି। ଏଥିସହ ମୋଟ ୪,୬୩୬ ମୃତ୍ୟୁ ରେକର୍ଡ କରାଯାଇଛି।

୨୧ ଟି ପ୍ରଦେଶରେ ଡେଲ୍ଟା ଭାରିଆଣ୍ଟ କେସ୍ ସାମ୍ନାକୁ ଆସିଛି। ଚାଇନା ସରକାର ଏହାକୁ ଗମ୍ଭୀରତାର ସହ ନେଇ ସଂକ୍ରମିତଙ୍କ ନମୁନା ପରୀକ୍ଷା ଏବଂ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ଗୁରୁତ୍ୱ ଦେଇଛନ୍ତି। ଏଥିସହ ବିଭିନ୍ନ ସ୍ଥାନରେ କଣ୍ଟେନମେଣ୍ଟ ଜୋନ କରିବା ସହ ସେଠାରେ ସମସ୍ତ ପ୍ରକାର କାର୍ଯ୍ୟକ୍ରମ, ଜନଗହଳି, ଅତ୍ୟାବଶ୍ୟକ ନ ଥିଲେ ଲୋକଙ୍କୁ ଘରୁ ବାହାରିବା ଉପରେ କଟକଣା ଲଗାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ପର୍ଯ୍ୟଟନ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସାଧାରଣ ପରିବହନକୁ ମଧ୍ୟ ବାରଣ କରାଯାଇଛି। ଉତ୍ତରପୂର୍ବ ସହର ଡାଲିଆନ୍‌ରେ ଗତ ୪ ତାରିଖରେ ପ୍ରଥମେ ଡେଲ୍ଟା ଭାରିଆଣ୍ଟ ଚିହ୍ନଟ ହେବା ପରେ ସେଠାରେ କଟକଣା କଡ଼ାକଡ଼ି କରାଯାଇଛି। ସେଠାରୁ ଦିନକୁ ପ୍ରାୟ ୨୪ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଡାଲିଆନ ନିକଟ ସହର ଡାନ୍‌ଡୋଙ୍ଗ୍, ଅନ୍‌ସାନ୍, ଶେନ୍‌ୟାଙ୍ଗ ଆଦିରେ ମଧ୍ୟ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ଡାଲିଆନ୍‌ରୁ ବାହାରକୁ ଯାଉଥିବା ଲୋକଙ୍କ ପାଇଁ ୧୪ ଦିନିଆ କ୍ୱାରାଣ୍ଟାଇନ ବାଧ୍ୟତାମୂଳକ କରାଯାଇଛି।

# ଖୁର୍ସିଦଙ୍କ ଘର ଭଙ୍ଗାରୁଜା

**ନୂଆଦିଲ୍ଲୀ, ୧୫।୧୧**

ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦ ତାଙ୍କ ପୁସ୍ତକରେ ହିନ୍ଦୁତ୍ୱକୁ ଉଗ୍ର ଇସ୍‌ଲାମ ଧର୍ମ ସହ ତୁଳନା କରି ବିବାଦ ଘେରକୁ ଆସିଥିବାବେଳେ ସୋମବାର ନୈନିତାଲରେ ଥିବା ତାଙ୍କ ଘରେ ଭଙ୍ଗାରୁଜା କରାଯାଇଛି। ଫେସ୍‌ବୁକ୍‌ରେ ଖୁର୍ସିଦ ଭଙ୍ଗାରୁଜା ସମୟର ଭିଡିଓ ଅପ୍‌ଲୋଡ କରିବା ସହ ଏହାକୁ ସେ କଦାପି ହିନ୍ଦୁତ୍ୱ କହିପାରିବେ ନାହିଁ ବୋଲି କହିଛନ୍ତି। ଭିଡିଓରେ ଖୁର୍ସିଦଙ୍କ ଘରର ପୋଡ଼ିଯାଇଥିବା କବାଟ ଓ ଭଙ୍ଗା ଝରକା ଦେଖିବାକୁ ମିଳିଛି। କେତେଜଣ ଲୋକ ଭାଜପା ପତାକା ଧରି ଭଙ୍ଗାରୁଜା ସ୍ଥଳରେ ଛିଡ଼ାହୋଇ ଜୟ ଶ୍ରୀରାମ ଏବଂ ହର ହର ମହାଦେବ କହୁଥିବା ଦେଖାଯାଇଛି। ସୂଚନାଯୋଗ୍ୟ, ଖୁର୍ସିଦଙ୍କ ଦ୍ୱାରା ରଚିତ ନୂଆ ବହି 'ସନ୍‌ରାଇଜ୍ ଓଭର ଅଯୋଧ୍ୟା: ନେଶନହୁଡ୍ ଇନ୍ ଆୱାର ଟାଇମ୍ସ' ମଙ୍ଗଳବାର ଉନ୍ମୋଚିତ ହୋଇଥିଲା। କିଛିବର୍ଷ ଧରି ହିନ୍ଦୁତ୍ୱ ବିଚାରଧାରାକୁ ନେଇ ଚାଲିଥିବା ରାଜନୀତି ଆଇଏସ୍ ଏବଂ ବୋକୋ ହାରାମ ଭଳି ଇସ୍‌ଲିମ୍ ଜେହାଦୀ ସଙ୍ଗଠନଗୁଡ଼ିକ ସହ ତୁଳନୀୟ ବୋଲି ଖୁର୍ସିଦ ଏଥିରେ ଉଲ୍ଲେଖ କରିଛନ୍ତି।




# ୧୪ ଦିନ ପାଇଁ ଜେଲ ଗଲେ ଦେଶମୁଖ

**ମୁମ୍ବାଇ, ୧୫।୧୧**



ମନିଲଣ୍ଡରିଂ ମାମଲାରେ ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ସ୍ୱତନ୍ତ୍ର ପିଏମ୍ଏଲ୍ଏ କୋର୍ଟ ସୋମବାର ଦୁଇ ସପ୍ତାହ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଗତ ୨ ତାରିଖରେ ତାଙ୍କୁ ଗିରଫ କରାଯାଇଥିଲା। ବୟସାଧିକ୍ୟ ଏବଂ ଅସୁସ୍ଥତା କାରଣରୁ ଦେଶମୁଖଙ୍କ ଅନୁରୋଧକ୍ରମେ ଜେଲରେ ତାଙ୍କୁ ଔଷଧ ଓ ବେଡ୍ ଯୋଗାଇଦେବାକୁ କୋର୍ଟ ଅନୁମତି ଦେଇଛନ୍ତି। ଦେଶମୁଖ ତାଙ୍କ ବ୍ୟକ୍ତିଗତ ସହାୟକ କୁନ୍ଦନ ସିନ୍ଦେଙ୍କ ଜରିଆରେ ତତ୍କାଳୀନ ଆସିଷ୍ଟାଣ୍ଟ ପୋଲିସ ଇନ୍‌ସପେକ୍ଟର ସଚିନ ୱାଜେଙ୍କଠାରୁ ୪.୭ କୋଟି ଟଙ୍କା ସଂଗ୍ରହ କରିଥିବା ଇଡି ଏହାର ପ୍ରଥମ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛି। ଦେଶମୁଖଙ୍କ ପାଇଁ ୱାଜେ ବେଆଇନ ଭାବେ ବିଭିନ୍ନ ଅର୍କେଷ୍ଟ୍ରା ବାର୍ ମାଲିକଙ୍କଠାରୁ ବଟି ସଂଗ୍ରହ କରୁଥିଲେ। ସେଥିରୁ ୪.୧୮ କୋଟି ଟଙ୍କା ଶେଲ୍ କମ୍ପାନୀ ଜରିଆରେ ଦେଶମୁଖଙ୍କ ନାଗପୁରସ୍ଥିତ ଶିକ୍ଷା ଟ୍ରଷ୍ଟକୁ ଦିଲ୍ଲୀର ହାୱାଲା ଅପରେଟର ସୁରେନ୍ଦ୍ର ଜୈନ ଏବଂ ବୀରେନ୍ଦ୍ର ଜୈନଙ୍କ ସହାୟତାରେ ଟ୍ରାନ୍ସଫର କରାଯାଇଥିଲା। ଦେଶମୁଖଙ୍କ ପରିବାର ସଦସ୍ୟଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ନିୟନ୍ତ୍ରଣରେ ୨୭ଟି କମ୍ପାନୀ ରହିଥିବା ଇଡି ଅଭିଯୋଗ କରିଛି।

# ସିନେଟ ପ୍ରାର୍ଥୀ ହେଲେ ଡୁଟେର୍ଟେ

**ରାଜନୀତିରୁ ସନ୍ନ୍ୟାସ ନିଷ୍ପତ୍ତିରୁ ଓହରିଲେ**



**ମାନିଲା, ୧୫।୧୧**

ରାଜନୀତିରୁ ସନ୍ନ୍ୟାସ ନେବାକୁ ଗତ ମାସରେ ଘୋଷଣା କରିବା ପରେ ଫିଲିପାଇନ୍ସ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ ନିର୍ବାଚନ କମିଶନଙ୍କ ନିକଟରେ ସିନେଟର ପ୍ରାର୍ଥୀଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆସନ୍ତା ମେ'ରେ ଦେଶରେ ନିର୍ବାଚନ ହେବାକୁ ଥିବାବେଳେ ୭୬ ବର୍ଷୀୟ ଡୁଟେର୍ଟେ ସୋମବାର ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ଏହି ନିଷ୍ପତ୍ତି ନେଇଛନ୍ତି। ଡ୍ରଗ୍ସ ବିରୋଧୀ ଘାତକ ଅଭିଯାନରେ ତାଙ୍କ ଉପରେ ଥିବା ଅଭିଯୋଗ ଏବଂ ଏ ବାବଦରେ ଅନ୍ତର୍ଜାତୀୟ ଅପରାଧ କୋର୍ଟ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ସେ ଏପରି କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ୨୦୧୬ରେ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଡୁଟେର୍ଟେ ଆଣ୍ଟି-ଡ୍ରଗ୍ସ ଅଭିଯାନ ଆରମ୍ଭ କରିଥିଲେ। ଏଥିରେ ୬ ହଜାରରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧଙ୍କ ମୃତ୍ୟୁ ଘଟଣା ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଥିଲା। ସୂଚନାଯୋଗ୍ୟ, ଡୁଟେର୍ଟେଙ୍କ ଝିଅ ସାରା ଡୁଟେର୍ଟେ ଫିଲିପାଇନ୍ସ ଉପରାଷ୍ଟ୍ରପତି ପଦରେ ପ୍ରାର୍ଥୀ ହୋଇଛନ୍ତି।




# ଜେଏନ୍‌ୟୁ କ୍ୟାମ୍ପସ୍‌ରେ ହିଂସା

**ନୂଆଦିଲ୍ଲୀ, ୧୫।୧୧**

ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ୟୁନିଭର୍ସିଟି(ଜେଏନ୍‌ୟୁ) ପରିସରରେ ରବିବାର ରାତିରେ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଛାତ୍ର ସଙ୍ଗଠନ ଏବିଭିପି ଏବଂ ଜେଏନ୍‌ୟୁ ଛାତ୍ର ସଂଘ(ଜେଏନ୍‌ୟୁଏସ୍‌ୟୁ) ପରସ୍ପରକୁ ଆକ୍ରମଣ କରିବା ଯୋଗୁ ଅନେକେ ଆହତ ହୋଇଛନ୍ତି। ସେମାନଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଛି। ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିଛି। ବାମଦଳ ଛାତ୍ର ସଙ୍ଗଠନର ଅଭିଯୋଗ ଅନୁଯାୟୀ, ଜେଏନ୍‌ୟୁଏସ୍‌ୟୁ ପକ୍ଷରୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଦିବସ ପାଳନ ନିମନ୍ତେ ଷ୍ଟୁଡେଣ୍ଟ ୟୁନିୟନ ହଲକୁ ବୁକ୍ କରାଯାଇଥିଲା। ଏଥିନିମନ୍ତେ ସେଠାରେ ପୋଷ୍ଟର ମଧ୍ୟ ଲାଗିଥିଲା। କାର୍ଯ୍ୟକ୍ରମ ଆୟୋଜକ ହଲ୍‌ରେ ପହଞ୍ଚିବା ପରେ ଏବିଭିପିର ପ୍ରାୟ ୧୫ ସଦସ୍ୟ ଉକ୍ତ ହଲ୍‌କୁ ଜବରଦସ୍ତି ନିଜ ଦଖଲରେ ରଖିଥିଲେ। ସମ୍ପୃକ୍ତ ଆୟୋଜକଙ୍କ ସମେତ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏଶନ(ଏଆଇଏସ୍ଏ) କାର୍ଯ୍ୟକର୍ତ୍ତାମାନେ ଏବିଭିପି ସଦସ୍ୟଙ୍କୁ ଜାଗା ଛାଡ଼ିବାକୁ କହିଥିଲେ ହେଁ ସେମାନେ ଗାଳି କରିବା ସହ ମାର୍‌ପିଟ୍ ଆରମ୍ଭ କରିଥିଲେ। ତେବେ ବାମଦଳ ଛାତ୍ର ସଙ୍ଗଠନ ହଲ୍‌ରେ ଏକ ବୈଠକ ଆୟୋଜନ କରିବାକୁ ବିରୋଧ କରିବା ସହ ଗଣ୍ଡଗୋଳ କରିଥିଲେ ବୋଲି ଏବିଭିପି ପକ୍ଷରୁ ଅଭିଯୋଗ ହୋଇଛି। ଉଭୟ ପକ୍ଷର ଅଭିଯୋଗ ଉପରେ ତଦନ୍ତ କରାଯାଉଥିବା ଦକ୍ଷିଣପଶ୍ଚିମ ଡିସିପି ଗୌରବ ଶର୍ମା କହିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୬ ନଭେମ୍ବର, ୨୦୨୧



## ଯୁବତୀଙ୍କ ମୋବାଇଲ ଲୁଟ୍: ଜଣେ ଗିରଫ

**ରାଉରକେଲା ଅଫିସ,୧୫।୧୧:** ରାଉରକେଲା ଉଦିତନଗର ଥାନା ଫିଟନେସ ପାର୍କରେ ଜଣେ ଯୁବତୀଙ୍କୁ ଆକ୍ରମଣ କରି ମୋବାଇଲ ଲୁଟ୍ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଜଳଦା ସି ବ୍ଲକର ସୋନାରାମ ଲୋହାର(୨୯)। ପୋଲିସ ଏକ ମାମଲା (ନଂ୨୫୭/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ରବିବାର ସନ୍ଧ୍ୟାରେ ଉକ୍ତ ଯୁବତୀ ଉଦିତନଗର ଅଞ୍ଚଳରେ କାମସାରି ଘରକୁ ଫେରୁଥିଲେ। ବାଟରେ ସୋନାରାମ ଯୁବତୀ ଜଣଙ୍କୁ ଆକ୍ରମଣ କରି ତାଙ୍କ ମୋବାଇଲ ଛଡାଇ ନେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଜଳଦା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରି ଚୋରି ମୋବାଇଲ ଜବତ କରିଥିଲା।

# ବର୍ଷାପାଣିରେ ଭାସୁଛି ପାଚିଲା ଧାନ

**କୁଚିଣ୍ଡା,୧୫।୧୧(ଡି.ଏନ.ଏ.)**

ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ଯୋଗୁ ଖରିଫ ଧାନ ଫସଲ ମରୁଡିରେ ଶିକାର ହୋଇଥିଲା। ଯାହା କିଛି ବଞ୍ଚିଥିଲା ଗତ ଦୁଇଦିନ ଧରି ହୋଇଥିବା ଅଦିନିଆ ବର୍ଷା ଯୋଗୁ ବିଲା ସେସବୁ ଭାସୁଥିବା ଦେଖାଯାଇଛି। ଅମଳ ଅପେକ୍ଷାରେ ଥିବା ପାଚିଲା ଓ କଟାଯାଇଥିବା ଧାନ ଜମିରେ ପଡି ଗଜା ହେବାକୁ ବସିଲାଣି। କୁଚିଣ୍ଡା ଅଞ୍ଚଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଧାର କରଜ କରି ଚାଷ କରିଥିବା ଚାଷୀମାନେ କିଭଳି ପରିଶୋଧ କରିବେ ସେହି ଚିନ୍ତାରେ ଅଛନ୍ତି।

ଖରିଫ ଋତୁରେ ଅସ୍ୱାଭାବିକ ବର୍ଷା ମରୁଡିକୁ ଏକ ପ୍ରକାର ସୁନିଶ୍ଚିତ କରି ଦେଇଥିଲା। ତେଣୁ ଅଧିକାଂଶ ଚାଷୀ ଡିପ ଜମିରେ ଅଣଧାନ ଯଥା ରାଶି, କୋଲଥ, ବିରି, ମୁଗ, ସୋରିଷ ସାଙ୍ଗକୁ ପନିପରିବା


ପାଣିରେ ଭିଜୁଥିବା ଧାନଗଛ ଦେଖାଉଛନ୍ତି ଚାଷୀ।

ଚାଷ କରିଥିଲେ। ଆଶା ଥିଲା ଏଥିରୁ ଦି ପଇସା ରୋଜଗାର କରି ଘର ସଂସାର ଚଳାଇବେ। ମାତ୍ର ଅଦିନିଆ ବର୍ଷା ସବୁ ଓଲଟପାଲଟ କରଦେଇଛି। ଅନ୍ୟ ପକ୍ଷରେ ବେର୍ଣ୍ଣା ଓ ବାହାଲ କିସମ ଜମିରେ ଚାଷୀ ଖର୍ଚ୍ଚ କରିପମ୍ପ ମୋଟର ଦ୍ୱାରା ପାଣି ମଡେଇ ଧାନ ଫସଲକୁ ବଞ୍ଚାଇ ରଖିଥିଲା। ତେବେ ଧାନ ଅମଳ ବେଳକୁ ଅଦିନିଆ ବର୍ଷା ଦାଉ ସାଧିଛି। ପାଣିରେ ଭାସୁଥିବା ଧାନକୁ କିଭଳି ଅମଳ କରିବ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ସରକାର କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

### ଚାଷୀମାନଙ୍କ ମୁହଁରୁ...

"ଚଳିତ ବର୍ଷ ମରୁଡି ସତ୍ତ୍ୱେ ପାଣି ଦେଇ ବଞ୍ଚାଇ ରଖିଥିବା ଧାନ ଫସଲ ଅମଳ ସମୟରେ ଅଦିନିଆ ବର୍ଷା ଆମ ଚାଷୀ ସମାଜର ମେରୁଦଣ୍ଡ ଶଭାଙ୍ଗିଦେଇଛି। ତେଣୁ ସରକାର ତୁରନ୍ତ କ୍ଷତି ପୂରଣ ଦିଅନ୍ତୁ।

-କିରଣ କୁମାର ମହାପାତ୍ର

"ଲଗାଣ ବର୍ଷା ଯୋଗୁଁ ବିଲରେ ଥିବା ପାଚିଲା ଧାନ ସବୁ ଗଜା ହୋଇଗଲାଣି। କୃଷି ବିଭାଗ ଶୀଘ୍ର କ୍ଷେତ୍ର ପରିଦର୍ଶନ କରି ପଦକ୍ଷେପ ନିଅନ୍ତୁ।

-ସୁଜିତ ଚୌଧୁରୀ

"ଅଦିନିଆ ବର୍ଷା ଚାଷୀଙ୍କ ଉପରେ କୋରଡା ମାଡ଼ ସଦୃଶ ହୋଇଛି। ସରକାର ତୁରନ୍ତ ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦିଅନ୍ତୁ।

-ଜୟନ୍ତ କୁମାର ପ୍ରଧାନ

"ଦୁଇତିନି ଦିନ ଧରି ହୋଇଥିବା ଲଗାଣ ବର୍ଷାରେ ଧାନ ଫସଲ ଯେଭଳି ଭାବେ କ୍ଷତିଗ୍ରସ୍ତ ହୋଇଛି ଏଥିରେ ଚାଷୀ ଆଉ ଉଧେଇପାରିବ ନାହିଁ। ତେଣୁ ପ୍ରଶାସନ ତୁରନ୍ତ ସରକାରଙ୍କୁ ରିପୋର୍ଟ କରି କ୍ଷତିପୂରଣ ଦେବା ବ୍ୟବସ୍ଥା କରନ୍ତୁ।

-ଖତୁନାଥ ପିଙ୍ଗ

## ଆଜି କ'ଣ କେଉଁଠି

ସମ୍ବଲପୁର
- ପ୍ରେସ୍‌କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ, ସମ୍ବଲପୁର ପ୍ରେସ୍ ଭବନ, ପୂର୍ବାହ୍ନ ସାଢ଼େ ୧୦ଟା।
- ଓଡ଼ିଶା ସମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ଅପରାହ୍ନ ସାଢ଼େ ୪ଟା।

## ସଂକ୍ଷେପରେ

### ଦୁଇ ଦୋକାନରୁ ଚୋରି

**ବ୍ରଜରାଜନଗର, ୧୫।୧୧ (ଡି.ଏନ.ଏ.):** ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ଛକ ଉପରେ ଥିବା ବାରିକ ପାନ ମସଲା ଦୋକାନ ଓ ବିଭୂତି କିରାନା ଦୋକାନ ଗୋଦାମରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଦୋକାନରୁ ନଗଦ ଟଙ୍କା ଓ ବିଭିନ୍ନ ସାମଗ୍ରୀ ନେଇଯାଇଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ଫାଣ୍ଡି ଅଧିକାରୀ ଶଶିଭୂଷଣ ପୋଡ଼, ଏଏସ୍ଆଇ ଗୋପାଳ ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବ୍ରଜରାଜନଗର ଅଞ୍ଚଳରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ରାତ୍ରିକାଳୀନ ପାଟ୍ରୋଲିଂ କଡାକଡି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଚାଳକ ମହାସଂଘ ବୈଠକ

**ନାକଟିଦେଉଳ,୧୫।୧୧(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ଓଡ଼ିଶା ଡ୍ରାଇଭର ମହାସଂଘ ବୈଠକ ସୋମବାର ବଳମ ପଞ୍ଚାୟତର ମହୁକୁଦସ୍ଥିତ ଗାୟାପଥରଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ବ୍ଲକ ସଭାପତି ରଞ୍ଜିତ କୁମାର ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ଗୌରଚନ୍ଦ୍ର ସ୍ୱାଇଁ ଯୋଗଦେଇ ଚାଳକମାନଙ୍କ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବଳମ ପଞ୍ଚାୟତ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭରତ ଚରଣ ପ୍ରଧାନ, ସମ୍ପାଦକ କିଶୋର ଚନ୍ଦ୍ର ରାଉଳ, କୋଷାଧ୍ୟକ୍ଷ ଇନ୍ଦ୍ରଜିତ ବିଶିଙ୍କୁ ମନୋନୀତ କରାଯାଇଥିଲା। ସଭାପତି ସାହୁ ଧନ୍ୟବାଦ ଦେଇଥିଲେ।

### ଗୋରୁ ବୋଝେଇ ଗାଡ଼ି



### ଜବତ, ୨ ଗିରଫ

**ନାକଟିଦେଉଳ,୧୫।୧୧(ଡି.ଏନ.ଏ.):** ନାକଟିଦେଉଳ ଥାନା ପୋଲିସ ସୋମବାର ଏକ ଗୋରୁ ବୋଝେଇ ଏକ ଗାଡ଼ି ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ମାନେ ହେଲେ କିସିଣ୍ଡା ଥାନା ବୁରୁବୁଡ଼ା ଗ୍ରାମର ତପନ ନାଏକ ଓ ବାବୁଲା ବେହେରା। ଏଥିସହିତ ଓଡ଼ି୧୫ଜି-୫୦୬୬ ନଂ. ଟାଟା ଏସିଇ ଗାଡ଼ି ଜବତ କରାଯାଇଛି। ଏହି ଗାଡ଼ିରେ ୫ଟି ଗୋରୁ ବାହାରକୁ ଚାଲାଣ ହେଉଥିବାବେଳେ ଗୋଧିଡିପ ଛକଠାରେ କେତେଜଣ ଯୁବକ ଗାଡ଼ି ଅଟକାଇ ପୋଲିସକୁ ଖବର ଦେଇଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଜବତ ଗୋରୁ ଗୁଡ଼ିକୁ ଏହି ଥାନା ଚଡ଼ଚଡ଼ି ଗ୍ରାମ ନିକଟ ସୁରଭି ଗୋଶାଳାକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ବିଧୁଭୂଷଣ ମିଶ୍ର ପ୍ରକାଶ କରିଛନ୍ତି।

### ନିମ୍ନମାନର ଖାଦ୍ୟକୁ ନେଇ ବିକ୍ଷୋଭ

**ରାଉରକେଲା ଅଫିସ,୧୫।୧୧:** ରାଉରକେଲା ପାନପୋଷ ସ୍ଥିତ ରାଉରକେଲା ସରକାରୀ କଲେଜ ପରିସରରେ ଥିବା ଛାତ୍ରାବାସ ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସେମାନେ ସୋମବାର କଲେଜ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ କିଛିଦିନ ହେବ ଛାତ୍ରାବାସରେ ଦିଆଯାଉଥିବା ଖାଦ୍ୟ ଅତି ନିମ୍ନମାନର ଓ ପୁଷ୍ଟିକର ଯୋଗ୍ୟ ନୁହେଁ ବୋଲି ଛାତ୍ରମାନେ ଅଭିଯୋଗ କରିଛନ୍ତି। ଏ ନେଇ କଲେଜର ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଛାତ୍ରାବାସରେ ଖାଦ୍ୟପେୟକୁ ନେଇ କୌଣସି ଅଭିଯୋଗ ହୋଇ ନ ଥିଲା। ଯଦି ନିମ୍ନମାନର ଖାଦ୍ୟ ବିଦ୍ୟାର୍ଥୀମାନଙ୍କୁ ମିଳୁଥାଏ ସେ ନେଇ ଆମେ ତଦନ୍ତ କରିବୁ। ଘଟଣାରେ ସତ୍ୟତା ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବେହେରା କହିଥିଲେ।

### ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର,୧୫।୧୧(ବ୍ୟୁରୋ):** ଜାଗୃତି ମହିଳା ସମିତି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ସମ୍ବଲପୁର ହାଉସିଂ ବୋର୍ଡ କଲୋନୀଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ବବିତା ସିଂଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦିକା ବବିତା ଦାଶ ଓ

## ସଫେଇ କର୍ମଚାରୀ କମିଶନ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଦେବଗଡ଼ ଗସ୍ତ

**ଦେବଗଡ଼,୧୫।୧୧(ଡି.ଏନ.ଏ.)**

ସଫେଇ କର୍ମଚାରୀ କମିଶନ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏମ. ଭେଙ୍କଟେଶନ ସୋମବାର ଦିନିକିଆ ଦେବଗଡ଼ ଗସ୍ତ କରି ସଫେଇ କର୍ମଚାରୀଙ୍କ ବସ୍ତି ବୁଲିବା ସହ ଗ୍ରାଉଣ୍ଡ ଜିରୋ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସକାଳୁ ସେ ପ୍ରଧାନପାଟ ସ୍ଥିତ ପ୍ରଧାନ ପାଟେଶ୍ୱରୀଙ୍କ ଦର୍ଶନ କରିବା ପରେ ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ହାତିସାଲ ସାହି ଓ ଆରସିଏମ୍ଏସ୍ ସାହି ଅଞ୍ଚଳରେ ରହୁଥିବା ସଫେଇ କର୍ମଚାରୀଙ୍କ ବସ୍ତି ବୁଲି ଅଭାବ ଅସୁବିଧା ପଚାରି ବୁଝିଥିଲେ। ସେହିପରି ଡ଼ିଆରଡ଼ିଏ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଭେଙ୍କଟେଶନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ଦେବଗଡ଼ ଜିଲାପାଳ ତଥା ପୌର ପ୍ରଶାସକ ସୁଧାଂଶୁ ମୋହନ ସାମଲ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ, ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ଅତସୀ ପରିଡା ସଫେଇ କର୍ମଚାରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏହି ଅବସରରେ ଏନ୍ଏସ୍‌କେଏଫ୍‌ଡିସି ଯୋଜନା ଓ ଏମ୍ଏସ୍ ଆକ୍ଟ ୨୦୧୩ର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସଫେଇ କର୍ମଚାରୀ ନିୟମିତ ଦରମା, ଇପିଏଫ, ସ୍ୱାସ୍ଥ୍ୟ ବୀମା, ସୁରକ୍ଷା ଉପକରଣ ପ୍ରଦାନ ପାଇଁ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଅପହରଣ କରି ଯୁବକଙ୍କୁ ଆକ୍ରମଣ

**ସମ୍ବଲପୁର,୧୫।୧୧(ବ୍ୟୁରୋ)**

ସମ୍ବଲପୁର ଧନୁପାଲି ଥାନା ମାୟାବଗିଚାର ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ପରିବାର ସହ ଶେଖ ୟାସିଫ (୨୮) ଘରେ ଥିବା ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଅପହରଣ କରି ନେଇ ଆକ୍ରମଣ ପରେ ନିଛାଟିଆ ସ୍ଥାନରେ ପିଙ୍ଗିଦେଇଥିଲେ। ୬ରୁ ୭ଜଣ ଦୁର୍ବୃତ୍ତ ଚାରିଚକିଆ ଗାଡ଼ିରେ ଆସି ବନ୍ଧୁକ ମୁନରେ ଅପହରଣ କରି ଆକ୍ରମଣ କରିଥିବା ଅଭିଯୋଗ ହେଉଛି। ଟାଉନ ଥାନା ଚାଆଁରପୁର ନିକଟରୁ ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସଦର ଏସ୍‌ଡିପିଓ ପ୍ରଦୀପ ସାହୁ କହିଛନ୍ତି, ୟାସିଫଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି। କେଉଁ କାରଣରୁ ତାଙ୍କୁ ଆକ୍ରମଣ ହୋଇଛି ତାହା ଜଣାପଡି ନାହିଁ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଛି। ଗିରଫ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି କହିଥିଲେ। ୟାସିଫଙ୍କ ପରିବାର ପକ୍ଷରୁ କୁହାଯାଇଛି, କିଛିଦିନ ପୂର୍ବରୁ ପାରିବାରିକ ଝଗଡ଼ା ହୋଇ ଥାନାରେ ମାମଲା ହୋଇଥିଲା। ସେ ସମୟରେ ଥାନା ଭିତରେ ଜୀବନରେ ମାରିଦେବାକୁ ଯୁବକମାନେ ଧମକ


ଆହତ ଶେଖ ୟାସିଫ।

ଦେଇଥିଲେ। ପୋଲିସ ବୁଝାଇବା ପରେ ଆପୋସ ସମାଧାନ ହୋଇଥିଲା। ହେଲେ ସୋମବାର ସନ୍ଧ୍ୟାରେ ଏକ ଗାଡିରେ ୬ରୁ ୭ ଜଣ ଯୁବକ ଆସି ଘରଭିତରେ ପଶିଥିଲେ। ସେମାନେ ପରିବାରର ଅନ୍ୟ ସଦସ୍ୟଙ୍କୁ ମାରପିଟ କରି ୟାସିଫଙ୍କୁ ଉଠାଇ ନେଇ ଚାଲିଯାଇଥିଲେ। ଏ ନେଇ ପୋଲିସକୁ ଖବର ଦିଆଯାଇଥିଲା।

# ଆଦିବାସୀଙ୍କ ହକ୍ ପାଇଁ ଜୀବନ ଦେଇଥିଲେ ବିର୍ସା ମୁଣ୍ଡା

**ରାଉରକେଲା ଅଫିସ,୧୫।୧୧**

ରାଉରକେଲା ବିଶ୍ରା ଛକରେ ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ପକ୍ଷରୁ ୧୪୬ତମ ବିର୍ସା ମୁଣ୍ଡା ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏଥିରେ ଆରଏସ୍‌ପି ପ୍ରୋଜେକ୍ଟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ମୁଖ୍ୟଅତିଥି, ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରକାର ଓ ଆରଏସ୍‌ପି ସହର ସେବା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଅଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଷ୍ଟାଚ୍ୟୁ କମିଟିର ସମ୍ପାଦକ ପ୍ରଫେସର ବିଜୟ କୁମାର ଟପ୍ପୋ ସ୍ୱାଗତ ଭାଷଣ ପ୍ରଦାନ ଓ ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଆରଏସ୍‌ପିର ଲୋକ ସମ୍ପର୍କ ବିଭାଗ ଅଧିକାରୀ ଅର୍ଚ୍ଚନା ଶତପଥୀ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫତିମା ଏକ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆରଏସ୍‌ପିର ମହାପ୍ରବନ୍ଧକ ବି. କେ ରାଉତ, ବୁଦ୍ଧଦେବ ସିଂ, ଉପମହାପ୍ରବନ୍ଧକ ଡ. ଏ. କେ ବିଶ୍ୱାସ, ଆନନ୍ଦ ଚନ୍ଦ୍ର ମହାନ୍ତି, ଗଗନ ପଣ୍ଡା, ରମେଶ ବଳ, ପ୍ରଶାନ୍ତ କୁମାର ସେଠୀ, ଧୀରେନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା କଂଗ୍ରେସ ପକ୍ଷରୁ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିର୍ସା ମୁଣ୍ଡା ଗୋଟିଏ ଦୁର୍ଗମ ଅଞ୍ଚଳରେ ଜନ୍ମ ଗ୍ରହଣ କରି ମାତ୍ର ୨୫ ବର୍ଷ ବୟସରେ ଗରିବ ଆଦିବାସୀମାନଙ୍କ ଉପରେ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ନିଜ ଜୀବନକୁ ବଳି ଦେଇଥିବା ବକ୍ତାମାନେ ମତପୋଷଣ କରିଥିଲେ। କଂଗ୍ରେସର ବରିଷ୍ଠ ନେତା ବିରେନ ସେନାପତି, ସବୀର ହୁସେନ, ବିଜୟ ଆପଟ, ତୁଳସୀ ନାଗ, ରାମାନନ୍ଦ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ୯ମ ବାଟାଲିୟନ ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଛି। ଏଥିରେ ମ୍ୟୁନିସିପାଲ କଲେଜ ଓ ଇସ୍ପାତ ମହାବିଦ୍ୟାଳୟର ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଏନ୍‌ସିସି ଅଫିସର କ୍ୟାପ୍‌ଟେନ ସତ୍ୟନାରାୟଣ ରାଉତ ଓ ଆର୍ଯ୍ୟପ୍ରକାଶ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷାବିତ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର,୧୫।୧୧(ବ୍ୟୁରୋ)**

ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶାନ୍ତିଲତା ଦେବୀଙ୍କ ବିୟୋଗରେ ରବିବାର ରାଧାନାଥ ରଥ କମ୍ୟୁନିଟି ସେଣ୍ଟରଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଜଗନ୍ନାଥ ସଂସ୍କୃତି ଗବେଷକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ, ଅବସରପ୍ରାପ୍ତ ଜିଲା ଓ ଦୌରା ଜଜ୍ ଗୋପରଞ୍ଜନ ଦୁବେ, ଅବସରପ୍ରାପ୍ତ ପ୍ରଶାସକ ବିପିନ ବିହାରୀ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧିଶ ଡ. ଗିରିଧାରୀ ହୋତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପଣ୍ଡା, ଅଧ୍ୟାପକ ସୁମନ୍ତ କୁମାର କର ପ୍ରମୁଖ ସ୍ୱର୍ଗତା ଶାନ୍ତିଲତାଙ୍କୁ ଏକାଧାରରେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ସମାଜସେବିକା ଭାବେ ଅଭିହିତ କରିଥିଲେ।

# ଫୁଟ୍‌ବଲ: ସୁବର୍ଣ୍ଣପାଲି ଚାମ୍ପିୟନ


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିବୃନ୍ଦ।

**ଦେବଗଡ଼,୧୫।୧୧(ଡି.ଏନ.ଏ)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଢୋଲପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଝୀପାଲିନ ଗ୍ରାମର ଜୟ ଜଙ୍ଘାଲିଙ୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ଦିନିଆ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଦେବଗଡ ଜିଲା ବଳମ ଏବଂ ସମ୍ବଲପୁର ଜିଲା ସୁବର୍ଣ୍ଣପାଲି ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଳମ ଫୁଟବଲ ଦଳକୁ ପରାସ୍ତ କରି ସୁବର୍ଣ୍ଣପାଲି ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ଅପରାହ୍ନରେ ଆୟୋଜକ ଜୟ ଜଙ୍ଘାଲିଙ୍ଗା କ୍ଲବ ସଭାପତି ଦେବାଶିଷ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଦେବଗଡ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି, ଦେବଗଡ ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ସୁବର୍ଣ୍ଣପାଲି ଓ ରନର୍ସ ଅପ୍ ବଳମ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁଷ୍ମନ୍ତ ମାଝୀ, ପ୍ରଭାକର ନାୟକ, ବାପୁନ ନାୟକ, ଫଣୀନ୍ଦ୍ର ସାହୁ ଓ ରଞ୍ଜିତ କୁମାର ନାୟକଙ୍କ ସମେତ ସମସ୍ତ କ୍ଲବ ସଦସ୍ୟ ସହଯୋଗ କରିଥିଲେ।

## ବିଦ୍ୟାମନ୍ଦିରର ପୁରସ୍କାର ବିତରଣୀ ଉତ୍ସବ

**ସମ୍ବଲପୁର,୧୫।୧୧(ବ୍ୟୁରୋ)**

ସମ୍ବଲପୁର ଝାଡୁଆପଡାସ୍ଥିତ ବିଶ୍ୱାମ୍ବ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନ୍‌ଲାଇନରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ରବିବାର ପୁରସ୍କୃତ କରାଯାଇଛି। ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଓ ଡା. କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିର ନିର୍ଦ୍ଦେଶକ ହେମନ୍ତ କୁମାର ମହାପାତ୍ର ଓ ସମ୍ପାଦିକା ଡାକ୍ତର ସୁଚେତାରାଣୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

# ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଦିବସ

**ଜମନକିରା,୧୫।୧୧(ଡି.ଏନ୍.ଏ.)**

ଜମନକିରା ବ୍ଲକ ଧୁଡ଼ିପାଲି ପଞ୍ଚାୟତ ଲାଦଂପାଲି ଗ୍ରାମରେ ସ୍ଥାନୀୟ ଯୁବକ ସଂଘ ସହାୟତାରେ ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଦିବସ ସ୍ୱେଚ୍ଛାସେବୀ ଶମ୍ଭୁ ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ଜିଲା ଯୁବ ଅଫିସର ମାରିନିଅସ ବିଲୁଂ ସମ୍ମାନିତ ଅତିଥି ଓ ସମ୍ବଲପୁରର ସାମାଜିକ କର୍ମୀ ପ୍ରଦୀପ ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଜଳ ସଂରକ୍ଷଣ, ଶିଶୁମାନଙ୍କ ଅଧିକାର ତଥା ନେହେରୁ ଯୁବ କେନ୍ଦ୍ର ପ୍ରତିଷ୍ଠାର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସାମାଜିକ କର୍ମୀ ନାୟକଙ୍କୁ ମାନପତ୍ର ଓ ଉପଢୌକନ ସହ ସବୁ ସାଥୀ ସମ୍ମାନ ଦିଆଯାଇଥିଲା। ଦିନେଶ ପଟେଲ ଅତିଥି ପରିଚୟ, ମାନପତ୍ର ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।

# ବୀର ବିର୍ସା ମୁଣ୍ଡାଙ୍କ ୧୪୭ତମ ଜୟନ୍ତୀ

**ସମ୍ବଲପୁର/କୁଚିଣ୍ଡା, (ବ୍ୟୁରୋ /ଡି.ଏନ.ଏ.), ୧୫।୧୧**

ସମ୍ବଲପୁର ଜିଲାର ବିଭିନ୍ନ ରାଜନୈତିକ ଦଳ, ଅନୁଷ୍ଠାନ, ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ସୋମବାର ବୀର ବିର୍ସା ମୁଣ୍ଡାଙ୍କ ୧୪୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅଇଁଠାପାଲି ଛକରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସମୟରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ବିଜେଡିର ମହାନଗର ନିଗମ ସଭାପତି ପ୍ରଫୁଲ୍ଲ କୁମାର ଦାସ, ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ମହିଳା ସଭାନେତ୍ରୀ ବନ୍ଦିତାରାଣୀ ମିଶ୍ର, ସଞ୍ଜୟ ବାବୁ, ହୀରାଲାଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ କୁମାର ରଥ, ବିଭିନ୍ନ ଅଦିବାସୀ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ। ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଜିଲା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଆଦିବାସୀ ସେନାର ଉପସଭାପତି ନିହାଲ ସିଂ ଅଧ୍ୟକ୍ଷତା କରିଥିଲେ। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି ଓ ରୁପାଞ୍ଜଲି ରନବିରା, ଦିଲୀପ ବାଗ, ଦିଲୀପ


ବିଜେଡି ପକ୍ଷରୁ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।


ଉତ୍ସବରେ ଭାଜପା ରାଜ୍ୟ ସଭାପତିଙ୍କ ସମେତ ବିଧାୟକ, ଅନ୍ୟମାନେ।

ଦୀପ, ଶତ୍ରୁଘ୍ନ ଲୁହା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦଳିତସେନା ସଭାପତି ସୁବେଶ ମୁଣ୍ଡା ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

ବାମରା ବ୍ଲକ କେଶାଇବାହାଲସ୍ଥିତ ଗୋଦାମଗୁଡ଼ା ଖେଳପଡ଼ିଆଠାରେ ବୀର ବିର୍ସା ମୁଣ୍ଡାଙ୍କ ୧୪୬ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଣ୍ଡା ସମାଜ ପକ୍ଷରୁ ଇଷ୍ଟ ଦେବୀଙ୍କ ପୂଜାର୍ଚ୍ଚନା ପରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କବରିବାହାଲ ପଞ୍ଚାୟତ ବନ୍ଧକାନି ମୁଣ୍ଡା ସମାଜ ଗୁଡ଼ି ସଭାପତି ମୀନକେତନ ମୁଣ୍ଡା, ସମ୍ପାଦକ ଜନ୍ମେଜୟ ମୁଣ୍ଡା ଓ ଉପଦେଷ୍ଟା ଦୁର୍ଜନ ମୁଣ୍ଡାଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ବରିଷ୍ଠ କଂଗ୍ରେସ ନେତା ଖତୁନାଥ ପିଙ୍ଗ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବୀଣାପାଣି ନାଏକ, କତରକେଲା ଗୁଡ଼ି ସମ୍ପାଦକ ରଥ ମୁଣ୍ଡା, ପୂର୍ବତନ ସରପଞ୍ଚ ଭଗିନ୍ଦ୍ର କିସାନ, ମହିଳା ସଙ୍ଗଠିକା ପଦ୍ମିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବେହେରେନମାଲ, ବନ୍ଧକାନୀ, ବୁଦେଲକାନୀ ଦଳର କଳାକାର ପାରମ୍ପରିକ ବାଦ୍ୟଯନ୍ତ୍ର ସହ ନୃତ୍ୟଗୀତ ପରିବେଷଣ କରିଥିଲେ।

### ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର (ବ୍ୟୁରୋ):** ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୪୭ତମ ଜୟନ୍ତୀ ଭାଜପା ପକ୍ଷରୁ ପାଳିତ ହୋଇଯାଇଛି। ଅଇଁଠାପାଲି ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ କର୍ମକର୍ତ୍ତାମାନେ ବୀର ପୁରୁଷଙ୍କ ଗୁଣଗାନ କରିଥିଲେ। ଏଥିରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ସଭାପତି ଗିରିଶ ପଟେଲ, ଦେବେନ୍ଦ୍ର ମହାପାତ୍ର, ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ଝୁଝୁମୁରା ଏକଲବ୍ୟ ସ୍କୁଲର ଶିଳାନ୍ୟାସ

**ସମ୍ବଲପୁର,୧୫।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରାଠାରେ ସୋମବାର ଏକଲବ୍ୟ ସ୍କୁଲର ଶିଳାନ୍ୟାସ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ରହି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କେନ୍ଦ୍ର ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଭର୍ଚୁଆଲରେ ସାମିଲ ଥିଲେ। ଶିଳାନ୍ୟାସ ସ୍ଥଳରେ ରେଢ଼ାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, କୟାକୁଦ ସରପଞ୍ଚ ରାମଚନ୍ଦ୍ର ପ୍ରଧାନ, ଗଡ଼ଲୁଇସିଂ ସରପଞ୍ଚ ଅଶ୍ୱିନୀ କୁମୁରା ଉପସ୍ଥିତ ଥିଲେ। କୁଚିଣ୍ଡା ଆଇଟିଡିଏ ନିର୍ଦ୍ଦେଶକ ସୁରେଶ ପ୍ରଧାନଙ୍କ ପରିଚାଳନାରେ ଅପରାହ୍ନ ୧ଟାରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭର୍ଚୁଆଲରେ ପ୍ରଧାନମନ୍ତ୍ରୀ ମୋଦି ଏକଲବ୍ୟ ସ୍କୁଲ ନିର୍ମାଣ ଲକ୍ଷ୍ୟ ଉପରେ ବାର୍ତ୍ତା ଦେଇଥିଲେ। ହେଲେ କାର୍ଯ୍ୟକ୍ରମ ପୂର୍ବରୁ ଉତ୍ତେଜନା ଦେଖାଦେଇଥିଲା। ଅଞ୍ଚଳବାସୀ ଅଭିଯୋଗ କରିଥିଲେ, ଝୁଝୁମୁରା ଅଞ୍ଚଳ ପାଇଁ ଏହା ଏକ ଗୌରବର କଥା। କିନ୍ତୁ ଏ ସମ୍ପର୍କରେ କାହାକୁ ଖବର ଦିଆଯାଉ ନାହିଁ। କେନ୍ଦ୍ର ସରକାରଙ୍କ ଯୋଜନା ହୋଇଥିଲେ ହେଁ ଭାଜପା କର୍ମକର୍ତ୍ତାଙ୍କୁ ମଧ୍ୟ ସୂଚନା ଦିଆଯାଇ ନାହିଁ। ସମାରୋହ ବନ୍ଦ କର କହି ହୋ ହଲ୍ଲା କରିଥିଲେ। ବିଧାୟକ ପୂଜାରୀ ସେମାନଙ୍କ ସହ ଆଲୋଚନା କରିବା ପରେ ସଭାକାର୍ଯ୍ୟ ହୋଇଥିଲା।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ନେତୃବୃନ୍ଦ।

# ‘କରୋନା ଭୟ ରହିବା ଆବଶ୍ୟକ’

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

କୋଭିଡ୍ ସଂକ୍ରମଣ ବିଦେଶରେ ପୁଣି ବଢ଼ିବାରେ ଲାଗିଛି। ତେଣୁ କୋଭିଡ୍ ଭୟ କମ୍ୟୁନିଟି ବା ଗୋଷ୍ଠୀ ମଧ୍ୟରେ ରହିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଅନେକ ଦେଶରେ କମ୍ ଟିକାକରଣ ଓ ଲୋକଙ୍କ ସମାଗମ ପାଇଁ ସଂକ୍ରମଣ ବଢୁଛି। ରାଜ୍ୟରେ କରୋନା ସଂକ୍ରମଣ କମ୍ ରହିଥିଲେ ମଧ୍ୟ ବିଦେଶରେ ସଂକ୍ରମଣ ବଢୁଥିବାରୁ ଏଠାରେ ମଧ୍ୟ ଆଶଙ୍କା ରହୁଛି। ଚାଇନା ଓ ୟୁରୋପ ଦେଶଗୁଡ଼ିକରେ ପ୍ରଥମେ କରୋନା ସଂକ୍ରମଣ ଆରମ୍ଭ ହୋଇ ଭାରତକୁ ଭୂତାଣୁ ଆସିଲା। ତେଣୁ ଦେଶରେ ସଂକ୍ରମଣ କମ୍ ଥିଲେ ବି କରୋନା ପ୍ରତି ଡର ରହିବା ଆବଶ୍ୟକ। କାରଣ ପୁଣିଥରେ ସଂକ୍ରମଣ ବଢ଼ିବାକୁ ନେଇ ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିସାରିଲେଣି ଯେ, ଯେଉଁଠାରେ ସଂକ୍ରମଣ ବଢୁଛି ସେଠାରେ କମ୍ ଟିକାକରଣ, ଲୋକଙ୍କ ମଧ୍ୟରେ ସାମାଜିକ ଦୂରତା ନ ରହିବା ପ୍ରମୁଖ କାରଣ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ସର୍ଭିଲାନ୍ସ କଡ଼ାକଡ଼ି କରାଯାଉଛି ଓ ଟିକାକରଣକୁ ଅଧିକ ଗୁରୁତ୍ୱ ଦିଆଯାଉଛି। କରୋନା ନିୟମକୁ କଡ଼ାକଡ଼ି ପାଳନ କରିବାକୁ ମଧ୍ୟ ଲୋକଙ୍କୁ ସଚେତନ କରାଯାଉଛି। ଯେଉଁମାନେ ଟିକା ନେଇନାହାନ୍ତି ସେମାନେ ଦୁଇଟି ଡୋଜ୍ ନିଅନ୍ତୁ। ଯଦି କୌଣସି କାରଣରୁ କିଛି ଲକ୍ଷଣ ଦେଖାଯାଏ ତେବେ ଟେଷ୍ଟ କରନ୍ତୁ। ନିଜେ ସୁରକ୍ଷିତ ରହିବା ସହ ଚାରି ପାଖରେ ଥିବା ଲୋକଙ୍କୁ ସୁରକ୍ଷିତ ରଖିପାରିବା ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ଆଉ ୧୮୫ ଚିହ୍ନଟ, ୨ ମୃତ



ସେପଟେ ରାଜ୍ୟରେ ସଂକ୍ରମଣ ୨ଶହ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ୫୬,୮୫୭ ନମୁନା ପରୀକ୍ଷା କରାଯାଇଥିବା ବେଳେ ୧୮୫ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୦.୩୩%କୁ ଖସି ଆସିଛି। ତେବେ ରାଜ୍ୟରେ ଏବେ ପିଲାଙ୍କ ସଂକ୍ରମଣ ଚିନ୍ତା ବଢ଼ାଉଛି। ଯଦିଓ ଦୈନିକ ପିଲାଙ୍କ ସଂକ୍ରମିତଙ୍କ ସଂଖ୍ୟା ୫୦ ତଳକୁ ରହୁଛି କିନ୍ତୁ ଗତ କିଛିଦିନର ତଥ୍ୟକୁ ଦେଖିଲେ ପିଲାମାନେ ଅଧିକ ସଂକ୍ରମିତ ହେଉଥିବା ଜଣାପଡୁଛି। ଗତ ୧୪ ଦିନରେ ରାଜ୍ୟରେ ୦ରୁ ୧୮ବର୍ଷ କମ୍ ବୟସର ୬୪୨ଜଣ ପିଲା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏବେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିଯାଇଥିବାରୁ ସଂକ୍ରମଣ ବଢୁଥିବା ବି ଆଶଙ୍କା କରାଯାଉଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୩୫ଜଣ ୧୮ବର୍ଷରୁ କମ୍ ବୟସର ପିଲା ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମଣ ୧୦,୪୫,୬୫୬ରେ ପହଞ୍ଚିଥିବାବେଳେ ଆକ୍ରାନ୍ତ ପିଲାଙ୍କ ସଂଖ୍ୟା ୯୦,୪୦୩କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟରେ ଆଉ ୨ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ଏମାନଙ୍କ ଘର ଖୋର୍ଦ୍ଧା ଜିଲାରେ। ଫଳରେ କରୋନାଜନିତ ମୃତ୍ୟୁ ୮,୩୭୯କୁ ଛୁଇଁଛି।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ଅଢ଼େଇ ଲକ୍ଷ ଲୁଟ୍



**ଢେଙ୍କାନାଳ ଅଫିସ,୧୫।୧୧:** ଢେଙ୍କାନାଳ ସଦର ଥାନା ୫୫ନଂ ଜାତୀୟ ରାଜପଥର କାମାକ୍ଷାନଗର ରୋଡ୍ ଛକ ନିକଟରେ ସୋମବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ନର୍ଭେରାମର କର୍ମଚାରୀ ରାଜେନ୍ଦ୍ର ସେଠୀଙ୍କୁ ବନ୍ଧୁକ ଦେଖାଇ ୪ଜଣ ଦୁର୍ବୃତ୍ତ ଅଢ଼େଇ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ନର୍ଭେରାମ କମ୍ପାନୀରେ ଖୁଚୁରା ପେମେଣ୍ଟ ଦେବା ପାଇଁ ରାଜେନ୍ଦ୍ର ଢେଙ୍କାନାଳରୁ ଅଢେଇ ଲକ୍ଷ ଟଙ୍କା ବ୍ୟାଗରେ ନେଇ ବାଇକ୍ ଯୋଗେ ଯାଉଥିଲେ। ୫୫ନଂ ଜାତୀୟ ରାଜପଥର କାମାକ୍ଷାନଗର ରୋଡ୍ ଛକଠାରେ ଏକ ବୋଲେରୋରେ ୪ଜଣ ଦୁର୍ବୃତ୍ତ ଆସି ସମ୍ମୁଖରୁ ତାଙ୍କୁ ଅଟକାଇଥିଲେ। ଏହାପରେ ଗାଡି ଚଳାଉଥିବା ଦୁର୍ବୃତ୍ତ ଜଣକ ରାଜେନ୍ଦ୍ରଙ୍କୁ ଏକ ବନ୍ଧୁକ ଦେଖାଇ ବ୍ୟାଗରେ ଥିବା ଅଢ଼େଇ ଲକ୍ଷ ଟଙ୍କା ଲୁଟିନେଇ ଗାଡ଼ିରେ ଫେରାର ହୋଇଯାଇଥିଲେ। ସଦର ଥାନା ଅଧିକାରୀ ଅଭିନବ ଡାଲୁଆ ପୋଲିସ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୫୯୨।୨୧ରେ ଏକ ମାମଲା ରୁଜୁ କରାଯାଇଛି। ଲୁଟ୍‌ର ଶିକାର କର୍ମଚାରୀ ରାଜେନ୍ଦ୍ର କହିଛନ୍ତି, ଅଧିକ ଟଙ୍କା ଅନ୍‌ଲାଇନରେ ପେମେଣ୍ଟ ହୋଇଥାଏ। ଖୁଚୁରା ପେମେଣ୍ଟ ପାଇଁ ଅଧିକାଂଶ ସମୟରେ ଟଙ୍କା ନେଇ କମ୍ପାନୀକୁ ଯାଏ। ବୋଲେରୋରେ ଆସିଥିବା ୪ ଜଣ ଦୁର୍ବୃତ୍ତ ତାଙ୍କୁ ଭୟଭୀତ କରି ଟଙ୍କା ଲୁଟି ଦେଇଥିବା ରାଜେନ୍ଦ୍ର ପ୍ରକାଶ କରିଛନ୍ତି।

### ବିଦ୍ୟୁତ୍ ଆଘାତରେ ଜେଜେମା’, ନାତୁଣୀ ମୃତ

**ନବରଙ୍ଗପୁର/ରାଇଘର,୧୫।୧୧(ବି.ପ୍ର./ଡି.ଏନ୍.ଏ.):** ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ ଦେଓଭରଣ୍ଡି ଗ୍ରାମର ଜଣେ ବୃଦ୍ଧା ଓ ତାଙ୍କ ନାତୁଣୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାଚୋ ଗଣ୍ଡ(୬୫) ଓ ତିଳିକା ଗଣ୍ଡ(୧୧)। ଘରେ ଲାଗିଥିବା ଲୁହା କବାଟ ଖୋଲିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେମାନଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ରବିବାର ରାତ୍ରିଭୋଜନ ପରେ ପାଚୋ ଓ ତିଳିକାଙ୍କୁ ଛାଡ଼ି ଘରର ଅନ୍ୟ ସଦସ୍ୟମାନେ ଜମିରେ ଥିବା ଘରକୁ ଶୋଇବାକୁ ଯାଇଥିଲେ। ସକାଳୁ ଘର କବାଟ ଖୋଲାଯାଇ ନ ଥିବା ଦେଖି ପାଚୋଙ୍କ ବଡ଼ପୁଅ ସୋମନାଥ ସେଠାକୁ ଯାଇଥିଲେ। କବାଟ ଖୋଲିବା ବେଳେ ତାଙ୍କୁ ମଧ୍ୟ ବିଦ୍ୟୁତ୍ ଆଘାତ ଲାଗିଥିଲା। କିନ୍ତୁ ସୌଭାଗ୍ୟବଶତଃ କୌଣସି ଦୁର୍ଘଟଣା ଘଟି ନ ଥିଲା। ସେ ଜଣେ ଇଲେକ୍ଟ୍ରିସିଆନଙ୍କୁ ଡାକି ଘରର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଇଥିଲେ। କବାଟ ଖୋଲିବା ପରେ ସେଠାରେ ବୃଦ୍ଧା ପାଚୋ ଓ ତିଳିକାଙ୍କ ମୃତଦେହ ମିଳିଥିଲା। ପରିବାର ଲୋକେ ରାଇଘର ଥାନାକୁ ଖବର ଦେବାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତକରି ସ୍ଥାନୀୟ ତହସିଲଦାର ଏବଂ ବିଦ୍ୟୁତ୍ ବିଭାଗକୁ ଖବର ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରେଡ୍‌କ୍ରସ୍ ପକ୍ଷରୁ ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ ୨୦ହଜାର ଟଙ୍କା ପ୍ରଦାନ କରିଛନ୍ତି।

# ମାଓବାଦୀ କମାଣ୍ଡର ନୁରୁଟି ନିହତ

## ସୀମାନ୍ତରେ ଗୁଳି ବିନିମୟ

ମାଲକାନଗିରି,୧୫।୧୧ (ଡି.ଏନ.ଏ.)



ହାର୍ଡକୋର ମାଓବାଦୀ ନୁରୁଟି।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ସୋମବାର ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ନାମ ନୁରୁଟି। ସେ ମାଓବାଦୀଙ୍କ ୬ନମ୍ବର କମ୍ପାନୀର କମାଣ୍ଡର ଥିଲେ। ଛୋଟେ ଡଙ୍ଗର ଥାନା ଅନ୍ତର୍ଗତ ବହକର ଜଙ୍ଗଲରେ ମାଓବାଦୀମାନେ ଏକ କ୍ୟାମ୍ପ କରି ରହିଥିବା ଗୋଇନ୍ଦା ବିଭାଗ ପକ୍ଷରୁ ପୋଲିସ ସୂଚନା ପାଇଥିଲା। ଏହାକୁ ଆଧାରକରି ଡିଆର୍‌ଜି ବାହିନୀ ପକ୍ଷରୁ ସମ୍ପୃକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସମୟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଦୁଇଘଣ୍ଟାରୁ ଅଧିକ ସମୟ ଧରି ଗୁଳି ବିନିମୟ ପରେ ଯବାନଙ୍କ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେଶନବେଳେ ହାର୍ଡକୋର ମାଓବାଦୀ ନୁରୁଟିଙ୍କ ମୃତଦେହ ମିଳିଥିଲା।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବା କନିଷ୍ଠ ଶିକ୍ଷକମାନେ ସୋମବାର ପୋଲିସ ବ୍ୟାରିକେଡ୍ ଡେଇଁ ବିଧାନସଭା ଅଭିମୁଖେ ଯିବାକୁ ଚେଷ୍ଟା କରୁଛନ୍ତି।

# ୧୮ରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆସିବେ କେନ୍ଦ୍ରୀୟ ପ୍ରତିନିଧି ଦଳ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ପୁରୀ ଜିଲା ବନ୍ୟାପ୍ରବଣ ଅଞ୍ଚଳ। ପ୍ରତିବର୍ଷ ବନ୍ୟା କାରଣରୁ ପୁରୀ ଜିଲାର ବିଭିନ୍ନ ଅଞ୍ଚଳ ଅନେକାଂଶରେ ଧନଜୀବନ ସମେତ ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ। ୧୯୮୨ ପରଠାରୁ ପ୍ରତିବର୍ଷ ବନ୍ୟା, ୧୯୯୯ ମହାବାତ୍ୟା, ହୁଡ୍‌ହୁଡ୍, ଅମ୍ଫାନ, ଫନୀ, ୟସ୍ ଇତ୍ୟାଦି ବାତ୍ୟା ଏବଂ ବାତ୍ୟାଜନିତ ବନ୍ୟା ଯୋଗୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାର ଡେଲାଙ୍ଗ, କଣାସ, ପିପିଲି, ବ୍ରହ୍ମଗିରି, ସତ୍ୟବାଦୀ, ପୁରୀ ସଦର ବ୍ଲକର ପାଖାପାଖି ୧୫୦ଟି ଗ୍ରାମପଞ୍ଚାୟତର ୧୨୦୦ ରାଜସ୍ୱ ଗ୍ରାମ, ୩୨,୦୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମି, ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ବନ୍ୟା କ୍ଷତି ସହୁଛନ୍ତି। ଏହି ଅଞ୍ଚଳ ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ଯୋଗୁ ଅଞ୍ଚଳବାସୀଙ୍କ ମନ ଭିତରେ ଅସନ୍ତୋଷ ବୃଦ୍ଧି ପାଇଚାଲିଛି। ଏହି ଦାବିକୁ ଗମ୍ଭୀରତାର ସହ ଅନୁଭବ କରି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଆସନ୍ତା ୧୮ରେ ପୁରୀ ଜିଲା ଗସ୍ତରେ ଆସି ଜିଲାରେ ପ୍ରବାହିତ ଦୟା, ରାଜୁଆ, ମଲାଗୁଣୀ, ମକରା, ଲୁଣା, ରତ୍ନଚିରା, ଭାର୍ଗବୀ ଆଦି ନଦୀର ସମୁଦ୍ର ସଂଯୋଗ ସ୍ଥଳ କଣାସର ବଡ଼ଗୋଠରୁ ଚିଲିକା ମୁହାଣ ପର୍ଯ୍ୟନ୍ତ ପରିଦର୍ଶନ କରି ସ୍ଥିତିର ଆକଳନ କରିବେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବିଭାଗୀୟ କେନ୍ଦ୍ରୀୟ ପ୍ରତିନିଧି ଦଳ ଉପସ୍ଥିତ ରହିବେ। ପୁରୀ ଜିଲା ଭାଜପାର ଏକ ପ୍ରତିନିଧି ଦଳ ଗତ ସେପ୍ଟେମ୍ବର ୧୯ରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଭେଟି ଆଲୋଚନା କରିବା ସହ ସ୍ଥାୟୀ ବନ୍ୟା ପ୍ରତିକାର ନିମନ୍ତେ ବିହୀତ ପଦକ୍ଷେପ ନେବା ପାଇଁ ଅନୁରୋଧ ଜଣାଇଥିଲେ। ଏହି ପ୍ରତିନିଧି ଦଳର ସଦସ୍ୟ ତଥା ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ ଓ ବିରଞ୍ଚି ନାରାୟଣ ତ୍ରିପାଠୀ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।

# ବିଧାନସଭାରେ ପଶିବାକୁ କନିଷ୍ଠ ଶିକ୍ଷକଙ୍କ ଉଦ୍ୟମ

ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)

ବିଭିନ୍ନ ଦାବି ନେଇ କନିଷ୍ଠ ଶିକ୍ଷକମାନେ ୯ ତାରିଖରୁ ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି। ଦୀର୍ଘଦିନ ଆମରଣ ଅନଶନରେ ବସିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସୋମବାର ବିଧାନସଭାକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ହଜାର ହଜାର ସଂଖ୍ୟାରେ କନିଷ୍ଠ ଶିକ୍ଷକ ଧାରଣାସ୍ଥଳରୁ ବିକ୍ଷୋଭ ପ୍ରଦର୍ଶନ କରି ବିଧାନସଭା ଅଭିମୁଖେ ଯାଇଥିଲେ। ବାଟରେ ପୋଲିସ ଅଟକାଇବାରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସକୁ ଚକ୍‌ମା ଦେଖାଇ କେତେଜଣ ଶିକ୍ଷକ ଲୋୟର ପିଏମ୍‌ଜି ପାର୍ ହୋଇ ବିଧାନସଭା ଗେଟ୍ ନଂ. ୩ ନିକଟରେ ପହଞ୍ଚି ଧାରଣାରେ ବସିଥିଲେ। ପରେ ସେମାନେ ଗେଟ୍‌କୁ ଠେଲି ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଘଟଣାସ୍ଥଳରୁ ୧୦ରୁ ୧୨ଜଣଙ୍କୁ ପୋଲିସ ଉଠାଇନେବା ସହ ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ତେବେ ଏଥିପାଇଁ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା।

ସୂଚନାଯୋଗ୍ୟ, ତୁରନ୍ତ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରିବା ସହ ନିଯୁକ୍ତିର ସର୍ବୋଚ୍ଚ ବୟସସୀମା ୩୨ରୁ ୪୨ବର୍ଷକୁ ବୃଦ୍ଧି କରିବା ପାଇଁ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଦାବି ପୂରଣ ପାଇଁ ସଂଘ ପକ୍ଷରୁ ଗତ ୯ ତାରିଖରୁ ଆମରଣ ଅନଶନ ଚାଲିଛି। ସରକାରଙ୍କ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଭିଡିଓ କନ୍‌ଫରେନ୍ସରେ କୋର୍ଟରେ ହାଜର ହେଲେ ରାଧେ, ଗୋବିନ୍ଦ

ବଲାଙ୍ଗୀର ଅଫିସ, ୧୫।୧୧

ବହୁଚର୍ଚ୍ଚିତ ମମିତା ମେହେର ଅପହରଣ ଓ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ସହଯୋଗୀ

## ମମିତା ମେହେର ହତ୍ୟା ମାମଲା

ରାଧେଶ୍ୟାମ ଚଣ୍ଡି ଓରଫ୍ ରାଧେଙ୍କୁ ସୋମବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ କଣ୍ଟାବାଞ୍ଜି ଜେଲରୁ ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସିରେ ହାଜର କରାଯାଇଥିଲା। ଆଇନଶୃଙ୍ଖଳା ଏବଂ ସୁରକ୍ଷା ଦୃଷ୍ଟିକୋଣରୁ ଏହି ଦୁଇ ଅଭିଯୁକ୍ତଙ୍କୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କୋର୍ଟ ହାଜର କରାଯାଇଥିବା ଜଣାପଡିଛି। ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ୍ ଅଭିଯୁକ୍ତଙ୍କ କୋର୍ଟ ହାଜରର ତଦାରଖ କରିଥିଲେ। ବିଚାରଧୀନ କଏଦୀଙ୍କ ପ୍ରତ୍ୟେକ ୧୪ ଦିନରେ ଥରେ କୋର୍ଟ ହାଜର ନିୟମ ରହିଛି। ଗତ ୨ ତାରିଖରେ ଉଭୟ ଅଭିଯୁକ୍ତଙ୍କୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ହାଜର କରାଯାଇଥିଲା। ଇତିମଧ୍ୟରେ ଅଭିଯୁକ୍ତ ଗୋବିନ୍ଦ ସାହୁ ତାଙ୍କ ଓକିଲ ପରିବର୍ତ୍ତନ କରିଥିବା ଜଣାପଡିଛି।

# ମାଳୀ ପର୍ବତରୁ ବକ୍ସାଇଟ୍ ଖଣି ଖନନକୁ ବିରୋଧ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

କୋରାପୁଟ ଜିଲା ଶିମିଳିଗୁଡ଼ା-କୁନ୍ଦୁଲି ନିକଟ ମାଳୀ ପର୍ବତରୁ ବକ୍ସାଇଟ୍ ଖଣି ଖନନ ପାଇଁ ଆରମ୍ଭ ହୋଇଥିବା ପ୍ରକ୍ରିୟାକୁ ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ସୋମବାର ଜୟଦେବ ବିହାରସ୍ଥିତ କୃଷକ ସଭା ଅଫିସ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚର ରାଜ୍ୟ ସମ୍ପାଦକ ସାଲ ମାର୍ଣ୍ଡି କହିଛନ୍ତି, ଗତ ଅକ୍ଟୋବର ୨୨ରେ ଖଣି ଖନନ ଉଦ୍ଦେଶ୍ୟରେ ସ୍ଥାନୀୟ କଙ୍କଡ଼ାଆମ୍ବ ଛକରେ ପ୍ରଶାସନ ତରଫରୁ ଜନଶୁଣାଣିର ଆୟୋଜନ କରାଯାଇଥିଲା। ଏହି ଜନଶୁଣାଣିରେ ସମ୍ଭାବ୍ୟ କ୍ଷତିଗ୍ରସ୍ତ ବାସିନ୍ଦା ଯେମିତି ଉପସ୍ଥିତ ହୋଇପାରିବେ ନାହିଁ, ସରକାରୀ ଦଳ, ଖଣି ମାଫିଆ ଏବଂ ସ୍ଥାନୀୟ ପୋଲିସ ସହାୟତାରେ ଗେଟ୍ କରି ଲୋକଙ୍କୁ ଶୁଣାଣି ସ୍ଥାନକୁ ଛାଡ଼ି ନ ଥିଲେ। ଏହାକୁ ନେଇ ଉତ୍ତେଜନା ଓ ଗଣ୍ଡଗୋଳ ହେବାରୁ ଉକ୍ତ ଜନଶୁଣାଣିକୁ ବାତିଲ କରାଯାଇଥିଲା। ହେଲେ ଗଣ୍ଡଗୋଳ ଓ ସରକାରୀ ସମ୍ପତ୍ତି ନଷ୍ଟ ଭଳି ବିଭିନ୍ନ ସଙ୍ଗୀନ ଅଭିଯୋଗରେ ମାଳୀ ପର୍ବତ ସୁରକ୍ଷା ସମିତିର କର୍ମକର୍ତ୍ତା ଏବଂ କେତେଜଣ ନାବାଳକ ଛାତ୍ରଙ୍କ ସମେତ ୨୮ଜଣଙ୍କୁ ଗିରଫ କରାଯାଇଥିଲା। ଲୋକଙ୍କଠାରୁ ସମର୍ଥନ ହାସଲ କରିବା ଉଦ୍ଦେଶ୍ୟରେ ଆସନ୍ତା ୨୨ ତାରିଖରେ ପୁଣି ଜନଶୁଣାଣି କରିବା ପାଇଁ ଘୋଷଣା କରାଯାଇଛି। ଏହାକୁ ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। କୃଷି, କୃଷିଜମି, ଚିରସ୍ରୋତା ଝରଣାକୁ ରକ୍ଷା କରିବା ପାଇଁ ହିଣ୍ଡାଲ୍‌କୋ କମ୍ପାନୀର ଖଣି ଖନନ, ପରିବେଶ ମଞ୍ଜୁରୀକୁ ବାତିଲ ସହ ସ୍ଥାନୀୟ ବାସିନ୍ଦାଙ୍କ ଉପରେ ଚାପ ପ୍ରୟୋଗ ବନ୍ଦ ଓ ଗିରଫ ସମସ୍ତଙ୍କୁ ମୁକ୍ତ କରି ସ୍ୱାଧୀନ ମତ ଉପସ୍ଥାପନ ପାଇଁ ସୁଯୋଗ ଦିଆଯାଉ ବୋଲି ମଞ୍ଚ ପକ୍ଷରୁ ସମ୍ପାଦକ ମାର୍ଣ୍ଡି ଦାବି କରିଛନ୍ତି।

# ପ୍ରକଳ୍ପ କାମର ପୂର୍ଣ୍ଣାଙ୍ଗ ରିପୋର୍ଟ ୭ ଦିନରେ ଦିଅ: ମୁଖ୍ୟ ସଚିବ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

## ପୁରୀ ଓ ଗଞ୍ଜାମ ଜିଲାର ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ

ପୁରୀ ଓ ଗଞ୍ଜାମ ଜିଲାର ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ନେଇ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ରହ୍ମଗିରି ବ୍ଲକ ରାୟବିଧାରପୁର ପଞ୍ଚାୟତ ସ୍ଥିତ ଭଣ୍ଡାରୀକୁଦାଠାରେ ଥିବା ୫୯ ଗ୍ରାମକୁ ଯୋଗାଇବାକୁ ଥିବା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ଉପରେ ଦାସବର୍ମା ଗୁରୁତ୍ୱାରୋପ କରିଛନ୍ତି। ସେହିପରି ବ୍ରହ୍ମଗିରି ବ୍ଲକର ୬୯ ଗ୍ରାମ, କୃଷ୍ଣପ୍ରସାଦ ବ୍ଲକର ୩୦, ଗଞ୍ଜାମ ଜିଲା ଏବଂ ବ୍ରହ୍ମଗିରି ନିର୍ବାଚନୀମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ୯୨ ଗ୍ରାମକୁ ରାଜ୍ୟ ସରକାର ମଞ୍ଜୁର କରିଥିବା ଭୂତଳ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ସେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଓ ଗଞ୍ଜାମ ଜିଲା ଅନ୍ତର୍ଗତ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ କରି ଏର ପୂର୍ଣ୍ଣାଙ୍ଗ ରିପୋର୍ଟ ୭ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୯୨ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁରୀ ସଦର ବ୍ଲକର ୧୧ ପଞ୍ଚାୟତର ବୃହତ ପାନୟ ଜଳ ପ୍ରକଳ୍ପର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଉପରେ ଦାସବର୍ମା ଗୁରୁତ୍ୱ ଦେଇଛନ୍ତି। ବୈଠକରେ ପଞ୍ଚାୟତିରାଜ ସଚିବ ଅଶୋକ କୁମାର ମୀନାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୪ ମାସ ପରେ ନିଦରୁ ଉଠିଲେ ମହାପ୍ରଭୁ

ପୁରୀ ଅଫିସ, ୧୫।୧୧

## ଶ୍ରୀମନ୍ଦିରରେ ହରି ଉତ୍ଥାପନା ନୀତି

ଦୀର୍ଘ ୪ ମାସ ଶୟନ କରିବା ପରେ ମହାପ୍ରଭୁ କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସୋମବାର ନିଦ୍ରାରୁ ଉଠିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଏହି ନୀତିକୁ ହରି ଉତ୍ଥାପନା ଏକାଦଶୀ ନୀତି ବୋଲି କୁହାଯାଏ। ପରମ୍ପରା ଅନୁଯାୟୀ, ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ରଥରେ ମହାପ୍ରଭୁଙ୍କ ହରିଶୟନ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁ ନିଦ୍ରା ଯାଇଥାନ୍ତି। କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ବା ପବିତ୍ର ପଞ୍ଚକର ପ୍ରଥମ ଦିନରେ ମହାପ୍ରଭୁ ନିଦ୍ରାଭଙ୍ଗ କରିଥାନ୍ତି। ସୋମବାର ହରିଉତ୍ଥାପନ ନୀତି ଅବସରରେ ମହାପ୍ରଭୁଙ୍କ ବେଶ ପରେ ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ବାଲଧୂପ ଓ ଭୋଗମଣ୍ଡପ ବଢିଥିଲା। ପରେ ମଇଲମ ହୋଇ ମହାସ୍ନାନ ନୀତି ହୋଇଥିଲା। ଏହାପରେ ସର୍ବାଙ୍ଗ ଚନ୍ଦନ ଲାଗି ନୀତି ସରି ମଧ୍ୟାହ୍ନ ଧୂପ ପୂଜା ବସିଥିଲା। ଭୋଗ ସରି ପାଟଶାଢ଼ି, ଖଣ୍ଡୁଆ ଲାଗି ପରେ ଆଳତି କରାଯାଇଥିଲା। ପରେ ଚନ୍ଦନ ଲାଗି ହୋଇ ବେଶ ବଢ଼ିଥିଲା। ସନ୍ଧ୍ୟାଧୂପ ପୂଜା ପରେ ମହାଦୀପ ଆଳତି ହୋଇ ନୀଳଚକ୍ରକୁ ମହାଦୀପ ବିଜେ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ଉତ୍ଥାପନ ନୀତି ଆରମ୍ଭ ହୋଇଥିଲା। ତିନି ଶୟନ ଠାକୁରଙ୍କ ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି, ବେଶ, କର୍ପୂର ଲାଗି ପରେ ବନ୍ଦାପନା ନୀତି ବଢ଼ିଥିଲା। ପୁଷ୍ପାଞ୍ଜଳି, ବନ୍ଦାପନା ନୀତି ସମ୍ପନ୍ନ ପରେ ଠାକୁରଙ୍କ ବାକ୍ସଗୁଡ଼ିକୁ ଯଥାରୀତି ରଖାଯାଇ ସମ୍ପୃକ୍ତ ଘର ଦ୍ୱାରକୁ ମୁଦ ଦିଆଯାଇଥିଲା।

# ଗଛରେ ଫଳିଛି କରୋନା ଭାଇରସ୍ ସଦୃଶ କାକୁଡ଼ି



ଚନ୍ଦ୍ର ପୂଜାରୀଙ୍କ ବାଡ଼ିରେ ଫଳିଥିବା କରୋନା ଭାଇରସ୍ ଆକୃତିର କାକୁଡ଼ି।

ଡାବୁଗାଁ, ୧୫।୧୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ସରାଗୁଡ଼ା ଗ୍ରାମର ଚନ୍ଦ୍ର ପୂଜାରୀଙ୍କ ବାଡ଼ିରେ ଅଦ୍ଭୁତ କାକୁଡ଼ି ଫଳିଛି, ଯାହାକି କରୋନା ଭାଇରସ୍ ଭଳି ଦେଖିବାକୁ। ଏହି କାକୁଡ଼ି ଦେଖିବାକୁ ଏବେ ତାଙ୍କ ବାଡ଼ିରେ ଭିଡ଼ ଜମିଛି।

ଚନ୍ଦ୍ର କାକୁଡ଼ି ମଞ୍ଜି କିଣି ବାରିରେ ଲଗାଇଥିଲେ। ସେଥିରେ ଫଳ ମଧ୍ୟ ଫଳିଲା। କିନ୍ତୁ ଗୋଟିଏ ଗଛରେ କରୋନା ଭାଇରସ୍ ଆକୃତିର କାକୁଡ଼ି ଫଳିଛି। ଉକ୍ତ ଫଳକୁ ଖାଇଲେ ତାହାର ସ୍ୱାଦ ଅବିକଳ କାକୁଡ଼ି ଭଳି ଲାଗୁଛି। ଏ ନେଇ ସହକାରୀ ଉଦ୍ୟାନ ଅଧିକାରୀ ମୋନାଲିସା ମନ୍ତ୍ରୀଙ୍କୁ ପଚାରିବାରୁ ଏହା ଏକ ଜଙ୍ଗଲୀ ପ୍ରଜାତିର କାକୁଡ଼ି ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ସୂର୍ଯ୍ୟାସ୍ତ ପରେ...

ଏଭଳି ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅତ୍ୟାଧୁନିକ ଏବଂ ଉନ୍ନତ ଟେକ୍‌ନୋଲୋଜି, ଶବ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ ଆଲୋକ ଓ ଭିତ୍ତିଭୂମି ଉପଲବ୍ଧ ହେଉଥିବାରୁ ଏବେ ରାତି ସମୟରେ ପୋଷ୍ଟମର୍ଟମ ସମ୍ଭବ ହୋଇପାରିଛି। ଅଙ୍ଗଦାନ ପାଇଁ ରାତିରେ ପୋର୍ଟମର୍ଟମକୁ ପ୍ରାଥମିକତା ଦିଆଯାଉଛି ଏବଂ ଉନ୍ନତ ଭିତ୍ତିଭୂମି ଥିବା ହସ୍ପିଟାଲଗୁଡ଼ିକରେ ତାହା ହୋଇଆସୁଛି। ହସ୍ପିଟାଲର ଭିତ୍ତିଭୂମି ଉପଯୁକ୍ତ ଏବଂ ପର୍ଯ୍ୟାପ୍ତ ରହିଛି ଏବଂ ରାତିରେ ପୋଷ୍ଟମର୍ଟମ କଲେ ପ୍ରାମାଣିକତା ମୂଲ୍ୟ ପ୍ରଭାବିତ ହେବନାହିଁ, ସେ ସମ୍ପର୍କରେ ଭାରପ୍ରାପ୍ତ ଅଧିକାରୀ ସୁନିଶ୍ଚିତ କରିବାକୁ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ରାତିରେ ପୋଷ୍ଟମର୍ଟମ ବେଳେ ଏହାର ଭିଡିଓ ରେକର୍ଡିଂ ବ୍ୟବସ୍ଥା ହସ୍ପିଟାଲରେ ରହିଥିବା ଆବଶ୍ୟକ। ଫଳରେ ଶବ ବ୍ୟବଚ୍ଛେଦକୁ ନେଇ କୌଣସି ସନ୍ଦେହ ରହିବ ନାହିଁ ଏବଂ ଭବିଷ୍ୟତରେ କୋର୍ଟକଚେରୀରେ ଆବଶ୍ୟକ ବେଳେ ଏହାକୁ ଉପସ୍ଥାପନ କରାଯାଇପାରିବ ବୋଲି ମନ୍ତ୍ରଣାଳୟ କହିଛି। ତେବେ ଆଇନ ଶୃଙ୍ଖଳ ସ୍ଥିତି ଉପୁଜିବାର ଆଶଙ୍କା ଥିଲେ, ରାତି ସମୟରେ ହତ୍ୟା, ଆତ୍ମହତ୍ୟା, ବଳାତ୍କାର, ଗଳିତ ମୃତଦେହ ଏବଂ ସନ୍ଦେହଜନକ ମୃତ୍ୟୁ ଘଟଣାର ପୋଷ୍ଟମର୍ଟମ କରାଯାଇପାରିବ ବୋଲି କୁହାଯାଇଛି।

### ୧୭ରେ ଆଉ...

କ୍ଷେତ୍ରରେ ପରିଣତ ହେବ। ଲଘୁଚାପ ଏବଂ ଓଡ଼ିଶା ଉପରେ ଥିବା ଟ୍ରଫ୍ ଲାଇନ ପ୍ରଭାବରେ ଗତ କିଛି ଦିନ ହେବ ଆକାଶ ମେଘାଚ୍ଛନ୍ନ ରହିବା ସହ କେତେକ ସ୍ଥାନରେ ବର୍ଷା ମଧ୍ୟ ହେଉଛି।

### ପ୍ରତିକୂଳ ପାଗ...

କାଳିଆଣି ପ୍ରବେଶ ପଥରେ ସକାଳୁ ପର୍ଯ୍ୟଟକମାନେ ଅଭୟାରଣ୍ୟରେ ପ୍ରବେଶ ପାଇଁ ଅପେକ୍ଷା କରିଥିଲେ। ତେବେ ବିପଦପୂର୍ଣ୍ଣ ରାସ୍ତାରେ ଚଳପ୍ରଚଳରେ ଅସୁବିଧା ରହିଥିବା ଦର୍ଶାଇ ସେମାନଙ୍କୁ ଭିତରକୁ ଛଡ଼ାଯାଇ ନ ଥିଲା। ପାଗ ପରିବର୍ତ୍ତନ ହୋଇ ନ ଥିବାରୁ ସୋମବାର ମଧ୍ୟ ଶିମିଳିପାଳ ବନ୍ଦ ରହିଥିଲା। ପରବର୍ତ୍ତୀ ଦିନରେ ପାଗ ଭଲ ରହିଲେ ପୂର୍ବଭଳି ନିୟମାନୁସାରେ ପର୍ଯ୍ୟଟକଙ୍କୁ ଯିବାପାଇଁ ଅନୁମତି ଦିଆଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ୍ ଜଗଜୟାନନ୍ଦ କହିଛନ୍ତି।

ଫ୍ୟାଶନ

# ପୁରୁଣା ଶାଢ଼ିରେ ନୂଆ ଲୁକ୍

ବେଳେବେଳେ କିଛି ଶାଢ଼ି ଓଲଡ୍ ଫ୍ୟାଶନ ହୋଇଥିବାରୁ ବ୍ୟବହାର ନ ହୋଇ ରହି ଯାଇଥାଏ। ତେବେ ଆପଣ ଚାହିଁଲେ ସେସବୁ ଶାଢ଼ିରେ ବି ନିଜ ପାଇଁ ଷ୍ଟାଇଲିସ୍ ଆଉଟ୍‌ଫିଟ୍ ତିଆରି କରିପାରିବେ।



➥ଯଦି ଆପଣଙ୍କ ପାଖରେ ସିଫନ୍‌ର ଶାଢ଼ି ଅଛି ଏବଂ ଆପଣ ତାହା ବ୍ୟବହାର କରୁ ନାହାନ୍ତି ତେବେ ତାକୁ ଅନାରକଲୀ ଷ୍ଟାଇଲ୍ କିମ୍ବା ଅନ୍ୟ ଡିଜାଇନ୍ କୁର୍ତ୍ତା କରିପାରିବେ। ଏହା ଆପଣଙ୍କୁ ପରଫେକ୍ଟ ଲୁକ୍ ଦେବ। ଯଦି ଶାଢ଼ି ପ୍ଲେନ୍ ଅଛି ତେବେ କୁର୍ତ୍ତାରେ ଲେସ୍ ବାନ୍ଧି ପାରିବେ କିମ୍ବା ଲଟକନ୍ ବାନ୍ଧି ମନ ମୁତାବକ ଡିଜାଇନ୍ କରିପାରିବେ।

➥ଯଦି ଆପଣଙ୍କ ପାଖରେ ଚୁନ୍‌ରି ପ୍ରିଣ୍ଟର ଶାଢ଼ି ଅଛି ତେବେ ସେଥିରେ ଦୁପଟା ତିଆରି କରିପାରିବେ। ଏଥିରେ ରଙ୍ଗବେରଙ୍ଗର ଲଟକନ୍ ଝୁଲାଇବା ସହ ଷ୍ଟୋନ୍ କାମ, ଏମ୍ବ୍ରୋଡରି ଏବଂ ବର୍ଡରରେ ମଧ୍ୟ କାମ କରିପାରିବେ। ସିମ୍ପଲ କୁର୍ତ୍ତାରେ ଏହା ଆପଣଙ୍କୁ ଷ୍ଟାଇଲିସ୍ ଲୁକ୍ ଦେବ।

➥ଯଦି ଆପଣଙ୍କ ପାଖରେ ମୋଟା ବର୍ଡର ପ୍ଲେନ୍ ଶାଢ଼ି ଅଛି କିମ୍ବା ବନାରସୀ ଶାଢୀ ଅଛି ତେବେ ସେଥିରେ ଷ୍ଟ୍ରେଟ୍ କୁର୍ତ୍ତା, ଫ୍ରଣ୍ଟ ସ୍ଲିଟ୍ କୁର୍ତ୍ତା କିମ୍ବା ଶାଢ଼ିର ଡିଜାଇନ୍ ମୁତାବକ କୁର୍ତ୍ତା ତିଆରି କରିପାରିବେ। ସିଫନ୍ ଓ ଜର୍ଜେଟ ଶାଢ଼ିରେ ଟପ୍ ବି କରିପାରିବେ। ଏହାସହ ଟ୍ୟାଙ୍କ ଟପ୍ ଓ କ୍ରପ୍ ମଧ୍ୟ ତିଆରି କରିପାରିବେ। ଫ୍ଲୋରାଲ୍ ପ୍ରିଣ୍ଟ ଶାଢ଼ିରେ ସର୍ଟ ଟପ୍ ଓ ଷ୍ଟାଇଲିସ୍ କୁର୍ତ୍ତା କିମ୍ବା ଡେଲି ୟୁଜ୍ ପାଇଁ ଶର୍ଟସ୍ ତିଆରି କରିପାରିବେ।

➥ଶାଢ଼ିରେ ଷ୍ଟାଇଲିସ୍ ପ୍ରିଣ୍ଟ ଥିଲେ ସେଥିରେ ଲେହେଙ୍ଗା ଓ ସ୍କର୍ଟ ମଧ୍ୟ କରିପାରିବେ। ଏଥିରେ କ୍ରପ ଟପ୍ ସହ ହେଭି ଡିଜାଇନ ଥିବା ବ୍ଲାଉଜ୍ ତିଆରି କରିପାରିବେ।

## ଆକର୍ଷଣୀୟ ଇଣ୍ଟେରିୟର



✦ଘରର ବଖରାଗୁଡ଼ିକ ଛୋଟ ଥିଲେ ହାଲୁକା ରଙ୍ଗ ଦିଅନ୍ତୁ ନାହିଁ, ଗାଢ଼ ରଙ୍ଗ କରନ୍ତୁ। ଏହିଭଳିଭାବେ ଘର ଭିତରର ଲୁକ୍ ଅଧିକ କ୍ରେଜି ଏବଂ କୋଜିନି ଲୁକ୍ ଦିଆଯାଇପାରିବ।

✦ ଘର ଭିତରେ ଗୋଟିଏ ରଙ୍ଗରେ ଅଲଗା ଅଲଗା ଡିଜାଇନରେ ରଙ୍ଗ କଲେ ତାହା ଅଧିକ ସୁନ୍ଦର ଏବଂ ଆକର୍ଷଣୀୟ ମନେହେବ। କିନ୍ତୁ ଗୋଟିଏ ରୁମ୍‌ରେ ଭିନ୍ନ ଭିନ୍ନ ରଙ୍ଗ ଦିଅନ୍ତୁ ନାହିଁ।

✦ ରୁମ୍ ଭିତରର ପ୍ରିଣ୍ଟ ସହିତ ଆସବାବପତ୍ରକୁ ମଧ୍ୟ ଠିକ୍ ଭାବେ ମ୍ୟାଚ୍ କରିବା ଭଳି ରଖନ୍ତୁ। କିନ୍ତୁ ସବୁ ଜିନିଷ ଏକା ପ୍ରକାରର ହେବ ତା' ନୁହେଁ। ଗୋଟିଏ ରୁମ୍‌ରେ ଅଲଗା ରଙ୍ଗର କାନ୍ଥ, ଟ୍ରାଡିଶନାଲ ଲୁକ୍‌ର ପାରମ୍ପରିକ ଆସବାବପତ୍ର ଘରର ଲୁକ୍ ବଦଳାଇ ଏକ ଭିନ୍ନ ରୂପ ଦେଇପାରିବ।

✦ ବାଥ୍‌ରୁମ୍‌ରେ ୱାଲପେପର କିମ୍ବା କାଠ ଜିନିଷ ମଧ୍ୟ ବ୍ୟବହାର କରିପାରିବେ। ବାଥ୍‌ରୁମ୍‌ରେ ଏହି ଦୁଇ ପ୍ରକାରର ଜିନିଷ ଟ୍ରାଡିଶନାଲ ଲୁକ୍ ଦେଇଥାଏ କିନ୍ତୁ ଆର୍ଦ୍ରତା ପ୍ରଭାବରୁ ଏହାକୁ ରକ୍ଷା କରିବା ପାଇଁ ବ୍ୟବସ୍ଥା କରନ୍ତୁ।

✦ ରୋଷେଇ ଘରେ କୌଣସି ପ୍ରକାରର ୱାଲ ହ୍ୟାଙ୍ଗିଂ କିମ୍ବା କାର୍ପେଟ ପକାନ୍ତୁ ନାହିଁ, କିନ୍ତୁ ସେଠାରେ ଆପଣଙ୍କର ବହୁତ ସମୟ କଟୁଥିଲେ ବିଭିନ୍ନ କଲରଫୁଲ ପ୍ରିଣ୍ଟର କାର୍ପେଟ ପକାନ୍ତୁ। ଘରକୁ ଏକ ଭିନ୍ନ ଲୁକ୍ ଦେବ।

✦ ଯେକୌଣସି ରୁମ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଚାହୁଁଥିଲେ ସିଲିଂ କରି ଦିଅନ୍ତୁ। କିନ୍ତୁ ସିଲିଂ ସବୁବେଳେ ଯେ ଧଳା ରଙ୍ଗର ହେଲେ ଆକର୍ଷଣୀୟ ଲାଗିବ ତାହା ଭାବିବା ଭୁଲ୍। ଡାର୍କ ଶେଡ୍‌ର ସିଲିଂ ମଧ୍ୟ ଘରକୁ ବୋଲ୍ଡ ଲୁକ୍ ଦେଇପାରିବ।

ସୌନ୍ଦର୍ଯ୍ୟ

# ଘରେ କରନ୍ତୁ ଫେସିଆଲ

ଶପିଂ କରିବା ଆଉ ଘର ସଜାଇବାରେ ଯଦି ନିଜ ସୌନ୍ଦର୍ଯ୍ୟ କଥା ଭୁଲି ଯାଇଛନ୍ତି ତେବେ ଚିନ୍ତା କରନ୍ତୁ ନାହିଁ। ବିଭିନ୍ନ ପ୍ରକାରର ଘରୋଇ ସାମଗ୍ରୀ ବ୍ୟବହାର କରି ଆପଣ ମଧ୍ୟ ଫେସିଆଲ କରିପାରିବେ।

**ବେସନ ପ୍ୟାକ୍** – ଏକ ବଡ଼ ଚାମଚ ବେସନ, ଏକ ଛୋଟ ଚାମଚ ଅର୍ଗାନିକ୍ ହଳଦୀ ଗୁଣ୍ଡ, ୧ ଚାମଚ ମହୁ ଓ ୨ ବଡ଼ ଚାମଚ କ୍ରିମ୍‌କୁ ନେଇ ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ଶୁଖିବା ପାଇଁ ଛାଡି ଦିଅନ୍ତୁ। ଶୁଖିବା ପରେ ଗୋଲାପ ଜଳ ଲଗାଇ ଗୋଲାକାରରେ ଘଷି ଧୋଇ ଦିଅନ୍ତୁ। ସପ୍ତାହକୁ ଅତିକମ୍‌ରେ ଦୁଇ ଥର ଏପରି ଫେସିଆଲ କଲେ ତ୍ୱଚାର ଚମକ ଢେର୍ ବୃଦ୍ଧି ପାଇବ।



**ଚାଉଳ ପ୍ୟାକ୍** – ୨ ଚାମଚ ଚାଉଳ ଗୁଣ୍ଡରେ ୧ ଚାମଚ କ୍ରିମ୍ ଓ ଗୋଲାପ ଜଳ ମିଶାଇ ପ୍ୟାକ୍ ତିଆରି କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ଶୁଖିବା ପରେ ହାଲୁକା ମସାଜ୍ କରି କିଛି ସମୟ ପରେ ମୁହଁ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ତ୍ୱଚା ମୁଲାୟମ ହେବ।

**କଦଳୀ ପ୍ୟାକ୍**– ୧ ବଡ଼ କଦଳୀକୁ ଭଲଭାବେ ପେଷ୍ଟ କରି ସେଥିରେ ୧ ଚାମଚ ମହୁ ଓ ଅଳ୍ପ ଚନ୍ଦନ ପାଉଡର ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ କିଛି ସମୟ ମସାଜ୍ କରିବା ପରେ ଧୋଇ ଦିଅନ୍ତୁ।

**ଗୋଲାପ ଫୁଲ ପ୍ୟାକ୍** – ୧୫–୨୦ଟି ଗୋଲାପ ଫୁଲ ପାଖୁଡାକୁ ଗାଢ଼ କ୍ଷୀରରେ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଫ୍ରିଜ୍‌ରେ ରଖି ମୁହଁ ଓ ବେକରେ ଲଗାନ୍ତୁ। ୧୫ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ। ତ୍ୱଚା ଫ୍ରେଶ୍ ଲାଗିବ।



# ଗୃହିଣୀରୁ ଉଦ୍ୟୋଗୀ

ଦିନେ ଶୁଭଶଙ୍ଖ ଫୁଙ୍କି ବନ୍ଦାପନା କରି ବୋଇତରେ ସାଧବପୁଅକୁ ମେଲାଣି ଦେଉଥିଲେ ସାଧବବୋହୂ। ଦୂର ଦେଶରେ ବାଣିଜ୍ୟ ବ୍ୟବସାୟ କରି ସଫଳ ହେବା ପାଇଁ ସେ ଶୁଭ ମନାସୁଥିଲା। କିନ୍ତୁ ଆଜିର ସାଧବ ବୋହୂ ହୋଇଛି ସ୍ୱାବଲମ୍ବୀ। ବ୍ୟବସାୟ ବାଣିଜ୍ୟରେ ନିଜ ଦକ୍ଷତା ପ୍ରତିପାଦିତ କରିପାରିଛନ୍ତି ଏମାନେ। ତେବେ ନିଜ ଉଦ୍ୟମରେ ସଫଳ ଉଦ୍ୟୋଗୀ ସାଜିଥିବା କେତେଜଣ ଗୃହିଣୀଙ୍କ ସମ୍ପର୍କରେ...।

ଓଡ଼ିଆ ପରମ୍ପରାରେ ସାଧବମାନେ ବାଣିଜ୍ୟ କରିବାର ପରମ୍ପରା ଥିଲା। ଏବେ ପୂର୍ବ ଭଳି ସେହି ପରମ୍ପରା ନାହିଁ ସତ କିନ୍ତୁ ବାଣିଜ୍ୟ କ୍ଷେତ୍ର ବେଶ୍ ଅଗ୍ରଗତି କରିଛି। ଆଉ ପୁରୁଷମାନଙ୍କ ଭଳି ମହିଳାମାନେ ବି ବ୍ୟବସାୟ କ୍ଷେତ୍ରରେ ସଫଳ ଉଦାହରଣ ସୃଷ୍ଟି କରି ପାରିଛନ୍ତି।

## ସଫଳ ଉଦ୍ୟୋଗୀ



ପରିବାର ଲୋକଙ୍କର ରକ୍ଷଣଶୀଳ ମନୋଭାବ ଯୋଗୁ ଭଲ ପାଠ ପଢି ଉଚ୍ଚଶିକ୍ଷିତା ହୋଇଥିଲେ ବି ଚାକିରି କରିପାରି ନ ଥିଲେ। କିନ୍ତୁ ବିବାହ କରି ପିଲାମାନେ ବଡ଼ ହେବା ପରେ ସେ ଆରମ୍ଭ କରିଥିଲେ ବ୍ୟବସାୟ। ଆଉ ଆଜି ସେ ଭୁବନେଶ୍ୱରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ଭୁବନେଶ୍ୱରର ବମିଖାଲରେ ରୁହନ୍ତି କୁକୁମିନା ପରିଜା। ଭୁବନେଶ୍ୱରର ଓଇସି (ଓଡ଼ିଶା ଇଞ୍ଜିନିୟରିଂ କଲେଜ)ରୁ ସେ ଇଲେକ୍ଟ୍ରୋନିକ୍ସରେ ଇଞ୍ଜିନିୟରିଂ ଡିଗ୍ରି ହାସଲ କରିଛନ୍ତି। ବାପା ଜଣେ ସଫଳ ବ୍ୟବସାୟୀ ଓ ସ୍ୱାମୀ ସୁବାଶିଷ ରାୟ କେନ୍ଦ୍ର ସରକାରଙ୍କର ଜଣେ ଉଚ୍ଚପଦସ୍ଥ ଅଧିକାରୀ। ଏହା ସତ୍ତ୍ୱେ ସେ ଆତ୍ମନିର୍ଭର ହେବା ପାଇଁ ଚିନ୍ତା କରିଥିଲେ। ତେଣୁ ପ୍ରଥମେ ଲକ୍ଷ୍ମୀସାଗରଠାରେ ତିଆରି କଲେ 'ନିର୍ମଳା ରେସିଡେନ୍ସି ଲଜ୍'। ତା'ପରେ ବମିଖାଲରେ କରିଥିଲେ 'ନିଶାମଣି ପ୍ୟାଲେସ୍' ମ୍ୟାରେଜ୍ ମଣ୍ଡପ ଓ କ୍ୟାଟରିଂ ସର୍ଭିସ୍। ଏବେ ସେ ଏହି ଦୁଇ ବ୍ୟବସାୟକୁ ବେଶ୍ ସହଜରେ ପରିଚାଳନା କରୁଛନ୍ତି। ନିଜେ ସଫଳ ହେବା ସହ ଅନେକଙ୍କୁ ଦେଇଛନ୍ତି କର୍ମନିଯୁକ୍ତିର ସୁଯୋଗ। ସଫଳ ଉଦ୍ୟୋଗୀଭାବେ ସେ ପରିଚୟ ବି ହାସଲ କରିପାରିଛନ୍ତି। ଅବଶ୍ୟ କରୋନା ପାଇଁ ତାଙ୍କୁ କିଛି ମାସ କ୍ଷତି ସହିବାକୁ ପଡିଥିଲା, କିନ୍ତୁ ଏବେ ପୁଣି ଥରେ ସେ ବ୍ୟବସାୟକୁ ଆଗେଇ ନେଇ ପାରିଛନ୍ତି।

–କୁକୁମିନା ପରିଜା, ଭୁବନେଶ୍ୱର

## ଅନଲାଇନରେ ବ୍ୟବସାୟ



ଆତ୍ମନିର୍ଭର ହେବାର ପ୍ରବଳ ଆଗ୍ରହ ଆଜି ତାଙ୍କୁ ଦେଇଛି ସଫଳତା। ଜଣେ ଡିଜାଇନରଭାବେ ସେ ପାଇଛନ୍ତି ସ୍ୱତନ୍ତ୍ର ପରିଚୟ। ଗହଣା ଡିଜାଇନ କରି ଆଜି ବ୍ୟବସାୟ ଜଗତରେ ଅଗ୍ରସର ହେବାରେ ଲାଗିଛନ୍ତି ସଙ୍ଗ୍ରିଲା ମହାନ୍ତି। ନୟାଗଡ଼ର ମହିଳା ଡିଜାଇନର ହେଉଛନ୍ତି ସଙ୍ଗ୍ରିଲା। ନାରୀମାନଙ୍କର ସମସ୍ତ ଗହଣା ଡିଜାଇନ କରି ବେଶ୍ ଆକର୍ଷଣୀୟ କରିପାରନ୍ତି ସଙ୍ଗ୍ରିଲା। ଆଉ ତାଙ୍କର ଡିଜାଇନର ସମସ୍ତ ଗହଣାକୁ ସେ 'ପ୍ରେମ୍ ଫ୍ୟାଶନ୍' ନାଁରେ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରି କରନ୍ତି। ଚୁଡି ଠାରୁ ଆରମ୍ଭ କରି ହାର, କାନଫୁଲ କିମ୍ବା ମଥା ଟିକା ଆଦି ସବୁ ପ୍ରକାରର ଗହଣାକୁ ଆଧୁନିକ ଡିଜାଇନରେ ତିଆରି କରି ସେ ବିକ୍ରି କରୁଛନ୍ତି। ଏହି ମାଧ୍ୟମରେ ଏବେ ସେ ବେଶ୍ ଭଲ ରୋଜଗାର ବି କରିପାରୁଛନ୍ତି। ପରିବାର ପାଇଁ ସମୟ ବାହାର କରିବା ସହିତ ବ୍ୟବସାୟକୁ ବି ଠିକ୍ ଭାବେ ଚଳାଇ ଏବେ ସେ ଉଦାହରଣ ପାଲଟିଛନ୍ତି। ବଡ କଥା ହେଉଛି କି ଏସବୁ ଡିଜାଇନ ପାଇଁ ସଙ୍ଗ୍ରିଲା କେବେ କାହା ଠାରୁ ତାଲିମ୍ ନେଇ ନାହାନ୍ତି। ପିଲାବେଳେ ମା'ଙ୍କ କାମ ଦେଖି ଗହଣା ଡିଜାଇନ୍ କରିବା ପାଇଁ ତାଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା। ଆଉ ଏହି କାମ ପାଇଁ ତାଙ୍କୁ ପ୍ରେରଣା ଯୋଗାଇଥିଲେ ତାଙ୍କର ଜଣେ ବାନ୍ଧବୀ ଚିନ୍ମୟୀ ସେନାପତି। ତା'ପରେ ୟୁଟ୍ୟୁବରୁ ଡିଜାଇନ୍ କାମ ଶିଖି ସେ ଆରମ୍ଭ କରିଥିଲେ ବ୍ୟବସାୟ। ଫେସବୁକ୍, ହ୍ୱାଟ୍‌ସ ଆପ୍ ମାଧ୍ୟମରେ ସେ ଏବେ ବ୍ୟବସାୟ କରୁଛନ୍ତି। ଖାଲି ସେତିକି ନୁହେଁ ତାଙ୍କ ବ୍ୟବସାୟର ସଫଳତାକୁ ଦେଖି ଏବେ ତାଙ୍କଠାରୁ ଡିଜାଇନ୍ କାମର ତାଲିମ୍ ନେଉଛନ୍ତି ୨୦ଜଣ ପିଲା। ଭୁବନେଶ୍ୱରର ଓଲ୍ଡ ଟାଉନରେ ଏଥିପାଇଁ ସେ ସାଇ ଟ୍ୟୁଟୋରିଆଲ ଖୋଲିଛନ୍ତି। ନିଜେ ଆତ୍ମନିର୍ଭର ହେବା ସହିତ ଅନ୍ୟମାନଙ୍କ ପାଇଁ ରୋଜଗାରର ମାଧ୍ୟମ ସୃଷ୍ଟି କରିବା ଲାଗି ସୁଯୋଗ ଆଣି ଦେଇଛନ୍ତି ସଙ୍ଗ୍ରିଲା।



–ସଙ୍ଗ୍ରିଲା ମହାନ୍ତି, ନୟାଗଡ଼

## ଡିଜିଟାଲ ମାର୍କେଟିଂ

ବ୍ୟବସାୟ କରି ନିଜେ ସଫଳ ହେବା ସହିତ ଆହୁରି ଅନେକଙ୍କୁ ସଫଳତାର ମାର୍ଗଦର୍ଶନ ନିମନ୍ତେ ଉଦ୍ୟମ ଚଳାଇଛନ୍ତି ଜଣେ ମହିଳା ଉଦ୍ୟୋଗୀ ଅନନ୍ୟା ପଟ୍ଟନାୟକ। ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ ସେ ନିଜେ ସଫଳତା ହାସଲ କରିବା ସହିତ ଅନ୍ୟମାନଙ୍କୁ ବ୍ୟବସାୟର କୌଶଳ ଶିଖାଇ ପାରୁଛନ୍ତି। ସଫଳତାର ଏଇ ସୋପାନରେ ପହଞ୍ଚିବା ପାଇଁ ଅନନ୍ୟା ଢେର୍ ପରିଶ୍ରମ କରିଛନ୍ତି। ବି.ଏସ୍‌ସି. ପଢ଼ିବା ପରେ ସେ ମଲ୍ଟିମିଡିଆ କୋର୍ସ ଆଉ ତା'ପରେ ସାମ୍ବାଦିକତା କରି କ୍ୟାରିୟର ଆରମ୍ଭ କରିଥିଲେ। କଣ୍ଟେଣ୍ଟ ରାଇଟିଂ ଆଉ ଗ୍ରାଫିକ୍ସ ଡିଜାଇନ୍ କାମ କରି କ୍ୟାରିୟର କରିଥିଲେ ସତ କିନ୍ତୁ ଆତ୍ମସନ୍ତୋଷ ପାଇ ନ ଥିଲେ। ତେଣୁ ନିଜେ କିଛି କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ପ୍ରତିଷ୍ଠା କରିଛନ୍ତି ଅପୂର୍ବା ଡିଜାଇନ ୱେର ପ୍ରାଇଭେଟ ଲିମିଟେଡ୍(ADPL) ଏବଂ ବେଟର ମ୍ୟାଟର ଫାଉଣ୍ଡେଶନ୍। ଅନନ୍ୟା ପ୍ରଥମେ ୨୦୦୦ ମସିହାରେ ଏକ ସାଇବର କାଫେ କମ୍ ଡକ୍ୟୁମେଣ୍ଟେଶନ୍ ୟୁନିଟ୍ ଆରମ୍ଭ କରିଥିଲେ କିନ୍ତୁ ଅନୁଭବ କରିଥିଲେ ଯେ, ଏଥିରେ ତାଙ୍କର ବୃହତ୍ତର ସ୍ୱାର୍ଥ ପୂରଣ ହେବା କଷ୍ଟ। ସିରିଏଲ ଏଣ୍ଟରପ୍ରାଇଜର ବା ମମ୍ପ୍ରେନେର୍ କୋଚ୍ ଭାବରେ ଦ୍ୱିତୀୟ ଚେଷ୍ଟା ୨୦୧୭ରେ ଆରମ୍ଭ କଲେ ଅନନ୍ୟା। ଜଣେ ମା' ଆଉ ମାତୃ ଉଦ୍ୟୋଗୀ ମମ୍ପ୍ରେନେର ହେବାର ଏକକାଳୀନ ପ୍ରସ୍ତୁତି ସଫଳ ରୂପ ନେଲା। ତାଙ୍କ ଉଦ୍ୟୋଗୀ ଯାତ୍ରାରେ ଏକ ପରିବର୍ତ୍ତନଶୀଳ ସମୟ ହେଉଛି ତାଙ୍କର ଅନଲାଇନ୍ ଶିକ୍ଷା ଅନୁଷ୍ଠାନ ସକ୍ସେସ୍ ସର୍ଜ ଏକାଡେମୀ, ଓଡ଼ିଶାର ଉଦୀୟମାନ ଡିଜିଟାଲ ମାର୍କେଟିଂ ଟ୍ରେନିଂ ବ୍ରାଣ୍ଡ ମଧ୍ୟରୁ ଅନ୍ୟତମ ଏବଂ ବର୍ତ୍ତମାନ ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ନିଜର ପରିଚୟ ସୃଷ୍ଟି କରିବାକୁ ପ୍ରସ୍ତୁତ। ଚାଳିଶ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ଏହି ଉଦ୍ୟୋଗ ଏବେ ୫୦ ଲକ୍ଷ ଟଙ୍କାର କାରବାର କରିବାକୁ ସକ୍ଷମ ହୋଇଛି। ତାଙ୍କର ଡିଜିଟାଲ ମାର୍କେଟିଂ ଏଜେନ୍ସି (IDEA–ZICON) ମାଧ୍ୟମରେ ବ୍ୟକ୍ତିଗତ ବ୍ରାଣ୍ଡିଂ, ଆଫିଲିଏଟ୍ ମାର୍କେଟିଂ ଏବଂ ଇନଫ୍ଲୁଏନ୍ସର ମାର୍କେଟିଂରେ ସେବା ପ୍ରଦାନ କରାଯାଇଥାଏ। ମାତୃତ୍ୱ ଓ ବ୍ୟବସାୟ ଉଦ୍ୟୋଗକୁ ସମାନ୍ତରାଳ ଭାବେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବାକୁ ପରିବାରର ସହଯୋଗ ନିହାତି ଆବଶ୍ୟକ ବୋଲି ସେ ଅନୁଭବ କରନ୍ତି।



–ଅନନ୍ୟା ପଟ୍ଟନାୟକ, ଭୁବନେଶ୍ୱର





ଖାଦ୍ୟରୁଚି

# ହବିଷ ଡାଲମା

**ଆବଶ୍ୟକ ସାମଗ୍ରୀ:–**

ମୁଗ ଡାଲି– ୨୫୦ଗ୍ରାମ୍, ଓଉ– ୨ ପାଖୁଡା, କଞ୍ଚା କଦଳୀ– ୨ଟି, ସାରୁ ୬ଟି, ଅଦା– କଟା ହୋଇଥିବା, ଖମ୍ବଆଳୁ– ଅଳ୍ପ, ହେଙ୍ଗୁ– ଚିମୁଟେ, ଘିଅ ଗୋଟେ ଚାମଚ, ଶୁଖିଲା ଲଙ୍କା– ୭ରୁ ୮ଟି, ଜିରା– ୩ ବଡ଼ ଚାମଚ, ତେଜପତ୍ର– ୨ଟି, ନଡିଆ କୋରା– ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ।

**ପ୍ରଣାଳୀ:–**

ମୁଗଡାଲିକୁ ୧୦ମିନିଟ୍ ବତୁରେଇ ରଖନ୍ତୁ। ସାରୁ, କଦଳୀ, ଓଉ, ଖମ୍ବଆଳୁ ଇତ୍ୟାଦିକୁ କାଟି ଦିଅନ୍ତୁ। ଏକ ଛୋଟ ପାତ୍ରରେ କିଛି ପାଣି ଗରମ କରନ୍ତୁ। ପାଣିରେ ପ୍ରଥମେ ବତୁରା ହୋଇଥିବା ମୁଗ ଡାଲି ଓ ଲୁଣ ପକାନ୍ତୁ। ମୁଗଡାଲି ଫୁଟି ଆସିବା ପରେ ସେଥିରେ କଟା ହୋଇଥିବା ସମସ୍ତ ପରିବା ପକାନ୍ତୁ। ପରିବା ଫୁଟି ଆସିବା ପରେ ସେଥିରେ କଟା ଓଉକୁ ପକାନ୍ତୁ। ଏବେ କଟା ହୋଇଥିବା ଅଦାକୁ ଛେଚି ସେଥିରେ ପକାନ୍ତୁ। ସବୁ ପରିବା ସିଝି ସାରିବା ପରେ ସେଥିରେ ନଡିଆ କୋରା ପକାଇ ଗୋଳାନ୍ତୁ। ଏବେ ଗ୍ୟାସରେ ଅନ୍ୟ ଏକ କଡେଇ ବସାଇ ସେଥିରେ ୨ ଚାମଚ ଜିରା ଭାଜି କାଢି ଦିଅନ୍ତୁ। ତାପରେ କଡେଇରେ ଘିଅ ଗରମ କରି ସେଥିରେ ତେଜପତ୍ର, ହେଙ୍ଗୁ, ଶୁଖିଲା ଲଙ୍କା ଓ ଜିରା ପକାଇ ଫୁଟାନ୍ତୁ। ଏବେ ସେଥିରେ ସିଝା ଡାଲମାକୁ ଢାଳି ଦିଅନ୍ତୁ। ଶେଷରେ ଗ୍ୟାସ ବନ୍ଦ କରି ଭଜା ହୋଇଥିବା ଜିରାକୁ ଗୁଣ୍ଡ କରି ସେଥିରେ ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ହବିଷ ଡାଲମା।



# ଶୀତଦିନେ ଶିଶୁର ଯତ୍ନ

ଶୀତଦିନେ ଶିଶୁଙ୍କୁ ଥଣ୍ଡା, କାଶ, ଜ୍ୱର ଏବେ ଇନ୍‌ଫେକ୍‌ଶନ ଆଦିରୁ ରକ୍ଷାକରିବା ନିମନ୍ତେ ସଚେତନ ରହିବା ଜରୁରୀ। ଏଥିପାଇଁ କ'ଣ ସବୁ କରିବେ ଜାଣି ରଖନ୍ତୁ।



➥ ଶୀତଦିନେ ଶିଶୁଙ୍କୁ ନଖଉଷୁମ ପାଣିରେ ସ୍ନାନ କରାନ୍ତୁ। ସ୍ନାନ ପାଣିରେ ଆଣ୍ଟି ବ୍ୟାକ୍ଟେରିଆଲ ଲିକ୍ୟୁଡ୍ ପକାଇ ସେଥିରେ ଟାୱେଲ ଭିଜାଇ ପୋଛି ଦିଅନ୍ତୁ। ଯଦି ଅତ୍ୟଧିକ ଥଣ୍ଡା ହେଉଥାଏ ତେବେ ଦୁଇଦିନରେ ଥରେ ସ୍ନାନ କରାନ୍ତୁ।

➥ ଶିଶୁଙ୍କୁ ଶୀତଦିନେ ଇନ୍‌ଫେକ୍‌ଶନରୁ ରକ୍ଷା କରିବା ନିମନ୍ତେ ଦିନକୁ ଦୁଇଥର ପୋଷାକ ବଦଳାନ୍ତୁ।

➥ ପ୍ରତିଦିନ ତେଲ ମାଲିସ ନିଶ୍ଚୟ କରନ୍ତୁ। ତେଲକୁ ହାଲୁକା ଉଷୁମ କରି ମାଲିସ କଲେ ଭଲ।

➥ ଶିଶୁଙ୍କୁ ଶୀତଦିନେ ଖରାକୁ ନିଶ୍ଚୟ ନିଅନ୍ତୁ। ଫଳରେ ସେମାନଙ୍କୁ ଭିଟାମିନ୍ ଡି ମିଳିବ ଓ ହାଡ଼ ମଜଭୁତ ହେବ।

➥ ଶୀତଦିନେ ପିଲାଙ୍କୁ ଥଣ୍ଡାର ପ୍ରକୋପରୁ ରକ୍ଷା କରିବା ପାଇଁ ଶୀତବସ୍ତ୍ର ପିନ୍ଧାନ୍ତୁ କିନ୍ତୁ ସେମାନଙ୍କ ଉପରେ ଅତ୍ୟଧିକ ଓଜନିଆ କପଡ଼ା ଲଦନ୍ତୁ ନାହିଁ।

➥ ଶିଶୁ ରହିଥିବା ରୁମରେ ହିଟର ବ୍ୟବହାର କରନ୍ତୁ ନାହିଁ। ରୁମ୍ ହିଟରରୁ ବାହାରୁଥିବା ଗରମ ଓ ଶୁଖିଲା ପବନ ଶିଶୁର ଶରୀର ପାଇଁ କ୍ଷତିକାରକ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୧୬/୨୦୨୧ Sambalpur, Tuesday, November 16/ 2021

# ସଫଳ ଆୟୋଜନ ପାଇଁ ଓଡ଼ିଶା ପ୍ରସ୍ତୁତ: କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ୧୫।୧୧ (କ୍ରୀଡ଼ା ପ୍ରତିନିଧି)**




FIH ODISHA HOCKEY MEN'S JUNIOR WORLD CUP BHUBANESWAR 2021

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ଜୁନିୟର ହକି ବିଶ୍ୱକପ ପାଇଁ ଉଷ୍ମତା ବଢ଼ିବାରେ ଲାଗିଛି। ପ୍ରତିଯୋଗିତା ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଥିବାବେଳେ ବିବେକ ପ୍ରସାଦଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା ହୋଇସାରିଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଭାରତୀୟ ଦଳର ଟ୍ରେନିଂ ଉପରେ ସିନିୟର ଦଳର କୋଚ୍ ଗ୍ରାହାମ ରିଡ୍ ନଜର ରଖିଛନ୍ତି। ଗତ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିଲା। ତେଣୁ ଏଥର ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଖେଳିବ ଭାରତୀୟ ଦଳ। ଅଧିକାଂଶ ଦଳ ଚଳିତ ସପ୍ତାହରେ ଭୁବନେଶ୍ୱରରେ ପହଞ୍ଚିବେ। ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଭାଗ ନେବାକୁ ଯାଉଥିବାରୁ ଜୁନିୟର ହକି ବିଶ୍ୱକପ ଟ୍ରଫି ହାସଲ ପାଇଁ ପ୍ରତିଯୋଗିତା ରୋମାଞ୍ଚକ ହେବା ଆଶା କରାଯାଉଛି।

୨୦୧୮ରେ ହକି ବିଶ୍ୱକପ ସହ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିଥିବାରୁ ଏବଂ ଏଠାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ଥିବାରୁ ଓଡ଼ିଶାକୁ ଜୁନିୟର ହକି ବିଶ୍ୱକପର ଦ୍ୱାଦଶ ସଂସ୍କରଣ ପାଇଁ ଚୟନ କରାଯାଇଛି। ଏହି ବିଶ୍ୱକପ ନଭେମ୍ବର ୨୪ରୁ ଆରମ୍ଭ ହୋଇ ଡିସେମ୍ବର ୫ ପର୍ଯ୍ୟନ୍ତ ଚାଲିବ। ''କେବଳ ଭିତ୍ତିଭୂମି ନୁହେଁ, ରାଜ୍ୟରେ ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ସର୍ବଦା ପ୍ରୟାସ କରାଯାଉଛି। ଏଥର ମଧ୍ୟ ଫେଡେରେଶନ ସହିତ ମିଶି ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଏବଂ ଏଜେନ୍ସି ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ପ୍ରୟାସରତ। ମାତ୍ର ୯୦ ଦିନ ସମୟ ପାଇଥିଲେ ହେଁ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ସଫଳ ଆୟୋଜନକୁ ଉଦାହରଣଭାବେ ନିଆଯାଇପାରେ। ଜୁନିୟର ହକି ବିଶ୍ୱକପ ପାଇଁ ଆମକୁ ୬୦ ଦିନ ସମୟ ମିଳିଥିଲା ଏବଂ ଓଡ଼ିଶା ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ'' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି। ଚଳିତ ସପ୍ତାହରେ ଦଳଗୁଡ଼ିକ ପହଞ୍ଚିବାର ଥିବାରୁ ଓଡ଼ିଶା ସରକାର ଏବଂ ହକି ଇଣ୍ଡିଆ ଅଫିସିଆଲମାନେ ମିଳିତଭାବେ ନିରାପଦ ଏବଂ ସୁରକ୍ଷିତ ବାତାବରଣରେ ଏହାକୁ ଆୟୋଜନ ପାଇଁ ଲାଗି ପଡ଼ିଛନ୍ତି ବୋଲି ସେ କହିଛନ୍ତି।

ଏହା ପୂର୍ବରୁ ଶେଷଥରପାଇଁ ଜୁନିୟର ପୁରୁଷ ହକି ବିଶ୍ୱକପ ୨୦୧୬ରେ ଲକ୍ଷ୍ନୌରେ ଅନୁଷ୍ଠିତ ହୋଇଥିଲା। ଏହାର ଫାଇନାଲରେ ଶକ୍ତିଶାଳୀ ବେଲ୍‌ଜିୟମକୁ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ୫ ବର୍ଷ ବ୍ୟବଧାନରେ ପ୍ରତିଯୋଗିତା ପୁଣି ଭାରତରେ ଆୟୋଜନ ହେଉଥିବାରୁ ଉତ୍ସାହ ଏବଂ ପ୍ରତ୍ୟାଶା ବଢ଼ିଛି। ଚ୍ୟାଲେଞ୍ଜିଂ ମହାମାରୀ ସମୟରେ ପ୍ରତି ଦଳ ଟ୍ରେନିଂ ନେଇ ସେମାନଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ନିଶ୍ଚିତ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଏଥର ବିନା ଦର୍ଶକରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ''ଏଥର ଷ୍ଟାଡିୟମ ମଧ୍ୟକୁ ଦର୍ଶକଙ୍କୁ ଅନୁମତି ନ ଥିବାରୁ ଉଭୟ ଖେଳାଳି ଏବଂ ହକି ପ୍ରେମୀମାନେ ନିଶ୍ଚିତ ନିରାଶ ହେବେ। ଏଥର ଷ୍ଟାଡିୟମରେ ଭରପୂର ଦର୍ଶକ ଦେଖିବାକୁ ଏବଂ ସେମାନଙ୍କ କୋଳାହଳ ଶୁଣିବାକୁ ମିଳିବନାହିଁ। ଟୁର୍ନାମେଣ୍ଟ ପାଇଁ ଟିମ୍‌ଗୁଡ଼ିକ ଦୀର୍ଘଦିନଧରି ଅଭ୍ୟାସ କରି ଆସିଛନ୍ତି। ତେଣୁ ସେମାନଙ୍କ ସ୍ୱପ୍ନ ସାକାର କରିବାକୁ ନିଶ୍ଚିତ ଚାହିଁବେ। ପ୍ରତି ଜୁନିୟର ହକି ଖେଳାଳିଙ୍କ ପାଇଁ ଏହା ସୁବର୍ଣ୍ଣ ସୁଯୋଗ'' ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

ଗତ କିଛିବର୍ଷ ଧରି ହକିରେ ଭାରତ ଏକ ଶକ୍ତିଶାଳୀ ଦଳଭାବେ ଉଭା ହୋଇଛି। ସ୍ଥିର ପ୍ରଦର୍ଶନ ପାଇଁ ଭାରତୀୟ ସିନିୟର ହକି ଦଳ ଏଫଆଇଏଚ୍ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ସମ୍ମାନଜନକ ସ୍ଥାନରେ ରହିଛି। ଦେଶରେ ହକି ପ୍ରତି ଲୋକପ୍ରିୟତା ମଧ୍ୟ ବଢ଼ିଛି। ବିଶେଷ କରି ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତିବା ପରେ ହକିପ୍ରତି ଉଲ୍ଲାସ ବଢ଼ିବାରେ ଲାଗିଛି। ଟୋକିଓ ଅଲିମ୍ପିକ୍ସ ସମୟରେ ବହୁ ସଂଖ୍ୟକ ଦର୍ଶକ ମ୍ୟାଚଗୁଡ଼ିକୁ ଭର୍ଚୁଆଲି ଉପଭୋଗ କରିଥିଲେ। ସେମାନଙ୍କ ଭଲପାଇବା ଏବଂ ସମର୍ଥନରେ କୌଣସି ଅଭାବ ପରିଲକ୍ଷିତ ହୋଇ ନ ଥିଲା। ଏଥର ମଧ୍ୟ ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ ମାଧ୍ୟମରେ ଦର୍ଶକମାନେ ଯେପରି ମ୍ୟାଚ ଉପଭୋଗ କରି ପାରିବେ ସେଥିପାଇଁ ଏଫ୍‌ଆଇଏଚ୍ ଏବଂ ହକି ଇଣ୍ଡିଆ କାର୍ଯ୍ୟ କରୁଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।

ଓଡ଼ିଶା ହକି ପ୍ରମୋଶନ କାଉନସିଲ ଚେୟାରମ୍ୟାନ ତଥା ପୂର୍ବତନ ଭାରତୀୟ ଅଧିନାୟକ ଦିଲୀପ ତିର୍କୀ କହିଛନ୍ତି ଯେ, ଏକ ନୂଆ ଯୁଗର ଆରମ୍ଭ ହେବାକୁ ଯାଉଛି ଏବଂ ଓଡ଼ିଶାର ସମୃଦ୍ଧ ହକି ପରମ୍ପରା ଏଥିରେ ଯୋଡ଼ି ହୋଇ କ୍ରୀଡ଼ାପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି। ଓଡ଼ିଶା ୨୦୨୩ରେ ପୁରୁଷ ହକି ବିଶ୍ୱକପ ଆୟୋଜନ କରିବାକୁ ଯାଉଛି। ହକି ହବ୍ ପାଲଟିଥିବା ଓଡ଼ିଶା ଜୁନିୟର ହକି ବିଶ୍ୱକପ ଆୟୋଜନ ମାଧ୍ୟମରେ ବିଶ୍ୱର ଶ୍ରେଷ୍ଠ ଜୁନିୟର ଖେଳାଳିଙ୍କୁ ଆଣି ଏକ ନୂଆ ଆରମ୍ଭର ସୂଚନା ଦେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ ଦୂରଦୃଷ୍ଟି ଯୋଗୁ ଏହା ସମ୍ଭବ ହୋଇପାରିଛି। ଜୁନିୟର ଖେଳାଳିଙ୍କ ପାଇଁ ଏହି ବିଶ୍ୱକପ ହେଉଛି ଏକ ପରଫେକ୍ଟ ପ୍ଲାଟଫର୍ମ। ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରି ସେମାନେ ବହୁ ଆଗକୁ ଯାଇପାରିବେ।

କୋଭିଡ ମହାମାରୀକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ସୁରକ୍ଷିତ ଭାବେ ଯେପରି ଟୁର୍ନାମେଣ୍ଟ ଆୟୋଜନ ହୋଇପାରିବ ସେଥିପାଇଁ ଗାଇଡଲାଇନ୍ସ, ପ୍ରୋଟୋକଲ ଜାରି କରାଯାଇଛି।

# ଏସ୍‌ଆର୍ ଅନ୍‌ଲାଇନ ଚେସ୍: ମନୀଷ ଚାମ୍ପିୟନ

**ଭୁବନେଶ୍ୱର, ୧୫।୧୧ (କ୍ରୀଡ଼ା ପ୍ରତିନିଧି)**


ଚାମ୍ପିୟନ ମନୀଷ ମିଶ୍ର।

ଏସ୍‌ଆର ଚେସ ସେଣ୍ଟର ଆନୁକୂଲ୍ୟରେ ୩୬ତମ ଅନ୍‌ଲାଇନ୍ ଚେସ୍ (୧୫ ବର୍ଷରୁ କମ୍) ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ରାଜ୍ୟ ଏବଂ ବିଭିନ୍ନ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ୫.୫ ପଏଣ୍ଟ ପାଇ ମନୀଷ ମିଶ୍ର ଚାମ୍ପିୟନ ହୋଇଥିଲେ। ଆଦିତ୍ୟ ବିକ୍ରମ ମିଶ୍ର (୫ ପଏଣ୍ଟ) ରନର୍ସଅପ୍ ଏବଂ ଆରିନ ଅନ୍ୱେଷ ସ୍ୱାଇଁ (୫) ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସାଇ ସୌରଭ ଦାସ, ଆକୁଳ ବସ୍ତିଆ, ଆୟୁଷ ପଟ୍ଟନାୟକ, ଆଦିତ୍ୟ ନାରାୟଣ ମହାନ୍ତି, ଶିବାଂଶ ମିଶ୍ର, ସିଦ୍ଧାର୍ଥ ମିଶ୍ର, ସୂର୍ଯ୍ୟାଂଶୁ ମହାକୁଡ଼, ଦେବର୍ପିତ ମିଶ୍ର, ବିନୟ କୁମାର ସାମଲ, ଆଦିତ୍ୟ ପଣ୍ଡା, ସାଇ ଶ୍ରୀହନ, ସୌମ୍ୟ ଶାଶ୍ୱତ ରଥ, ଜୀତେଶ ସାମଲ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏସ୍‌ଆର ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ କୋଚ୍ ସତ୍ୟଜିତ ପଟ୍ଟନାୟକ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ଦୁଇଟି ପରିବର୍ତ୍ତନ ଲୋଡ଼ା

**ଗୌତମ ଗମ୍ଭୀର**

ଦିଲ୍ଲୀର ଏକ ଟପ୍ ପବ୍ଲିକ ସ୍କୁଲକୁ ମୁଁ ଯାଇଥିଲି। ବରଖମ୍ବା ରୋଡ୍‌ରେ ଅବସ୍ଥିତ ଏହି ମଡର୍ନ ସ୍କୁଲର ମୁଁ ଥିଲି ଜଣେ ପୂର୍ବତନ ଛାତ୍ର। ଏହି ସ୍କୁଲରେ ଯିଏ ପାଠ ପଢ଼ିଛି ସେ ନିଜକୁ ଗୌରବାନ୍ୱିତ ମନେକରେ। ମୋ ଜେଜେବାପା ଦିନେ ଏହି ସ୍କୁଲକୁ ଲକ୍ଷ୍ୟ କରି କହିଥିଲେ, ଉତ୍ତମ ଅନୁଷ୍ଠାନ ଚରିତ୍ରବାନ ଲୋକ ତିଆରି କରିଥାଏ କିନ୍ତୁ ମହାନ୍ ଅନୁଷ୍ଠାନ ସଂସ୍କୃତିର ଶିକ୍ଷା ଦେଇଥାଏ। ରବିବାର ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଫାଇନାଲ ଦେଖିବା ପରେ ଜେଜେବାପାଙ୍କ ମହାନ୍ ଅନୁଷ୍ଠାନ କଥା ମନେ ପଡ଼ିଯାଇଥିଲା। ଅର୍ଥାତ୍ ଏଠାରେ ମୁଁ ଅଷ୍ଟ୍ରେଲିଆ କଥା କହୁଛି। ଫାଇନାଲରେ ଏହି ଦଳ ଯେପରି ଖେଳିଲା ବାସ୍ତବିକ ତାହା ହୃଦୟସ୍ପର୍ଶୀ ଥିଲା। ଟୁର୍ନାମେଣ୍ଟ ଆରମ୍ଭରେ ଭାରତ ପରେ ନ୍ୟୁଜିଲାଣ୍ଡ ମୋର ଫେଭରାଇଟ୍ ଦଳ ଥିଲା। ଦଳ ପ୍ରଥମେ ବ୍ୟାଟିଂ କରି ୧୭୨/୪ ସ୍କୋର କରିଥିଲା। ନ୍ୟୁଜିଲାଣ୍ଡ ପାଖରେ ସନ୍ତୁଳିତ ବୋଲିଂ ବାହିନୀ ରହିଥିଲା। ତେଣୁ ବିପକ୍ଷ ଦଳ ପାଇଁ ବିଜୟ ଲକ୍ଷ୍ୟ କହିବାକୁ ଗଲେ କଷ୍ଟସାଧ୍ୟ ଥିଲା। ଅନ୍ୟ ଦଳ ତୁଳନାରେ ନ୍ୟୁଜିଲାଣ୍ଡ ଦଳର ସମର୍ଥକ ଅତି ନଗଣ୍ୟ। ଏହି ଦଳ ଯୋଜନାବଦ୍ଧ ଭାବେ ଖେଳିଥାଏ। କିନ୍ତୁ ଭାରତକୁ କିମ୍ବା ସେମିଫାଇନାଲରେ ଇଂଲଣ୍ଡକୁ ପରାସ୍ତ କଲା ବେଳେ ଏହି ଦଳ ଯେପରି ଖେଳିଥିଲା, ଫାଇନାଲରେ ସେଫରି ଖେଳ ଦେଖିବାକୁ ମିଳି ନ ଥିଲା। ମିଚେଲ ମାର୍ଶଙ୍କୁ ସେମାନେ କାହିଁକି ଶର୍ଟ ବଲ୍ ଓ ଭୁଲ୍ ଲାଇନ୍‌ରେ ବୋଲିଂ କରୁଥିଲେ ତାହା ମୁଁ ବୁଝିପାରୁ ନାହିଁ। ଯଦି ମୁଁ ଜଣେ ନ୍ୟୁଜିଲାଣ୍ଡର ଦର୍ଶକ ହୋଇଥାନ୍ତି ତେବେ ଦ୍ୱିତୀୟାର୍ଦ୍ଧ ଖେଳ ଟିକେଟ ପଇସା ଫେରାଇବା ଲାଗି ଖେଳାଳିମାନଙ୍କୁ କହିଥାନ୍ତି, କାରଣ ଫାଇନାଲ ପାଇଁ ସେମାନଙ୍କ ପ୍ରଦର୍ଶନ ନିମ୍ନମାନର ରହିଥିଲା। ସେପ୍ଟେମ୍ବରରେ ଆଇପିଏଲ ସହ ୟୁଏଇରେ ବହୁଦିନ ଧରି କ୍ରିକେଟ ଖେଳ ହୋଇଗଲା। ଆୟୋଜକଗଣ ଏଥିପାଇଁ ଧନ୍ୟବାଦର ପାତ୍ର। ତେବେ ଖେଳରୁ ଅନେକ କିଛି ଶିକ୍ଷାମିଳିଛି। କାକର ବଡ଼ ସମସ୍ୟା ହୋଇଦେଖାଦେଇଥିଲା। ତେଣୁ ମ୍ୟାଚ କିଛି ସମୟ ଆଗୁଆ ଖେଳାଯିବାର ଥିଲା। ଏହା କରାଯାଇଥିଲେ ହୁଏତ ଖେଳାଳି, ବ୍ରଡକାଷ୍ଟର ଓ ଖେଳାଳିଙ୍କ ତରଫରୁ କୌଣସି ଅଭିଯୋଗ ହେବ ନାହିଁ। ଉଭୟ ଇନିଂସର ୧୦ ଓଭର ବୋଲିଂ ପରେ ବଲ୍ ପରିବର୍ତ୍ତନ ବାଧ୍ୟତାମୂଳକ ହେଉଛି ମୋର ଦ୍ୱିତୀୟ ପ୍ରସ୍ତାବ। ଏହି ଦୁଇଟି ପରିବର୍ତ୍ତନ ଦ୍ୱାରା ପ୍ରତିଯୋଗିତାରେ ସନ୍ତୁଳନ ରକ୍ଷା କରାଯାଇପାରିବ।

**(ଦୀନେଶ ଚୋପ୍ରା ମିଡିଆ/ଗେମ୍‌ପ୍ଲାନ୍)**

OFFICIAL SPONSOR
ICC MEN'S T20 WORLD CUP 2021
SEAGRAM'S ROYAL STAG
PACKAGED DRINKING WATER
#InItToWinIt

# ଅମିତ ଟାଏକୋଣ୍ଡୋ ପକ୍ଷରୁ ବ୍ଲାକ୍‌ବେଲ୍ଟ ପ୍ରଦାନ


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୧୫।୧୧ (କ୍ରୀଡ଼ା ପ୍ରତିନିଧି)**

ନିମାପଡ଼ାର ଅମିତ ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ଏହାର ବାର୍ଷିକ ଉତ୍ସବ ଅବସରରେ ୮ କୃତୀ ଛାତ୍ରୀଛାତ୍ରଙ୍କୁ ବ୍ଲାକ୍‌ବେଲ୍ଟ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଅନ୍ୟ ୩୨ ଜଣଙ୍କୁ କଲର ବେଲ୍ଟ ଦିଆଯାଇଛି। ଗୁହାକପଡ଼ାସ୍ଥିତ ସାଇ ବିଦ୍ୱାନ୍ କୋଚିଂ ସେଣ୍ଟର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଅମିତ ରାଉତ ସମସ୍ତଙ୍କୁ ସ୍ୱାଗତ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଦେବବ୍ରତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅତିଥିଭାବେ ମୃତ୍ୟୁଞ୍ଜୟ ଦାଶ, ପ୍ରଶାନ୍ତ କୁମାର ସାହୁ, ନିର୍ମଳ ମିଶ୍ର, ଉପେନ୍ଦ୍ର ସାହୁ, ସୁରେଶ ଦାଶ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରିଥିଲେ। ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ସ୍ୱୟଂ ସ୍ୱାଗତିକା ସ୍ୱାଇଁ, ରୋଶନା ପ୍ରିୟଦର୍ଶିନୀ ସ୍ୱାଇଁଙ୍କୁ ଜାତୀୟ ସ୍ୱର୍ଣ୍ଣ ପଦକ ମିଳିଥିବାବେଳେ ସାଗର ଦାଶ, ସୁଶାନ୍ତ ବେହେରା, ରାମା ରାଓଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା।

# କ୍ୱାର୍ଟର ଫାଇନାଲରୁ ଓଡ଼ିଶାର ବିଦାୟ

**ଭୁବନେଶ୍ୱର, ୧୫।୧୧ (କ୍ରୀଡ଼ା ପ୍ରତିନିଧି)**


ସୁଶ୍ରୀ ଦିବ୍ୟଦର୍ଶିନୀ

**ସିନିୟର ମହିଳା ଦିନିକିଆ କ୍ରିକେଟ**

ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ସିନିୟର ମହିଳା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ଓଡ଼ିଶା ୧୪୯ ରନରେ ରେଲୱେ ନିକଟରୁ ପରାସ୍ତ ହୋଇଛି। ଏଥିସହ ପ୍ରତିଯୋଗିତାରୁ ଓଡ଼ିଶାର ଚ୍ୟାଲେଞ୍ଜ ଶେଷ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରେଲୱେ ୫୦ ଓଭରରେ ୯ ଉଇକେଟ ହରାଇ ୨୭୧ ରନ କରିଥିଲା। ଏସ. ମେଘନା ସର୍ବାଧିକ ୯୦ ଓ ନୁଝାତ ପରବିନ ୬୨ ରନ ସ୍କୋର କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ୩ଟି,ରସନାରା ପରବିନ ଓ ସୁଜାତା ମଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୭୨ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଓଡ଼ିଶା ୫୦ ଓଭରରେ ୭ ଉଇକେଟ ହରାଇ ୧୨୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ସର୍ବାଧିକ ୪୪ ଓ ତନ୍ମୟୀ ବେହେରା ୨୧ ରନ କରିଥିଲେ। ରେଲୱେ ବୋଲରଙ୍କ ମଧ୍ୟରେ ଡି. ହେମଲତା, ରାଜେଶ୍ୱରୀ ଓ ମେଘନା ସିଂ ୨ଟି ଲେଖାଏ ଉଇକେଟ ନେଇଥିଲେ।

# ସିନିୟର ଥ୍ରୋ ବଲ୍: ପୁରୀକୁ ଡବଲ ଟାଇଟଲ

**ଭୁବନେଶ୍ୱର, ୧୫।୧୧ (କ୍ରୀଡ଼ା ପ୍ରତିନିଧି)**

ଜଟଣୀର କୁଦିଆରୀଠାରେ ୩୦ତମ ରାଜ୍ୟସ୍ତରୀୟ ସିନିୟର ଥ୍ରୋ ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଦଳ ଉଭୟ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିୟନ ହୋଇ ଡବଲ ଟାଇଟଲ ହାସଲ କରିଛି। ପୁରୀ ମହିଳା ବିଭାଗ ଫାଇନାଲରେ ଯାଜପୁରକୁ ୨-୧ରେ ଏବଂ ପୁରୁଷରେ ଜଟଣୀକୁ ୨-୧ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲା। ମହିଳା ବିଭାଗ ସେମିଫାଇନାଲରେ କଟକକୁ ହରାଇ ଯାଜପୁର ଏବଂ ସେଞ୍ଚୁରିଆନକୁ ହରାଇ ପୁରୀ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ପୁରୁଷ ବିଭାଗ ସେମିରେ ଯାଜପୁରକୁ ଜଟଣୀ ଏବଂ ପୁରୀ ସଦରକୁ ହରାଇ ପୁରୀ ଥ୍ରୋ ବଲ୍ ଟିମ୍ ଫାଇନାଲରେ ପହଞ୍ଚିଥିଲା ବୋଲି ଓଡ଼ିଶା ରାଜ୍ୟ ଥ୍ରୋ ବଲ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁଙ୍କ ସୂତ୍ରରୁ ପ୍ରକାଶ।


ରାଜ୍ୟସ୍ତରୀୟ ସିନିୟର ଥ୍ରୋ ବଲ୍ ପ୍ରତିଯୋଗିତାର ମହିଳା ଓ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଥିବା ପୁରୀ ଦଳ।

# ଟପ୍ ସିଡ୍‌କୁ ହରାଇଲେ ମୋହିତ

**ଢାକା, ୧୫।୧୧ (ପି.ଟି.):** ଏଠାରେ ଚାଲିଥିବା ଏସିଆନ ଆର୍ଚେରୀ ଚାମ୍ପିୟନଶିପ୍ ପୁରୁଷ କମ୍ପାଉଣ୍ଡ ବିଭାଗରେ ଭାରତର ଯୁବ ତୀରନ୍ଦାଜ ମୋହିତ ଦେଶୱାଲ କୋରିଆର ଟପ୍ ସିଡ୍ ଚୋଇ ୟଙ୍ଗ୍‌ହିଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ସେମିଫାଇନାଲରେ ସେ ନିଜ ଦେଶର ଅଭିଷେକ ବର୍ମାଙ୍କ ସହ ମୁକାବିଲା କରିବେ। ସୋମବାର ଭାରତୀୟ ତୀରନ୍ଦାଜମାନଙ୍କୁ କୋରିଆ ପ୍ରତିଯୋଗୀଙ୍କ ବିପକ୍ଷରେ ସଂଘର୍ଷ କରିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ମୋହିତ, ବର୍ମା ଓ ଜ୍ୟୋତି ବ୍ୟକ୍ତିଗତ ବିଭାଗରେ ସେମିଫାଇନାଲରେ ପ୍ରବେଶ କରି ଭାରତର ଆଶାକୁ ଉଜ୍ଜୀବିତ ରଖିଛନ୍ତି। ପୂର୍ବତନ ଏସିଆନ ଚାମ୍ପିୟନ ବର୍ମା ତିନୋଟି ସହଜ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୂଚନାଯୋଗ୍ୟ, ବର୍ମା ଓ ମୋହିତ ପୂର୍ବରୁ ଅକ୍ଟୋବରରେ ଅନୁଷ୍ଠିତ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ପରସ୍ପରକୁ ଭେଟିଥିଲେ। ଏଥିରେ ବର୍ମା ବିଜୟ ହୋଇଥିଲେ। ମହିଳା ବ୍ୟକ୍ତିଗତ ବିଭାଗରେ ଭାରତର ଜଣେ ମାତ୍ର ପ୍ରତିଯୋଗୀ ଜ୍ୟୋତି ସୁରେଖା ଭେନମ ରହିଛନ୍ତି।

# ଚେସ୍ ପରୀକ୍ଷାରେ ଜୟାଦିତ୍ୟ ପ୍ରଥମ

**ଭୁବନେଶ୍ୱର, ୧୫।୧୧ (କ୍ରୀଡ଼ା ପ୍ରତିନିଧି):** ଏସଆର ଚେସ୍ ସେଣ୍ଟର ପକ୍ଷରୁ ଚେସ୍ ସମ୍ପର୍କିତ ଏକ ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଓ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୬୪ ନମ୍ବର ବିଶିଷ୍ଟ ପରୀକ୍ଷାରେ କାତାରର ଦୋହାରେ ରହୁଥିବା ଜୟାଦିତ୍ୟ ଗନ୍ତାୟତ ୬୩.୫ ନମ୍ବର ରଖି ପ୍ରଥମସ୍ଥାନ ଅଧିକାର କରିଥିଲେ। ସୌମ୍ୟ ଶାଶ୍ୱତ ରଥ ଦ୍ୱିତୀୟ, ଦୀପେଶ ମିଶ୍ର ତୃତୀୟ, ନିଖିଲ ସାହୁ ୪ର୍ଥ ଓ ଜ୍ୟୋତ୍ସ୍ନଭ ତାଲୁକଦାର ୫ମ ସ୍ଥାନ ପାଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ





## ସଂକ୍ଷେପରେ

### ୧୯ରୁ ଡିଜିପି ସମ୍ମିଳନୀ

**ଲକ୍ଷ୍ନୌ, ୧୫।୧୧(ଆଇଏଏନ୍‌ଏସ୍‌):** ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏବଂ ମହାନିରୀକ୍ଷକ (ଆଇଜି)ମାନଙ୍କର ପ୍ରଥମ ସର୍ବଭାରତୀୟ ସମ୍ମିଳନୀ ନଭେମ୍ବର ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଲକ୍ଷ୍ନୌସ୍ଥିତ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହା ବ୍ୟତୀତ ୩ ଦିନିଆ ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପ୍ରମୁଖ ଯୋଗଦେବେ। ଇଣ୍ଟେଲିଜେନ୍ସ ବ୍ୟୁରୋ ଦ୍ୱାରା ଆୟୋଜିତ ସମ୍ମିଳନୀର ପ୍ରଥମ ଦିନରେ ଶାହା ଯୋଗଦେବାକୁ ଥିବାବେଳେ ୨୦ ଓ ୨୧ରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବେ। ବିଭିନ୍ନ ରାଜ୍ୟରୁ ପୋଲିସ ଡିଜି, ଆଇଜି ଏବଂ ଅନ୍ୟାନ୍ୟ ବାହିନୀର ଅଧିକାରୀଙ୍କ ସମେ ପ୍ରାୟ ୮୦ ଅଫିସର ଯୋଗଦେବେ। ମାଓବାଦୀ କାର୍ଯ୍ୟ, ଆତଙ୍କବାଦ, ସାଇବର ଅପରାଧ, ମହିଳାମାନଙ୍କ ବିରୋଧରେ ଅପରାଧ, କୋଭିଡ୍-୧୯ ମହାମାରୀ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ସମ୍ମିଳନୀରେ ଆଲୋଚନା କରାଯିବ।

### ତ୍ରିପୁରା ହିଂସା: ଗିରଫ ଦୁଇ ଖବରଦାତାଙ୍କୁ ଜାମିନ

**ଅଗରତାଲା, ୧୫।୧୧:** ତ୍ରିପୁରା ସାମ୍ପ୍ରଦାୟିକ ହିଂସା ସମ୍ପର୍କିତ ଉତ୍ତେଜନା ସୃଷ୍ଟିକାରୀ ଖବର ସୋସିଆଲ ମିଡିଆରେ ଛାଡ଼ିବା ଅଭିଯୋଗରେ ଗିରଫ ୨ ମହିଳା ଖବରଦାତାଙ୍କୁ ସୋମବାର ତ୍ରିପୁରାର ଏକ ଅଦାଲତ ଜାମିନ ପ୍ରଦାନ କରିଛନ୍ତି। ଏଚ୍.ଡବ୍ଲ୍ୟୁ ନ୍ୟୁଜ୍ ନେଟୱର୍କ ପାଇଁ କାର୍ଯ୍ୟ କରୁଥିବା ଖବରଦାତା ସମୃଦ୍ଧି କେ. ସକୁନିଆ ଏବଂ ସ୍ୱର୍ଣ୍ଣ ଝା ତ୍ରିପୁରା ହିଂସା ଖବର ସଂଗ୍ରହ ପାଇଁ ଆସିଥିଲେ। ରବିବାର ସେମାନଙ୍କୁ ଆସାମର କରିମଗଞ୍ଜ ଅନ୍ତର୍ଗତ ନିଲମ ବଜାରରୁ ପୋଲିସ ଗିରଫ କରିଥିଲା। ସେମାନେ ଧର୍ମ ଆଧାରରେ ଉତ୍ତେଜନା ସୃଷ୍ଟିକାରୀ ବାର୍ତ୍ତା ପୋଷ୍ଟ କରିଥିବା ଅଭିଯୋଗରେ ବିଶ୍ୱ ହିନ୍ଦୁ ପରିଷଦ ସମର୍ଥକ ତାଙ୍କ ବିରୋଧରେ ଏତଲା ଦାଏର କରିଥିଲେ।

### ଇସ୍ରୋ ଗୁପ୍ତଚରଗିରି ମାମଲା
### ନମ୍ବି ନାରାୟଣଙ୍କ ବିରୋଧରେ ଆବେଦନ ଖାରଜ

**କୋଚି, ୧୫।୧୧:** ଇସ୍ରୋ ଗୁପ୍ତଚର ମାମଲାରେ ପୂର୍ବତନ ବୈଜ୍ଞାନିକ ନମ୍ବି ନାରାୟଣଙ୍କ ବିରୋଧରେ ହୋଇଥିବା ଏକ ଆବେଦନକୁ କେରଳ ହାଇକୋର୍ଟ ଖାରଜ କରିଦେଇଛନ୍ତି। ୧୯୯୪ର ଏହି ସ୍ପାଏ କେସ୍‌ର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଯାଞ୍ଚକୁ ପ୍ରଭାବିତ କରିବାକୁ ନମ୍ବି ନାରାୟଣ ତତ୍କାଳୀନ ତଦନ୍ତକାରୀ ଅଧିକାରୀଙ୍କ ସହ ବହୁ କୋଟି ଟଙ୍କାର ଜମି କାରବାର କରିଥିଲେ ବୋଲି କେରଳର ପୂର୍ବତନ ପୋଲିସ ଅଧିକାରୀ ଏସ୍. ବିଜୟନ ଅଭିଯୋଗ କରିଥିଲେ। ଜଷ୍ଟିସ ଆର୍. ନାରାୟଣ ପିଶାରଦି ବିଜୟନଙ୍କ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ଇସ୍ରୋ ସ୍ପାଏ ମାମଲାରେ ନମ୍ବି ନାରାୟଣଙ୍କୁ ଫସାଇବା ଅଭିଯୋଗରେ କେରଳର ପ୍ରାୟ ୧୭ ପୂର୍ବତନ ପୋଲିସ ଏବଂ ଆଇବି ଅଧିକାରୀଙ୍କ ବିରୋଧରେ ସିବିଆଇ ତଦନ୍ତ ଚାଲିଛି।

# ଚାଇନା ଚିନ୍ତା ବଢ଼ାଇଛି ଡେଲ୍ଟା



- ୧୩୦୮ ନୂଆ ସଂକ୍ରମିତ ଚିହ୍ନଟ
- ୨୧ ପ୍ରଦେଶରେ ବଢ଼ୁଛି ସଂକ୍ରମଣ
- ବିଭିନ୍ନ ଅଞ୍ଚଳରେ କଟକଣା ଜାରି

**ବେଜିଂ, ୧୫।୧୧**

କରୋନାର ସବୁଠୁ ମାରାତ୍ମକ ଡେଲ୍ଟା ଭାରିଆଣ୍ଟ ଚାଇନାର ଚିନ୍ତା ବଢ଼ାଇଛି। ଅକ୍ଟୋବର ୧୭ରୁ ନଭେମ୍ବର ୧୪ ମଧ୍ୟରେ ୧୩୦୮ ମାମଲା ଚିହ୍ନଟ କରାଯାଇଛି। ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଉତ୍ତରପୂର୍ବର କେତେକ ସହରରେ ଲକ୍‌ଡାଉନ ଭଳି କଟକଣା ଲଗାଯାଇଛି। ଗତ ସପ୍ତାହଠାରୁ ସଂକ୍ରମଣ ସାରା ଦେଶରେ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ମୋଟ ୧,୨୮୦ ମାମଲା ସାମ୍ନାକୁ ଆସିଥିବାବେଳେ ଏବେ କମ୍ ସମୟ ମଧ୍ୟରେ ସଂକ୍ରମଣ ଏହି ସଂଖ୍ୟାକୁ ଅତିକ୍ରମ କରିଛି। ଏ ପର୍ଯ୍ୟନ୍ତ ଚାଇନାରେ ୯୮,୩୧୫ ମାମଲା ଚିହ୍ନଟ ହୋଇଛି। ଏଥିସହ ମୋଟ ୪,୬୩୬ ମୃତ୍ୟୁ ରେକର୍ଡ କରାଯାଇଛି।

୨୧ ଟି ପ୍ରଦେଶରେ ଡେଲ୍ଟା ଭାରିଆଣ୍ଟ କେସ୍ ସାମ୍ନାକୁ ଆସିଛି। ଚାଇନା ସରକାର ଏହାକୁ ଗମ୍ଭୀରତାର ସହ ନେଇ ସଂକ୍ରମିତଙ୍କ ନମୁନା ପରୀକ୍ଷା ଏବଂ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ଗୁରୁତ୍ୱ ଦେଇଛନ୍ତି। ଏଥିସହ ବିଭିନ୍ନ ସ୍ଥାନରେ କଣ୍ଟେନମେଣ୍ଟ ଜୋନ କରିବା ସହ ସେଠାରେ ସମସ୍ତ ପ୍ରକାର କାର୍ଯ୍ୟକ୍ରମ, ଜନଗହଳି, ଅତ୍ୟାବଶ୍ୟକ ନ ଥିଲେ ଲୋକଙ୍କୁ ଘରୁ ବାହାରିବା ଉପରେ କଟକଣା ଲଗାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ପର୍ଯ୍ୟଟନ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସାଧାରଣ ପରିବହନକୁ ମଧ୍ୟ ବାରଣ କରାଯାଇଛି। ଉତ୍ତରପୂର୍ବ ସହର ଡାଲିଆନ୍‌ରେ ଗତ ୪ ତାରିଖରେ ପ୍ରଥମେ ଡେଲ୍ଟା ଭାରିଆଣ୍ଟ ଚିହ୍ନଟ ହେବା ପରେ ସେଠାରେ କଟକଣା କଡ଼ାକଡ଼ି କରାଯାଇଛି। ସେଠାରୁ ଦିନକୁ ପ୍ରାୟ ୨୪ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଡାଲିଆନ ନିକଟ ସହର ଡାନ୍‌ଡୋଙ୍ଗ୍, ଅନ୍‌ସାନ୍, ଶେନ୍‌ୟାଙ୍ଗ ଆଦିରେ ମଧ୍ୟ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ଡାଲିଆନ୍‌ରୁ ବାହାରକୁ ଯାଉଥିବା ଲୋକଙ୍କ ପାଇଁ ୧୪ ଦିନିଆ କ୍ୱାରାଣ୍ଟାଇନ ବାଧ୍ୟତାମୂଳକ କରାଯାଇଛି।

# ଖୁର୍ସିଦଙ୍କ ଘର ଭଙ୍ଗାରୁଜା

**ନୂଆଦିଲ୍ଲୀ, ୧୫।୧୧**

ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦ ତାଙ୍କ ପୁସ୍ତକରେ ହିନ୍ଦୁତ୍ୱକୁ ଉଗ୍ର ଇସ୍‌ଲାମ ଧର୍ମ ସହ ତୁଳନା କରି ବିବାଦ ଘେରକୁ ଆସିଥିବାବେଳେ ସୋମବାର ନୈନିତାଲରେ ଥିବା ତାଙ୍କ ଘରେ ଭଙ୍ଗାରୁଜା କରାଯାଇଛି। ଫେସ୍‌ବୁକ୍‌ରେ ଖୁର୍ସିଦ ଭଙ୍ଗାରୁଜା ସମୟର ଭିଡିଓ ଅପ୍‌ଲୋଡ କରିବା ସହ ଏହାକୁ ସେ କଦାପି ହିନ୍ଦୁତ୍ୱ କହିପାରିବେ ନାହିଁ ବୋଲି କହିଛନ୍ତି। ଭିଡିଓରେ ଖୁର୍ସିଦଙ୍କ ଘରର ପୋଡ଼ିଯାଇଥିବା କବାଟ ଓ ଭଙ୍ଗା ଝରକା ଦେଖିବାକୁ ମିଳିଛି। କେତେଜଣ ଲୋକ ଭାଜପା ପତାକା ଧରି ଭଙ୍ଗାରୁଜା ସ୍ଥଳରେ ଛିଡ଼ାହୋଇ ଜୟ ଶ୍ରୀରାମ ଏବଂ ହର ହର ମହାଦେବ କହୁଥିବା ଦେଖାଯାଇଛି। ସୂଚନାଯୋଗ୍ୟ, ଖୁର୍ସିଦଙ୍କ ଦ୍ୱାରା ରଚିତ ନୂଆ ବହି 'ସନ୍‌ରାଇଜ୍ ଓଭର ଅଯୋଧ୍ୟା: ନେଶନହୁଡ୍ ଇନ୍ ଆୱାର ଟାଇମ୍ସ' ମଙ୍ଗଳବାର ଉନ୍ମୋଚିତ ହୋଇଥିଲା। କିଛିବର୍ଷ ଧରି ହିନ୍ଦୁତ୍ୱ ବିଚାରଧାରାକୁ ନେଇ ଚାଲିଥିବା ରାଜନୀତି ଆଇଏସ୍ ଏବଂ ବୋକୋ ହାରାମ ଭଳି ଇସ୍‌ଲିମ୍ ଜେହାଦୀ ସଙ୍ଗଠନଗୁଡ଼ିକ ସହ ତୁଳନୀୟ ବୋଲି ଖୁର୍ସିଦ ଏଥିରେ ଉଲ୍ଲେଖ କରିଛନ୍ତି।






# ୧୪ ଦିନ ପାଇଁ ଜେଲ ଗଲେ ଦେଶମୁଖ

**ମୁମ୍ବାଇ, ୧୫।୧୧**



ମନିଲଣ୍ଡରିଂ ମାମଲାରେ ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟ ସୋମବାର ଦୁଇ ସପ୍ତାହ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଗତ ୨ ତାରିଖରେ ତାଙ୍କୁ ଗିରଫ କରାଯାଇଥିଲା। ବୟସାଧିକ୍ୟ ଏବଂ ଅସୁସ୍ଥତା କାରଣରୁ ଦେଶମୁଖଙ୍କ ଅନୁରୋଧକ୍ରମେ ଜେଲରେ ତାଙ୍କୁ ଔଷଧ ଓ ବେଡ୍ ଯୋଗାଇଦେବାକୁ କୋର୍ଟ ଅନୁମତି ଦେଇଛନ୍ତି। ଦେଶମୁଖ ତାଙ୍କ ବ୍ୟକ୍ତିଗତ ସହାୟକ କୁନ୍ଦନ ସିନ୍ଦେଙ୍କ ଜରିଆରେ ତତ୍କାଳୀନ ଆସିଷ୍ଟାଣ୍ଟ ପୋଲିସ ଇନ୍‌ସପେକ୍ଟର ସଚିନ ୱାଜେଙ୍କଠାରୁ ୪.୭ କୋଟି ଟଙ୍କା ସଂଗ୍ରହ କରିଥିବା ଇଡି ଏହାର ପ୍ରଥମ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛି। ଦେଶମୁଖଙ୍କ ପାଇଁ ୱାଜେ ବେଆଇନ ଭାବେ ବିଭିନ୍ନ ଅର୍କେଷ୍ଟ୍ରା ବାର୍ ମାଲିକଙ୍କଠାରୁ ବଟି ସଂଗ୍ରହ କରୁଥିଲେ। ସେଥିରୁ ୪.୧୮ କୋଟି ଟଙ୍କା ଶେଲ୍ କମ୍ପାନୀ ଜରିଆରେ ଦେଶମୁଖଙ୍କ ନାଗପୁରସ୍ଥିତ ଶିକ୍ଷା ଟ୍ରଷ୍ଟକୁ ଦିଲ୍ଲୀର ହାୱାଲା ଅପରେଟର ସୁରେନ୍ଦ୍ର ଜୈନ ଏବଂ ବୀରେନ୍ଦ୍ର ଜୈନଙ୍କ ସହାୟତାରେ ଟ୍ରାନ୍ସଫର କରାଯାଇଥିଲା। ଦେଶମୁଖଙ୍କ ପରିବାର ସଦସ୍ୟଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ନିୟନ୍ତ୍ରଣରେ ୨୭ଟି କମ୍ପାନୀ ରହିଥିବା ଇଡି ଅଭିଯୋଗ କରିଛି।

# ସିନେଟ ପ୍ରାର୍ଥୀ ହେଲେ ଡୁଟେର୍ଟେ

### ରାଜନୀତିରୁ ସନ୍ନ୍ୟାସ ନିଷ୍ପତ୍ତିରୁ ଓହରିଲେ



**ମାନିଲା, ୧୫।୧୧**

ରାଜନୀତିରୁ ସନ୍ନ୍ୟାସ ନେବାକୁ ଗତ ମାସରେ ଘୋଷଣା କରିବା ପରେ ଫିଲିପାଇନ୍ସ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ ନିର୍ବାଚନ କମିଶନଙ୍କ ନିକଟରେ ସିନେଟର ପ୍ରାର୍ଥୀଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆସନ୍ତା ମେ'ରେ ଦେଶରେ ନିର୍ବାଚନ ହେବାକୁ ଥିବାବେଳେ ୭୬ ବର୍ଷୀୟ ଡୁଟେର୍ଟେ ସୋମବାର ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ଏହି ନିଷ୍ପତ୍ତି ନେଇଛନ୍ତି। ଡ୍ରଗ୍ସ ବିରୋଧୀ ଘାତକ ଅଭିଯାନରେ ତାଙ୍କ ଉପରେ ଥିବା ଅଭିଯୋଗ ଏବଂ ଏ ବାବଦରେ ଅନ୍ତର୍ଜାତୀୟ ଅପରାଧ କୋର୍ଟ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ସେ ଏପରି କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ୨୦୧୬ରେ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଡୁଟେର୍ଟେ ଆଣ୍ଟି-ଡ୍ରଗ୍ସ ଅଭିଯାନ ଆରମ୍ଭ କରିଥିଲେ। ଏଥିରେ ୬ ହଜାରରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧଙ୍କ ମୃତ୍ୟୁ ଘଟଣା ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଥିଲା। ସୂଚନାଯୋଗ୍ୟ, ଡୁଟେର୍ଟେଙ୍କ ଝିଅ ସାରା ଡୁଟେର୍ଟେ ଫିଲିପାଇନ୍ସ ଉପରାଷ୍ଟ୍ରପତି ପଦରେ ପ୍ରାର୍ଥୀ ହୋଇଛନ୍ତି।

# ଜେଏନ୍‌ୟୁ କ୍ୟାମ୍ପସ୍‌ରେ ହିଂସା

**ନୂଆଦିଲ୍ଲୀ, ୧୫।୧୧**

ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ୟୁନିଭର୍ସିଟି(ଜେଏନ୍‌ୟୁ) ପରିସରରେ ରବିବାର ରାତିରେ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଛାତ୍ର ସଙ୍ଗଠନ ଏବିଭିପି ଏବଂ ଜେଏନ୍‌ୟୁ ଛାତ୍ର ସଂଘ(ଜେଏନ୍‌ୟୁଏସ୍‌ୟୁ) ପରସ୍ପରକୁ ଆକ୍ରମଣ କରିବା ଯୋଗୁ ଅନେକେ ଆହତ ହୋଇଛନ୍ତି। ସେମାନଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଛି। ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିଛି। ବାମଦଳ ଛାତ୍ର ସଙ୍ଗଠନର ଅଭିଯୋଗ ଅନୁଯାୟୀ, ଜେଏନ୍‌ୟୁଏସ୍‌ୟୁ ପକ୍ଷରୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଦିବସ ପାଳନ ନିମନ୍ତେ ଷ୍ଟୁଡେଣ୍ଟ ୟୁନିୟନ ହଲକୁ ବୁକ୍ କରାଯାଇଥିଲା। ଏଥିନିମନ୍ତେ ସେଠାରେ ପୋଷ୍ଟର ମଧ୍ୟ ଲାଗିଥିଲା। କାର୍ଯ୍ୟକ୍ରମ ଆୟୋଜକ ହଲ୍‌ରେ ପହଞ୍ଚିବା ପରେ ଏବିଭିପିର ପ୍ରାୟ ୧୫ ସଦସ୍ୟ ଉକ୍ତ ହଲ୍‌କୁ ଜବରଦସ୍ତି ନିଜ ଦଖଲରେ ରଖିଥିଲେ। ସମ୍ପୃକ୍ତ ଆୟୋଜକଙ୍କ ସମେତ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏଶନ(ଏଆଇଏସ୍‌ଏ) କାର୍ଯ୍ୟକର୍ତ୍ତାମାନେ ଏବିଭିପି ସଦସ୍ୟଙ୍କୁ ଜାଗା ଛାଡ଼ିବାକୁ କହିଥିଲେ ହେଁ ସେମାନେ ଗାଳି କରିବା ସହ ମାରପିଟ୍ ଆରମ୍ଭ କରିଥିଲେ। ତେବେ ବାମଦଳ ଛାତ୍ର ସଙ୍ଗଠନ ହଲ୍‌ରେ ଏକ ବୈଠକ ଆୟୋଜନ କରିବାକୁ ବିରୋଧ କରିବା ସହ ଗଣ୍ଡଗୋଳ କରିଥିଲେ ବୋଲି ଏବିଭିପି ପକ୍ଷରୁ ଅଭିଯୋଗ ହୋଇଛି। ଉଭୟ ପକ୍ଷର ଅଭିଯୋଗ ଉପରେ ତଦନ୍ତ କରାଯାଉଥିବା ଦକ୍ଷିଣପଶ୍ଚିମ ଡିସିପି ଗୌରବ ଶର୍ମା କହିଛନ୍ତି।




## କଂଗ୍ରେସର ଜୋନସ୍ତରୀୟ କର୍ମୀ ସମ୍ମିଳନୀ

ଅମରପାଲି (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ପଞ୍ଚାୟତର ଘିଚାପାଲି ନିକଟ ମେଟାକାନିଠାରେ ଜୋନସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଛି। ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ଶ୍ୟାମସୁନ୍ଦର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା କଂଗ୍ରେସ ସଭାପତି ଗୌରୀଶ୍ୟାମ ପଣ୍ଡା, ପୂର୍ବତନ ବିଧାୟକ ବିନୋଦ ପାତ୍ର, ଜିଲା କଂଗ୍ରେସ ଉପସଭାପତି ରାଜଗୋପାଳ ପାଣିଗ୍ରାହୀ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଦ୍ଦିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଚର୍ଦ୍ଧାପାଲି ଗଲେନି ମନ୍ତ୍ରୀ ବାଧକ ସାଜିଲା ଅଙ୍ଗ ନଦୀ

ପଦ୍ମପୁର ୧୫।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ଅନ୍ତର୍ଗତ ଚର୍ଦ୍ଧାପାଲି ଗ୍ରାମପଞ୍ଚାୟତର ହିତାଧିକାରୀଙ୍କୁ ସୋମବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନ କରିବା ପାଇଁ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିଲା। ଏଥିପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ଶେଷ ହୋଇଯାଇଥିଲା। ସକାଳୁ ପାଇକମାଳ ଏବିଡିଓ, ବ୍ଲକ ଅଧ୍ୟକ୍ଷଙ୍କ ସମେତ ଅନେକ ପ୍ରଶାସନିକ ଅଧିକାରୀ ନଦୀରେ ପାଣିଇ ଯୋଗୁ ଲୁହୁରାକୋଟ ରାସ୍ତାରେ ଚର୍ଦ୍ଧାପାଲି ଯାଇଥିଲେ। ମନ୍ତ୍ରୀ ସାରକା ଉକ୍ତ ବ୍ଲକର ଅନ୍ୟ ପଞ୍ଚାୟତରେ କାର୍ଯ୍ୟକ୍ରମ ସାରି ଲଖମରାରୁ ଅଙ୍ଗ ନଦୀ ପାରହୋଇ ଚର୍ଦ୍ଧାପାଲି ଯିବାର ଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ତାଙ୍କ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି । ତେବେ ଅଙ୍ଗ ନଦୀରେ ପାଣି ଯୋଗୁ ମନ୍ତ୍ରୀଙ୍କ ଗସ୍ତ ବାତିଲ କରାଯାଇଥିବା ଚର୍ଚ୍ଚା ହେଉଛି। ସେପଟେ ଚର୍ଦ୍ଧାପାଲି ଅଞ୍ଚଳବାସୀ ମନ୍ତ୍ରୀଙ୍କ ହାତରୁ ସ୍ୱାସ୍ଥ୍ୟ କାର୍ଡ ଗ୍ରହଣ କରିବା ସହ ତାଙ୍କ ଦୁଃଖ ଜଣାଇବାକୁ ଆଶା ବାନ୍ଧିଥିଲେ। ମାତ୍ର ମନ୍ତ୍ରୀଙ୍କ ଗସ୍ତ ବାତିଲ ଯୋଗୁ ସେମାନେ ନିରାଶ ହୋଇଛନ୍ତି।

### ଏକଦିବସୀୟ ଫୁଟବଲ: ମାଣିକପୁର ଚାମ୍ପିୟନ

ଅମରପାଲି,୧୫।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମାଣିକପୁର ଖେଳ ପଡ଼ିଆରେ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ମାଣିକପୁର ଦଳ କୁତମେଣ୍ଡାକୁ ଟାଇବ୍ରେକର ଜରିଆରେ ୩-୧ ଗୋଲରେ ହରେଇ ଚାମ୍ପିୟନ ହୋଇଥିଲା । ଚାମ୍ପିୟନ ମାଣିକପୁର ଦଳକୁ ୪ହଜାର ୫ଶହ ଟଙ୍କା ସହିତ ଟ୍ରଫି ଓ ଉପବିଜେତା କୁତମେଣ୍ଡା ଦଳକୁ ୩ହଜାର ୫ଶହ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । କ୍ରୀଡାବିତ ରାଜୁ ବାଦୀ ମୁଖ୍ୟଅତିଥି ଓ ୱାର୍ଡସଭ୍ୟ ଶତ୍ରୁଘ୍ନ ଡାଙ୍ଗ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରଶ୍ମୀକାନ୍ତ ବାଦୀ, ଦୁର୍ଗାପ୍ରସାଦ ମାଝୀ ଓ ସନତ ଭୁକ୍ତା ମ୍ୟାଚ ପରିଚାଳନା କରିଥିଲେ। ସଞ୍ଜୟ ଜଗଦଲା ଓ ରଞ୍ଜନ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଧାନ ସଂଗ୍ରହରେ ସ୍ୱଚ୍ଛତାକୁ ଗୁରୁତ୍ୱ

## ପ୍ୟାକ୍ସ ସମ୍ପାଦକ, ଡିଇଓ, ଡବ୍ଲ୍ୟୁଏସଏଚଜି କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ

ସୋନପୁର,୧୫।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଡିସେମ୍ବର ୬ ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଏହିକ୍ରମରେ ସୋମବାର ସୋନପୁର ବ୍ଲକ କଳାପଥର ଉପବଜାର ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ନିୟନ୍ତ୍ରିତ ବଜାର କମିଟି(ଆରଏମସି) ପକ୍ଷରୁ ସମ୍ପାଦକ ଉଦିତ ବାବୁଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଧାନର ମାନ ନିର୍ଦ୍ଧାରଣ, ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ ଓ ପି-ପାସ(ପେଡି ପ୍ରୋକ୍ୟୁରମେଣ୍ଟ ଅଟୋମେଶନ ସିଷ୍ଟମ) ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସୁବର୍ଣ୍ଣପୁର ଜିଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ ଶିବିରକୁ ଉଦଘାଟନ କରିବା ସହିତ ଧାନ ସଂଗ୍ରହର ମାର୍ଗଦର୍ଶିକା ଓ ଖାଦ୍ୟ ସଂଗ୍ରହ ନୀତିକୁ ଅନୁପାଳନ କରି ଖରିଫ ଧାନ କିଣାବିକାକୁ ସୁରୁଖୁରୁରେ ସମ୍ପାଦନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସୋନପୁର ଉପ ନିବନ୍ଧକ ସମବାୟ ସମିତି ପାଣ୍ଡୁ ଚରଣ ସାହୁ ଶିବିରରେ ଯୋଗଦେଇ ଟୋକନ ଅବଧି ସମ୍ପର୍କରେ ପ୍ରତି ୭ ଦିନରେ ଚାଷୀଙ୍କୁ ମୋବାଇଲ ଯୋଗେ ମ୍ୟାସେଜ ଆସିବା ସହିତ ମଣ୍ଡିରେ ଧାନ ପହଞ୍ଚିବା ଓ କେଉଁ ଟ୍ରକ୍‌ରେ ଧାନ ବୋଝେଇ ହୋଇ ମିଲ୍‌କୁ ଯିବ ତାହା ଟ୍ରାକ୍ କରାଯିବ ବୋଲି କହିଥିଲେ। ସେହିପରି ଧାନ ସଂଗ୍ରହ ପ୍ରକ୍ରିୟାରେ ପ୍ୟାକ୍ସର ଭୂମିକା ସମ୍ପର୍କରେ ସାହୁ ଆଲୋକପାତ କରିଥିଲେ। ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ନାୟକ ଧାନ ସଂଗ୍ରହ ପ୍ରକ୍ରିୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ଭୂମିକା ସମ୍ପର୍କରେ ବୁଝାଇଥିଲେ। ଧାନର ଗୁଣବତ୍ତା, ମାନ ନିର୍ଦ୍ଧାରଣ, ବିଶ୍ଲେଷଣ ଉପରେ ଜିଲା ଯୋଗାଣ ବିଭାଗର କ୍ୱାଲିଟି କଣ୍ଟ୍ରୋଲ ଆନାଲିସିଷ୍ଟ ସୁବ୍ରତ ରଞ୍ଜନ ସାହୁ ଆଲୋକପାତ କରିଥିବା ବେଳେ ଜିଲା ଯୋଗାଣ ବିଭାଗର ଆସିଷ୍ଟାଣ୍ଟ ପ୍ରୋଗ୍ରାମର ରାମଶଙ୍କର ଦାଶ ପି-ପାସ ଅନଲାଇନ ସମ୍ପର୍କରେ ବୁଝାଇଥିଲେ। ସହକାରୀ ଯୋଗାଣ ଅଧିକାରୀ ଲଳିତ ପଟ୍ଟନାୟକ, ତ୍ରିନାଥ ଭୋଇ, ସମବାୟ ନିରୀକ୍ଷକ ଅକ୍ଷୟ ମେହେର ଓ ଚାଷୀ ପ୍ରତିନିଧି ସଜ୍ଜନ ପଣ୍ଡା ପ୍ରମୁଖ ସରକାରଙ୍କ ଧାନ ସଂଗ୍ରହ ନୀତି ସମ୍ପର୍କରେ ବୁଝାଇଥିଲେ। ଶିବିରରେ ଡୁଙ୍ଗୁରିପାଲି ଆରଏମସି ଅଧିନ ସୋନପୁର ଓ ତରଭା ବ୍ଲକର ୨୨ଟି ପ୍ୟାକ୍ସର ସମ୍ପାଦକ, ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ଓ ୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଭାନେତ୍ରୀ, ସମ୍ପାଦକ, ଡିଇଓ, ଯୋଗାଣ ନିରୀକ୍ଷକ ଓ ଆରଏମ୍‌ସି କର୍ମଚାରୀ ଉପସ୍ଥିତ ଥିଲେ।



ଧାନ ସଂଗ୍ରହ ସମ୍ପର୍କିତ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅଧିକାରୀ ଓ ଚାଷୀ ପ୍ରତିନିଧି।

## ମନ୍ତ୍ରୀ ଟୁକୁନି ସାହୁଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼

ବାଉଁଶୁଣୀ,୧୫।୧୧(ଡି.ଏନ.ଏ.)

ମମିତା ହତ୍ୟା ମାମଲାରେ ଛନ୍ଦି ହୋଇ ପଡିଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି କରି ରବିବାର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁଙ୍କ ଗାଡି ଉପରକୁ ଭାଜପା କର୍ମୀଙ୍କ ପକ୍ଷରୁ ଅଣ୍ଡାମାଡ ହୋଇଛି। ମନ୍ତ୍ରୀ ସାହୁ ନିଜ ଘରୁ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ଦେଇ ଭୁବନେଶ୍ୱର ଯାଉଥିବା ବେଳେ ମନମୁଣ୍ଡା ଥାନା ଦହ୍ୟା ହାଟପଦା ଛକ ନିକଟରେ ଅଣ୍ଡାମାଡ଼ ହୋଇଥିବା ସୂଚନା ମିଳିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଦଳୀୟ କର୍ମକର୍ତ୍ତାଙ୍କ ମତାମତ ନେବାରୁ ଘଟଣାକୁ ଅସ୍ୱୀକାର କରିଥିଲେ। ଦହ୍ୟା ରାସ୍ତା ଉପରେ ଅଣ୍ଡାଗୁଡିକ ପଡିଥିବା ଦେଖିବାକୁ ମିଳିଥିଲା। ମନ୍ତ୍ରୀଙ୍କ ଗାଡି ଆଗରେ ପୋଲିସ ପାଇଲଟ ଗାଡି ରହିଥିଲେ ବି ଘଟଣାସ୍ଥଳରେ କେହି ଅଟକି ନ ଥିଲେ। ମନ୍ତ୍ରୀଙ୍କ ଗାଡି ପଳାଇଯିବା ପରେ ଭାଜପା କର୍ମୀମାନେ ଫେରାର ହୋଇ ଯାଇଥିଲେ। ଖବରପାଇ ମନମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମଦ ଜବତ, ଜଣେ ଗିରଫ

ପଦ୍ମପୁର, ୧୫।୧୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜମଲା ଅଞ୍ଚଳରେ ଅବକାରୀ ବିଭାଗ ଚଢାଉ କରି ୨୫.୩୫୦ ଲିଟର ମଦ ଜବତ କରିଛି। ଏହି ଘଟଣାରେ ମହେନ୍ଦ୍ର ପ୍ରସାଦଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରାଯାଇଛି। ଅବକାରୀ ଗୁଇନ୍ଦା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବିପ୍ର ଚରଣ ମଣ୍ଡଳଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା।

## ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଉଦ୍ଧାର

କନ୍ଧମାଳ/ବାଉଁଶୁଣୀ, ୧୫।୧୧(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ଥାନା ଅନ୍ତର୍ଗତ ଗୋପଲମାଲ ଗ୍ରାମ ନିକଟ ରାସ୍ତା ପାର୍ଶ୍ୱରୁ ସୋମବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ରତାଖଣ୍ଡି ଗ୍ରାମର ସୁବଳ ତେଲେଙ୍ଗା(୩୫)। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ତ୍ରୀ ଆରତୀ(୨୨)ଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ରବିବାର ସନ୍ଧ୍ୟା ୭ଟା ବେଳେ ସୁବଳଙ୍କୁ ତାଙ୍କ ବାପା ବନମାଳୀ ତେଲେଙ୍ଗା ଓ ଜଣେ ସମ୍ପର୍କୀୟ ଗୋଟିଏ ଜାଗାକୁ ଯିବା କହି ଘରୁ ଡାକି ନେଇଥିଲେ। କିନ୍ତୁ ସେଦିନ ରାତିରେ ସୁବଳ ଘରକୁ ଫେରି ନ ଥିଲେ। ସ୍ୱାମୀ ନ ଫେରିବାରୁ ସ୍ତ୍ରୀ ଆରତୀ ରାତି ସାରା ଚିନ୍ତାରେ ରହିଥିଲେ। ସୋମବାର ସକାଳୁ ଏକ ମୃତଦେହ ଗୋପଲମାଲ ଗ୍ରାମ ନିକଟ ଚିକେନ ସେଣ୍ଟର ପାଖରେ ପଡିଥିବା ଖବର ମିଳିଥିଲା। ଆରତୀ ସେଠାକୁ ଦେଖିବାକୁ ଯାଇ ତାଙ୍କ ସ୍ୱାମୀ ବୋଲି ଚିହ୍ନଟ କରିଥିଲେ। ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଆରତୀ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ ୧୫୦/୨୧ରେ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ଦୁଇଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ସୁବଳଙ୍କ ଗୋଟିଏ ପୁଅ ଓ ଦୁଇଟି ଝିଅ ଥିବା ଜଣାପଡିଛି। ଅତ୍ୟନ୍ତ ଗରିବ ପରିବାର ହୋଇଥିବାରୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି।

## 'ରାଜ୍ୟରେ ମହିଳା ଓ ଶିଶୁ ସୁରକ୍ଷିତ ନୁହନ୍ତି'


ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଓ ଅନ୍ୟ କର୍ମକର୍ତ୍ତା।

ବୌଦ୍ଧ,୧୫।୧୧(ସ୍ୱ.ପ୍ର.)

ବୌଦ୍ଧ ଟାଉନ ହଲଠାରେ ସୋମବାର ସନ୍ଧ୍ୟାରେ ଜିଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଯୋଗ ଦେଇ ରାଜ୍ୟରେ ମହିଳା ଓ ଶିଶୁ ସୁରକ୍ଷିତ ନୁହନ୍ତି ବୋଲି ଅଭିଯୋଗ କରିଥିଲେ। ନ୍ୟାଶନାଲ କ୍ରାଇମ୍ ବ୍ୟୁରୋ ତଥ୍ୟ ଆଧାରରେ ରାଜ୍ୟରେ ପ୍ରତ୍ୟେକ ଦିନ ୪ ଗୋଟି ବଳାତ୍କାର ଓ ୬ଟି ଅପହରଣ ହେଉଥିବା ନେଇ କହିଥିଲେ। ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଛନ୍ଦି ହୋଇ ପଡିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହି ଘଟଣାରେ ପୀଡିତାଙ୍କ ପରିବାରକୁ ରାଜ୍ୟ ସରକାର ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ଏଣୁ ସାଧାରଣ ଜନତା ରାଜରାସ୍ତାରେ ନ୍ୟାୟ ପାଇଁ ଲଢେଇ କରୁଛନ୍ତି ବୋଲି ମହାନ୍ତି କହିଥିଲେ । ଆଗାମୀ ଦିନରେ ଏହାର ଜବାବ ଓଡିଶାବାସୀ ଦେବେ ବୋଲି କହିଥିଲେ । ଏଥିସହ ମାହାଙ୍ଗା ଡବଲ ମର୍ଡର ଘଟଣା ଓ ପରୀ ହତ୍ୟା ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଏହି ସମ୍ବେଦନଶୀଳ ଘଟଣାର ସିବିଆଇ ତଦନ୍ତ କରିବାକୁ ସେ ଦାବି କରିଥିଲେ । ଆଗାମୀ ବିଧାନସଭାରେ ଏହି ପ୍ରସଙ୍ଗ ଉଠିବା ସହ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହାନ୍ତି କହିଥିଲେ । ଖବରଦାତାଙ୍କ ପ୍ରଶ୍ନରେ ଦଳରେ ଥିବା କନ୍ଦଳ ଆମ ଘର କଥା କହି ଏଡାଇ ଯାଇଥିଲେ। ଏହା ସହ ଆଗାମୀ ପଞ୍ଚାୟତ ନିର୍ବାଚନ ନେଇ ପଞ୍ଚାୟତ ସ୍ତରରେ ସବୁ ଠିକ ଥିବା କହିଥିଲେ । ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତ, ରାଜ୍ୟ ଭାଜପା ସାଧାରଣ ସଂପାଦକ କାଳନ୍ଦୀ ସାମଲ, ଜିଲା ପ୍ରଭାରୀ ରାମଚନ୍ଦ୍ର ମେହେର, ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ , ସୁଶାନ୍ତ ପ୍ରଧାନ ମଞ୍ଚାସୀନ ଥିଲେ। ଖବରଦାତା ସମ୍ମିଳନୀରେ ଜିଲା ଭାଜପାର ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।

# ଭଙ୍ଗାଘରେ ବିତୁଛି ଦିନ

- ଦୁଇପିଲାଙ୍କ ସହ ଦୁର୍ବିଷହ ଜୀବନ ବିତାଉଛନ୍ତି ମା'
- ଆବାସ ଯୋଜନାର ଘର ଯୋଗାଇ ଦେବାକୁ ଦାବି

ବିନିକା,୧୫।୧୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୁଇବାହାଲ ତଳିପଡାର ପ୍ରଭାସିନୀ ସାହୁ (୩୭)। ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଇ ପୁଅଙ୍କ ସହ ଏକ ଚାଳ ଛପର ମାଟିଘରେ ରହୁଛନ୍ତି। ଆବାସ ଯୋଗନାରେ ଘର ପାଇବା ପାଇଁ ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ସୁଦ୍ଧା ତାଙ୍କୁ ମିଳିନାହିଁ। ପ୍ରଭାସିନୀ କୁଇବାହଲ ପଞ୍ଚାୟତରୁ ବ୍ଲକ ଅଫିସ ଯାଏ ଦୌଡି ନୟାନ୍ତ ହେଲେ ସୁଦ୍ଧା କାହାରି ନଜର ପଡୁନାହିଁ । ୧୫ ବର୍ଷ ତଳେ ପ୍ରଭାସିନୀଙ୍କ ସ୍ୱାମୀଙ୍କର ଅଚାନକ ମୃତ୍ୟୁ ଘଟିଲା । ସ୍ୱାମୀଙ୍କ ମୃତ୍ୟୁ ସମୟରେ ବଡପୁଅ ବିଜୁ ୫ବର୍ଷ ଓ ସାନପୁଅ ବବୁଲୁ ୯ମାସର ହୋଇଥିଲା। କୁଲି ମଜୁରି କରି ସେ ଦୁଇପିଲାଙ୍କୁ ଦୁଇଓଳି ଦାନା ଦେଲେ।ପଞ୍ଚାୟତ ପକ୍ଷରୁ ଭତ୍ତା ବାବଦକୁ ମାସିକ ୫ଶହ ଟଙ୍କା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୧୫କେଜି ଚାଉଳ ମିଳୁଛି। ପ୍ରଭାସିନୀଙ୍କ କହିବା ଅନୁସାରେ ଆବାସ ଯୋଜନାରେ ସାମିଲ ହେବା ପାଇଁ ବହୁବାର ସେ ଆବେଦନ କରିଛନ୍ତି। ମାତ୍ର ତାଙ୍କ ନାଁ ଏସିସିସି ତାଲିକରେ ସ୍ଥାନିତ ହୋଇ ନ ଥିବାରୁ ଆବାସ ଯୋଜନାରେ ସାମିଲ ହୋଇ ପାରୁ ନାହାନ୍ତି। ଏଥିଯୋଗୁ ଜାରଜୀର୍ଣ୍ଣ ଗୃହରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହୋଇଛନ୍ତି। ଘରର ଅବସ୍ଥା ଏତେ ଦୟନୀୟ ହୋଇଛି ଯେ, କେତେବେଳେ ଭାଙ୍ଗ ପଡିବ କହି ହେବନାହିଁ । ଅପରପକ୍ଷରେ ଦାରିଦ୍ର୍ୟ ଯୋଗୁ ବିଜୁ ଓ ବବୁଲଙ୍କ ପାଠପଢା ଅଧାରେ ଅଟକି ଯାଇଛି। ତୁରନ୍ତ ଏହି ଗରିବ ପରିବାରକୁ ଆବାସ ଯୋଜନାରେ ସାମିଲ କରିବାକୁ ଗାଁର ରଘୁନାଥ ପଧାନ, ବୀରେନ୍ଦ୍ର କାଲସେ, କ୍ଷୀରାବ୍ଧି ସାହୁ ପ୍ରମୁଖ ଦାବି କରିଛନ୍ତି।


ଘର ସମ୍ମୁଖରେ ମା ପୁଅ।

## ହାତୀ ଉପଦ୍ରବ: ବ୍ୟାପକ ଧାନଫସଲ ନଷ୍ଟ


ସେଲେଡି ଅଞ୍ଚଳରେ ଧାନକ୍ଷେତରେ ହାତୀପଲ।

ବିନିକା,୧୫।୧୧(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଏବେ ହାତୀ ଉପଦ୍ରବ ଦେଖାଦେଇଛି। ଉଲୁଣ୍ଡା ସଂରକ୍ଷିତ ଜଙ୍ଗଲରୁ ୩୧ଟିକିଆ ହାତୀପଲ ମହାନଦୀ ଡେଇଁ ବିନିକା ସେଲେଡି ଅଞ୍ଚଳରେ ପାଚିଲା ଧାନ ଫସଲକୁ ଖାଇ, ଦଳିଚକଟି ନଷ୍ଟ କରିଦେଇଛନ୍ତି। ବିନିକା ବନବିଭାଗ ରବିବାର ବିଳମ୍ବିତ ରାତି ଯାଏ ହାତୀ ଘଉଡାଇ ଥିଲେ। ପୁଣିଥରେ ହାତୀପଲ ସୋମବାର ସନ୍ଧ୍ୟାରେ ଉଲୁଣ୍ଡା ସଂରକ୍ଷିତ ଜଙ୍ଗଲରୁ ବିନିକାମୁହାଁ ହେଉଥିବା ରେଞ୍ଜର ଶିବପ୍ରସାଦ ନାୟକ ପ୍ରକାଶ କରିଛନ୍ତ।

# ୬ ଜଣଙ୍କ ନାମରେ ମାମଲା, ପୋଲିସର ତନାଘନା

## ଚଞ୍ଚକତା କରି ସୋନପୁର ୟୁକୋ ବ୍ୟାଙ୍କ ଶାଖାରୁ ୧୯ ଲକ୍ଷ ଋଣ

ସୋନପୁର,୧୫।୧୧(ନି.ପ୍ର.)

ଚଞ୍ଚକତା କରି ୬ଜଣ ବ୍ୟକ୍ତି ସୋନପୁର ୟୁକୋ ବ୍ୟାଙ୍କ ଶାଖାରୁ ୧୯ଲକ୍ଷ ଟଙ୍କା ଋଣ ନେବାରେ ସକ୍ଷମ ହୋଇଛନ୍ତି। ବ୍ୟାଙ୍କ ଅଡିଟ୍ ସମୟରେ ଏହି ଘଟଣା ଜଣାପଡିଛି। ଶାଖା ପରିଚାଳକ ପ୍ରଶାନ୍ତ କୁମାର ନାୟକ ଏ ସମ୍ପର୍କରେ ସୋମବାର ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ଠକେଇ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି। ପ୍ରକାଶ ଯେ, ଗତ ୨୦୧୯ରେ ସୁବର୍ଣ୍ଣପୁର ଜିଲା ବିନିକା ଥାନା ସିଲାଟି ଗ୍ରାମର ଆକାଶ ମହଲା, ବିରେନ୍ଦ୍ର ସରାଫ, ସୁରେନ୍ଦ୍ର ସରାଫ, ଇଶ୍ୱର ସରାଫ ଓ ବରଗଡ ଜିଲା ରଷୁଡାର ହରିଚରଣ ପାତ୍ର ଏବଂ ରାମଚନ୍ଦ୍ର ବାରିକ ସୁନା ବନ୍ଧକ ରଖି ବ୍ୟାଙ୍କରୁ ଋଣ ନେଇଥିଲେ। ୬ ଜଣ ମୋଟ ୧୯ ଲକ୍ଷ ଟଙ୍କା ଋଣ ନେଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟାଙ୍କ୍‌କୁ ଟଙ୍କା ଫେରାଇ ନାହାନ୍ତି କିମ୍ବା ସୁଧ ଦେଇ ନାହାନ୍ତି। ଅନ୍ୟ ପକ୍ଷେ ଗତ ଅଗଷ୍ଟ ମାସରେ ବ୍ୟାଙ୍କ ଶାଖାରେ ଅଡିଟ୍ ପରେ ଚଞ୍ଚକତା କରାଯାଇ ଋଣ ନାମରେ ଠକେଇ ହୋଇଥିବା ଜଣାପଡିଥିଲା। ବନ୍ଧକ ଦିଆ ଯାଇଥିବା ଅଳଙ୍କାର ଭିତରେ ଅନ୍ୟ ଧାତବ ପଦାର୍ଥ ଥିବା ବେଳେ ଉପରେ ସ୍ୱର୍ଣ୍ଣ ପ୍ରଲେପ ଦିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ସୋନପୁର ଆଇଆଇସି ପୁଷ୍ପେନ୍ଦୁ ସାଗର କହିଛନ୍ତି।

## ସଂସ୍କାର ସ୍କୁଲରେ ଶିଶୁ ଦିବସ

ବରଗଡ଼ ଅଫିସ୍,୧୫।୧୧

ବରଗଡ଼ର ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ରବିବାର ଶିଶୁ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱାଡ଼ିଆ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ସାୱାଡ଼ିଆ, ପ୍ରିନ୍ସିପାଲ କରନ ସାହୁ, ସିଦ୍ଧାର୍ଥ ସାୱାଡ଼ିଆ, ବବିତା ସାୱାଡ଼ିଆଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କୋଭିଡ୍ କଟକଣା ପାଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।


ବରଗଡ଼ର ସଂସ୍କାର ସ୍କୁଲରେ ଶିଶୁ ଦିବସ ପାଳନ ।

# ସ୍ୱାସ୍ଥ୍ୟ ସହ କୋଭିଡ୍ କଟକଣାକୁ ଗୁରୁତ୍ୱ

## ଷଷ୍ଠ, ସପ୍ତମ ଶ୍ରେଣୀ ଖୋଲିଲା

*ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ନିଷ୍ପତ୍ତି କ୍ରମେ ସୋମବାରଠାରୁ ପ୍ରାଥମିକ ସ୍କୁଲ ଗୁଡ଼ିକରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ଶିକ୍ଷାଦାନ ଆରମ୍ଭ ହୋଇଛି। ଦୀର୍ଘ ୧୯ ମାସ ପରେ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଦ ପଡ଼ିଛି । ପୂର୍ବାହ୍ନ ସାଢ଼େ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସେମାନେ ସ୍କୁଲରେ ପଢିଛନ୍ତି। ଆମେ ବରଗଡ଼ ଜିଲା ଅତାବିରା ବ୍ଲକ ଜହ୍ନାପଡ଼ା ପଞ୍ଚାୟତ ବରାହମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ପ୍ରଧାନଶିକ୍ଷକଙ୍କୁ ଭେଟି ସେମାନଙ୍କ ପ୍ରଥମ ଦିନର ଅନୁଭୂତି ପଚାରି ବୁଝିଥିଲୁ।*

### ସ୍କୁଲ ପାଠପଢ଼ା ନିଆରା



"ଘରେ ଅନ୍‌ଲାଇନରେ ପାଠ ପଢୁଥିଲି। କିନ୍ତୁ ସେତେ ସହଜ ଲାଗୁ ନ ଥିଲା। ଠିକ୍ ଭାବେ ସନ୍ଦେହମୋଚନ ହୋଇପାରୁ ନ ଥିଲା। ଘର ପାଠପଢ଼ା ସେତେ ଭଲ ଲାଗୁ ନଥିଲା । ଦୀର୍ଘଦିନ ପରେ ସ୍କୁଲକୁ ଆସି ବହୁତ ଭଲ ଲାଗୁଛି। ସାଙ୍ଗସାଥିଙ୍କୁ ଭେଟି ଖୁସି ଅନୁଭବ କରୁଛି।

-ବ୍ରଜମୋହନ ମହାନନ୍ଦ, ସପ୍ତମ ଶ୍ରେଣୀ ଛାତ୍ର

### କଟକଣା ମାନୁଛୁ



"ପ୍ରଥମ ଦିବସରେ ଶ୍ରେଣୀକକ୍ଷରେ କରୋନା ବିଷୟରେ ପାଠପଢ଼ା ହୋଇଥିଲା। ଅନୁଚ୍ଛେଦ ଲେଖିବା ସହିତ ଚିତ୍ର ଆଙ୍କିଥିଲୁ। ସମସ୍ତେ ମାସ୍କ ବ୍ୟବହାର ସହିତ ସାମାଜିକ ଦୂରତା ରଖି ବସିଥିଲୁ। ସାନିଟାଇଜର ମଧ୍ୟ ବ୍ୟବହାର କରିଥିଲୁ। ଶିକ୍ଷୟିତ୍ରୀ, ଶିକ୍ଷକ ମଧ୍ୟ କରୋନା ଉପରେ ସଚେତନ କରିଥିଲେ ।

-ଓଁକାର ପ୍ରଧାନ, ଷଷ୍ଠ ଶ୍ରେଣୀ ଛାତ୍ର

### ପଢ଼ିବାକୁ ବଢ଼ିଲା ଆଗ୍ରହ



"ଘର ପାଠପଢ଼ା ଏବଂ ସ୍କୁଲରେ ପଢ଼ିବା ମଧ୍ୟରେ ବହୁତ ତଫାତ୍ ଅଛି । ଘରେ ଏକାକୀ ପଢ଼ିଥାଉ। ହେଲେ ସ୍କୁଲରେ ସମସ୍ତ ସହପାଠୀ ଥାଆନ୍ତି। ଫଳରେ ସ୍କୁଲରେ ପାଠ ପଢ଼ିବାକୁ ବହୁତ ଆଗ୍ରହ ହୋଇଥାଏ । ଦୀର୍ଘଦିନ ପରେ ସ୍କୁଲକୁ ଆସିଛି । ସ୍କୁଲର ସବୁ ପୁରୁଣା ଦିନ ଏବେ ମନେପଡ଼ି ଖୁସି ଲାଗୁଛି ।

-ଅର୍ଚ୍ଚିତା ପ୍ରଧାନ, ଷଷ୍ଠ ଶ୍ରେଣୀ ଛାତ୍ରୀ

### ସ୍ୱାଗତ ଆଣିଲା ଖୁସି



"ସ୍କୁଲକୁ ଆସିବା ପୂର୍ବରୁ ଆମ ଶିକ୍ଷୟିତ୍ରୀ, ଶିକ୍ଷକ ସ୍କୁଲ ଫାଟକରେ ଜଗି ରହିଥିଲେ । ଫୁଲ, ଚନ୍ଦନରେ ସ୍ୱାଗତ କଲେ। ବହୁତ ଖୁସି ଲାଗିଲା । ସେହିପରି ସାଙ୍ଗସାଥୀଙ୍କୁ ଭେଟି ପୁରୁଣା ସ୍ମୃତି ମନେ ପଡ଼ିଲା। ତଥାପି କରୋନା ଭୟ ରହିଛି । ଫଳରେ ମାସ୍କ, ସାନିଟାଇଜର ବ୍ୟବହାର କରୁଛୁ।

-ଶ୍ରୁତି ପ୍ରଧାନ, ଷଷ୍ଠ ଶ୍ରେଣୀ ଛାତ୍ରୀ

### ଛାତ୍ରୀଛାତ୍ରଙ୍କ ଉତ୍ସାହ ବଢ଼ିଛି



"ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କରୋନା କଟକଣା ମଧ୍ୟରେ ଷଷ୍ଠ, ସପ୍ତମ ଶ୍ରେଣୀ ପାଠପଢ଼ା ଆରମ୍ଭ କରିଛୁ। ପାଠପଢ଼ା ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ରହିଛି। ସମସ୍ତ ଛାତ୍ରୀଛାତ୍ର ଶୃଙ୍ଖଳିତ ଭାବେ ଶିକ୍ଷା ଗ୍ରହଣ କରୁଛନ୍ତି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେମାନଙ୍କ ସ୍ୱାସ୍ଥ୍ୟ ସହ କୋଭିଡ୍ କଟକଣାକୁ ଗୁରୁତ୍ୱ ଦେଉଛୁ।

-ସନ୍ତୋଷ କୁମାର କାଲୋ, ପ୍ରଧାନଶିକ୍ଷକ

(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)

## ନୀଳମାଧବ ପାଣିଗ୍ରାହୀଙ୍କ ଜୟନ୍ତୀ

ସୋନପୁର,୧୫।୧୧(ନି.ପ୍ର.)

ସୋନପୁର ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରରେ ଡ. ନୀଳମାଧବ ପାଣିଗ୍ରାହୀଙ୍କ ଜୟନ୍ତୀ ଉପଲକ୍ଷେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ କୋସଲି ଦିନ ପାଳିତ ହୋଇଯାଇଛି। କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ସାଧାରଣ ସମ୍ପାଦକ ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ଶିକ୍ଷାବିତ୍ ବ୍ରଜମୋହନ ଦାନୀ, ଡ. ଦେବାଶିଷ ପାଣ୍ଡିଆ, ବେଣୁଧର ପ୍ରଧାନ ଓ ଔପନ୍ୟାସିକ ଆଦିତେଶ୍ୱର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ କୋସଲି ଭାଷା ସଂସ୍କୃତିର ସୁରକ୍ଷା, ସମୃଦ୍ଧି ତଥା ସାମ୍ବିଧାନିକ ମାନ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଖୋଜ ଷାଣ୍ଢ, ଦିଲ୍ଲୀପ ପାତ୍ର, ଅଧ୍ୟାପକ ଡ. ସୌରଭ ରଞ୍ଜନ ଖାମରୀ, କବି କୃପାସିନ୍ଧୁ ମହାକୁଡ, ଲେଖକ ଯୁଧିଷ୍ଠିର ଖମାରୀ, ଗଜାନନ ସାଥୁଆ, ସରୋଜ ପ୍ରଧାନ, ପଦ୍ମନାଭ ମହଲା, ସୁଦର୍ଶନ ବଡମାଲି, ଶେଷଦେବ ବାରିକ ଓ ଦଶରଥ ହୋତା ପ୍ରମୁଖ ସ୍ୱର୍ଗତ ଡ. ପାଣିଗ୍ରାହୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କ ସମ୍ପର୍କରେ ମତ ରଖିଥିଲେ । ସତ୍ୟ ନାରାୟଣ ବସ୍ତିଆ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଶର୍ଟସର୍କିଟରେ ପୋଡ଼ିଲା ଘର, ଆସବାବପତ୍ର

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁତ୍ରା ଗ୍ରାମରେ ସୋମବାର ସକାଳେ ବିଦ୍ୟୁତ୍ ସର୍ଟସର୍କିଟରେ ଗ୍ରାମର ଶ୍ୟାମସୁନ୍ଦର ଶବରଙ୍କ ଚାଳଘର ପୋଡି ଯାଇଛି। ଏହାସହ ଛାତ ଉପରୁ ନିଆଁ ପଡିବାରୁ ଆସବାବପତ୍ର, ଖାଦ୍ୟ ସାମଗ୍ରୀ ମଧ୍ୟ ପୋଡି ନଷ୍ଟ ହୋଇଯାଇଛି। ଘରେ କେହି ନ ଥିବାବେଳେ ଏପରି ହୋଇଥିବା ଜଣାପଡିଛି। ଦିର୍ଘ ବର୍ଷ ହେବ ବୃଦ୍ଧ ଶ୍ୟାମସୁନ୍ଦର ଓ ତାଙ୍କ ସ୍ତ୍ରୀ ଏକ ଚାଳଛପର କୁଡିଆ ଘରେ ରହିଆସୁଥିଲେ। ଏବେ ନିଆଁ ଲାଗି ଘର ପୋଡିଯିବା ପରେ ଦୁଃଖରେ ଉଭୟ ଦମ୍ପତି ଭାଙ୍ଗିପଡିଛନ୍ତି। ପ୍ରଶାସନ ପକ୍ଷରୁ ଏହି ଗରିବ ଦମ୍ପତିଙ୍କୁ ସହାୟତା କରିବା ପାଇଁ ଦାବି ହୋଇଛି।

## ସଂକ୍ଷେପରେ

### ଜୟନ୍ତୀରେ ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ

ଲୋଇସିଂହା,୧୫।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନରେ ବ୍ଲକସ୍ତରୀୟ ବୀର୍ସା ମୁଣ୍ଡା ଜୟନ୍ତୀ ସୋମବାର ପାଳିତ ହୋଇ୍ଇଛି। ସଭାପତି ଦଶରଥ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବରାଜ ଭୋଇ, ପ୍ରୀତିଚନ୍ଦ୍ର ରାଏ, ଭୁବନେଶ୍ୱର ସରୁଆ, ହିମାଂଶୁ ଦଳପତି, ଜିଏସୟୁ ଜିଲା ସଭାପତି ଲଳିତ ପୁଟା, ଦେବାଶିଷ ବିଷୋଇ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ତ୍ୟାଗପୁତ ଜୀବନୀ ଉପରେ କହିଥିଲେ। ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଝାରସୁଗୁଡା ଆରକ୍ଷୀ ଅଧୀକ୍ଷକ ବିକାଶ ଦାସ ଆଦିବାସୀ ମହିଳାଙ୍କ ସମ୍ମାନହାନୀ ଭଳି ଦେଇଥିବା ମନ୍ତବ୍ୟକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା।

### ବିଜେଡିର ଜନସମ୍ପର୍କ ଯାତ୍ରା

ଲୋଇସିଂହା,୧୫।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଯୁବ ବିଜେଡି ଜିଲା ଉପସଭାପତି ନୀତେଶ କୁମାର ଅଗ୍ରୱାଲଙ୍କ ଜନସମ୍ପର୍କ ଯାତ୍ରା ବୁଢ଼ୀପଦର ପଞ୍ଚାୟତରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଗ୍ରୱାଲ ପଞ୍ଚାୟତର ସଦର ଗାଁ ବୁଢ଼ୀପଦର, ଘୁଷୁରାମୁଣ୍ଡା, ସଲତରପାଲି, ନେଗିପାଲି, ଲୁହୁରାପାଲି ପ୍ରଭୃତି ଗ୍ରାମ ଗସ୍ତ କରିଥିଲେ। ସାମୂହିକ ଏବଂ ବ୍ୟକ୍ତିଗତ ସମସ୍ୟା ଉପରେ ସେ ଆଲୋଚନା କରିଥିଲେ । ଜିଲା ପ୍ରଶାସନ ସହ ଆଲୋଚନା କରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ।

### ଆଦିବାସୀ ସଂଘ ପକ୍ଷରୁ ବିର୍ସାମୁଣ୍ଡା ଜୟନ୍ତୀ ପାଳିତ

କୋକସରା,୧୫।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ସୋମବାର ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଦିବାସୀ ସଂଘ ବ୍ଲକ ସଭାପତି ହେମନ୍ତ କୁମାର ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀରେ ଆଦିବାସୀ ସଂଘ କର୍ମକର୍ତ୍ତାଙ୍କ ପକ୍ଷରୁ ପ୍ରଥମେ ବିର୍ସାମୁଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କୋକସରା ବ୍ଲକରେ ଆଦିବାସୀ ସଙ୍ଗଠନ ପକ୍ଷରୁ ଜିଲା ଆଦିବାସୀ କାର୍ଯ୍ୟକାରିଣୀ ସଦସ୍ୟ ନୀଳକଣ୍ଠ ମାଝି, ମଦନ ପାତ୍ର, ଛବିଲାଲ ପୂଝାରୀ, କେଶ ମାଝି, ପଙ୍କଜ ମାଝି, କ୍ଷୀରସିନ୍ଧୁ ନେଗି, ଧର୍ମାନନ୍ଦ ନେଗି, ଶରତ ଚନ୍ଦ୍ର ପୂଝାରୀ, କୋକସରା ବ୍ଲକ ସମ୍ପାଦକ ତ୍ରିନାଥ ଶବର, କୋଷାଧ୍ୟକ୍ଷ ରାଜେନ୍ଦ୍ର ନାଏକ ଓ ଅନ୍ୟ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ବିର୍ସାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

### ଶିବିରରେ ୨ଶହ ଶିଶୁଙ୍କ ଚକ୍ଷୁ ପରୀକ୍ଷା

ବେହେରା,୧୫।୧୧(ଡି.ଏନ.ଏ.): କଳହାଣ୍ଡି ଧର୍ମଗଡ ବ୍ଲକ ଅନ୍ତର୍ଗତ ଭାଲୁଚୁଆଁ ଗ୍ରାମଠାରେ ଚାଇଲ୍ଡ ଫଣ୍ଡ ଇଣ୍ଡିଆ ଧର୍ମଗଡ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଚାଇଲ୍ଡ ଫଣ୍ଡ ଇଣ୍ଡିଆ ପଞ୍ଜୀକୃତ ବେହେରା ଅଞ୍ଚଳର ଦୁଇଶହ ଶିଶୁଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଜୁନାଗଡ ନେତ୍ର ଚିକିତ୍ସାଳୟ, ଲେପ୍ରା ସୋସାୟଟି ସ୍ୱାସ୍ଥ୍ୟ ଶିକ୍ଷାବିତ୍ ମନୋଜ ପରିଡା, ଦୟାନିଧି ମହନ୍ତ, ଭିଜନ୍ ଟେକ୍‌ନିସିୟାନ ଉମାଶଙ୍କର ମହାରଣାଙ୍କ ତତ୍ତ୍ୱାବଧାନରେ ଚକ୍ଷୁ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ଚାଇଲ୍ଡ ଫଣ୍ଡ ଇଣ୍ଡିଆର ହେଲ୍‌ଥ କୋର୍ଡିନେଟର ନମିତା ନାୟକ, ଗୋଷ୍ଠୀ ପ୍ରେରକ ହୁକିମ ଭଇଁସାଲ, ଦିବାକର ଦଇତାରୀ ପ୍ରମୁଖ ସହଯୋଗ କରିଥିଲେ।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରାପ୍ୟ ପାଇଁ ଶ୍ରମିକ ବିଡିଓଙ୍କ ଦ୍ୱାରସ୍ଥ

ଭବାନୀପାଟଣା,୧୫।୧୧(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମାଲଗାଁ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାଟବଣା ହୋଇଛି। ଏହି ପଞ୍ଚାୟତର ପ୍ରାୟ ୭ଟି ଗ୍ରାମର ଶ୍ରମିକମାନେ ପଞ୍ଚାୟତସ୍ତରରେ ହେଉଥିବା ଉକ୍ତ ଯୋଜନାରେ ମୋ ବଗିଚା ଓ ମାଟି କାମ କରି ଦିର୍ଘ ଦିନ ପରେ ମଧ ତାଙ୍କୁ ପ୍ରାପ୍ୟ ମିଳିନାହିଁ। ଫଳରେ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିୟମାନୁଯାୟୀ ଉକ୍ତ ଯୋଜନାରେ କାମ କରିବାର ୭ ଦିନ ମଧରେ ଶ୍ରମିକ ପାଉଣା ଦେବାର ନିୟମ ଥିଲେ ମଧ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ମଧ ସୁଫଳ ନ ମିଳିବାରୁ ଶ୍ରମିକମାନେ ବିଡିଓ ପ୍ରିତା କୁମାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶିଘ୍ର ପ୍ରାପ୍ୟ ଟଙ୍କା ପ୍ରଦାନ କରିବା ପାଇଁ ସେମାନେ ଦାବି କରିଛନ୍ତି।

# ବିଜାପାଟିରେ ଆଜି ହେବ ପ୍ରଥମ ଜନଶୁଣାଣି

- ଲୋୟର ସୁକ୍‌ତେଲ ପ୍ରକଳ୍ପରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ
- ପ୍ରକଳ୍ପ ଅଗ୍ରଗତି ବାଟ ଫିଟିବା ସମ୍ଭାବନା

ବଲାଙ୍ଗୀର ଅଫିସ, ୧୫।୧୧

ବହୁ ପ୍ରତୀକ୍ଷିତ ବଲାଙ୍ଗୀର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ବିଜାପାଟିରେ ମଙ୍ଗଳବାର ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଜିଲା ପ୍ରଶାସନ, ଲୋୟର ସୁକ୍‌ତେଲ ପ୍ରକଳ୍ପ ବିଭାଗ ପକ୍ଷରୁ ଏହି ଜନଶୁଣାଣି ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଏହି ଜନଶୁଣାଣି ସମ୍ପର୍କରେ ବିଜାପାଟି ଗ୍ରାମବାସୀଙ୍କୁ ମଧ ବିଧିବଦ୍ଧ ଅବଗତ କରାଯାଇଛି। ଜନଶୁଣାଣି ସକାଶେ ଗ୍ରାମବାସୀ ସମ୍ମତି ଦେଇଛନ୍ତି। ଏହି ଜନଶୁଣାଣି ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା ହେଉଛି। ଗଡଶଙ୍କର ଡୁଙ୍ଗୁରିପାଲି ପଞ୍ଚାୟତ ଅନ୍ତର୍ଗତ ୧ ୱାର୍ଡ ବିଶିଷ୍ଟ ବିଜାପାଟି ଗାଁର ଜନଶୁଣାଣି ସୁକ୍‌ତେଲ ପ୍ରକଳ୍ପରେ ୨୦୧୩ ଭୂମି ଅଧିଗ୍ରହଣ ଆଇନକୁ କାର୍ଯ୍ୟକାରୀ କରିବା ଦିଗରେ ନିର୍ଣ୍ଣାୟକ ହେବ।

୨୦୦୧ ନଭେମ୍ବର ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁକ୍‌ତେଲ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ୨୯ଖଣ୍ଡ ଗାଁ ସମ୍ପୂର୍ଣ୍ଣ ଓ ଆଂଶିକ ବୁଡିବ ବୋଲି ଘୋଷଣା କରାଯାଇଥିଲା। ତେବେ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ପ୍ରବଳ ବିରୋଧ ଯୋଗୁଁ ସେତେବେଳେ ପ୍ରକଳ୍ପ କାମ ଆରମ୍ଭ ହୋଇ ନ ଥିଲା। ସମୟକ୍ରମେ ସୁକ୍‌ତେଲ ନଦୀର ବାମପାର୍ଶ୍ୱରେ ଥିବା ୧୫ ଗାଁର ଅଧିକାଂଶ ଲୋକ ପ୍ରକଳ୍ପକୁ ସମର୍ଥନ କରିବାରୁ ଭୂମି ଅଧିଗ୍ରହଣ କାମ ସହ କ୍ଷତିପୂରଣ ବଣ୍ଟନ ପର୍ଯ୍ୟାୟକ୍ରମେ ଆରମ୍ଭ ହୋଇଥିଲା। ତେବେ ସୁକ୍‌ତେଲ ନଦୀର ଡାହାଣ ପାଶ୍ୱରେ ଥିବା ୧୪ ଖଣ୍ଡ ଗାଁର ଲୋକେ ପ୍ରକଳ୍ପକୁ ବିରୋଧ ଜାରି ରଖିଥିଲେ। ଫଳରେ ସେଠାରେ ଜମି ଅଧିଗ୍ରହଣ କାମ ଆରମ୍ଭ ହୋଇପାରି ନ ଥିଲା। ଏହି ସମୟ ମଧ୍ୟରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ ହେବାରୁ ପ୍ରକଳ୍ପ ଅଡୁଆ ବଢ଼ିବାରେ ଲାଗିଥିଲା। ଯେଉଁ ୧୫ଟି ଗାଁର ଲୋକେ ପ୍ରକଳ୍ପକୁ ସମର୍ଥନ କରି ପୂର୍ବରୁ କ୍ଷତିପୂରଣ ଟଙ୍କା ନେଇଥିଲେ ସେମାନେ ୨୦୧୩ ଭୂମି ଅଧିଗ୍ରହଣ ଆଇନର ସହାୟତା ପ୍ୟାକେଜ ପାଇବାରୁ ବଞ୍ଚିତ ହୋଇଥିଲେ। ସେମାନଙ୍କ ପାଇଁ ରାଜ୍ୟ ସରକାର ଏକ୍ସଗ୍ରାସିଆ ବ୍ୟବସ୍ଥା କରି କ୍ଷତିପୂରଣ ଏବଂ ଅନ୍ୟ ସମତୁଲ ସହାୟତା ବ୍ୟବସ୍ଥା କରିଥିଲେ। ଅବଶିଷ୍ଟ ୧୪ ଗାଁରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଲାଗୁ ହୋଇଥିବା ସୂଚନା ଦିଆଯାଇଥିଲା। ଗୋଟିଏ ପ୍ରକଳ୍ପରେ ଦୁଇଟି ନିୟମ କାର୍ଯ୍ୟକାରୀ ହେବାରୁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ତେବେ ଜିଲା ପ୍ରଶାସନ ଏହି ସମସ୍ୟା ଦୂର କରି ୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ପ୍ରଥମ ଥର ପାଇଁ ଜନଶୁଣାଣି କରିବାକୁ ଉଦ୍ୟମ କରିଛି। ଏହି ଜନଶୁଣାଣିରେ ସୁକ୍‌ତେଲ ପ୍ରକଳ୍ପକୁ ଦୀର୍ଘ ବର୍ଷ ଧରି ବିରୋଧ କରୁଥିବା ୧୪ଟି ଗାଁର ଲୋକଙ୍କ ମତ ପ୍ରତିଫଳିତ ହେବ। ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଲକର, ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଏଡିଏମ୍ ମହେନ୍ଦ୍ର ମହାପାତ୍ର, ଲୋୟର ସୁକ୍‌ତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତ୍, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣ ଉପସ୍ଥିତ ରହିବେ ।

### ଜଳସେଚନ ପ୍ରକଳ୍ପର ହେବ ଓଡ଼ିଶାର ପ୍ରଥମ ଜନଶୁଣାଣି

ବଲାଙ୍ଗୀର ଅଫିସ, ୧୫।୧୧

୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ ହେବା ଦିନଠାରୁ ସମଗ୍ର ଓଡିଶାର ଜଳସେଚନ ପ୍ରକଳ୍ପରେ ଜନଶୁଣାଣି ହେବାରେ ବିଜାପାଟି ଜନଶୁଣାଣି ପ୍ରଥମ ବୋଲି କୁହାଯାଉଛି। ମଙ୍ଗଳବାର ଏହି ଜନଶୁଣାଣି ସମ୍ପନ୍ନ ହେଲେ ଏହା ଓଡିଶାର କୌଣସି ଏକ ଜଳସେଚନ ପ୍ରକଳ୍ପରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ ହେବା ନେଇ ପ୍ରଥମ ହେବ। ଏହି କାରଣରୁ ଏହି ଜନଶୁଣାଣି ଉପରେ ସମଗ୍ର ଓଡିଶାର ନଜର ରହିଛି ବୋଲି ଜଣେ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି।

# ହକ୍ ହାସଲ ପାଇଁ ଲଢ଼େଇ ହେବ



ଖଗସିକନା ଧରୁଆପଡାରେ ବିର୍ସାମୁଣ୍ଡା ଜୟନ୍ତୀରେ ମଞ୍ଚାସୀନ ଅତିଥି।

### ଖଗସିକନାରେ ବିର୍ସା ମୁଣ୍ଡା ଜୟନ୍ତୀ

ଦେଓଗାଁ,୧୫।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଖଗସିକନା ଧରୁଆପଡାରେ ସୋମବାର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ମହୋତ୍ସବ ତଥା ଆଦିବାସୀ ଗୌରବ ଦିବସ ପାଳନ କରାଯାଇଛି। ବ୍ଲକ ଆଦିବାସୀ କଲ୍ୟାଣ ସଂଘ ଆୟୋଜନରେ ଅନୁଷ୍ଠିତ ମହୋତ୍ସବକୁ ସୁଦାମ ଚରଣ ବିଶି ସଂଯୋଜନା କରିଥିଲେ। ଅତିଥିଭାବେ ଅକ୍ଷୟ କୁମାର ଭୋଇ, ସତ୍ୟନାରାୟଣ ଭୋଇ, ନିରଞ୍ଜନ ବିଶି, ବିଶିକେଶନ ଜାନି, ଶ୍ୟାମସୁନ୍ଦର ଭୋଇ, ଚିନ୍ତାମଣି ଭୋଇ, ବନଲଟି ମାଝି, ହେମେନ୍ଦ୍ରନାଥ ହାଂସଦ, ପ୍ରଫୁଲ୍ଲ ତୁମୁନିଆ, ପୁରୁଷୋତ୍ତମ ଧରୁଆ, ଗୀତାଞ୍ଜଳୀ ଭୋଇ, ଗୋପାଳ ପଧାନ, କର୍ପୁଚନ କୁଅଁର ଉପସ୍ଥିତ ଥିଲେ। ଆଦିବାସୀଙ୍କୁ ପ୍ରତ୍ୟେକ ଅଧିକାର ଉପରେ କେହି ବଞ୍ଚିତ କରିପାରିବେ ନାହିଁ ବୋଲି ମତବ୍ୟକ୍ତ କରିବା ସହ ହକ ପାଇଁ ସାମୂହିକ ଭାବେ ଲଢ଼େଇ କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୁଦାମ ଚରଣ ଭୋଇ, ବଳଦେବ ଭୋଇ, କାହ୍ନୁପଧାନ, ଶରତ ଚନ୍ଦ୍ର ସିଂ ଭୋଇ, ସନ୍ତୋଷ ପୁଟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆ, ପୁରନ୍ଦର ଭୋଇ, ବିଜୟ କାଲସାଏ, ଦିବାକର ପୁଟା ପ୍ରମୁଖ ସହଯୋଗ କରିଥିଲେ । କୁଇ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ଭବାନୀପାଟଣା,୧୫।୧୧(ସ୍ୱ.ପ୍ର.)

ଭବାନୀପାଟଣା ବ୍ରଜ ମୋହନ ହାଇସ୍କୁଲ ପରିସରରେ ଆୟୋଜିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୧ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଟି ଶିଶୁ ସମାଜରେ ପ୍ରସ୍ଫୁଟିତ ହେବାକୁ ଥିବା ଗୋଟେ ଗୋଟେ ନବ କଳିକା। ଯେଉଁମାନଙ୍କୁ ଦରକାର ଟିକେ ସ୍ନେହ, ଆଦର ଓ ଉତ୍ସାହ। ସେହି ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ସୁରଭି ଏକ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ କଳାହାଣ୍ଡି ଜିଲାପାଳ ଡ଼ ଗାଭାଲି ପରାଗ ହର୍ଷଦ କହିଛନ୍ତି। ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲାପାଳ ହର୍ଷଦ, ସମ୍ମାନିତ ଅତିଥି ପିଡିଓଆରଡିଏ ସୋମେଶ ଉପାଧ୍ୟାୟ, ଏଡିଇଓ ଟେମଲାଲ ଦୁବେ, ବିଏମ ହାଇସ୍କୁଲ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର



ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ଣରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଡିଇଓ ଚୋପଦାର, ଏଡିଇଓ ଟେମଲାଲ ଦୁବେ, ବିଇଓ ଭବାନୀପାଟଣା ଜଗନ୍ନାଥ ପୁରୋହିତ, ବିଇଓ ରାମପୁର ଠାକୁର ସାହୁ, ବିଇଓ କେସିଙ୍ଗା, ବିଏମ ହାଇସ୍କୁଲ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର, ଡିଏସଏସ ପ୍ରକାଶ ନିଶଙ୍କ, ଏଫସି ସାଧୁ ଶରଣ ପ୍ରସାଦ, ଶ୍ରଦ୍ଧାଞ୍ଜଳି ଦାଶ ଯୋଗଦେଇଥିଲେ। ଏଡିଇଓ ଟେମଲାଲ ଦୁବେ ଧନ୍ୟବାଦ ଦେଇଥିଲେ। ଜିଲାର ୧୩ଟି ବ୍ଲକରୁ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କଣ୍ଠ ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମ, ଦିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପେଡାଗୋଜି ଶ୍ରଦ୍ଧାଞ୍ଜଳି ଦାଶ, ପ୍ରଭାତ ସାହୁ, ଲଳିତ ପଟ୍ଟନାୟକ, ସୌମେନ୍ଦ୍ର ପଟ୍ଟନାୟକ, ଅଜିତ ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ବିର୍ସାମୁଣ୍ଡା ଜୟନ୍ତୀ ପାଳିତ

ନୂଆପଡ଼ା ଅଫିସ,୧୫।୧୧

ନୂଆପଡା ସଦର ବ୍ଲକ କୋଟେନବୂଆଁ ପଞ୍ଚାୟତ ଅନ୍ତର୍ଗତ ଝାଙ୍ଗିମୁଣ୍ଡା ଗାଁଠରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ କ୍ରାନ୍ତିବୀର ଭଗବାନ ବିର୍ସାମୁଣ୍ଡାଙ୍କ ୧୪୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଭାନୁ ପ୍ରତାପ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ବିଶ୍ୱାବସୁ ଶବର ସମାଜ ସଭାପତି ବିହାରୀ ଲାଲ ଶବର, ସଂଘ ସାଧାରଣ ସମ୍ପାଦକ ବାଳକୃଷ୍ଣ ଶବର, ଅବସରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ହୋମ ସିଂ ମାଝି, ଲକ୍ଷ୍ମଣ ମୁଣ୍ଡା, ସୋମନାଥ ଶବର, କପୁର୍ଚନ ମାଝି, ସୀମାଞ୍ଚଳ ମାଝି, ଗଙ୍ଗାରାମ ମାଝି, କମଲେଶ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଏସିଏଫ ଜୟରାମ ଶବର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କେନ୍ଦ୍ର ସରକାର ବିର୍ସାମୁଣ୍ଡା ଜୟନ୍ତୀକୁ ଗୌରବ ଦିବସ ଭାବେ ଘୋଷଣା କରିଥିବାରୁ ଜିଲା ଆଦିବାସୀ ସଂଘ ଧନ୍ୟବାଦ ଜ୍ଞାପନ କରିଛି। ଏହି କାର୍ଯ୍ୟକ୍ରମ ସପ୍ତାହ ବ୍ୟାପି ଜିଲାର କୋଣଅନୁକୋଣରେ ପାଳନ ହେବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଭକ୍ତବନ୍ଧୁ ଧରୁଆ ମଞ୍ଚ ପରିଚାଳନା କରିଥିଲେ। ମୀନା ମାଝି, ସାବିତ୍ରୀ ମାଝି, ଜୟନ୍ତୀ ମାଝି, ତେଜ ମାଝି, ଜମୁନା ମାଝି, ରୁପସିଂ ମାଝି, ଗୁଞ୍ଜମତୀ ମାଝି, ଶବ ମାଝି, ମହେଶ ଠାକୁର, ହେମ ସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ନୂଆପଡା ଜିଲା ସଦର ମହକୁମାସ୍ଥିତ ନ୍ୟାଶନାଲ କଲେଜଠାରେ ବିର୍ସାମୁଣ୍ଡା ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ.କବିତା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓଡିଆ ବିଭାଗ ଅଧ୍ୟାପକ ଶିବ ପ୍ରସାଦ ସା, ଗୋପି ଗୋପାଲ ସୁନା ପ୍ରମୁଖ ଯୋଗଦେଇଥିଲେ। ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧ୍ୟାପକ ସଞ୍ଜୀବ କୁମାର ବାବୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୀମା ବରିହା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ତୁଷାର କାନ୍ତ ସେଠି, ଯୁଧିଷ୍ଠିର ମାଝି, ବଳରାମ ରାଉତ, ଫାଲଗୁନି ରଣା, ଉତ୍ସବ ମଟାରି, ଘନଶ୍ୟାମ ଦଣ୍ଡସେନା ପ୍ରମୁଖ ବିଦ୍ୟାର୍ଥୀ ସହଯୋଗ କରିଥିଲେ।




ବିର୍ସାମୁଣ୍ଡାଙ୍କ ଜୟନ୍ତୀରେ ମଞ୍ଚସୀନ ଅତିଥିବୃନ୍ଦ ।

### ଦୁର୍ବୃତ୍ତଙ୍କ ଆକ୍ରମଣରେ ବନ କର୍ମଚାରୀ ଆହତ

ଭବାନୀପାଟଣା/କୋକସରା, ୧୫।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ରେଞ୍ଜ ଅଧୀନ ଆମପାଣି ସେକ୍ସନ କୁଟରୁ ବିଟ୍ ଫରେଷ୍ଟ ଗାର୍ଡ ଓ ପାରା ଫରେଷ୍ଟ କର୍ମଚାରୀଙ୍କୁ ରବିବାର ରାତିରେ କିଛି ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ଏ ନେଇ ସୋମବାର ବନ କର୍ମଚାରୀ ଆମପାଣି ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଯେ, କୁଟରୁ ବିଟର ଫରେଷ୍ଟ ଗାର୍ଡ ହରିଶଙ୍କର ଧରୁଆ ଓ ଅନ୍ୟ ଜଣେ ପାରା ଫରେଷ୍ଟ କର୍ମଚାରୀ କୃଷ୍ଣଚନ୍ଦ୍ର ମାଝି ରାତିରେ ସାହାଜଖୋଲ ସଂରକ୍ଷିତ ଜଙ୍ଗଲକୁ ପାଟ୍ରୋଲିଂ ପାଇଁ ଯାଇଥିଲେ। ବର୍ଷା ଓ ସନ୍ଧ୍ୟା ହେବାରୁ ଫେରି ନ ପାରି ଗିରଲିମାଲ ଗାଁ ଜଣେ ଲୋକଙ୍କ ଘରେ ରାତ୍ରି ଯାପନ କରିଥିଲେ। ରାତିରେ ୮ରୁ ୧୦ ଜଣ ମୁଖାପିନ୍ଧା ଦୁର୍ବୃତ୍ତମାନେ ଆସି ସେମାନଙ୍କୁ ଆକ୍ରମଣ କରିବା ସହ ମାଡ଼ ମାରିଥିଲେ। ଘଟଣାର ତଦନ୍ତ ଚାଲିଛି ବୋଲି ଆମପାଣି ଥାନା ଅଧିକାରୀ ଚତୁର୍ଭୁଜ ନାଏକ କହିଛନ୍ତି।

### ଶିଳ୍ପ କେନ୍ଦ୍ର ତାଲିମ ଶିବିର

ଖଡିଆଳ,୧୫।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ମୁକ୍ତାପୁର ଗୋଷ୍ଠୀ ଗୃହଠାରେ ଖଡିଆଳ ଶିଳ୍ପ କେନ୍ଦ୍ର ପକ୍ଷରୁ ୧୨ ଦିନିଆ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖଡିଆଳ ବ୍ଲକର ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ତାଲିମ ନେଉଛନ୍ତି। ତାଲିମ ଶିବିରକୁ ଖଡିଆଳ ଶିଳ୍ପ ଅଧିକାରୀ ଆନନ୍ଦ ବେହେରା ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଡ. ମେଜର ରାମ ଚନ୍ଦ୍ର ମିଶ୍ର ଯୋଗଦେଇ ତାଲିମ ନେଉଥିବା ବ୍ୟକ୍ତିଙ୍କୁ ସଫଳ ବ୍ୟବସାୟୀ ହେବା ନେଇ ମାର୍ଗଦର୍ଶନ ଦେଇଥିଲେ। ରତ୍ନାକର ଠେଲା ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍ତିବାସିନ୍ଦାଙ୍କୁ ଲଟେରି ମାଧ୍ୟମରେ ଜାଗା ଆବଣ୍ଟନ

ବଲାଙ୍ଗୀର ଅଫିସ, ୧୫।୧୧

ବଲାଙ୍ଗୀର କଲେଜ ଛକ ପୌରପାଳିକା କଲ୍ୟାଣ ମଣ୍ଡପରେ ସୋମବାର ବସ୍ତିପୁନଃ ସ୍ଥାପନ ପାଇଁ ଲଟେରୀ ମାଧ୍ୟମରେ ଜାଗା ଆବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସହରର ବିଭିନ୍ନ ପଡାରେ ସରକାରୀ ଜମି ଉଚ୍ଛେଦରେ ବିସ୍ଥାପିତ ୨୪୩ ବସ୍ତିବାସିନ୍ଦାଙ୍କୁ ଲଟେରୀ ମାଧ୍ୟମରେ ଜମି ଆବଣ୍ଟନ କରାଯାଇଛି। ସାଇନ୍ସ ପାର୍କ ତିଆରି ପାଇଁ ଆନନ୍ଦନଗର-ସୂର୍ଯ୍ୟନଗର ଅଞ୍ଚଳ ସରକାରୀ ଜମିରୁ ଉଚ୍ଛେଦ କରାଯାଇଥିଲା। ଏଥିରେ ବହୁ ବ୍ୟକ୍ତି ଉଦ୍‌ବାସ୍ତୁ ହୋଇଥିଲେ। ଏହାସହିତ ବ୍ରାହ୍ମଣପଡା କରଙ୍ଗାକଟା ହିଡ, ବିଭୂତିପଡା ଏବଂ ହାଟପଦାପଡାର ସରକାରୀ ଜମିରୁ ଉଚ୍ଛେଦ ଲାଗି ଚିହ୍ନଟ କରାଯାଇଥିଲା। ଉପରୋକ୍ତ ୪ଟି ପଡାର ବିସ୍ଥାପିତଙ୍କ ମଧ୍ୟରୁ ୨୪୩ଜଣ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଲଟେରୀ ମାଧ୍ୟମରେ ଜମି ଆବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା, ଉପଜିଲାପାଳ ଲମ୍ବୋଦର ଧରୁଆ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସଏ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପ, ତହସିଲଦାର ମଘବନ ବାଗ ଉପସ୍ଥିତ ଥିଲେ। ଏହି ବସ୍ତି ପୁନଃସ୍ଥାପନ ମାଲଗୋଦାମପଡା ନିକଟରେ ସାଢ଼େ ୯ ଏକର ଚିହ୍ନଟ କରାଯାଇଛି। ସେଠାରେ ଏହି ବସ୍ତିବାସିନ୍ଦାଙ୍କ ପାଇଁ ୩୨୩ ବର୍ଗଫୁଟ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରାଯିବା ସହ ସେଠାରେ ରାସ୍ତାଘାଟ, ପାନୀୟ ଜଳ ଏବଂ ବିଦ୍ୟୁତ୍ ବ୍ୟବସ୍ଥା କରାଯିବ ବୋଲି ନିର୍ବାହୀ ଅଧିକାରୀ ଦୀପ ସୂଚନା ଦେଇଛନ୍ତି। ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ଉଚ୍ଛେଦ ହୋଇଥିବା ପ୍ରାୟ ୧୩୦୦ ଶହ ଲୋକଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୪୩ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଲଟେରୀ ମାଧ୍ୟମରେ ଜାଗା ଆବଣ୍ଟନ କରାଯାଇଛି। ଅନ୍ୟମାନଙ୍କୁ ପର୍ଯ୍ୟାୟକ୍ରମେ ଜାଗା ମିଶନ ଜରିଆରେ ଜାଗା ଦିଆଯିବ ବୋଲି ଜିଲାପାଳ କହିଥିଲେ।

# ଟାଟା ପାୱାରର ଟାଳଟୁଳ ନୀତିକୁ ବିରୋଧ

### ଅଫିସ ଆଗରେ କ୍ୟାଣ୍ଡେଲ ଜାଳି ପ୍ରତିବାଦ

ଭବାନୀପାଟଣା,୧୫।୧୧(ସ୍ୱ.ପ୍ର.)

ଟାଟା ପାୱାର ୱେଷ୍ଟନ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିଡବ୍ଲୁଓଡିଏଲ୍) ଅଧୀନରେ କାର୍ଯ୍ୟରତ ସମସ୍ତ ଡିଗ୍ରୀ ଇଞ୍ଜିନିୟରମାନେ ରବିବାରଠାରୁ ପରିଚାଳାନା ସଂସ୍ଥା ବିରୋଧରେ କ୍ୟାଣ୍ଡେଲ ଜାଳି ପ୍ରତିବାଦ କରିଛନ୍ତି। ପ୍ରକାଶ ଯେ, ଗତ ଜାନୁୟାରୀରେ ଟାଟା ପାୱାର ୱେସ୍କୋକୁ ଅଧିଗ୍ରହଣ କରିବା ବେଳେ ପୂର୍ବରୁ କାର୍ଯ୍ୟରତ ସମସ୍ତ ଯନ୍ତ୍ରୀ ତଥା କର୍ମଚାରୀମାନଙ୍କୁ ସମସ୍ତ ସୁବିଧା ପୂର୍ବପରି ଯୋଗାଇ ଦିଆଯିବ ବୋଲି ସହମତି ହୋଇଥିଲା। କିନ୍ତୁ ୧୦ ମାସ ପରେ ବି ଇଞ୍ଜିନିୟରମାନଙ୍କୁ କୌଣସି ଗୋଟିଏ ଦାବିକୁ ମଧ ପୂରଣ କରାଯାଇନାହିଁ। ଦୀର୍ଘଦିନ ଧରି ଗୋଟିଏ ପଦବୀରେ କାର୍ଯ୍ୟ କରୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ପଦୋନ୍ନତି ଦେବାରେ ଟାଳଟୁଳ ନିତୀ ଅବଲମ୍ବନ କରୁଥିବାରୁ ସମସ୍ତ ଯନ୍ତ୍ରୀଙ୍କ ମଧ୍ୟରେ ଉଦବେଗ୍ ପ୍ରକାଶ ପାଇଛି। ଗତ ୫ ନଭେମ୍ବରଠାରୁ ଯନ୍ତ୍ରୀମାନେ କଳାବ୍ୟାଜ୍ ପିନ୍ଧି ନୀରବ ପ୍ରତିବାଦ କରୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ଯନ୍ତ୍ରୀମାନେ ସନ୍ଧ୍ୟା ସମୟରେ ସମସ୍ତ ଅଫିସ ଆଗରେ କ୍ୟାଣ୍ଡେଲ ଜାଳି ପ୍ରତିବାଦ କରିଛନ୍ତି। ଯଥାଶୀଘ୍ର ଦାବିଗୁଡିକୁ ପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବା ବୋଲି ସଂଘ ସମ୍ପାଦକ ଜଗମୋହନ ବାରିକ, ନକଟିଗୁଡା ଏସ୍‌ଡିଓ ବିନାୟକ ରାଉତ, ଜୁନାଗଡ ଏସଡିଓ ମନୋଜ ପଟ୍ଟନାୟକ ପ୍ରମୁଖ ପ୍ରକାଶ କରିଛନ୍ତି।



କ୍ୟାଣ୍ଡେଲ ଜାଳି ଯନ୍ତ୍ରୀମାନେ ପ୍ରତିବାଦ କରୁଛନ୍ତି।

# ଲୋଇସିଂହା ଚାମ୍ପିୟନ



ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

### ଲୋଇସିଂହା ଷ୍ଟାଡିୟମର ସ୍ୱନକ୍ଷେତ୍ର ଦିବସରେ ଫୁଟବଲ ପ୍ରତିଯୋଗିତା

ଲୋଇସିଂହା,୧୫।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ୧୪ ତମ ସ୍ୱନକ୍ଷେତ୍ର ଦିବସ ଉପଲକ୍ଷେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳରେ ବଲାଙ୍ଗୀରକୁ ୧-୦ଗୋଲରେ ହରାଇ ଲୋଇସିଂହା ଏପିଜେ ଚାମ୍ପିୟନ ହୋଇଛି। ବରପାଲି ଏବଂ ଲୋଇସିଂହା ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଲୋଇସିଂହା ବିଜୟୀ ହୋଇଥିଲା। ବଲାଙ୍ଗର ଏବଂ ଖଲିଆପାଲି ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ବଲାଙ୍ଗୀର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଲୋଇସିଂହା ଦଳର ସୁମନ୍ତ ପଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଷ୍ଟାଡିୟମ ଟ୍ରଷ୍ଟବୋର୍ଡ କମିଟି ସଭାପତି ଦିଲୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠି ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଷ୍ଟାଡିୟମ ଏବଂ କ୍ରୀଡାର ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି ସେ କହିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ୩ ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଦେବାଶିଷ ବାଗ, ବିଜୟ ରଣା, ସୁଧାଂଶୁ ସେଠ ଖେଳ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ରବିବାର ଅନୁଷ୍ଠିତ କ୍ରିକେଟ ପ୍ରତିଯୋଗୀତାରେ ଲୁହୁରାପାଲିକୁ ହରାଇ ବୁର୍ଡା ଚାମ୍ପିୟନ ହୋଇଥିଲା। ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ବ୍ୟାଡମିଣ୍ଟନ ଇନଡୋର ଷ୍ଟାଡିୟମ ପାଇଁ କମିଟି ପକ୍ଷରୁ ମିଶ୍ରଙ୍କ ନିକଟରେ ପ୍ରସ୍ତାବ ରଖାଯାଇଥିଲା।

### ନର୍ଲାକୁ ଉପଖଣ୍ଡ ମାନ୍ୟତା ଦାବିରେ ସର୍ବଦଳୀୟ ବୈଠକ

ରୂପ୍ରାରୋଡ,/ନର୍ଲା, ୧୫।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ନର୍ଲାକୁ ଉପଖଣ୍ଡ ମାନ୍ୟତା ଦାବିରେ ଜନସମାବେଶ ଓ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ କୁବେର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନର୍ଲା ଜୋନ ୩ ଜିଲା ପରିଷଦ ସଦସ୍ୟ ପ୍ରଦୀପ ନାଏକ, ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କଂଗ୍ରେସ ବ୍ଲକ ସଭାପତି ସମୀର ଚାନ୍ଦ, ସରପଞ୍ଚ ଚିରଞ୍ଜିବୀ ଗୌଡିଆ, ବିମଳ କେଡିଆ, ଭାଜପା ନେତା ପର୍ଶୁରାମ ପଣ୍ଡା, ପୂର୍ବତନ ସରପଞ୍ଚ ଥବିରାମ ବୁଢ଼ିଆ ପ୍ରମୁଖ ଯୋଗଦେଇଥିଲେ। ଭୌଗୋଳିକ ଦୃଷ୍ଟିକୋଣରୁ ଉପଖଣ୍ଡ ହେବା ପାଇଁ ନର୍ଲା ହିଁ ଉପଯୁକ୍ତ ସ୍ଥାନ ବୋଲି ବୈଠକରେ ସମସ୍ତେ କହିଥିଲେ। କର୍ଲାମୁଣ୍ଡା, ମ.ରାମପୁର ଓ ଲାଞ୍ଜିଗଡ ବ୍ଲକ ମଧ୍ୟସ୍ଥଳରେ ନର୍ଲା ବ୍ଲକ ଥିବାରୁ ନର୍ଲାକୁ ଉପଖଣ୍ଡ ମାନ୍ୟତା ଦେବା ପାଇଁ ଆଜିଠୁଁ ଆନ୍ଦୋଳନ ଜାରି ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଲ୍ଲଭ ମାହାର, ଜିଲା ପରିଷଦ ସଦସ୍ୟ ସରୋଜ ମାଝି, ଭାଜପା ନର୍ଲା ମଣ୍ଡଳ ସଭାପତି ପଦ୍ମଲୋଚନ ଜାଲ, ସରୋଜ ବୁଢ଼ିଆ, କାମିନୀଙ୍କ ସମେତ ଅଞ୍ଚଳର ବହୁବୁଦ୍ଧିଜୀବୀ ଯୋଗଦେଇଥିଲେ।

## ଗଛରୁ ଗଳିତ ମୃତଦେହ ଜବତ

ବରଗଡ଼ ଅଫିସ୍ : ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ଜଙ୍ଗଲରୁ ସୋମବାର ପୋଲିସ ଏକ ଗଳିତ ମୃତଦେହ ଜବତ କରିଛି। ମୃତଦେହ ଗ୍ରାମର ତନ୍ମୟ ସାହୁ(୨୨)ଙ୍କ ବୋଲି ଜଣାପଡ଼ିଛି। ଭଟଲି ପୋଲିସ ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଭଟଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬୧/୨୧) ରୁଜୁ କରି ତଦନ୍ତ କରୁଛି ।

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଅଭିଯୋଗ

ବରଗଡ଼ ଅଫିସ୍,୧୫।୧୧: ବରଗଡ଼ ଜିଲା ଅତାବିରା ଥାନା କ୍ଷୀରାପାଲି ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଉକ୍ତ ଗ୍ରାମର ରାଧାଚରଣ ବିଶ୍ୱାଳ। ରାଧାଚରଣଙ୍କୁ କେତେକ ଲୋକ ନିସ୍ତୁକ ମାଡ଼ ମାରିଥିବା ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରି ଥାନାରେ ଏତଲା କରିଛନ୍ତି। ଏତଲାକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା(ନଂ.୩୪୯/୨୧) ରୁଜୁ କରିଛି । ଏହି ମାମଲାରେ ପୋଲିସ ପାଲିବୁଗବୁଗା ଗ୍ରାମର କିଛି ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ସୂଚନା ମିଳିଛି।

### ଦୁର୍ଘଟଣାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ବରଗଡ଼ ଅଫିସ୍,୧୫।୧୧: ବରଗଡ଼-ବରପାଲି ରାସ୍ତାର ରେଙ୍ଗାଲପାଲି ନିକଟରେ କୌଣସି ଏକ ଗାଡ଼ି ଧକ୍କା ଦେବା ଯୋଗୁ ଜଣେ ଲୋକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ । ସୋମବାର ସକାଳେ ସଦର ଥାନା ମୃତଦେହକୁ ଘଟଣାସ୍ଥଳରୁ ଜବତ କରି ବରଗଡ଼ ଡାକ୍ତରଖାନା ଫ୍ରିଜରରେ ରଖାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ି ଚିହ୍ନଟ ହୋଇନାହିଁ । ପୋଲିସ ଏ ନେଇ ଏକ ମାମଲା (ନଂ.୩୪୧/୨୧) ରୁଜୁ କରିଛି ।

### ଗୋରୁ ସହ ଧାରଣା ଦେଲେ ଗୋପାଳକ

ବୌଦ୍ଧ,୧୫।୧୧(ସ୍ୱ.ପ୍ର.): ଏମଜିଏନଆରଇଜିଏସ ଯୋଜନାରେ ଗୋରୁ ଗୁହାଳ ପାଇବା ପାଇଁ ଆବେଦନ କରିଥିଲେ ମଧ ଗୁହାଳ ଘର ନ ମିଳିବାରୁ ଶେଷରେ ବାଧ ହୋଇ ଗୋରୁଙ୍କ ସହ ଗୋପାଳକ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସୋମାବାର ଧାରଣା ଦେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ମୁତାବକ, ବୌଦ୍ଧ ଜିଲା ଖଲିଆପାଲି ପଞ୍ଚାୟତ ତାଳପଦର ଗ୍ରାମର କାର୍ତ୍ତିକ ମହାକୁଡ ୩୦ ଗୋଟି ଗୋରୁ ରଖିଥିବା ବେଳେ ଉକ୍ତ ଯୋଜନାରେ ଏକ ଗୁହାଳ ଘର ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ହେଲେ ତାଙ୍କର ଆବେଦନକୁ ବ୍ଲକ ପ୍ରଶାସନ ଅଣାଦେଖା କରିଥିଲା । ଫଳରେ ସେ ବାଧ ହୋଇ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା । ଫଳରେ ସେ ସୋମବାର ନିଜର ଗୋରୁଙ୍କୁ ଧରି ପ୍ରାୟ ଚାଳିଶ କିଲୋମିଟର ଦୂର ଚାଲି ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଧାରଣା ଦେଇଥିଲେ ।

### ଜନହିତକାରୀ ଯୋଜନାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୧୫।୧୧: ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବରଗଡ଼ କଲ୍ୟାଣ ମଣ୍ଡପରେ ଶନିବାର ଆଇନ ସେବା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ପାରିବାରିକ ଅଦାଲତ ବିଚାରପତି ପ୍ରଭାତ କୁମାର ରାଜଗୁରୁ, ଅତିରିକ୍ତ ଜିଲା ଜଜ୍ ଆଶୁତୋଷ ଦାଶ, ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନୀଳିମା ପଣ୍ଡା, ଡେପୁଟି କଲେକ୍ଟର ସୁମତୀ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସରକାରଙ୍କ ଜନହିତକାରୀ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜଗୋପାଳ ଦାଶ ମଞ୍ଚ ପରିଚାଳନା କରିଥିଲେ ।

### କ୍ୟାନ୍ସର ଚିକିତ୍ସା ଶିବିର

ବରଗଡ଼ ଅଫିସ୍,୧୫।୧୧: ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ରବିବାର ନିଃଶୁଳ୍କ କ୍ୟାନ୍ସର ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ନାରାୟଣ ସେବା ସଂଘ ଓ ବରିଷ୍ଠ ନାଗରିକ ସେବା ସଂଘର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ବମ୍ବେର ଟାଟା ମେମୋରିଆଲ କ୍ୟାନ୍ସର ହସ୍ପିଟାଲର ଡା. ଜ୍ୟୋତି ପୋଦ୍ଦାର ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ୨୭ଜଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। କଟାପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଡା. ତୋଷବନ୍ତ ସେଟ୍, ନର୍ସିଂ ଅଫିସର ରେବତୀ ଚିତା, ମମତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଖଟିଆରେ ଅଦାଲତ ଆସିଲେ ବୃଦ୍ଧା

ବରଗଡ଼ ଅଫିସ୍,୧୫।୧୧

ଏକ ପାରିବାରିକ ବିବାଦକୁ ନେଇ ସୋମବାର ଜଣେ ବୃଦ୍ଧାଙ୍କୁ ଖଟିଆରେ ପରିବାର ଅଦାଲତକୁ ଅଣାଯିବା ଘଟଣା ବରଗଡ଼ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ପରିବାର ଅଦାଲତରେ ଏହି ବିବାଦର ସମାଧାନ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବରଗଡ଼ ବ୍ଲକ ଗୋବିନ୍ଦପୁର ନିବାସୀ ଜଣେ ବୃଦ୍ଧା ସ୍ୱାମୀଙ୍କ ଦେହାନ୍ତ ପରେ ପୁଅ ଓ ବୋହୂଙ୍କ ପାଖରେ ରହୁଥିଲେ। ୨୦୧୮ ଫେବୃୟାରୀ ମାସରେ ପୁଅର ମୃତ୍ୟୁ ପରେ ସେ ପୁତ୍ରବଧୂଙ୍କ



ଖଟିଆରେ ବୃଦ୍ଧାଙ୍କୁ ଅଦାଲତ ନିଆଯାଉଛି ।

ସହିତ ରହିଲେ। ପରେ ପାରିବାରିକ ବିବାଦ ଉପୁଜିଥିଲା ଏବଂ ବୃଦ୍ଧା ଜଣକ ପ୍ରଧାନପାଲି ସ୍ଥିତ ନିଜ ଝିଅ ଜ୍ୱାଇଁଙ୍କ ଘରେ ଆଶ୍ରୟ ନେଲେ। ପୁତ୍ରବଧୂ ତାଙ୍କୁ ଘରୁ ତଡ଼ି ଦେଇଥିବା ଅଭିଯୋଗ କରି ସେ ବରଗଡ଼ ସଦର ଥାନା ପୋଲିସ, ଓକିଲ ସଂଘଙ୍କୁ ଲେଖି ଜଣାଇଥିଲେ। ପରେ କଥାଟି ପରିବାର ଅଦାଲତକୁ ଯାଇଥିଲା। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଉଭୟ ପକ୍ଷ ବିଚାରପତିଙ୍କ ଆଗରେ ହାଜର ହୋଇଥିଲେ। ତେବେ ବୃଦ୍ଧା ଜଣକ ଶଯ୍ୟାଶାୟୀ ଥିବାରୁ ତାଙ୍କୁ ଖଟିଆରେ ବୋହି ଅଦାଲତକୁ ନିଆଯାଇଥିଲା। ସାଙ୍ଗରେ ଝିଅ, ଜ୍ୱାଇଁ ଆସିଥିଲେ। ଅଦାଲତରେ ବୃଦ୍ଧାଙ୍କୁ ତାଙ୍କ ପୁତ୍ରବଧୂ ନିଜ ପାଖରେ ସସମ୍ମାନେ ରଖିବା ଏବଂ ଯତ୍ନ ନେବାକୁ ସହମତି ପ୍ରକାଶ କରିଥିଲେ। ଅଦାଲତରେ ଘଟଣାର ଆପୋଷ ସମାଧାନ ପରେ ପୁତ୍ରବଧୂ ନିଜ ବୃଦ୍ଧା ଶାଶୁଙ୍କୁ ସାଙ୍ଗରେ ଘରକୁ ନେଇଥିଲେ।

# ମଧୁମେହ ରୋଗ ଉପରେ ସଚେତନତା

ବରଗଡ଼ ଅଫିସ୍,୧୫।୧୧

ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ କ୍ଷେତ୍ରନପଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରବିବାର ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ହୋଇଥିଲା। ମଧୁମେହ ରୋଗର ବିଭିନ୍ନ କାରଣ, ଲକ୍ଷଣ ଏବଂ ଏହି ରୋଗ ଯୋଗୁ ପ୍ରଭାବିତ ହେଉଥିବା ବିଭିନ୍ନ ଶାରୀରିକ ଅଙ୍ଗ ବୃକକ୍, ହୃତପିଣ୍ଡ, ରକ୍ତବାହୀ ନଳୀ, ସ୍ନାୟୁରେ କ୍ଷତି ଏବଂ ଚକ୍ଷୁ ଉପରେ ଆଲୋକପାତ କରାଯାଇଥିଲା। ଜିଲା କାର୍ଯ୍ୟକ୍ରମ ପ୍ରବନ୍ଧକ ଶଙ୍କର ଆଚାର୍ଯ୍ୟ ସରକାରଙ୍କ ବିଭିନ୍ନ ଯୋଜନା, ମଧୁମେହ ରୋଗର ଚିହ୍ନଟ, ପରୀକ୍ଷା, ଔଷଧ ବିତରଣ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ମଧୁମେହ ରୋଗର ପ୍ରତିରୋଧ ପାଇଁ ପରିମିତ ଭୋଜନ, ଓଜନ ହ୍ରାସ, ନିଶା ଓ ତମାଖୁ ପରିହାର, ଶାରୀରିକ ଶ୍ରମ, ବ୍ୟାୟାମ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରକାଶ ମହାପାତ୍ର, କୁଞ୍ଜ ଭୋଇ, ଡଃ ସତୀଶ ନାୟକ, କଲ୍ୟାଣୀ ମିଶ୍ର, ତୁଷାର ନାୟକ, ଚନ୍ଦ୍ରକାନ୍ତ ପଣ୍ଡା, ରାମଗୋପାଳ ପୁରୋହିତଙ୍କ ସହିତ କ୍ଷେତ୍ରନପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ମହିଳା ଆରୋଗ୍ୟ ସମିତିର ସଦସ୍ୟ ସହଯୋଗ କରିଥିଲେ।

# ବରଗଡ଼ ୟୁନାଇଟେଡ୍ କ୍ଲବ ଚାମ୍ପିୟନ




ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛନ୍ତି ।

ବରଗଡ଼ ଅଫିସ୍,୧୫।୧୧

ବରଗଡ଼ ବ୍ଲକ ଖୁଣ୍ଟପାଲି ଖେଳ ପଡ଼ିଆରେ ଚାଲିଥିବା ବାବା ବାଲୁଙ୍କେଶ୍ୱର ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ବରଗଡ଼ ୟୁନାଇଟେଡ୍ କ୍ଲବ ପ୍ରତିପକ୍ଷ ସୁବର୍ଣ୍ଣପୁରର ରାମଧୂନ କ୍ଲବକୁ ୨-୧ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ମଦନ ସାହୁ, ଉମେଶ ପଣ୍ଡା, ଜୟଦେବ ଗଡ଼ତିଆ, କମଳ ତାଣ୍ଡି, ପ୍ରଫୁଲ୍ଲ ନାୟକ, ଆନନ୍ଦ ମହାପାତ୍ର, ଦିବାକର ମାଝି, ସୁଶିଲ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅତିଥିବୃନ୍ଦ କୃତୀ ଦଳ ଏବଂ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଶିବାନନ୍ଦ ଦାଶ, ଦିପେଶ ପ୍ରଧାନ, ନିରଞ୍ଜନ ମହାକୁର, ଶୁଭମ ପାତ୍ର, ଅନୀଲ ବାଗ ଖେଳ ପରିଚାଳନା କରିଥିବାବେଳେ ରିତେଶ ଆଚାର୍ଯ୍ୟ ଧାରା ବିବରଣୀ ଦେଇଥିଲେ।

# ଭୋଟର ତାଲିକା ସଂଶୋଧନକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୧୫।୧୧

ବରଗଡ଼ ଜିଲାର ନିର୍ଭୁଲ ଭୋଟର ତାଲିକା ପାଇଁ ସୋମବାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆରଡ଼ିସି) ଭୀମସେଣ୍ଟ ପୁନମକାନ୍ତ ଏକ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ଭୁଲ ଭୋଟର ତାଲିକା ପାଇଁ ଆଲୋଚନା ହୋଇଥିଲା। ଗତ ୧ତାରିଖରେ ପ୍ରତ୍ୟେକ ବୁଥରେ ଭୋଟର ତାଲିକା ପ୍ରକାଶ କରାଯାଇଛି । ଏହି ତାଲିକାରେ ନୂତନ ଭୋଟରଙ୍କ ନାମ ଯୋଡ଼ିବା, ମୃତ କିମ୍ବା ଠିକଣା ପରିବର୍ତ୍ତନ ହୋଇଥିବା ଭୋଟରଙ୍କ ନାମ କାଟିବା, ଭୁଲ ଥିଲେ ସଂଶୋଧନ କରିବା ଆଦି କାର୍ଯ୍ୟ ଆସନ୍ତା ୩୦ତାରିଖ ମଧ୍ୟରେ ନିଜ ବୁଥ, ଉପଜିଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଜିଲା କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଫର୍ମରେ ଆବେଦନ କରାଯାଇପାରିବ। ଆସନ୍ତା ୨୧ତାରିଖରେ ବିଶେଷ ପ୍ରଚାର ଶିବିର ଆୟୋଜନ କରାଯାଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ ବୋଲି ଆରଡ଼ିସି ଏକ୍କା ସୂଚନା ଦେଇଥିଲେ। କଂଗ୍ରେସର ପାଣ୍ଡବ କର୍ଣ୍ଣ, ଭାଜପାର କୁଶ କୁମ୍ଭାର, ସିପିଆଇର ଗୁଣନିଧି ମିଶ୍ର, ବହୁଜନ ସମାଜ ପାର୍ଟିର ପଦ୍ମଲୋଚନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଜିଲାପାଳ ମୋନିଷା ବାନାର୍ଜୀ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କ ସମେତ ପଦସ୍ଥ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।



ବୈଠକରେ ଉତ୍ତରାଞ୍ଚଳ ଆରଡ଼ିସି, ଜିଲାପାଳ ଏବଂ ଅନ୍ୟମାନେ।

**ବରଗଡ଼ରେ ଉତ୍ତରାଞ୍ଚଳ ଆରଡ଼ିସି**


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.25/ET/SBP/ENGG/2021-22, ତା.11.11.2021ରିଖ

(1)ଇ-ଟେଣ୍ଡର ସଂ.08-eT-DENS-SBP-21

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଦେଓଗାଁ ରୋଡ଼ (Ex)-ଥେରୁବାଲି ଏବଂ ଲାଞ୍ଜିଗଡ଼-ଜୁନାଗଡ଼ ସେକ୍ସନରେ ସମସ୍ତ ଲେଭେଲ କ୍ରସିଙ୍ଗଗୁଡ଼ିକ ଠାରେ ପ୍ରବେଶ ପଥ (Approach Road)ର ମରାମତି ଏବଂ ଅନ୍ୟ ବିବିଧ କାର୍ଯ୍ୟସମୂହ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,44,96,580.31

(2)ଇ-ଟେଣ୍ଡର ସଂ.25-eT-DENC-SBP-21

କାର୍ଯ୍ୟର ନାମ: ବର୍ଷ 2021-22 ନିମନ୍ତେ 12 ମାସ ପାଇଁ ସମ୍ବଲପୁର ଠାରେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ ଏବଂ ଏହାର ପରିସର, TRD କାର୍ଯ୍ୟାଳୟ, DETS ଇତ୍ୟାଦିର ଯାନ୍ତ୍ରିକୃତ ସଫେଇ ଏବଂ ସ୍ୱଚ୍ଛତା (ଦେଖାଶୁଣା) ସମ୍ବନ୍ଧୀୟ ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 13,50,852.88

କାର୍ଯ୍ୟ ଶେଷ ହେବା ଅବଧି: 08 (ଆଠ)ମାସ (କ୍ରମ ସଂ.1 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ.2 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.12.2021 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-545/M/21-22

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମୟୂରଭଞ୍ଜ

### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ଶିଶୁ ଦୁଇଜଣଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି, ମୟୂରଭଞ୍ଜ ନିର୍ଦ୍ଦେଶନାମା ବଳରେ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଅଛି। ଉକ୍ତ ଶିଶୁ ଦୁଇଜଣଙ୍କର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦)ଦିନ ମଧରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମୟୂରଭଞ୍ଜ, ଫୋନ ନଂ. 06792-255562 କିମ୍ବା ଶିଶୁ ମଙ୍ଗଳ ସମିତି, ମୟୂରଭଞ୍ଜ ଫୋନ ନଂ. 06792-262246କୁ ଯୋଗାଯୋଗ କରିପାରିବେ। ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଶିଶୁ ଦୁଇଜଣଙ୍କୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

| | ଫଟୋ |
|---|---|
| ଶିଶୁର ନାମ: ମୁନି<br>ଲିଙ୍ଗ – ଝିଅ, ବୟସ: ୪ବର୍ଷ ୬ମାସ<br>ଉଦ୍ଧାର ହୋଇଥିବା ତାରିଖ: ୦୧।୧୧।୨୦୨୧<br>ଉଦ୍ଧାର ହୋଇଥିବା ସ୍ଥାନ: ସୁନା ଟୁଡୁ ଓ ସାଲହ ଟୁଡୁଙ୍କ ଘରୁ, କୁଳପଟା, ଝାରପୋଖରିଆ, ମୟୂରଭଞ୍ଜ |  |
| ଶିଶୁର ନାମ: ଗୁରୁଭା<br>ଲିଙ୍ଗ – ପୁଅ, ବୟସ: ୨ ବର୍ଷ<br>ଉଦ୍ଧାର ହୋଇଥିବା ତାରିଖ: ୦୧।୧୧।୨୦୨୧<br>ଉଦ୍ଧାର ହୋଇଥିବା ସ୍ଥାନ: ସୁନା ଟୁଡୁ ଓ ସାଲହ ଟୁଡୁଙ୍କ ଘରୁ, କୁଳପଟା, ଝାରପୋଖରିଆ, ମୟୂରଭଞ୍ଜ |  |

ସ୍ୱା./– ଜିଲ୍ଲାପାଳ, ମୟୂରଭଞ୍ଜ

## Government of Odisha
## Higher Education Department

**e-Admission Timeline for PG SPOT Admission into Universities/Colleges coming under Higher Education Department for the Session 2021-22**

No. N-38: Timeline for PG SPOT Admission in Universities/Colleges of the State under project Student Academic Management System (SAMS) is given below. In the process, the applicants have to fill up the options available in Common Application Form (CAF) for SPOT admission. **Call Sanjog Helpline Toll Free Number (155335 and 1800-345-6770)** for any further assistance. Any changes to the timelines will be published in the newspapers & **www.dhe.odisha.gov.in** and **www.samsodisha.gov.in**.

| Sl # | Activities | Timeline |
|---|---|---|
| a) | Availability of online Common Application Form (CAF) in the student login for providing fresh options for SPOT admission | 17th Nov. 2021 (11.00 A.M.) |
| b) | Last date for providing fresh options in CAF at Student login | 21st Nov. 2021 (upto 11.45 P.M.) |
| c) | Submission of CAF and relevant documents at opted Universities/ Colleges by the students for document verification | 17th Nov. 2021 to 23rd Nov. 2021 (10.00 A.M. to 5.00 P.M.) (Except Sunday) |
| d) | Updation of selected students data by the universities/colleges | 24th Nov. 2021 (5.00 P.M.) |
| e) | Enabling link for payment of fees at Student login for generation of intimation letter. | 25th Nov. 2021 (11.00 A.M.) 26th Nov. 2021 (5.00 P.M.) |
| f) | After generating the Intimation letter, candidates need to report at the allotted institutions by taking photocopy of CAF and other relevant documents for verification and admission | 26th Nov. 2021 to 29th Nov. 2021 (Except Sunday) |
| g) | Data updation of admitted students in the SAMS e-space by the respective institutions | 30th Nov. 2021 (Upto 5.00 P.M.) |
| h) | In case the candidates don't turn up for admission within the stipulated time period, new candidates from the waiting list can be selected by deselecting earlier candidates or in absence of the eligible candidates, new candidates can be selected from the general candidate pool by de-reserving the same category seat. | 3rd Dec. 2021 (2.00 P.M.) |
| i) | Enabling link for payment of fees at student login for generation of intimation letter | 4th Dec. 2021 to 6th Dec. 2021 |
| j) | After generating the Intimation letter, candidates need to report at the allotted institutions by taking photocopy of CAF and other relevant documents for verification and admission | 6th Dec. 2021 & 7th Dec. 2021 |
| k) | Data updation of admitted students in the SAMS e-space by the respective institutions. | 8th Dec. 2021 (5.00 P.M.) |

**For more details please contact e-Admission Helpline (Toll free) Number 155335 / 1800-345-6770**

OIPR-11001/11/0022/2122 — Sd./- Deputy Director

## ପୌର ପରିଷଦ, ହିଞ୍ଜିଳିକାଟୁ
## HINJILICUT MUNICIPAL COUNCIL

ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍: ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୮୦୦୧୨୩୦୦୪୫୬୭
At: Hinjilicut, Dist.- Ganjam, PIN - 761102, Contact: 06811-280025, Toll Free No. 14420
E-mail: hinjilicutmunicipality@gmail.com, hinjilimunicipality@gmail.com
facebook: Hinjilicut Municipality, Tweeter: Hinjilicutmunicipality

Letter No.3867/2021 — Date: 12.11.2021

**Bid Identification No. HIN-MUN-04/2021-22**

No. C-1274: Bid document consisting of work, estimated cost, cost of tender paper, E.M.D., time of completion, class of contractors and the set of terms and condition and condition of contract and other necessary documents can be seen in Govt. website i.e. **www.tendersorissa.gov.in**.

| | |
|---|---|
| Total Number of Civil Works | 08 Nos. |
| Estimated Cost for Civil works | Rs.7,12,199/- to Rs.23,61,526/- |
| Date & time of availability of Bid documents in the portal | Dt.15.11.2021 of 11.00 A.M. to Dt.25.11.2021 of 6.00 P.M. for online bidding |
| Last date of receipt of Bid through Online | Dt.25.11.2021 of upto 6.00 P.M. |
| Offline Submission of Original Bid Document | Dt.29.11.2021 of 5.00 P.M. through Registered or Speed Post |
| Date of Opening of Bid | Dt.29.11.2021 at 6.00 P.M. |

Sd./- Executive Officer
Hinjilicut Municipality
OIPR-13105/11/0023/2122

GOVERNMENT OF ODISHA — No. A-613

## DEPARTMENT OF WATER RESOURCES
### OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN

At/P.O.- Laxmiposi, Dist.- Mayurbhanj

**Government of Odisha "e" Procurement Notice**

**Bid Identification No. 19/21-22 of CEBM, SBB, Laxmiposi**

| | | |
|---|---|---|
| i. | Name of Work | Reclamation of Land to D/S and Renovation of Toe drain of Jambhira Earth Dam |
| ii. | Estimated Cost (Lakh) | Rs.293.48 lakh |
| iii. | Period of Completion | 9 (Nine) Calendar Months |
| iv. | Date & time of availability of bid document in the portal | 22.11.2021 at 10.00 A.M. |
| v. | Last date/time for receipt of bid in the portal | 07.12.2021 upto 5.00 P.M. |
| vi. | Name & address of the O.I.T. | Chief Engineer & Basin Manager, O/o. the CE & BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement portal **"https://tendersodisha.gov.in"**.

Sd./- Chief Engineer & Basin Manager
Subarnarekha & Budhabalanga Basin
Laxmiposi, Mayurbhanj
OIPR-32074/11/0019/2122 — cebmsbb2019@gmail.com

## OFFICE OF THE NAC, DHARAMGARH

Ph. No. 06772-242037, Email: nacdharmagarh@gmail.com
No. 2285/NAC (DHM) — Date: 12.11.21

**NOTICE INVITING EXPRESSION OF INTEREST (EOI)**

No. C-1277: Expression of Interest (EOI) invited from Registered Firm/ Experienced/Reputed Consultants/Technical Institutions/Architects having valid GST Registration Certificate having experience & specified expert for preparation of detail project report (DPR) including plan, site map, detail drawing, structural desing and detailed estimate, rate analysis may apply to the undersigned for engagement of consultant for Renovation of Twon Hall of Dharamgarh NAC in the district of Kalahandi, Odisha. The bidder should be a qualified architect. In case of proprietorship firm, the proprietor and in case of partnership firm, all the partners must have valid registration. The consultant should have previous experinece in Kalahandi district with nearby locality. The conslutant should submit detailed and satisfactory establishment information capable for preparation and supervision of such projects. The consultant should submit the DPR both in hard and soft copy for power point presentation. The quotation shall be submited on or before **Dt.23.11.2021 by 1.00 P.M.** through Registered Post/Speed Post only and it will be opened on same day at 4.00 P.M. in the presence of the bidder or their authorized representatives. The undersigned reserves the righs to reject any or all quotations without asigning any reason thereof. The bid details can be downloaded from the website i.e. **www.kalahandi.nic.in**.

Sd./- Sub Collector-cum-Executive Officer, Dharamgarh, NAC
OIPR-13163/11/0016/2122

## OFFICE OF THE NOTIFIED AREA COUNCIL, PIPLI

No. C-1269

**QUOTATION CALL NOTICE No. 2296 / Dt.12.11.2021**

1. Name of the Work : Selection of Operator to carry out Fleet Management of 1 No. of Cesspool Vehicle.
2. Date & time of availability of bid documents in the portal : From 11 A.M. on 16.11.2021 to 5 P.M. on 26.11.2021.
3. Last date of received of sealed Bid document : 30.11.2021 upto 5.00 P.M.
4. Received bid will be opened on 01.12.2021 at 11.00 A.M.
5. Name and address of the Officer Inviting Bid : Executive Officer, Pipli, NAC.

Further details can be downloaded from the website: **www.piplinac.in**.

Sd./- Executive Officer,
Pipli NAC
OIPR-13107/11/0007/2122

## BHUBANESWAR MUNICIPAL CORPORATION

No. C-1281 — E-Mail Id: ee1@bmc.gov.in

**E-Procurement Notice**

1. Bid Reference No. : BMC-DIV-1/11 - 2021-22 Dt.12.11.2021
2. Tender Call Notice No. : 81418 Dtd.12.11.2021
3. No. of Works : 26 (Twenty Six)
4. Bid Value : Rs.3,33,929/- to Rs.36,53,072/-
5. Period of Completion : 15 days to 45 days

Date and time Schedule

| Start | End | Opening |
|---|---|---|
| 11.00 A.M. of 16.11.2021 | 5.00 P.M. of 25.11.2021 | 4.30 P.M. of 26.11.2021 |

6. Tender details can be seen for the e-Procurement portal **https://www.tendersodisha.gov.in** & BMC Website **https://www.bmc.gov.in**.

Sd./- Executive Engineer
BMC Division - 1
OIPR-13002/11/0082/2122

## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD., BOUDH

(1st Floor, District Museum, At/P.O./Dist.- Boudh, PIN - 762014)
Dist. Website: www.boudh.nic.in, Ph. 9438200036

No. CAD-1836 **NOTICE INVITING TENDER**

No. 4055/2021 — Date: 12.11.21

**Cost of Tender Document: Rs.5900/-** inclusive of GST

Online tenders are invited from eligible bidders for selection and appointment of Transport Contractors for transportation of paddy from Paddy Purchase Centres (PPC) to rice mills in Boudh district.

| | | |
|---|---|---|
| 1 | Availability of tender documents | From date 15.11.2021, Downloadable from website **www.oscsc.in, www.foododisha.in** & **www.tendersodisha.gov.in** |
| 2 | Date, time and venue for pre-bid conference | On Dt.15.11.2021 at 4.00 P.M. at Conference Hall of Collectorate, Boudh |
| 3 | Last date and time for online submission of completed tender documents with enclosures | Through e-procurement portal **www.tenderodisha.gov.in** upto 5.00 P.M. of Dt.29.11.2021 |
| 4 | Date, time and venue for opening of Technical Bid by the Tender Committee | On Dt.30.11.2021 at 10.00 A.M., Place: Conference Hall of Collectorate, Boudh |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.30.11.2021 at 11.00 A.M., Place: Conference Hall of Collectorate, Boudh |
| 6 | Date & time of Financial Bid opening by the Tender Committee (Only of Technically Qualified Tenderers) | To be announced after technical bid evaluation |

N.B.: If the office happens to be closed on the date of opening of tenders, tenders will be opened on the next working day in the same time.

Sd./- CSO-cum-District Manager
OSCSC Ltd., Boudh
OIPR-07042/11/0004/2122

